◀◀ ଆଜିର 'ସକାଳ' ସହ 'ସିନ୍ଦୂରା' ପଢ଼ନ୍ତୁ

- RNI REGD NO: 42041/83
- www.sakalaepaper.com
- /thesakalanews
- /TheSakala
- www.thesakala.in

ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 41 ◆ISSUE-172 ◆BHUBANESWAR ◆SUNDAY ◆17 DECEMBER 2023 ◆PAGE-20 ◆₹ 6.00

◆ବର୍ଷ-୪୧ ◆ସଂଖ୍ୟା-୧୭୨ ◆ଭୁବନେଶ୍ୱର ◆ରବିବାର ◆୧୭ ଡିସେମ୍ବର ୨୦୨୩ ◆ପୃଷ୍ଠା-୨୦ ◆ଟ.୬.୦୦ (ସିନ୍ଦୂରା ସହ)

ଯାଜପୁରରୁ କାଶ୍ମୀର ଆତଙ୍କବାଦୀ ଗିରଫ

■ **ଭୁବନେଶ୍ୱର/ଧର୍ମଶାଳା, ୧୬।୧୨ (ସମିସ):** ଜମ୍ମୁ କାଶ୍ମୀର ପୁଲିସ୍‌ର ମୋଷ୍ଟ-ୱାଣ୍ଟେଡ୍ ତାଲିକାରେ ଥିବା ଜଣେ ଆତଙ୍କବାଦୀକୁ କ୍ରାଇମ୍‌ବ୍ରାଞ୍ଚ ଏସ୍‌ଟିଏଫ୍ ଆଜି ଯାଜପୁରରୁ ଗିରଫ କରିଛି। ସେ ହେଲା, ସଇଦ ଈଶାନ ବୁଖାରୀ। ନିଜକୁ ଡାକ୍ତର ବୋଲି ପରିଚୟ ଦେଇ ସେ ଦୀର୍ଘ ୫ବର୍ଷ ଧରି ଜିଲ୍ଲାର ନେଉଳପୁରରେ ଛଦ୍ମବେଶରେ ଲୁଚିଥିଲା। ତେବେ ଖାଲି ଡାକ୍ତର ନୁହେଁ, କେତବେଳେ ନିଜକୁ ପ୍ରଧାନମନ୍ତ୍ରୀ ଅଫିସ୍‌ର କର୍ମଚାରୀ ତ ଆଉ କେତେବେଳେ ଅନ୍ୟ କୌଣସି ବଡ଼ ପଦପଦବୀରେ ଅଫିସର୍ ଥିବା କହୁଥିଲା। ବହୁରୂପୀ ଏଣ୍ଡୁଅ ଭଳି ସେ ବାରମ୍ବାର ପରିଚୟ ବଦଳାଉଥିବାରୁ, ପୁଲିସ ତା'ର ଅସଲ ରୂପ ଜାଣିପାରୁନଥିଲା। ତେବେ ଏସ୍‌ଟିଏଫ୍ ଆଜି ତାକୁ ଗିରଫ କରିବା ପରେ ତା'ର ଜନ୍ମ କୁଣ୍ଡଳୀ ବାହାର କରୁଛି। ତା' ପାଖରୁ ଜବତ ହୋଇଥିବା ବିଭିନ୍ନ ମେଡିକାଲ ସାର୍ଟିଫିକେଟ୍ ସହ ୧୦୦ରୁ ଊର୍ଦ୍ଧ୍ୱ ଡକ୍ୟୁମେଣ୍ଟ ସବୁ ଜାଲ୍ ବୋଲି କ୍ରାଇମବ୍ରାଞ୍ଚ ଆଇଜି ଜୟନାରାୟଣ ପଙ୍କଜ ସୂଚନା ଦେଇଛନ୍ତି।ପାକିସ୍ତାନ ଗୁଇନ୍ଦା ସଂସ୍ଥା 'ଆଇଏସ୍‌ଆଇ' ସହ ମଧ୍ୟ ତା'ର ଲିଙ୍କ୍ ଥିବା ନେଇ ସୂଚନା ମିଳିଛି। ତେଣୁ ଏନ୍‌ଆଇଏ, ଜାମ୍ମୁ କାଶ୍ମୀର, ପଞ୍ଜାବ ଏବଂ ୟୁପି ପୁଲିସ ଏ

ବାବଦରେ ତାକୁ ଅଧିକ ଜେରା କରିବାକୁ ଓଡ଼ିଶା ଆସିବେ ବୋଲି ଜଣାଯାଇଛି।

ମିଳିଥିବା ସୂଚାନୁଯାୟୀ, ଆତଙ୍କୀ ବୁଖାରୀର ଘର କାଶ୍ମୀର କୁପୱାଡ଼ାରେ। ତା' ନାଁରେ ସେଠାକାର ବିଭିନ୍ନ ଥାନାରେ ଆପରାଧିକ ମାମଲା ରହିଛି। ପାକିସ୍ତାନୀ ଆତଙ୍କବାଦୀଙ୍କ ସହ ତା'ର ସମ୍ପର୍କ ରହିଛି। ଏଥିସହ ବିଭିନ୍ନ ଜାଲିଆତି କାର୍ଯ୍ୟରେ ମଧ୍ୟ ସେ ସମ୍ପୃକ୍ତ। କାଶ୍ମୀର ପୁଲିସ୍ ତାକୁ ଖୋଜୁଥିବା ବେଳେ ସେ କଶ୍ମୀର ଛାଡ଼ି କେରଳ ପଳାଇ ଯାଇଥିଲା। ସେହିଠାରୁ ସେ ନିଜର ଚିତ୍ରଚରିତ୍ର ବଦଳାଇ ଦେଇଥିଲା। କେତେବେଳେ ସେ ନିଜକୁ ସ୍ନାୟୁ ବିଶେଷଜ୍ଞ ଡାକ୍ତରର ପରିଚୟ ଦେଉଥିଲା ତ ଆଉ କେତେବେଳେ ପିଏମ୍‌ଓ ଅଫିସ୍‌ର କର୍ମଚାରୀ ବୋଲି କହୁଥିଲା। ସେହିପରି କେତେବେଳେ ନିଜକୁ ସେନା ଡାକ୍ତର ବୋଲି ମଧ୍ୟ ଦାବି କରୁଥିଲା।

ଏଣ୍ଡୁଅ ଭଳି ପରିଚୟ ବଦଳାଇବା ସହ ଏକାଧିକ ଯୁବତୀଙ୍କୁ ବି ନିଜ ପ୍ରେମ ଜାଲରେ ଫସାଉଥିଲା। ସୁନ୍ଦରସୁନ୍ଦର ଝିଅଙ୍କ ପ୍ରୋଫାଇଲ୍ ଦେଖି ସୋଶାଲ ମିଡ଼ିଆରେ ସେମାନଙ୍କୁ ପ୍ରେମ ନିବେଦନ କରୁଥିଲା। ପ୍ରୋଫାଇଲ୍‌ରେ ସେ ନିଜକୁ ଜଣେ ଡାକ୍ତର ବୋଲି ଲେଖିଥିବାରୁ ତା'ର ଏପରି ଯୋଗ୍ୟତା ଦେଖି ଆଗପଛ ବିଚାର ନ ▶ପୃଷ୍ଠା-୭

- ବହୁରୂପୀ ଏଣ୍ଡୁଅ ପରି ସ୍ଥାନ ଦେଖି ପରିଚୟ ବଦଳାଉଥିଲା
- ବିଭିନ୍ନ ରାଜ୍ୟରେ ୭ଜଣଙ୍କୁ ବିବାହ କରିଛି
- ସୋସିଆଲ ମିଡିଆରେ ପ୍ରେମ ନିବେଦନ କରି ଯୁବତୀଙ୍କୁ ଫସାଉଥିଲା
- ପାକିସ୍ତାନ ଗୁଇନ୍ଦା ସଂସ୍ଥା 'ଆଇଏସ୍‌ଆଇ' ସହ ଲିଙ୍କ୍
- ଏନ୍‌ଆଇଏ, ଜାମ୍ମୁ କାଶ୍ମୀର, ପଞ୍ଜାବ ଏବଂ ୟୁପି ପୁଲିସ କରିବ ପଚରାଉଚରା

କୃଷିକ୍ଷେତ୍ରରେ ସେଚ ବିପ୍ଳବ

ପାର୍ବତୀ ଗିରି ବୃହତ ଉଠା ଜଳସେଚନ ପ୍ରକଳ୍ପ କାର୍ଯ୍ୟକ୍ରମର ବଡ଼ ଉପଲବ୍ଧି

■ **ଭୁବନେଶ୍ୱର/ଢେଙ୍କାନାଳ, ୧୬।୧୨ (ସମିସ):** ରାଜ୍ୟରେ ଅଧିକରୁ ଅଧିକ ଜମିରେ ସେଚ ସାମର୍ଥ୍ୟ ସୃଷ୍ଟି କରିବା ପାଇଁ ରାଜ୍ୟ ସରକାର ବ୍ୟାପକ ପଦକ୍ଷେପ ନେଇ ଆସୁଛନ୍ତି। ଏହି କ୍ରମରେ ଆଜି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଜଳସେଚନ କ୍ଷେତ୍ରରେ ରାଜ୍ୟର ଚାଷୀ ଭାଇମାନଙ୍କୁ ଏକ ବଡ଼ ଭେଟି ଦେଇଛନ୍ତି। ପାର୍ବତୀଗିରି ବୃହତ୍ ଉଠା ଜଳସେଚନ ପ୍ରକଳ୍ପ କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ରାଜ୍ୟର ୧୩ଟି ଜିଲ୍ଲାରେ ୫୯ଟି ମେଗା ଲିଫ୍ଟ(ବୃହତ୍ ଉଠା ଜଳସେଚନ) ପ୍ରକଳ୍ପ ଉଦ୍‌ଘାଟନ କରିଛନ୍ତି। ଏହାଦ୍ୱାରା ୮୦ହଜାର ହେକ୍ଟର ଢିପ ଜମିକୁ ଜଳସେଚନର ସୁବିଧା ମିଳିପାରିଛି। ଏଥିପାଇଁ ୨, ୫୦୦ କୋଟି ଟଙ୍କା ଖର୍ଚ୍ଚ କରାଯାଇଛି। ଏହାସହ ମୁଖ୍ୟମନ୍ତ୍ରୀ ୩୩ଟି ମେଗା ଲିଫ୍ଟ ପ୍ରକଳ୍ପ ପାଇଁ ଭିତ୍ତିସ୍ଥାପନ ମଧ୍ୟ କରିଛନ୍ତି। ଏସବୁ ପ୍ରକଳ୍ପ ସମ୍ପୂର୍ଣ୍ଣ ହେବା ପରେ ୯ଟି ଜିଲ୍ଲାର ୫୦ ହଜାର ହେକ୍ଟର ଜମିକୁ ଜଳସେଚନର ସୁବିଧା ମିଳିପାରିବ। ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ଚାଷୀଭାଇ ହେଉଛନ୍ତି ଦେଶର ଶ୍ରେଷ୍ଠ ସେବକ। ସେମାନେ ଆମ ଅର୍ଥନୀତିର ମେରୁଦଣ୍ଡ। ସେମାନଙ୍କ ତ୍ୟାଗ ଓ ପରିଶ୍ରମ ରାଜ୍ୟ ପାଇଁ ଅନେକ ଗୌରବ ଆଣିଛି।

୫୯ ପ୍ରକଳ୍ପ ଲୋକାର୍ପିତ; ୩୩ଟି ମେଗା ଲିଫ୍ଟ ପ୍ରକଳ୍ପ ଭିତ୍ତି ସ୍ଥାପନ କଲେ ମୁଖ୍ୟମନ୍ତ୍ରୀ

୧୩ ଜିଲ୍ଲାର ଜଳସେଚିତ ହେବ ୮୦ ହଜାର ହେକ୍ଟର ଚାଷ ଜମି

ଭିଡିଓ କନଫରେନ୍‌ସିଂ ଜରିଆରେ କାର୍ଯ୍ୟକ୍ରମରେ ଯୋଗଦେଇ ମୁଖ୍ୟମନ୍ତ୍ରୀ କହିଲେ ଯେ ପ୍ରତିଦିନ ତାଙ୍କ ଘରେ ଚାଷୀ ଭାଇଭଉଣୀମାନଙ୍କୁ ଭେଟୁଛନ୍ତି ଓ ସେମାନଙ୍କ ସହ ବିଭିନ୍ନ ବିଷୟରେ ଆଲୋଚନା ମଧ୍ୟ କରୁଛନ୍ତି। ଚାଷୀ ଭାଇମାନେ ସରକାରଙ୍କ ବିଭିନ୍ନ ଯୋଜନାରେ ସାମିଲ ହେଉଥିବା ବିଷୟ ପ୍ରକାଶ କରି ମୁଖ୍ୟମନ୍ତ୍ରୀ ଏଥିପାଇଁ ଖୁସିବ୍ୟକ୍ତ କରିଥିଲେ।

କୃଷକମାନଙ୍କ ପାଇଁ ରାଜ୍ୟ ସରକାର କାର୍ଯ୍ୟକାରୀ କରୁଥିବା ବିଭିନ୍ନ ଯୋଜନା ସମ୍ପର୍କରେ ଆଲୋକପାତ କରି ମୁଖ୍ୟମନ୍ତ୍ରୀ କହିଲେ ଯେ ରାଜ୍ୟ ସରକାରଙ୍କ କୃଷି ବଜେଟ୍ ୫ ବର୍ଷରେ ୩ ଗୁଣ ହୋଇ ଏବେ ୨୫ ହଜାର କୋଟି ଟଙ୍କାରେ ପହଞ୍ଚିଛି। କାଳିଆ ଯୋଜନା ଚାଷୀ ଭାଇମାନଙ୍କ ପାଇଁ ବହୁତ ଉପକାରୀ ସାବ୍ୟସ୍ତ ହୋଇଛି। ରାଜ୍ୟ ସରକାର ଚାଷୀଭାଇମାନଙ୍କ ଫସଲବୀମାର ପ୍ରିମୟମ ପାଇଁ ୬୦୦ କୋଟି ଟଙ୍କା ଖର୍ଚ୍ଚ କରିଛନ୍ତି। ସେହିପରି ବିନା ସୁଧରେ ୧ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଋଣ ମଧ୍ୟ ଦିଆଯାଉଛି। ରାଜ୍ୟରେ ଜଳସେଚନର ବିକାଶ ଉପରେ ଆଲୋକପାତ କରି ମୁଖ୍ୟମନ୍ତ୍ରୀ କହିଲେ, ▶ପୃଷ୍ଠା-୭

ଜାଡ଼ରେ ଥରୁଛି ସାରା ଓଡ଼ିଶା

■ **ଭୁବନେଶ୍ୱର, ୧୬।୧୨ (ସମିସ):** ବିଳମ୍ବରେ ହେଉ ପଛେ, ସାରା ରାଜ୍ୟରେ ଶୀତର ପ୍ରକୋପ ଅନୁଭୂତ ହୋଇଛି। ସକାଳ ବେଳା ରାଜ୍ୟର ଅଧିକାଂଶ ଅଞ୍ଚଳରେ କୁହୁଡ଼ି ଅନୁଭୂତ ହେଉଥିବା ବେଳେ ସନ୍ଧ୍ୟା ବେଳେ ଭୀଷଣ ଜାଡ଼ ମାଡ଼ିଆସୁଛି। କୋହଳା ପବନ ସାଙ୍ଗକୁ ତାପମାତ୍ରାରେ ଅଚାନକ ହ୍ରାସ କାରଣରୁ ଶନିବାର ରାଜ୍ୟବାସୀ ଶୀତରେ ଥରିଛନ୍ତି। ଶନିବାର ରାଜ୍ୟର ୬ ଟି ସହରର ତାପମାତ୍ରା ୧୦ ଡିଗ୍ରୀ ତଳେ ରହିଥିବା ବେଳେ ଅଧିକାଂଶ ସହରର ତାପମାତ୍ରା ୧୫ଡିଗ୍ରୀ ତଳେ ରହିଛି। ଆସନ୍ତା କିଛି ଦିନ ରାଜ୍ୟରେ ଏପରି ଶୀତ ପ୍ରବାହ ଜାରି ରହିବ। ୧୭ ଓ ୧୮ ତାରିଖରେ ରାଜ୍ୟର କେତେକ ଅଞ୍ଚଳରେ ମଧ୍ୟମ ଧରଣର କୁହୁଡ଼ି ଅନୁଭୂତ ହେବ ବୋଲି ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ର ସୂଚନା ଦେଇଛି।

ପାଣିପାଗ କେନ୍ଦ୍ର ପକ୍ଷରୁ ଜାରି ସୂଚନାନୁଯାୟୀ, ୮.୩ ଡିଗ୍ରୀ ରାତ୍ରି ତାପମାତ୍ରା ସହ ସୁନ୍ଦରଗଡ଼ର କିରେଇ ସବୁଠୁ ଥଣ୍ଡା ସ୍ଥାନ ପାଲଟିଥିବା ବେଳେ ଦ୍ୱିତୀୟରେ ୮.୪ ଡିଗ୍ରୀ ସହ ରହିଛି କନ୍ଧମାଳର ଜି. ଉଦୟଗିରି। ସେହିପରି

୧୦ ଡିଗ୍ରୀ ତଳେ ୬ ସହରର ପାରଦ

ସୁନ୍ଦରଗଡ଼ର କିରେଇ ସବୁଠୁ ଥଣ୍ଡା

୧୩ ଡିଗ୍ରୀକୁ ଖସିଲା ଟ୍ୱିନ୍‌ସିଟି ପାରଦ

ଫୁଲବାଣୀରେ ୮.୫ଡିଗ୍ରୀ, କୋରାପୁଟରେ ୯.୫ଡିଗ୍ରୀ, ଭଦ୍ରକର ରାଣୀତାଲରେ ୯.୬ଡିଗ୍ରୀ, ରାଉରକେଲାରେ ୯.୮ ଡିଗ୍ରୀ ରହିଛି। ସେହିପରି ସମ୍ବଲପୁର ଚିପିଲିମା, ଅନୁଗୋଳ, କେନ୍ଦୁଝର, ସୁନ୍ଦରଗଡ଼, କନ୍ଧମାଳର ଦାରିଙ୍ଗିବାଡ଼ିରେ ୧୦ଡିଗ୍ରୀ ରେକର୍ଡ କରାଯାଇଛି। ଝାରସୁଗୁଡ଼ାରେ ତାପମାତ୍ରା ୧୦.୨ଡିଗ୍ରୀ ରହିଛି। ଆସନ୍ତାକାଲି କଳାହାଣ୍ଡି, ▶ପୃଷ୍ଠା-୭

ସ୍କୁଲ ଯିବ ଜଗା

ସ୍ୱାସ୍ଥ୍ୟ ପରୀକ୍ଷା କଲେ ଦିଲ୍ଲୀ ଏମ୍ସ ପ୍ରଫେସର

■ **ଫୁଲବାଣୀ, ୧୬।୧୨ (ସମିସ):** ଯୋଡ଼ାମୁଣ୍ଡ ଶିଶୁ ଜଗା ଯିବ ସ୍କୁଲ। ସ୍କୁଲରେ ନାମ ଲେଖାଇବ ଫୁଲବାଣୀ ସ୍ୱାସ୍ଥ୍ୟ ବିଭାଗ। ଯୋଡ଼ା ମୁଣ୍ଡ ଶିଶୁ ଜଗାର ସ୍ୱାସ୍ଥ୍ୟ ପରୀକ୍ଷା କରିଛନ୍ତି ଦିଲ୍ଲୀ ଏମ୍ସର ନ୍ୟୁରୋସର୍ଜନ ପ୍ରଫେସର ଦୀପକ ଗୁପ୍ତା।

ସମୟ ଆସିଲେ ହେବ ଦ୍ୱିତୀୟ ଅସ୍ତ୍ରୋପଚାର

ଫୁଲବାଣୀ ଆସି ଜଗା ରହୁଥିବା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ମାତୃ ଓ ସମୟ ଆସିଲେ ଜଗାର ପୁଣି ଖପୁରି ପ୍ରତ୍ୟାରୋପଣ କରାଯିବ। ଏବେ ସ୍କୁଲ ଗଲେ କିଛି ଅସୁବିଧା ନ ଥିବା ସେ ପ୍ରକାଶ କରିଛନ୍ତି। ଶନିବାର କନ୍ଧମାଳ ଜିଲ୍ଲା ▶ପୃଷ୍ଠା-୭

ରୂପାନ୍ତରଣର ରୂପକାରଙ୍କୁ ଗଞ୍ଜାମରେ ଭବ୍ୟ ସମ୍ବର୍ଦ୍ଧନା

ଶେରଗଡ଼ ଓ ହିଞ୍ଜିଳିରେ ୨୦୭ କୋଟି ବ୍ୟୟରେ ୧୦୨ ଜଳସେଚନ ପ୍ରକଳ୍ପ ହେବ

■ **ଭୁବନେଶ୍ୱର, ୧୬।୧୨ (ସମିସ):** ଦୁଇ ଦିନିଆ ଗଞ୍ଜାମ ଜିଲ୍ଲା ଗସ୍ତ ଅବସରରେ 'ୟ-ଟି' ତଥା ନବୀନ ଓଡ଼ିଶା ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ ଶନିବାର ଧାର୍ମିକ ପୀଠ ଓ ଶିକ୍ଷାନୁଷ୍ଠାନ ରୂପାନ୍ତରଣ କାର୍ଯ୍ୟର ସମୀକ୍ଷା କରିଛନ୍ତି। କୃଷି ଓ କୃଷକଙ୍କ ଉନ୍ନତି ପାଇଁ ଶତ ପ୍ରତିଶତ ଜଳସେଚନର ସୁବିଧା କରାଇବାକୁ ମୁଖ୍ୟମନ୍ତ୍ରୀଙ୍କ ପ୍ରତିଶ୍ରୁତି ପରିପ୍ରେକ୍ଷୀରେ ୨୦୭କୋଟି ଟଙ୍କା ବ୍ୟୟରେ ଶେରଗଡ଼ ଓ ହିଞ୍ଜିଳି ବ୍ଲକରେ ୧୦୨ଟି ଅତିରିକ୍ତ ଜଳସେଚନ ପ୍ରକଳ୍ପ ସଂପର୍କରେ ଘୋଷଣା କରିଛନ୍ତି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶରେ ଜିଲ୍ଲା ଗସ୍ତ ସମୟରେ ଜନଶୁଣାଣିରେ ମିଳିଥିବା ଆପତ୍ତି, ଅଭିଯୋଗ ଓ ଦାବି ଉପରେ ମୁଖ୍ୟମନ୍ତ୍ରୀ ନେଇଥିବା ବିଭିନ୍ନ ପଦକ୍ଷେପ ସଂପର୍କରେ ସୂଚନା ଦେବା ସହ ନବୀନ ଓଡ଼ିଶା ଗଠନରେ ସମଭାଗୀ ହୋଇ ଉନ୍ନୟନମୂଳକ ରାଜ୍ୟର ବିକାଶକୁ ଆଗକୁ ବଢ଼ାଇନେବା ପାଇଁ ସମସ୍ତଙ୍କୁ ଆହ୍ୱାନ ଦେଇଛନ୍ତି। ଏହି ଅବସରରେ ସ୍ଥାନୀୟ ଜନସାଧାରଣ ତାଙ୍କୁ ବିଭିନ୍ନ ସ୍ଥାନରେ ଭବ୍ୟ ସମ୍ବର୍ଦ୍ଧନା ଜଣାଇଛନ୍ତି।

- ଚାଷୀଙ୍କ ସର୍ବାଙ୍ଗୀଣ ଉନ୍ନତି ପାଇଁ ମୁଖ୍ୟମନ୍ତ୍ରୀ ତତ୍ପର
- ଜିଲ୍ଲାର ପ୍ରତି ଏକର ଜମିକୁ ଜଳସେଚିତ କରାଯିବ
- ଭବ୍ୟ ରୂପ ପାଇବ ମା' ବୁଢ଼ୀ ଠାକୁରାଣୀଙ୍କ ମନ୍ଦିର
- କଲେଜ ଛାତ୍ରଛାତ୍ରୀଙ୍କୁ ଦେଲେ ସଫଳତାର ମନ୍ତ୍ର
- ମିଶନ ଶକ୍ତି ମା'ଙ୍କୁ ଉଦ୍ୟୋଗୀ ହେବାକୁ ପ୍ରେରଣା

ଶ୍ରୀ ପାଣ୍ଡିଆନ୍ ପ୍ରଥମେ ହିଞ୍ଜିଳିକାଟୁସ୍ଥିତ ପୋଚିଲିମା ଖମ୍ବେୟା ଦୋରା କନିଷ୍ଠ ମହାବିଦ୍ୟାଳୟରେ ପହଞ୍ଚି ସେଠାରେ ରୂପାନ୍ତରଣ କାର୍ଯ୍ୟ ବୁଲି ଦେଖିଥିଲେ। ୧୮.୨୩ଲକ୍ଷ ଟଙ୍କା ବିନିଯୋଗରେ ପ୍ରକଳ୍ପ ଠିକ୍ ସମୟରେ ଶେଷ କରିଥିବାରୁ ସେ ମହାବିଦ୍ୟାଳୟ କର୍ତ୍ତୃପକ୍ଷଙ୍କୁ ଧନ୍ୟବାଦ ଦେଇଥିଲେ। ସେଠାରେ ସାରୁ ଛକ ଏବଂ ମକରଖୋଳ ଛକ ଦେଇ ଯିବା ସମୟରେ ସ୍ଥାନୀୟ ବାସିନ୍ଦା ତାଙ୍କୁ ▶ପୃଷ୍ଠା-୭

ଲୋକକଥା

ଓଡ଼ିଶା ରାଜ୍ୟର ରୂପାନ୍ତରଣରେ
ବିରୋଧୀଙ୍କ ଦିହ ଜଳେ,
ଆଶଙ୍କାରେ ତାଙ୍କ ଛାତି ଧଡ଼ପଡ଼
ପଡ଼ିବନି କିଛି ଥାଳେ !
'ଚବିଶ' ଭୋଅଟ ବେଳେ
ରାଜ୍ୟବାସୀ ଏବେ ପାଦ ପକାଅନ୍ତି
ଉନ୍ନୟନ ତାଳେତାଳେ !!

ରାଉରକେଲାରେ ବ୍ୟାପୁଛି ଝାଡ଼ାବାନ୍ତି

୪ ମୃତ, ୧୧୨ ଆକ୍ରାନ୍ତ

■ **ରାଉରକେଲା, ୧୬।୧୨ (ସମିସ):** ରାଉରକେଲା ସହରରେ ବ୍ୟାପୁଛି ଝାଡ଼ାବାନ୍ତି। ଗତ ୬ ଦିନ ମଧ୍ୟରେ ୪ଜଣଙ୍କ ମୃତ୍ୟୁ ହୋଇଥିବାବେଳେ ୧୦ଶିଶୁଙ୍କ ସମେତ ୧୧୨ ଆକ୍ରାନ୍ତ ରାଉରକେଲା ସରକାରୀ ଡାକ୍ତରଖାନା) ରେ ଭର୍ତ୍ତି ହୋଇ ଚିକିତ୍ସିତ ହେଉଛନ୍ତି। ମୃତକମାନେ ହେଲେ ପାନପୋଷର ଗୁଲସନ ସାମନ୍ତ (୩୮), ଉଦିତନଗରର ନାନ୍ୱି ଦୁବେ (୭୫), ତରକେରାର ଫୁଲଟୋଲି ଗୌଡ଼ ଓ ଓରାମପଡ଼ାର ଅହଲ୍ୟା ନାୟକ (୭୦)। ଏହା ଜିଲ୍ଲା ପ୍ରଶାସନ ତଥା ମହାନଗର ନିଗମ କର୍ତ୍ତୃପକ୍ଷଙ୍କ ଚିନ୍ତାର କାରଣ ପାଲଟିଛି।

ଗତ ୧୦ ତାରିଖ ୨୭ ଜଣ, ୧୧ ତାରିଖ ୪୦ ଜଣ ଓ ୧୨ ତାରିଖ ୨୦ ଜଣ ରୋଗୀ ସରକାରୀ ଡାକ୍ତରଖାନାରେ ଭର୍ତ୍ତି ହୋଇ ଚିକିତ୍ସିତ ହେଉଥିଲେ। ଏହି ତିନିଦିନ ମଧ୍ୟରେ ମୋଟ ୭୮ ଜଣ ଆକ୍ରାନ୍ତ ହୋଇଥିବାବେଳେ ଶନିବାର ସୁଦ୍ଧା

ନିୟନ୍ତ୍ରଣ ଲାଗି ୧୨ଟି ଟିମ୍ ଗଠନ କଲା ମହାନଗର ନିଗମ ଓ ସ୍ୱାସ୍ଥ୍ୟ ବିଭାଗ

ରୋଗୀସଂଖ୍ୟା ୧୦୫ରେ ପହଞ୍ଚିଛି। ସେଥିରୁ ୪ ଜଣଙ୍କ ମୃତ୍ୟୁ ହୋଇଥିବା ବେଳେ କିଛି ସୁସ୍ଥ ହୋଇଥିବା ସୂଚନା ମିଳିଛି। ଆର୍ଜିଏଚ୍ ସଂକ୍ରାମକ ରୋଗ ବିଭାଗରେ ଶଯ୍ୟା ଅଭାବରୁ କର୍ତ୍ତୃପକ୍ଷ ବାଧ୍ୟ ହୋଇ ଅସ୍ଥିଶଲ୍ୟ, ଡେଙ୍ଗୁ, ପୋଡ଼ାଜଳା ବିଭାଗ ଓ କ୍ୟାବିନରେ ଝାଡ଼ାବାନ୍ତି ରୋଗୀଙ୍କୁ ରଖି ଚିକିତ୍ସା କରୁଛନ୍ତି। ପାନପୋଷ, ଛେଣ୍ଡ, ବାସନ୍ତୀ କଲୋନୀ, ମାଲଗୋଦାମ, ବନପୋଷ ଓ ସେକ୍ଟର-୬ ଅଞ୍ଚଳର ଅଧିକ ରୋଗୀ ରହିଥିବା ଜଣାପଡ଼ିଛି। ସେହିପରି ରାଉରକେଲା ସମେତ ଏହାର ଆଖପାଖ ଅଞ୍ଚଳର ରୋଗୀ ମଧ୍ୟ ରହିଛନ୍ତି। ହାଇଟେକ୍ ମେଡିକାଲ କଲେଜ ଓ ହସ୍ପିଟାଲରେ ମଧ୍ୟ ଝାଡ଼ାବାନ୍ତି ରୋଗୀ ଚିକିତ୍ସିତ ହେଉଛନ୍ତି। ବର୍ତ୍ତମାନ ଏହି ରୋଗକୁ ନେଇ ଲୋକଙ୍କ ମଧ୍ୟରେ ଆତଙ୍କ ଖେଳିଯାଇଛି। ଝାଡ଼ାବାନ୍ତି ବ୍ୟାପିବାର ପ୍ରକୃତ କାରଣ ଖୋଜିବାରେ ଲାଗିପଡ଼ିଛି ସ୍ୱାସ୍ଥ୍ୟ ବିଭାଗ। ଜିଲ୍ଲା ପ୍ରଶାସନ ସ୍ତରରେ ମଧ୍ୟ ବ୍ୟାପକ ତତ୍ପରତା ପ୍ରକାଶ ପାଇଛି। ସଂକ୍ରମିତ ଅଞ୍ଚଳଗୁଡ଼ିକରେ ସଚେତନତା ମୂଳକ ପଦକ୍ଷେପ ନିଆଯିବା ସହ ପାଣିକୁ ଫୁଟାଇବା ପରେ ଛାଣି ବ୍ୟବହାର କରିବା ପାଇଁ ପରାମର୍ଶ ଦିଆଯାଇଛି। ଝାଡ଼ାବାନ୍ତି ରୋକିବା ନେଇ ସମସ୍ତ ପ୍ରକାର ପ୍ରଚେଷ୍ଟା ଚାଲିଥିବା ବେଳେ ସରକାରୀ ଡାକ୍ତରଖାନାରେ ଡାକ୍ତରମାନେ ଚିକିତ୍ସା ଉପରେ ବିଶେଷ ଧ୍ୟାନ ରଖିଛନ୍ତି। ଅପରପକ୍ଷେ ଝାଡ଼ାବାନ୍ତି ରୋଗ ନିୟନ୍ତ୍ରଣ ପାଇଁ ମହାନଗର ନିଗମ ପକ୍ଷରୁ ବିଭିନ୍ନ ପଦକ୍ଷେପ ନିଆଯାଇଛି। ମହାନଗର ନିଗମ ପକ୍ଷରୁ ୧୨ଟି ସ୍ୱାସ୍ଥ୍ୟ ଟିମ୍ ଗଠନ ▶ପୃଷ୍ଠା-୭

ଲାଞ୍ଚ ମାମଲାରେ ଦଣ୍ଡାଦେଶ

ପୂର୍ବତନ ଜେଇ, ହେଡ୍‌କ୍ଲର୍କ ଓ କ୍ୟାସିଅରଙ୍କୁ ଜେଲ୍

■ **ଢେଙ୍କାନାଳ, ୧୬।୧୨(ସମିସ):** ଢେଙ୍କାନାଳ ସହର ମହିଷାପାଟସ୍ଥିତ ରେଙ୍ଗାଳୀ ଦକ୍ଷିଣ କେନାଲ ପ୍ରକଳ୍ପ ଅଧୀନରେ ୨୦୧୭ରେ କାର୍ଯ୍ୟରତ ଭୁବନ ବ୍ଲକରେ ତତ୍କାଳୀନ କନିଷ୍ଠ ଯନ୍ତ୍ରୀ, ହେଡକ୍ଲର୍କ ଓ କ୍ୟାସିଅରଙ୍କୁ ଏକ ଲାଞ୍ଚ ମାମଲାରେ ଦଣ୍ଡିତ କରାଯାଇଛି। ଜନୈକ ଠିକାଦାରଙ୍କ ବିଲ୍ ପାସ୍ ପାଇଁ ଲାଞ୍ଚ ନେଇ ଧରାପଡ଼ିବା ଘଟଣାର ବିଚାର କରି ଢେଙ୍କାନାଳ ଭିଜିଲାନ୍ସ ସ୍ୱତନ୍ତ୍ର ବିଚାରପତି ବିକ୍ରମ ପଟ୍ଟନାୟକ ତିନିଜଣଙ୍କୁ ଦୋଷୀ ସାବ୍ୟସ୍ତ କରି ଦଣ୍ଡାଦେଶ ଶୁଣାଇଛନ୍ତି। ମହିଷାପାଟ ରେଙ୍ଗାଳୀ ଦକ୍ଷିଣ କେନାଲ କ୍ୱାଲିଟି କଣ୍ଟ୍ରୋଲ ▶ପୃଷ୍ଠା-୭

ଚାକିରିରୁ ବହିଷ୍କାର ସହ ପେନସନ୍ ବନ୍ଦ ନିର୍ଦ୍ଦେଶ

ସଂସଦ ସୁରକ୍ଷା ତ୍ରୁଟି ମାମଲାରେ ଆସୁଛି ନୂଆ ତଥ୍ୟ

ସଂସଦ ବାହାରେ ଥିଲା ଆମୃଦାହ ଯୋଜନା

ନୂଆଦିଲ୍ଲୀ,୧୬।୧୨(ଏଜେନ୍ସି)

- ଗିରଫ ପରେ ରିମାଣ୍ଡରେ ଗଲା ଷଷ୍ଠ ଅଭିଯୁକ୍ତ
- ଦୁଇ ବର୍ଷ ତଳୁ ହୋଇଥିଲା ଯୋଜନା

ସଂସଦ ସୁରକ୍ଷା ତ୍ରୁଟି ମାମଲାରେ ମୁଖ୍ୟ ଅଭିଯୁକ୍ତ ଲଳିତ ଝା' ସମେତ ୫ ଅଭିଯୁକ୍ତଙ୍କୁ ଦିଲ୍ଲୀ ପୁଲିସ ରିମାଣ୍ଡରେ ନେଇ ପଚରାଉଚରା ଚଳାଇଛି। ଏହାମଧ୍ୟରେ ଏହି ମାମଲା ସହ ଜଡ଼ିତ ଷଷ୍ଠ ଅଭିଯୁକ୍ତ ମହେଶ କୁମାଓତକୁ ପୁଲିସ ଗିରଫ କରିଛି। ଗିରଫ ପରେ ତାକୁ କୋର୍ଟରେ ହାଜର କରାଯାଇଥିଲା ବେଳେ ପୁଲିସ ମହେଶକୁ ମଧ୍ୟ ୭ ଦିନିଆ ରିମାଣ୍ଡରେ ନେଇଛି। ମହେଶ ମାଷ୍ଟରମାଇଣ୍ଡ ଲଳିତ ଝା'ର ସମ୍ପର୍କୀୟ ଭାଇ ବୋଲି କୁହାଯାଉଥିବା ବେଳେ ସେ ଲଳିତକୁ ବିଭିନ୍ନ ଦିଗରେ ସହାୟତା ଯୋଗାଇ ଦେଇଥିବା ପୁଲିସ ଜାଣିବାକୁ ପାଇଥିଲା। ଏହାପରେ ତାକୁ ଧରିବାକୁ ପୁଲିସ ବିଭିନ୍ନ ସ୍ଥାନରେ ଚଢ଼ଉ କରିଥିଲା। ତେବେ ମହେଶ ନିଜେ ଆତ୍ମସମର୍ପଣ କରିବା ପରେ ପୁଲିସ ତାକୁ ଗିରଫ କରିଥିଲା। ପୁଲିସ ମହେଶର ଇନ୍ଷ୍ଟାଗ୍ରାମ ଆକାଉଣ୍ଟକୁ ଡି-କୋଡ୍ କରିଛି। ଏଥିରୁ ଆନକ ତଥ୍ୟ ସାମ୍ନାକୁ ଆସିଛି। ସେ ନିଜ ଇନ୍ଷ୍ଟାଗ୍ରାମ ଆକାଉଣ୍ଟ ଜରିଆରେ ଯୁବକମାନଙ୍କୁ ଉସୁକାଉଥିଲା। ସ୍ୱାଧୀନତା ସଂଗ୍ରାମୀଙ୍କ ଫଟୋକୁ ବ୍ୟବହାର କରି ସରକାରୀ ବିରୋଧୀ ଭିଡିଓ ଜରିଆରେ ସେ ଯୁବକମାନଙ୍କ ଚିନ୍ତାଧାରାକୁ ପ୍ରଭାବିତ କରୁଥିଲା ବୋଲି ପୁଲିସ କହିଛି।ପୁଲିସ ସୂଚନା ଅନୁସାରେ ମହେଶ ହେଉଛି ରାଜସ୍ଥାନ ନାଗୌରର ବାସିନ୍ଦା। ସେ ଡିସେମ୍ବର ୧୩ ତାରିଖରେ ଦିଲ୍ଲୀ ଆସିଥିଲା। ଘଟଣା ପରେ ଲଳିତ ଝା' ଫେରାର ହେବା ପାଇଁ ମହେଶ ସହାୟତା କରିଥିଲା। ଏହାଛଡ଼ା ଯେଉଁ ମୋବାଇଲରେ ସମସ୍ତ ତଥ୍ୟ ରହିଥିଲା ସେହି ମୋବାଇଲକୁ ଜାଳି ନଷ୍ଟ କରିବାରେ ମଧ୍ୟ ମହେଶର ହାତ ଥିବା ପୁଲିସ କହିଛି। ପ୍ରମାଣ ନଷ୍ଟ କରିବା ଅଭିଯୋଗରେ ମହେଶ କଠୋର ଆଇନର ସାମ୍ନା କରିବାକୁ ପଡ଼ିପାରେ ବୋଲି କୁହାଯାଉଛି। ତେବେ ସମସ୍ତ ଅଭିଯୁକ୍ତଙ୍କୁ ପୁଲିସ ପଚରାଉଚରା ଚଳାଇଥିଲା ବେଳେ ସଂସଦ ସୁରକ୍ଷା ତ୍ରୁଟି ମାମଲାକୁ ନେଇ ବେଳକୁ ବେଳ ନୂଆ ନୂଆ ତଥ୍ୟ ସାମ୍ନାକୁ ଆସିବାରେ ଲାଗିଛି। ସଂସଦ ଭବନ ଭିତରେ ଯଦି ଏମାନଙ୍କ ଯୋଜନା ଫେଲ ମାରିଥାଆନ୍ତା ତେବେ ଅନ୍ୟତମ ଅଭିଯୁକ୍ତ ସାଗର ଶର୍ମା ବାହାରେ ଆମ୍‌ଦାହ କରିବାକୁ ଯୋଜନା କରିଥିଲା ବୋଲି ଜଣାପଡ଼ିଛି। ତେବେ ନିଜକୁ ଯେଭଳି ନିଆଁରୁ ସୁରକ୍ଷା କରିପାରିବ ସେଥିପାଇଁ ସେ ସ୍ୱତନ୍ତ୍ର ଲୋସନ୍(ଜେଲ) କିଣିବାକୁ ଚାହିଁଥିଲା। ହେଲେ ଅନ୍ଲାଇନ୍ ପେମେଣ୍ଟ ହୋଇପାରି ନଥିବାରୁ ସାଗର ଏହି ଯୋଜନାରୁ ଓହରିଯାଇଥିଲା। ପଚରାଉଚରା ବେଳେ ସାଗର ଏହି ବିଷୟକୁ ସ୍ୱୀକାର କରିଛି । ଉଲ୍ଲେଖଯୋଗ୍ୟ, ଦ୍ୱାଦଶ ପାସ୍ କରିଥିବା ଅଭିଯୁକ୍ତ ସାଗର ସେନାରେ ସାମିଲ ହେବାକୁ ଚାହୁଁଥିଲା। ଏଥିଲାଗି ସେ ଉଦ୍ୟମ କରି ବିଫଳ ହେବା ପରେ ବେଙ୍ଗାଲୁରୁ ଯାଇ କିଛି ବର୍ଷ ରହିଥିଲା। କିଛି ମାସ ପୂର୍ବରୁ ଘରକୁ ଫେରିଥିଲା। ନିଜର ଗୁଜରାଣ ମେଣ୍ଟାଇବାକୁ ସେ ଇ-ରିକ୍ସା ଚଳାଉଥିଲା।

ସୁରକ୍ଷା ତ୍ରୁଟି ପାଇଁ ମୋଦୀଙ୍କ ନୀତିକୁ ଦାୟୀ କଲେ ରାହୁଲ

- ବେରୋଜଗାର ,ମହଙ୍ଗା ସ୍ଥିତି ମୁଖ୍ୟ କାରଣ

ଡିସେମ୍ବର ୧୩ ସଂସଦ ଭବନର ସୁରକ୍ଷା ତ୍ରୁଟି ମାମଲାରେ କଂଗ୍ରେସ ନେତା ରାହୁଲ ଗାନ୍ଧୀ ମୁହଁ ଖୋଲିଛନ୍ତି। ଏଭଳି ଏକ ଜଘନ୍ୟ ଘଟଣା ପାଇଁ ସେ ପ୍ରଧାନମନ୍ତ୍ରୀ ମୋଦୀଙ୍କ ନୀତିକୁ ଦାୟୀ କରିଛନ୍ତି। କେନ୍ଦ୍ରରେ ମୋଦୀ ସରକାର ପ୍ରତିଷ୍ଠା ହେବା ପରେ ଦେଶରେ ଯେଭଳି ବେରୋଜଗାର ଏବଂ ଦରଦାମ ବୃଦ୍ଧି ଘଟିଛି ତାହାହିଁ ଏହି ଘଟଣାକୁ ଆମନ୍ତ୍ରଣ କରିଛି ବୋଲି ରାହୁଲ କହିଛନ୍ତି। ବିଶେଷକରି ମୋଦୀଙ୍କ ନୀତି ପାଇଁ ଆଜି ଦେଶର ଯୁବଗୋଷ୍ଠୀଙ୍କ ମଧ୍ୟରେ ହତାଶା ଭାବ ବଢି ଚାଲିଛି ବୋଲି ସେ କହିଛନ୍ତି। ଶିକ୍ଷିତ ଯୁବକ ନିଯୁକ୍ତି ନପାଇ ବେକାର ହେଉଛନ୍ତି। ସେମାନଙ୍କ ପୁଞ୍ଜିଭୂତ କ୍ରୋଧ ହିଁ ସଂସଦ ଭବନ ଘଟଣା ପାଇଁ ଦାୟୀ। ସେ ସଂସଦର ସୁରକ୍ଷା ତ୍ରୁଟିକୁ ସ୍ୱୀକାର କରିଥିଲେ ହେଁ ଏହି ଘଟଣା ପଛରେ ବେରୋଜଗାର ମୁଖ୍ୟ କାରଣ। ପ୍ରଧାନମନ୍ତ୍ରୀଙ୍କ ଭୁଲ ନୀତି ଯୋଗୁ ଦେଶର ଯୁବପିଢିଙ୍କ ଅବସ୍ଥା ଆଜି ଏହି ସ୍ଥିତିରେ ପହଞ୍ଚିଛି ବୋଲି ସେ କହିଛନ୍ତି। ଏହି ଘଟଣାକୁ ନେଇ କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖଡ଼ଗେ ମଧ୍ୟ ଗୃହମନ୍ତ୍ରୀ ଅମିତ ଶାହଙ୍କୁ କଟାକ୍ଷ କରିଛନ୍ତି। ଶାହ କେବଳ ଗଣମାଧ୍ୟମରେ କଥା ହେଉଛନ୍ତି। ହେଲେ ଘଟଣାକୁ ନେଇ ସଂସଦରେ ଚୁପ୍ ରହୁଛନ୍ତି ବୋଲି ଖଡ଼ଗେ କହିଛନ୍ତି।

ସୁରକ୍ଷା ତ୍ରୁଟି ଘଟଣା ସହ ସାଂସଦଙ୍କ ନିଲମ୍ବନର ସମ୍ପର୍କ ନାହିଁ : ଓମ୍ ବିର୍ଲା

ସଂସଦ ସୁରକ୍ଷା ତ୍ରୁଟି ମାମଲରେ ଜଡ଼ିତ ଅଭିଯୁକ୍ତମାନଙ୍କ ଠାରୁ ନୂଆ ନୂଆ ତଥ୍ୟ ଆସିବାରେ ଲାଗିଥିଲା ବେଳେ ଏହି ପ୍ରସଙ୍ଗକୁ ନେଇ ସଂସଦରେ ବିରୋଧୀଙ୍କ ହଙ୍ଗାମା ଜାରି ରହିଛି। ବିଶେଷକରି ୧୪ ସାଂସଦ ନିଲମ୍ବନ ହେବା ଘଟଣା ବିରୋଧୀ ଦଳଙ୍କୁ ଆହୁରି ଉତ୍କ୍ଷିପ୍ତ କରିଛି। ତେବେ ସୁରକ୍ଷା ତ୍ରୁଟି ମାମଲା ସହ ସାଂସଦଙ୍କ ନିଲମ୍ବନ ହେବାର କୌଣସି ସମ୍ପର୍କ ନାହିଁ ବୋଲି ଲୋକସଭା ବାଚସ୍ପତି ଓମ୍ ବିର୍ଲା କହିଛନ୍ତି। କେବଳ ଗୃହରେ ବିଶୃଙ୍ଖଳିତ ଆଚରଣ ପାଇଁ ସାଂସଦମାନଙ୍କୁ ନିଲମ୍ବନ କରାଯାଇଛି ବୋଲି ସେ କହିଛନ୍ତି। ଏହାବ୍ୟତୀତ ଏଭଳି ଏକ ସ୍ପର୍ଶକାତର ଘଟଣା ପାଇଁ ଦଳ ମତ ନିର୍ବିଶେଷରେ ସବୁ ସଦସ୍ୟ ଏକତା ରକ୍ଷା କରି ଯାଞ୍ଚ ଦିଗରେ ସହଯୋଗ କରିବା ଦରକାର ବୋଲି ସେ କହିଛନ୍ତି। ଏହି ଘଟଣାର ଯାଞ୍ଚ ପାଇଁ ଏକ ଉଚ୍ଚସ୍ତରୀୟ କମିଟି ଗଠନ କରାଯାଇଥିବା ସେ ସୂଚନା ଦେଇଛନ୍ତି।

ବିଜୟ ଦିବସରେ ସହିଦଙ୍କୁ ଶ୍ରଦ୍ଧାଞ୍ଜଳି ଦେଲେ ପ୍ରଧାନମନ୍ତ୍ରୀ

ନୂଆଦିଲ୍ଲୀ,୧୬।୧୨(ଏଜେନ୍ସି): ୧୯୭୧, ଡିସେମ୍ବର ୧୬ରେ ପୂର୍ବ ପାକିସ୍ତାନ ବିରୋଧରେ ଭାରତର ବିଜୟ ଏବଂ ବାଂଲାଦେଶ ଗଠନ ହେବାର ଏକ ଗୌରବମୟ ଇତିହାସକୁ ନେଇ ଭାରତ ପ୍ରତିବର୍ଷ ଏହି ଦିନରେ ବିଜୟ ଦିବସ ପାଳନ କରିଆସୁଛି। ଏହି ବିଜୟ ପଛରେ ଭାରତୀୟ ସେନାର ଉତ୍ସର୍ଗୀକୃତ ନିଷ୍ଠା ଏବଂ ତ୍ୟାଗ ରହିଥିବାରୁ ସହିଦ ଯବାନଙ୍କ ସ୍ମୃତି ଉଦ୍ଦେଶ୍ୟରେ ଶନିବାର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଛନ୍ତି। ଭାରତୀୟ ଯବାନଙ୍କ ସାହସିକତା ଏବଂ ନିଷ୍ଠା ଦେଶର ଗୌରବ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି। ବୀର ଯବାନଙ୍କ ଅଦମ୍ୟ ସାହସ ଏବଂ ସେମାନଙ୍କ ବଳିଦାନ ଚିରକାଳ ପାଇଁ ଦେଶବାସୀଙ୍କ ହୃଦୟରେ ଲିପିବଦ୍ଧ ହୋଇ ରହିବ ବୋଲି ପ୍ରଧାନମନ୍ତ୍ରୀ ସୋସିଆଲ ମିଡିଆରେ ପୋଷ୍ଟ କରିଛନ୍ତି।

କମଲନାଥଙ୍କ ସ୍ଥାନ ନେଲେ ଜିତୁ ପଟୱାରୀ

ନୂଆଦିଲ୍ଲୀ,୧୬।୧୨(ଏଜେନ୍ସି): ନିକଟରେ ଶେଷ ହୋଇଥିବା ମଧ୍ୟପ୍ରଦେଶ ନିର୍ବାଚନରେ କଂଗ୍ରେସର ଶୋଚନୀୟ ପରାଜୟ ପରେ ଏଠାରେ ଦଳ ନେତୃତ୍ୱ ପରିବର୍ତ୍ତନ କରିଛି। କମଲନାଥ ପିସିସି ସଭାପତି ପଦରୁ ଇସ୍ତଫା ଦେବା ପରେ ଜିତୁ ପଟୱାରୀଙ୍କୁ ତାଙ୍କ ସ୍ଥାନରେ ଦାୟିତ୍ୱ ଦିଆଯାଇଛି। କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖଡ଼ଗେ ପଟୱାରୀଙ୍କୁ ପିସିସି ସଭାପତି ଭାବେ ନିଯୁକ୍ତ କରିଛନ୍ତି। ଏନେଇ ଶନିବାର କଂଗ୍ରେସ ପକ୍ଷରୁ ପ୍ରେସ ବିଜ୍ଞପ୍ତି ଜାରି କରାଯାଇ ସୂଚନା ଦିଆଯାଇଛି। ଜିତୁ ପଟୱାରୀ ଏଥର ମଧ୍ୟପ୍ରଦେଶ କଂଗ୍ରେସ ପ୍ରଚାର କମିଟିର ସହ-ଅଧ୍ୟକ୍ଷ ଥିଲେ। ସେ ୨୦୧୮ରେ ରାଓ ଆସନରୁ ଦ୍ୱିତୀୟ ଥର ପାଇଁ ବିଧାୟକ ନିର୍ବାଚିତ ହୋଇଥିଲେ। ହେଲେ ଚଳିତ ନିର୍ବାଚନରେ ସେ ରାଓ ଆସନରୁ ବିଜେପି ପ୍ରତିଦ୍ୱନ୍ଦ୍ୱୀ ମଧୁ ବର୍ମାଙ୍କ ଠାରୁ ୩୫୫୨୨ ଭୋଟ ବ୍ୟବଧାନରେ ହାରିଯାଇଥିଲେ।

ଜଳଦସ୍ୟୁଙ୍କଠାରୁ ପଣ୍ୟବାହୀ ଜାହାଜକୁ ରକ୍ଷାକଲା ଭାରତୀୟ ନୌସେନା

ନୂଆଦିଲ୍ଲୀ,୧୬।୧୨(ଏଜେନ୍ସି): ସୋମାଲିଆ ଅଭିମୁଖେ ଆରବ ସାଗରରେ ଯାଉଥିବା ମାଲଟା'ର ଏକ ପଣ୍ୟବାହୀ ଜାହାଜ ଏମଭି ରୁଏନ୍ଗୁ ଜଳଦସ୍ୟୁମାନେ ହଡ଼ପ କରିବାକୁ ଉଦ୍ୟମ କରିଥିଲା ବେଳେ ଭାରତୀୟ ନୌସେନା ଠିକଣା ସମୟରେ ପହଞ୍ଚି ଉକ୍ତ ଜାହାଜକୁ ସୁରକ୍ଷା ଦେଇଛି। ଏହି ଜାହଜଟି ଏଡେନ୍ ସାଗର ଦେଇ ଯାଉଥିଲା ବେଳେ ଜଳଦସ୍ୟୁମାନେ ଏହାକୁ କବଜା କରିନେଇଥିଲେ। ଜାହାଜରେ ୧୮ରୁ ଅଧିକ ନାବିକ ଏବଂ କର୍ମଚାରୀ ରହିଥିଲେ ହେଁ ଏହାର ଗତିକୁ ଜଳଦସ୍ୟୁମାନେ ସମ୍ପୂର୍ଣ୍ଣ ନିୟନ୍ତ୍ରଣକୁ ନେଇଯାଇଥିଲେ। ଏହି ସମୟରେ ଜାହାଜରୁ ' ମେ 'ଡେ କଲ୍(ଜୀବନରକ୍ଷା ପାଇଁ ଶେଷ ସୂଚନା) ଜାରି କରାଯିବା ପରେ ଆରବ ସାଗରରେ ପାଟ୍ରୋଲିଂ କରୁଥିବା ଭାରତୀୟ ନୌସେନାର ଦୁଇଟି ବିମାନ ଘଟଣା ସ୍ଥଳରେ ପହଞ୍ଚି ସ୍ଥିତିକୁ ନିୟନ୍ତ୍ରଣକୁ ନେଇଥିଲା। ଏହାପରେ ନୌସେନାର ଏକ ଟିମ୍ ମଧ୍ୟ ପହଞ୍ଚିଥିଲା।

ଭାରତରେ ଅନୁପ୍ରବେଶ ଅପେକ୍ଷାରେ ୩୦୦ ଆତଙ୍କବାଦୀ

ପୁଲୱାମା, ୧୬।୧୨ (ଏଜେନ୍ସି): ଶୀତ ଋତୁ ଆରମ୍ଭ ହେବା ପରେ ଆତଙ୍କବାଦୀ ସକ୍ରିୟ ହୋଇଯାଇଛନ୍ତି। ପାକିସ୍ତାନ ସୀମାରେ ଥିବା ଲଞ୍ଚପ୍ୟାଡ୍‌ରେ ୨୫୦ରୁ ୩୦୦ ଆତଙ୍କବାଦୀ ଲୁଚି ବସିଛନ୍ତି। ଏମାନେ ଜମ୍ମୁ-କାଶ୍ମୀରରେ ଅନୁପ୍ରବେଶ ଅପେକ୍ଷାରେ ରହିଛନ୍ତି। ଗୁଇନ୍ଦା ଏଜେନ୍ସିର ସୂଚନା ଆଧାରରେ ସୀମା ସୁରକ୍ଷା ବାହିନୀ (ବିଏସ୍‌ଏଫ୍)ର ଜଣେ ବରିଷ୍ଠ ଅଧିକାରୀ ଶନିବାର ଏହି ସୂଚନା ଦେଇଛନ୍ତି। ଏହାକୁ ଦୃଷ୍ଟିରେ ରଖି ସୁରକ୍ଷାବାହିନୀକୁ ସଚେତନ କରାଯାଇଛି। ସୀମାରେ କୌଣସି ପ୍ରକାରର ଅନୁପ୍ରବେଶ ଉଦ୍ୟମକୁ ବିଫଳ କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି। ପୁଲୱାମାରେ ବିଏସ୍‌ଏଫ୍ ଆଇଜି ଅଶୋକ ଯାଦବ କହିଛନ୍ତି ଯେ ଆତଙ୍କବାଦୀ କାର୍ଯ୍ୟକଳାପକୁ ଦେଖି ସେନା ଏବଂ ବିଏସ୍‌ଏଫ୍ ସମ୍ବେଦନଶୀଳ ଅଞ୍ଚଳଗୁଡିକ ଉପରେ ନଜର ରଖିଛି। ସେହିପରି ଗତ କିଛି ବର୍ଷ ହେଲା ସୁରକ୍ଷାବାହିନୀ ଏବଂ କାଶ୍ମୀର ଲୋକଙ୍କ ଭିତରେ ସମନ୍ୱୟ ବଢ଼ିଛି। ଯଦି ଲୋକ ସହଯୋଗ କରିବେ ତେବେ ବିକାଶ କାମଗୁଡିକୁ ଆହୁରି ଆଗକୁ ବଢ଼ା ଯିବ। ଜମ୍ମୁ-କାଶ୍ମୀର ଆଇଜି ଭିକେ ବିରଡି କହିଛନ୍ତି ଯେ ଆତଙ୍କବାଦୀଙ୍କୁ ସହାୟତା ଏବଂ ଶାନ୍ତି ଭଙ୍ଗ କରୁଥିବା ଲୋକଙ୍କ ବିରୋଧରେ ପୁଲିସ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେଉଛି।

ସିଙ୍ଗାପୁରରେ କରୋନା ମାମଲା ୭୫% ବୃଦ୍ଧି

ସିଙ୍ଗାପୁର, ୧୬।୧୨ (ଏଜେନ୍ସି): କରୋନା ମହାମାରୀ ପୁଣି ଡରାଇବାରେ ଲାଗିଲାଣି। ଚୀନ୍ ପରେ ଏବେ ସିଙ୍ଗାପୁରରେ କରୋନା ସଂକ୍ରମଣ ଦ୍ରୁତଗତିରେ ବଢ଼ିବାରେ ଲାଗିଛି। ଡାକ୍ତରଖାନାରେ ଦିନକୁ ୨୨୫-୩୫୦ ରୋଗୀ ଭର୍ତ୍ତି ହେଉଛନ୍ତି। ଆଇସିୟୁ ଭର୍ତ୍ତି ହୋଇଯାଇଛି। ଦେଶରେ କରୋନା ମାମଲା ୭୫ ପ୍ରତିଶତ ବୃଦ୍ଧି ପାଇଛି। ସ୍ୱାସ୍ଥ୍ୟ ମନ୍ତ୍ରାଳୟ ପକ୍ଷରୁ ଏହି ସୂଚନା ଦିଆଯାଇଛି। କେବଳ ଗତ ସପ୍ତାହରେ ଦେଶରୁ ୨୪ ହଜାର ରୋଗୀ ଚିହ୍ନଟ ହୋଇଥିଲେ। ଏହାର ପୂର୍ବର ସପ୍ତାହରେ ରୋଗୀସଂଖ୍ୟା ୩୨ ହଜାର ଥିଲା। ଏବେ ମୋଟ ସଂକ୍ରମିତଙ୍କ ସଂଖ୍ୟା ୫୬ ହଜାର ପାର କରିଛି। ସ୍ଥିତିକୁ ଦେଖି ଲୋକଙ୍କୁ ମାସ୍କ ପିନ୍ଧିବାକୁ ପରାମର୍ଶ ଦିଆଯାଇଛି। ଏହି ସଂକ୍ରମଣ ପଛରେ ଜେଏନ.୧ ପ୍ରଜାତିର ରହିଛି। ଏହା ବିଏ.୨.୮୬ ସମ୍ବନ୍ଧିତ।

ନୂଆ ପ୍ରଜାତିରେ ସଂକ୍ରମିତ କେରଳ ମହିଳା

ତିରୁଅନନ୍ତପୁରମ: କରୋନା ଭୂତାଣୁର ଏକ ନୂଆ ପ୍ରଜାତି ଭାରତରେ ପ୍ରବେଶ କରିଛି। କେରଳର ଜଣେ ୭୯ ବର୍ଷୀୟ ମହିଳା କରୋନାର ଉପ-ପ୍ରଜାତି ଜେଏନ୍.୧ରେ ସଂକ୍ରମିତ ହୋଇଛନ୍ତି। କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରାଳୟ ପକ୍ଷରୁ ଏହି ସୂଚନା ଦିଆଯାଇଛି। ଗତ ୮ ତାରିଖରେ ଏହି ମାମଲା ସାମ୍ନାକୁ ଆସିଥିଲା। ନଭେମ୍ବର ୧୮ରେ ମହିଳାଙ୍କ ନମୁନା ପଜିଟିଭ୍ ଆସିଥିଲା।

ଗାଜାରେ ଭୟଙ୍କର ବୋମାମାଡ଼ ୧୨ରୁ ଅଧିକ ମୃତ

ତେଲ୍ ଆଭିଭ୍,୧୬।୧୨(ଏଜେନ୍ସି): ହମାସ୍ ବିରୋଧରେ ଇସ୍ରାଏଲର ଯୁଦ୍ଧ ୭୧ ଦିନରେ ପହଞ୍ଚିବା ସହ ଗାଜାରେ ଆକ୍ରମଣ ଜାରି ରହିଛି। ଇସ୍ରାଏଲର ଆଇଡିଏଫ ଶନିବାର ଗାଜା ଉପରେ ଭୟଙ୍କର ଏୟାରଷ୍ଟ୍ରାଇକ୍ କରିବା ଦ୍ୱାରା ୧୪ ଜଣଙ୍କର ମୃତ୍ୟୁ ହୋଇଥିବା ସୂଚନା ମିଳିଛି। ସବୁଠାରୁ ବଡ଼ କଥା ହେଲା ଏହି ଆକ୍ରମଣ ବେଳେ ଆଇଡିଏଫର ବୋମାମାଡ଼ରେ ହମାସ ଦ୍ୱାରା ବନ୍ଧକ ରହିଥିବା ଇସ୍ରାଏଲର ୩ ନାଗରିକଙ୍କ ମୃତ୍ୟୁ ହୋଇଛି। ଏଭଳି ଘଟଣା ଜଣାପଡ଼ିବା ପରେ ପ୍ରଧାନମନ୍ତ୍ରୀ ବେଞ୍ଜାମିନ ନେତନ୍ୟାହୁ ଗଭୀର ଦୁଃଖ ପ୍ରକାଶ କରିଛନ୍ତି। ଗାଜାରେ ଲଗାତର ଆକ୍ରମଣ ଯୋଗୁଁ ଅଧିକାଂଶ ଭାବେ ସାଧାରଣ ଲୋକଙ୍କ ମୃତ୍ୟୁ ହେବାରେ ଲାଗିଛି। ଏହାକୁ ଦୃଷ୍ଟିରେ ରଖି ଇସ୍ରାଏଲ ସେନା କାର୍ଯ୍ୟାନୁଷ୍ଠାନ ବନ୍ଦ କରି ହମାସ ନେତାଙ୍କୁ ବାଛି ବାଛି ମାରିବାକୁ ଆମେରିକା ଇସ୍ରାଏଲକୁ ପରାମର୍ଶ ଦେଇଥିଲା। ହେଲେ ଇସ୍ରାଏଲ ନିଜ ପଣରେ ଅଟଳ ରହିବା ସହିତ ଆକ୍ରମଣ ଜାରି ରଖିଛି।

ନିଜ ନାଗରିକଙ୍କୁ ମାରିଲା ଆଇଡିଏଫ୍

୨୬ ବର୍ଷ ପରେ ଭାରତରେ ଓମାନ ସୁଲତାନ

ନୂଆଦିଲ୍ଲୀ,୧୬।୧୨(ଏଜେନ୍ସି)

ଓମାନ ସୁଲତାନ ହେଥମ ବିନ ତାରିକ ତିନି ଦିନିଆ ଭାରତ ଗସ୍ତରେ ଆସି ଶୁକ୍ରବାର ଦିଲ୍ଲୀରେ ପହଞ୍ଚିବା ପରେ ଶନିବାର ରାଷ୍ଟ୍ରୀୟ ମର୍ଯ୍ୟାଦା ସହ ତାଙ୍କୁ ସ୍ୱାଗତ କରାଯାଇଛି। ଏହାପରେ ଉଭୟ ଦେଶ ମଧ୍ୟରେ ବିଭିନ୍ନ କ୍ଷେତ୍ରରେ ସହଯୋଗ ବୃଦ୍ଧି ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏବଂ ସୁଲତାନ ବିନ୍ ତାରିକ୍ ଆଲୋଚନା କରିଥିଲେ। ଉଭୟ ନେତାଙ୍କ ମଧ୍ୟରେ ପ୍ରମୁଖ ୧୦ଟି କ୍ଷେତ୍ରରେ ବୁଝାମଣା ହୋଇଥିବା ବୈଦେଶିକ ସଚିବ ବିନୟ କ୍ୱାତ୍ରା କହିଛନ୍ତି। ସୁଲତାନ ବିନ୍ ତାରିକଙ୍କ ସହ ଉପ ପ୍ରଧାନମନ୍ତ୍ରୀ ଏବଂ ୭ ପ୍ରତିନିଧି ଦଳ ଆସିଛନ୍ତି। ତେବେ ଗତ ୨୬ ବର୍ଷ ମଧ୍ୟରେ ଓମାନର କୌଣସି ରାଷ୍ଟ୍ର ମୁଖ୍ୟଙ୍କ ଏହା ହେଉଛି ପ୍ରଥମ ଭାରତ ଗସ୍ତ। ସୁରକ୍ଷା, ପ୍ରତିରକ୍ଷା, ବାଣିଜ୍ୟ ଏବଂ ଆଭ୍ୟନ୍ତରୀଣ ସୁରକ୍ଷା ଉପରେ ଉଭୟ ପକ୍ଷ ମଧ୍ୟରେ ଦ୍ୱିପାକ୍ଷିକ ଆଲୋଚନା ହୋଇଥିଲା ବେଳେ ପ୍ରଧାନମନ୍ତ୍ରୀ ମୋଦୀ ଓମାନର ଦ୍ୱିପାକ୍ଷିକ ଆଲୋଚନାକୁ ଐତିହାସିକ ବୋଲି କହିଛନ୍ତି। ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ସୁଲତାନ ବିନ୍ ତାରିକଙ୍କ ଉଦ୍ଦେଶ୍ୟରେ ଶନିବାର ରାତ୍ର ଭୋଜନ ଦେଇଛନ୍ତି।

କୁଏତ ଏମିର ଶେଖ୍ ନୱାଫ ଅଲ୍‌ଙ୍କ ପରଲୋକ

କୁଏତ ସିଟି, ୧୬।୧୨ (ଏଜେନ୍ସି): କୁଏତର ଏମିର ଶେଖ ନୱାଫ ଅଲ ଅହମ୍ମଦ ଅଲ ଜାବେର ଅଲ ସବାହ (୮୬)ଙ୍କ ଶନିବାର ପରଲୋକ ହୋଇଛି। ରୟାଲ କୋର୍ଟ ପକ୍ଷରୁ ଏହି ସୂଚନା ଦିଆଯାଇଛି। ଶେଖ୍ ନୱାଫ ୨୦୨୦ରେ କ୍ଷମତାସୀନ ହୋଇଥିଲେ। ଗତ ମାସରେ ନିଃଶ୍ୱାସପ୍ରଶ୍ୱାସ ଜନିତ ସମସ୍ୟା ଯୋଗୁଁ ତାଙ୍କୁ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ତାଙ୍କ ମୃତ୍ୟୁ ଖବର ଆସିବା ପରେ ଦେଶର ସମସ୍ତ ଟିଭି ଚ୍ୟାନେଲର ମନୋରଞ୍ଜନ କାର୍ଯ୍ୟକ୍ରମଗୁଡ଼ିକୁ ବନ୍ଦ କରି ଦିଆଯାଇଥିଲା। ପରେ ଶୋକ ବାର୍ତ୍ତା ଦିଆ ଯାଇଥିଲା। ସେ ନିଜ ବଡ଼ ଭାଇ ତଥା ଶେଖ ସବାହଙ୍କ ଭଳି ଭାରତ ସହ ଦୃଢ଼ ସମ୍ପର୍କ ରଖିଥିଲେ। ଏବେ ୮୩ ବର୍ଷୀୟ ରାଜକୁମାର ଶେଖ ମିଶାଲ ଅଲ ଅହମ୍ମଦ ଅଲ ଜାବେର ଅଲ ସବାହ କୁଏତର ନୂଆ ଏମିର ହେବେ।

ରାଘବ ଚଢ଼ା ଆପ୍‌ର ରାଜ୍ୟସଭା ନେତା

ନୂଆଦିଲ୍ଲୀ, ୧୬।୧୨ (ଏଜେନ୍ସି): ଆମ୍ ଆଦମୀ ପାର୍ଟି (ଆପ୍) ସାଂସଦ ରାଘବ ଚଢ଼ାଙ୍କୁ ରାଜ୍ୟସଭା ନେତା ନିଯୁକ୍ତ କରିଛି। ସେ ଦିଲ୍ଲୀ ମଦ ନୀତି ଦୁର୍ନୀତି ମାମଲାରେ ଗିରଫ ହୋଇ ଜେଲ୍‌ରେ ଥିବା ଆପ୍ ସାଂସଦ ସଞ୍ଜୟ ସିଂହଙ୍କ ସ୍ଥାନ ନେବେ। ରାଜ୍ୟସଭା ଅଧ୍ୟକ୍ଷଙ୍କୁ ଚିଠି ଲେଖି ଆପ୍ ପକ୍ଷରୁ ଏହି ସୂଚନା ଦିଆଯାଇଛି। ଚିଠିରେ ସ୍ୱାସ୍ଥ୍ୟଗତ କାରଣ ଯୋଗୁଁ ସଞ୍ଜୟ ସିଂହ ଉଚ୍ଚ ସଦନରେ ଉପସ୍ଥିତ ହୋଇପାରୁ ନ ଥିବା କୁହାଯାଇଛି। ଏବେ ଏହି ଚିଠି ରାଜ୍ୟସଭା ମହାସଚିବଙ୍କ ପାଖରେ ରହିଛି। ସେ ଖୁବଶୀଘ୍ର ଏହାର ସମୀକ୍ଷା କରିବେ। ବର୍ତ୍ତମାନ ରାଜ୍ୟସଭାରେ ଆପ୍‌ର ୧୦ ସାଂସଦ ଅଛନ୍ତି। ଏବେ ସବୁଠାର

ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ

ପ୍ରତ୍ୟୁଷରୁ ସମୀକ୍ଷା କଲେ '୫-ଟି' ଅଧକ୍ଷ

ପୁରୀ,୧୬।୧୨(ସମିସ): ପୁରୀ ଗସ୍ତ କରି ମହାପ୍ରଭୁଙ୍କୁ ଦର୍ଶନ କରିବା ସହ ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ଏବଂ ଅନ୍ୟାନ୍ୟ ଉନ୍ନୟନମୂଳକ କାର୍ଯ୍ୟର ସମୀକ୍ଷା କରିଛନ୍ତି '୫-ଟି' ଏବଂ 'ନବୀନ ଓଡ଼ିଶା' ଅଧକ୍ଷ କାର୍ତ୍ତିକ ପାଣ୍ଡିଆନ । ପୂର୍ବରୁ ପ୍ରକଳ୍ପର ଯେଉଁ କାମ ଯେଉଁ ସମୟରେ ଶେଷ

ନିର୍ଦ୍ଧାରିତ ସମୟରେ ପ୍ରକଳ୍ପ କାମ ସାରିବାକୁ ନିର୍ଦ୍ଦେଶ

କରିବା ଲାଗି ଧାର୍ଯ୍ୟ ହୋଇଥିଲା ତାହାକୁ ସାରିବାକୁ ନିର୍ଦ୍ଦେଶ ଦେଇଛନ୍ତି ।

'୫-ଟି' ଓ 'ନବୀନ ଓଡ଼ିଶା' ଅଧକ୍ଷ ଶ୍ରୀ ପାଣ୍ଡିଆନ ପ୍ରତ୍ୟୁଷରୁ ପୁରୀରେ ପହଞ୍ଚିଥିଲେ । ମହାପ୍ରଭୁଙ୍କୁ ଦର୍ଶନ କରି ପରିକ୍ରମା ପ୍ରକଳ୍ପ କାମର ଅଗ୍ରଗତି ସମ୍ପର୍କରେ ସମୀକ୍ଷା କରିଛନ୍ତି । ଶ୍ରୀମନ୍ଦିର ଚତୁଃପାର୍ଶ୍ୱର୍ ବୁଲି ପ୍ରକଳ୍ପ ନିର୍ମାଣ ସମ୍ପର୍କରେ ବିଭାଗୀୟ ଅଧିକାରୀଙ୍କ ସହ ଆଲୋଚନା କରିଛନ୍ତି । ଭକ୍ତଙ୍କ ସୁବ୍ୟବସ୍ଥିତ ଦର୍ଶନ, ଭିଡ଼ ନିୟନ୍ତ୍ରଣ

ଏବଂ ନୂଆବର୍ଷରେ ଶ୍ରଦ୍ଧାଳୁମାନେ କିପରି ସୁବିଧାରେ ପୁରୀ ଆସି ଠାକୁରଙ୍କ ଦର୍ଶନ କରିବେ ତାହା ଅନୁଧ୍ୟାନ କରିଥିଲେ । ମରିଚିକୋଟ ଛକଠାରୁ ଶ୍ରୀମନ୍ଦିର କାର୍ଯ୍ୟାଳୟ ପର୍ଯ୍ୟନ୍ତ ନିର୍ମାଣାଧୀନ ଶୀତତାପ ନିୟନ୍ତ୍ରିତ ଶେଡେଡ୍ ଚଲାପଥକୁ ବୁଲି ଦେଖିଥିଲେ । ତିଆରି କରାଯାଉଥିବା ବ୍ୟାରିକେଡରେ ବରିଷ୍ଠ ନାଗରିକଙ୍କ ବସିବା ପାଇଁ ଯେଉଁ ବ୍ୟବସ୍ଥା କରାଯାଉଛି ସେଥିରେ ନିଜେ ବସି ପରଖିଥିଲେ । ଶ୍ରୀମନ୍ଦିର ନିକଟରେ ଗତ ସପ୍ତାହରେ ଅଧିଗ୍ରହଣ ହୋଇଥିବା ନରେନ୍ଦ୍ର ମହଲା ଜମିରେ ଏକ ପାର୍କିଂସ୍ଥଳ ନିର୍ମାଣ ସମ୍ପର୍କରେ ସମୀକ୍ଷା କରିଛନ୍ତି । ଏତଦ୍ୟତୀତ ଲ୍ୟାଣ୍ଡସ୍କେପିଂ, ଶୃଙ୍ଖଳିତ ଧାଡି ବ୍ୟବସ୍ଥା, ମଠଗୁଡିକର ପୁନରୁଦ୍ଧାର, ଦୁଇଚକିଆ ପାର୍କିଂ, ଏଫୁଏଣ୍ଟ ଟ୍ରିଟମେଣ୍ଟ ପ୍ଲାଣ୍ଟ(ଇଟିପି) ଏବଂ ପେଣ୍ଟିଂ କାମ ତ୍ୱରାନ୍ୱିତ କରିବା ପାଇଁ ପାଇଁ ନିର୍ଦ୍ଦେଶ ଦେଇଛନ୍ତି '୫-ଟି' ଅଧକ୍ଷ । ଶ୍ରୀମନ୍ଦିର କାର୍ଯ୍ୟାଳୟରେ ଅନୁଷ୍ଠିତ ସମୀକ୍ଷା ବୈଠକରେ ଜଗନ୍ନାଥ ବଲ୍ଲଭ ପରିସରରୁ ଦୋଳବେଦୀକୁ ସଂଯୋଗ ହେବାକୁ ଥିବା ନୂଆ ରାସ୍ତା 'ଶ୍ରୀଦାଣ୍ଡ' ସଂକ୍ରାନ୍ତରେ ପଚାରି ବୁଝିବା ସହ ପୂର୍ବ ନିର୍ଦ୍ଧାରିତ ସମୟ ଭିତରେ ପରିକ୍ରମା ପ୍ରକଳ୍ପ କାମ ସାରିବାକୁ ନିର୍ଦ୍ଦେଶ ଦେଇଛନ୍ତି । ଏହି ଅବସରରେ '୫-ଟି' ଅଧକ୍ଷ ଶ୍ରୀମନ୍ଦିର କାର୍ଯ୍ୟାଳୟ ତଳେ କରାଯିବାକୁ ଥିବା ଶ୍ରଦ୍ଧାଳୁଙ୍କ ବିଶ୍ରାମସ୍ଥଳୀ ବୁଲି ଦେଖିଥିଲେ । ପୁରୀ ଜିଲ୍ଲାପାଳ, ଏସ୍ପି, ଉପ ଜିଲ୍ଲାପାଳଙ୍କ ସମେତ ଅନ୍ୟାନ୍ୟ ବିଭାଗୀୟ ଅଧିକାରୀ ଓ ନିର୍ମାଣକାରୀ ସଂସ୍ଥାର ଅଧିକାରୀ ଉପସ୍ଥିତ ରହି '୫-ଟି' ଅଧକ୍ଷଙ୍କୁ କାର୍ଯ୍ୟ ସମ୍ପର୍କରେ ଅବଗତ କରାଇଥିଲେ ।

ଶ୍ରୀମନ୍ଦିରରେ ଆରମ୍ଭ ହେଲା ପହିଲି ଭୋଗ

ପୁରୀ,୧୬।୧୨(ସମିସ): ପବିତ୍ର ଧନୁ ସଂକ୍ରାନ୍ତି ଅର୍ଥାତ୍ ଗୁରୁବାରଠାରୁ ଶ୍ରୀମନ୍ଦିରରେ ଆରମ୍ଭ ହୋଇଛି ପହିଲି ଭୋଗ । ଏହା ମକର ସଂକ୍ରାନ୍ତି ପୂର୍ବଦିନ ପର୍ଯ୍ୟନ୍ତ ଚାଲିବ । ଏହି ଅବସରରେ ମହାପ୍ରଭୁଙ୍କୁ ଲାଗି ହୋଇଛି ପହିଲି ଭୋଗ । ବିରି, ଗହମଚୁନା ଓ ଘୃତରେ ପାଗ ହୋଇଥିବା ବିଭିନ୍ନ ପ୍ରକାର ପିଠା ଓ ଧନୁମୁଆଁ ଲାଗି କରାଯାଇଛି ।

ବୁଧବାର ରାତି ୧୦ଟା ୫୫ରେ ପହୁଡ଼ ହୋଇଥିଲା । ପହିଲି ଭୋଗ ପାଇଁ ରାତ୍ର ୨ଟାରୁ ଦ୍ୱାର ଫିଟାଯିବାକୁ ନୀତି ନିର୍ଘଣ୍ଟ ହୋଇଥିଲା । ହେଲେ ୪୦ ମିନିଟ୍ ବିଳମ୍ବରେ ଅର୍ଥାତ୍ ରାତି ୨ଟା ୪୦ରେ ଦ୍ୱାର ଫିଟିଥିଲା । ପ୍ରଥମ ନୀତିରୁ ଆରମ୍ଭ ହୋଇଥିବା ବିଳମ୍ବ ପହିଲି ଭୋଗ ଶେଷରେ ବି ପ୍ରତିଫଳିତ ହୋଇଥିଲା । ଭୋର ୫ଟା ୨୦ରୁ ସକାଳ ୬ଟା ମଧ୍ୟରେ ପହିଲି ଭୋଗ ଶେଷ ହେବାକୁ ଛତିଶା ନିଯୋଗ ବୈଠକରେ ନିର୍ଘଣ୍ଟ ହୋଇଥିବା ବେଳେ ଏଥିରେ ୫୦ମିନିଟ୍ ବିଳମ୍ବ ଘଟିଥିଲା । ସକାଳ ୬ଟା ୫୦ରେ ସରିଥିଲା ପହିଲି ଭୋଗ । ସେହିପରି ସକାଳ ୬ଟା ୩୦ରୁ ୮ଟା ମଧ୍ୟରେ ସକାଳ ଧୂପ ଲାଗି ନିର୍ଘଣ୍ଟ

କରାଯାଇଥିବା ବେଳେ ଏହା ୯ଟା ୧୦ସୁଦ୍ଧା ସରିଥିଲା । ପରେ ଅନ୍ୟାନ୍ୟ ନୀତି ଚାଲିଥିଲା । ଅନ୍ୟପକ୍ଷରେ ଆଜିର ଦିନରେ ମହାପ୍ରଭୁଙ୍କ ଦର୍ଶନ କଲେ ଅଶେଷ ପୁଣ୍ୟ ମିଳୁଥିବା ବିଶ୍ୱାସ ରହିଥିବାରୁ ଶ୍ରୀମନ୍ଦିରରେ ଶ୍ରଦ୍ଧାଳୁଙ୍କ ପ୍ରବଳ ଭିଡ଼ ହୋଇଥିଲା ।

ଲୋକେ ଦେଇଥିଲେ ପ୍ରସ୍ତାବ, କାର୍ଯ୍ୟକାରୀ କଲେ ମୁଖ୍ୟମନ୍ତ୍ରୀ

ପୁରୀ ଜିଲ୍ଲାରେ ନିର୍ମାଣ ହେବ ୭ ବହୁମୁଖୀ ଆଶ୍ରୟସ୍ଥଳ

ଭୁବନେଶ୍ୱର,୧୬ ।୧୨(ସମିସ): ସମସ୍ୟା ଦୂର ପାଇଁ ଲୋକେ ପ୍ରସ୍ତାବ ଦେଇଥିଲେ ଆଉ ମୁଖ୍ୟମନ୍ତ୍ରୀ ତାହା କାର୍ଯ୍ୟକାରୀ କଲେ । 'ଜନତା ହିଁ ସରକାରର ଆତ୍ମା' ସିଦ୍ଧାନ୍ତରେ କାର୍ଯ୍ୟ କରୁଥିବା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଆଜି ପୁରୀ ଜିଲ୍ଲାର ୪ଟି ବ୍ଲକ୍‌ର ୭ ପଞ୍ଚାୟତରେ ଗୋଟିଏ ଲେଖାଏଁ ବହୁମୁଖୀ ବାତ୍ୟା

ଖର୍ଚ୍ଚ ହେବ ୧୪ କୋଟି

ଆଶ୍ରୟସ୍ଥଳୀ ନିର୍ମାଣ ପାଇଁ ଆସିଥିବା ପ୍ରସ୍ତାବକୁ ଅନୁମୋଦନ ପ୍ରଦାନ କରିଛନ୍ତି । ଏହି ବାତ୍ୟା ଆଶ୍ରୟସ୍ଥଳ ନିର୍ମାଣ ହେଲେ, ବ୍ରହ୍ମଗିରି ବ୍ଲକ୍‌ର ବୁଦ୍ଧିସାହି, ରେବଣା-ନୂଆଗାଁ ଓ ବଡ଼ ଦିଆଣ୍ଡି, କୃଷ୍ଣପ୍ରସାଦ ବ୍ଲକର ଜହ୍ନିକୁଦ, ଖୋଲାମୁହାଣ ଓ ବାଲିନାସୀ, କଣାସ ବ୍ଲକ୍‌ର ନନ୍ଦିଗୋଡ଼ା ଏବଂ ପୁରୀ ସଦର ବ୍ଲକର ରାଇଗୋରଡ଼ା ଓ ନୂଆପଡ଼ା ଗ୍ରାମବାସୀ ଉପକୃତ ହେବେ । ପ୍ରାକୃତିକ ବିପର୍ଯ୍ୟୟ ସମୟରେ ସେମାନେ ସେଠାରେ ସୁରକ୍ଷିତ ଆଶ୍ରୟନେବେ ଆଉ ଅନ୍ୟ ସମୟରେ ବିବିଧ ଆବଶ୍ୟକତା ଅନୁସାରେ ବାତ୍ୟା ଆଶ୍ରୟସ୍ଥଳୀ ବ୍ୟବହାର ହେବ ।

ସମୁଦ୍ର ଉପକୂଳରେ ଥିବା ପୁରୀ ଜିଲ୍ଲା ଏକ ବାତ୍ୟାପ୍ରବଣ ଜିଲ୍ଲା ଭାବେ ଜଣାଶୁଣା । ଉପରୋକ୍ତ ୭ଟି ପଞ୍ଚାୟତ ସମେତ ପ୍ରସ୍ତାବ ଆସିଥିବା ଜିଲ୍ଲାର ଅନ୍ୟ ସ୍ଥାନମାନଙ୍କରେ ବାତ୍ୟା ଆଶ୍ରୟସ୍ଥଳୀ ନିର୍ମାଣ ପାଇଁ ଉପଯୁକ୍ତ ସ୍ଥାନ ନିରୂପଣ କରିବା ଲାଗି ମୁଖ୍ୟମନ୍ତ୍ରୀ ଜିଲ୍ଲା ପ୍ରଶାସନକୁ ନିର୍ଦ୍ଦେଶ ଦେଇଛନ୍ତି । ପ୍ରତ୍ୟେକ ବାତ୍ୟା ଆଶ୍ରୟସ୍ଥଳୀ ନିର୍ମାଣ ପାଇଁ ୨ କୋଟି ଟଙ୍କା ହିସାବରେ ସମୁଦାୟ ୧୪ କୋଟି ଟଙ୍କା ଖର୍ଚ୍ଚ କରାଯିବ । ଏହାର ନିର୍ମାଣ ଦାୟିତ୍ୱ ଗ୍ରାମ୍ୟ ଉନ୍ନୟନ ବିଭାଗ ଉପରେ ନ୍ୟସ୍ତ କରାଯାଇଛି ।

ସୂଚନାଯୋଗ୍ୟ, '୫-ଟି' ଓ 'ନବୀନ ଓଡ଼ିଶା' ଅଧକ୍ଷ କାର୍ତ୍ତିକ ପାଣ୍ଡିଆନ୍‌ଙ୍କ ପୁରୀ ଜିଲ୍ଲା ଗସ୍ତ ସମୟରେ ବାତ୍ୟା ଆଶ୍ରୟସ୍ଥଳୀ ନିର୍ମାଣ ପାଇଁ ଲୋକେ ପ୍ରସ୍ତାବ ଦେଇଥିଲେ । ଜନଶୁଣାଣୀ ପ୍ରସ୍ତାବକୁ ଦୃଷ୍ଟିରେ ରଖି ଆଜି ମୁଖ୍ୟମନ୍ତ୍ରୀ ପୁରୀ ଜିଲ୍ଲା ବ୍ରହ୍ମଗିରି ବ୍ଲକ୍‌ର ଚାପମାଣିକ, ରେବଣା-ନୂଆଗାଁ, ବଡ଼ ଦିଆଣ୍ଡି ପଞ୍ଚାୟତ, କୃଷ୍ଣପ୍ରସାଦ ବ୍ଲକର ନୂଆପଡ଼ା ଓ ବଡନଳା ପଞ୍ଚାୟତ, କଣାସ ବ୍ଲକର ବିଜିପୁର ପଞ୍ଚାୟତ ଓ ପୁରୀ ସଦର ବ୍ଲକ୍‌ର ରାଇଗୋରଡ଼ା ଆଦି ପଞ୍ଚାୟତମାନଙ୍କରେ ବହୁମୁଖୀ ବାତ୍ୟା ଆଶ୍ରୟସ୍ଥଳ ନିର୍ମାଣ ପାଇଁ ନିର୍ଦ୍ଦେଶ ଦେଇଛନ୍ତି ।

ଦୁର୍ଘଟଣାରେ ୪ ମୃତ

ନବରଙ୍ଗପୁର/ରାଇଘର/ସାକ୍ଷୀଗୋପାଳ,୧୬।୧୨(ସମିସ): ନବରଙ୍ଗପୁର ଓ ପୁରୀ ଜିଲ୍ଲାରେ ଆଜି ପୃଥକ୍ ପୃଥକ୍ ସ୍ଥାନରେ ୨ଟି ଦୁର୍ଘଟଣା ୪ ଜଣଙ୍କ ଜୀବନ ନେଇଛି । ଟ୍ରକ୍ ଚକାତଳେ ପଡ଼ି ଶଶୁର-ଜ୍ୱାଇଁଙ୍କ ମୃତ୍ୟୁ ହୋଇଥିବା ବେଳେ ବିଦ୍ୟୁତ୍ ଖୁଣ୍ଟରେ ପିଟି ହୋଇ ୨ ଯୁବକ ପ୍ରାଣ ହରାଇଛନ୍ତି । ମୃତକମାନେ ହେଲେ, ବଳି ଜାନି, ତାଙ୍କ ଜ୍ୱାଇଁ ଲକ୍ଷ୍ମଣ ଜାନି ଏବଂ ଆଦିତ୍ୟ ପାଢ଼ୀ ଓ ଅଶୋକ ସେନାପତି । ସୂଚନାନୁଯାୟୀ, ନବରଙ୍ଗପୁର ଜିଲ୍ଲା ରାଇଘର ସଦର ମହକୁମା ଅନ୍ତର୍ଗତ ଡିଏନ୍‌କେସ୍ଥିତ ପୋଷ୍ଟ ଅଫିସ ନିକଟରେ ଟ୍ରକ୍‌କୁ ଓଭରଟେକ୍ କରୁଥିବା ବେଳେ ଶଶୁର-ଜ୍ୱାଇଁ ଟ୍ରକ୍ ଚକା ତଳେ ପଡ଼ି ଯାଇଥିଲେ । ଜ୍ୱାଇଁ ଲକ୍ଷ୍ମଣ ଜାନିଙ୍କ ଘର ମୁଣ୍ଡିବେଡା ପଞ୍ଚାୟତର ଭିମାଟିକିରାରେ ହୋଇଥିବା ବେଳେ ଶଶୁର ବଳି ଜାନୀଙ୍କ ଘର ଗଞ୍ଜାପାରା ପଞ୍ଚାୟତ ମାରାଙ୍ଗପଲ୍ଲୀ ଗ୍ରାମରେ । ଜଣେ ସଂପର୍କୀୟଙ୍କ ମୃତ୍ୟୁ ଖବର ପାଇ ଦୁହେଁ ସେଠାକୁ ଯାଉଥିବା ବେଳେ ଏହି ଅଘଟଣ ଘଟିଥିଲା । ଟ୍ରକ୍‌କୁ ବାମପଟୁ ଅତିକ୍ରମ କରିବା ଦୁହେଁ ଚକା ତଳେ ପଡ଼ି ଯାଇଥିଲେ । ସେହିପରି ସାକ୍ଷୀଗୋପାଳ-ଅଳଗୁମ-ଇନ୍ଦିପୁର ରାସ୍ତାର ଭଣ୍ଡାରିଦଣ୍ଡାଠାରେ ବିଦ୍ୟୁତ୍ ଖୁଣ୍ଟରେ ଏକ ବାଇକ୍ ପିଟି ହେବାରୁ ୨ ଯୁବକଙ୍କ ଜୀବନ ଯାଇଛି । ଶୁକ୍ରବାର ବିଳମ୍ବିତ ରାତିରେ ଏହି ଅଘଟଣ ଘଟିଛି । ମୃତକଦ୍ୱୟ ହେଲେ, ସତ୍ୟବାଦୀ ଥାନା ଅନ୍ତର୍ଗତ ଇନ୍ଦିପୁର ପ୍ରତିଜ୍ଞାସାହିର ଆଦିତ୍ୟ ପାଢ଼ୀ (୨୯) ଓ ଅଶୋକ ସେନାପତି (୩୦) । ସୂଚନାଯୋଗ୍ୟ ଯେ, ଆଦିତ୍ୟ ଓ ଅଶୋକ ଘରକୁ ଫେରୁଥିବା ବେଳେ ଭାରସାମ୍ୟ ହରାଇବାରୁ ବାଇକ୍‌ଟି ରାସ୍ତାକଡ଼ ବିଦ୍ୟୁତ୍ ଖୁଣ୍ଟରେ ପିଟି ହୋଇଯାଇଥିଲା । ଜଣେ ଯୁବକ ରାସ୍ତା କଡ଼ରେ ଥିବା ନୟନଯୋରିରେ ଓ ଅନ୍ୟ ଜଣେ ବାଇକ୍ ପାଖରେ ପଡ଼ିଥିଲେ । ସକାଳୁ କିଛି ଲୋକ ଧାନବିଲକୁ ଯିବା ବେଳେ ସେମାନଙ୍କୁ ଦେଖି ଥାନା ଓ ଅଗ୍ନିଶମ ବାହିନୀକୁ ଖବର ଦେଇଥିଲେ । ପୁଲିସ ଦୁଇ ଯୁବକଙ୍କୁ ଘଟଣାସ୍ଥଳରୁ ଉଦ୍ଧାର କରି ସାକ୍ଷୀଗୋପାଳ ମେଡିକାଲକୁ ନେଇଥିଲା । ସେଠାରେ ଡାକ୍ତର ଉଭୟଙ୍କୁ ମୃତ ଘୋଷଣା କରିଥିଲେ । ଶୀତ ଓ କୁହୁଡି ଯୋଗୁ ଏହି ଦୁର୍ଘଟଣା ଘଟିଥିବା ଅନୁମାନ କରାଯାଉଛି ।

ହାତୀ ପାଦ ତଳେ ଯାଉଛି ଜୀବନ

ଭୁବନେଶ୍ୱର, ୧୬ ।୧୨(ସମିସ): ରାଜ୍ୟରେ ହାତୀ-ମଣିଷ ସଂଘର୍ଷ ଥମିବାର ନାଁ ଧରୁନି । କିଛି ଦିନ ଅନ୍ତରାଳରେ କେଉଁ ନା କେଉଁ ସ୍ଥାନରୁ ହାତୀ-ମଣିଷ ଲଢ଼େଇ ଖବର ସାମ୍ନାକୁ ଆସୁଛି । ଫସଲକୁ ସୁରକ୍ଷା ଦେବାକୁ ହେଉ ଅବା କୌତୂହଳ ପାଇଁ ହାତୀଙ୍କୁ ଘଉଡ଼ାଇବା ବେଳେ ହାତୀ-ମଣିଷ ମୁହାଁମୁହିଁ ଭଳି ଅଭାବନୀୟ ପରିସ୍ଥିତି ସୃଷ୍ଟି ହେଉଛି । ଫଳରେ ଅଧିକାଂଶ ସମୟରେ ହାତୀ ପାଦ ତଳେ ଲୋକଙ୍କ ଜୀବନ ଯାଉଛି ।

ଏକ ତଥ୍ୟ ଅନୁଯାୟୀ, ଗତ ୫ବର୍ଷ ମଧ୍ୟରେ ଦେଶରେ ହାତୀ ଆକ୍ରମଣରେ ପ୍ରାଣ ହରାଇଥିବା ମୃତକଙ୍କ ମଧ୍ୟରେ ଓଡ଼ିଶାରୁ ୨୦ପ୍ରତିଶତ ରହିଛନ୍ତି । କେବଳ ୨୦୨୨-୨୩ରେ ଦେଶରେ ୬୦୫ଜଣ ହାତୀ ଆକ୍ରମଣରେ ପ୍ରାଣ ହରାଇଥିବା ବେଳେ ମୃତକଙ୍କ ମଧ୍ୟରେ ଓଡ଼ିଶାର ୧୪୮ଜଣ ରହିଛନ୍ତି । ଚିନ୍ତାଜନକ କଥା ହେଲା, ରାଜ୍ୟୱାରୀ ଏହି ମୃତ୍ୟୁ ତାଲିକାରେ ଓଡ଼ିଶା ଦେଶରେ ଶୀର୍ଷରେ ରହିଛି ।

ରାଜ୍ୟ ବନ ବିଭାଗର ତଥ୍ୟ ଅନୁଯାୟୀ, ୨୦୧୩-୧୪ରୁ ୨୦୨୨-୨୩ ମଧ୍ୟରେ ରାଜ୍ୟରେ ହାତୀ ଆକ୍ରମଣରେ ୯୯୪ଜଣ ଲୋକଙ୍କ ଜୀବନ ଯାଇଛି । ୨୦୧୯-୨୦ରେ ୧୧୭, ୨୦୨-୨୧ରେ ୧୩୯ ଓ ୨୦୨୧-୨୨ରେ ୧୧୩ଜଣ ପ୍ରାଣ ହରାଇଥିଲେ । ଆହତଙ୍କ ସଂଖ୍ୟା ମଧ୍ୟ ଢେର୍ ଅଧିକ । ଆହତଙ୍କ ମଧ୍ୟରୁ ପ୍ରାୟ ଲୋକ ସବୁଦିନ ପାଇଁ ପଙ୍ଗୁ ହୋଇଯାଉଥିବା ଦେଖାଯାଉଛି ।

ତେବେ କର୍ଣ୍ଣାଟକ ଏବଂ ତାମିଲନାଡୁରେ ସଂଖ୍ୟା ଦୃଷ୍ଟିରୁ ଅଧିକ ହାତୀ ରହିଥିଲେ ହେଁ ଏହି ଦୁଇ ରାଜ୍ୟରେ ହାତୀ-ମଣିଷ ଲଢ଼େଇ ଅପେକ୍ଷାକୃତ କମ୍ ରହିଛି । ତୁଳନାତ୍ମକ ଭାବେ କମ୍ ଲୋକ ବି ମରିଛନ୍ତି । ହାତୀ ଗଣନା ରିପୋର୍ଟ ଅନୁଯାୟୀ, କର୍ଣ୍ଣାଟକରେ ୬, ୩୯୫ ହାତୀ ରହିଥିବା ବେଳେ ଏହି ୫ ବର୍ଷ ମଧ୍ୟରେ ରାଜ୍ୟରୁ ମାତ୍ର ୧୨୪ ଜଣଙ୍କ ଜୀବନ ହାନି ହୋଇଛି । ଯାହା ଗତ ପାଞ୍ଚ ବର୍ଷ ମଧ୍ୟରେ ଦେଶରେ ଘଟିଥିବା ମୋଟ ମୃତ୍ୟୁହାରର ୪.୬ପ୍ରତିଶତ । ଦକ୍ଷିଣ-ଭାରତର ରାଜ୍ୟଗୁଡ଼ିକରେ ହାତୀ-ମଣିଷ ଲଢ଼େଇରେ ବାର୍ଷିକ ପାଖାପାଖି ୨୫ଜଣ ଲୋକଙ୍କ ଜୀବନ

- ୧୦ ବର୍ଷରେ ଗଲାଣି ୯୯୪ ଲୋକଙ୍କ ଜୀବନ
- ଜଙ୍ଗଲରେ ଖାଦ୍ୟାଭବ ଯୋଗୁଁ ଜନବସତିମୁହାଁ ହାତୀ
- ଖାଦ୍ୟ ବୃଦ୍ଧି କରିବାକୁ ୮୪ ରେଞ୍ଜ ଚିହ୍ନଟ

ଯାଉଥିବା ବେଳେ ଓଡ଼ିଶାରେ ଏହା ପ୍ରାୟ ୧୦୯ ରହିଛି ।

ରାଜ୍ୟ ସରକାର ଚଳିତ ବର୍ଷ ମେ' ମାସରେ ହାତୀ କିମ୍ବା ଅନ୍ୟ ବନ୍ୟଜନ୍ତୁର ଆକ୍ରମଣ ହେତୁ ମୃତ୍ୟୁ ହେଲେ ଅନୁକମ୍ପାମୂଳକ ରାଶି ୪ଲକ୍ଷରୁ ୬ ଲକ୍ଷ ଟଙ୍କାକୁ ବୃଦ୍ଧି କରିଛନ୍ତି । ରାଜ୍ୟରେ ହାତୀ-ମଣିଷ ଲଢ଼େଇ ହ୍ରାସ କରିବାକୁ ବନ ବିଭାଗ ଚଳିତବର୍ଷ ପ୍ରାୟ ୨୦୦ କି.ମି ଚାଷ ଜମିରେ ସୋଲାର୍-ଫେନ୍ସିଂ କରିବାକୁ ପଦକ୍ଷେପ ନେଇଛନ୍ତି । ଯେହେତୁ ବିଭାଗ ପକ୍ଷରୁ ଚାଷ କ୍ଷୟକ୍ଷତି ବାବଦକୁ କ୍ଷତିପୂରଣ ପ୍ରଦାନ କରୁଛନ୍ତି, ତେଣୁ କୌଣସି ସ୍ଥାନରେ ହାତୀ ଦେଖାଦେଲେ, ସେମାନଙ୍କୁ ନ ଘଉଡ଼ାଇବା ପାଇଁ ସଚେତନ କରାଯାଉଛି ।

ପିସିସିଏଫ୍ ଦେବୀଦତ୍ତ ବିଶ୍ୱାଳ କହିଛନ୍ତି ଯେ ହାତୀ ସୁରକ୍ଷା ପାଇଁ ୮୪ଟି ରେଞ୍ଜ ଚିହ୍ନଟ ହୋଇଛି । ସେଠାରେ ସେମାନଙ୍କ ଚଳପ୍ରଚଳ ଅଧିକ ଅଛି । ମୁଖ୍ୟତଃ ଜଙ୍ଗଲରେ ଖାଦ୍ୟାଭାବ ଯୋଗୁଁ ହାତୀମାନେ ଜନବସତିମୁହାଁ ହୋଇଥା'ନ୍ତି । ଖାଦ୍ୟ ଅନ୍ୱେଷଣରେ ଆସି ହାତୀମାନେ ଲୋକଙ୍କ ଫସଲ ନଷ୍ଟ କରୁଛନ୍ତି । ହାତୀଙ୍କ ଖାଦ୍ୟକୁ ଗୁରୁତ୍ୱ ଦେଇ ପ୍ରାଥମିକ ଭାବେ ଏହି ଜଙ୍ଗଲଗୁଡ଼ିକରେ କୁମ୍ବି, ଶାଳିଆ, ତାଳ ଓ ବାଉଁଶ ଗଛ ବ୍ୟାପକ ଲଗାଯିବ । ଜଙ୍ଗଲରେ ଜଳାଶୟ ବି କରାଯିବ । ଫଳରେ ହାତୀ ଆଉ ଜନବସତିମୁହାଁ ହେବେ ନାହିଁ । ଅପରପକ୍ଷେ ଲୋକଙ୍କ ଭିତରେ ସଚେତନତା ସୃଷ୍ଟି କରାଯିବ । ଏପରି ହେଲେ ହାତୀ-ମଣିଷ ସଂଘର୍ଷ କମିବ ବୋଲି ଶ୍ରୀ ବିଶ୍ୱାଳ କହିଛନ୍ତି ।

ଚାଳିଆରେ ନିଆଁ ଲାଗି ବୃଦ୍ଧ ଜୀବନ୍ତ ଦଗ୍ଧ

ଠାକୁରମୁଣ୍ଡା,୧୬।୧୨(ସମିସ): ଚାଳିଆରେ ନିଆଁ ଲାଗିଯିବାରୁ ଶୁକ୍ରବାର ରାତିରେ ଜଣେ ବୃଦ୍ଧ ଜୀବନ୍ତ ଜଳି ଯାଇଛନ୍ତି । ମୃତକଜଣକ ହେଲେ, ଭରାଣ୍ଡିହା ପଞ୍ଚାୟତ ଅନ୍ତର୍ଗତ ଦିର୍ବ ଗ୍ରାମର ଅଭୀନ୍ଦ୍ର ମହାନ୍ତ (୭୫) । ସୂଚନା ଅନୁଯାୟୀ, ଅଭୀନ୍ଦ୍ର ତାଙ୍କ ଘର ପରିସରରେ ଥିବା ଏକ ଖପର ଛାଉଣୀ ଗୃହରେ ନିଆଁ ଜାଳି ଏକୁଟିଆ ଶୋଇଥିଲେ । ପରିବାର ସଦସ୍ୟମାନେ ଅନ୍ୟ ଏକ ଘରେ ଶୋଇଥିଲେ । ଚାଳିଆ ଘରେ ନିଆଁ ଜାଳି ଦୌଡ଼ିଆ ଖଟରେ ଏକୁଟିଆ ଶୋଇ ଥିବାବେଳେ ଅଭୀନ୍ଦ୍ରଙ୍କ ଶୀତବସ୍ତ୍ରରେ ଲାଗି ଯାଇଥିଲା । ଫଳରେ ସେ ଜୀବନ୍ତ ପୋଡ଼ି ଯାଇଥିଲେ । ବିଳମ୍ବିତ ରାତିରେ ପରିବାର ଲୋକେ ଏହି ଘଟଣା ଦେଖିବାକୁ ପାଇଥିଲେ । ଖବର ପାଇ ଠାକୁରମୁଣ୍ଡା ପୁଲିସ ସହ ସାଇଣ୍ଟିଫିକ୍ ଟିମ୍ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଥିଲେ । ପୁଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଚଳାଇଛି ।

ଆଉ ୭ ଜିଲ୍ଲାରେ ଅତ୍ୟାଧୁନିକ ପୁନର୍ବାସ କେନ୍ଦ୍ର

ଭୁବନେଶ୍ୱର,୧୬ ।୧୨(ସମିସ): ରାଜ୍ୟର ଆଉ ୭ ଜିଲ୍ଲାରେ ଅତ୍ୟାଧୁନିକ ପୁନର୍ବାସ କେନ୍ଦ୍ର (ଏଆରସି) ପ୍ରତିଷ୍ଠା କରାଯିବ । ରାଜ୍ୟରେ ବର୍ତ୍ତମାନ ଚାରି ଜିଲ୍ଲାରେ ଏଆରସି ଥିବା ବେଳେ ପ୍ରସ୍ତାବିତ କେନ୍ଦ୍ର କାର୍ଯ୍ୟକ୍ଷମ ହେଲେ ଏଆରସି ସଂଖ୍ୟା ୧୧ରେ ପହଞ୍ଚିବ । କୌଣସି କାରଣବଶତଃ ଅଙ୍ଗ ହରାଇଥିବା ଦିବ୍ୟାଙ୍ଗ ବ୍ୟକ୍ତିମାନଙ୍କ ପାଇଁ ରାଜ୍ୟ ସରକାର ଏଆରସି ମାଧ୍ୟମରେ ବିନା ମୂଲ୍ୟରେ ଅତ୍ୟାଧୁନିକ କୃତ୍ରିମ ଅଙ୍ଗ ପ୍ରଦାନ ବ୍ୟବସ୍ଥା କରିଛନ୍ତି । ଏହି ଅଙ୍ଗ ପାଇ ଦିବ୍ୟାଙ୍ଗମାନେ ଆତ୍ମନିର୍ଭରଶୀଳ ହେବା ସହ ସାଧାରଣ ଜୀବନ ଯାପନ କରୁଛନ୍ତି । ତେବେ ସୂଚନା ଅବା ସଚେତନତା ଅଭାବରୁ ଅନେକ ହିତାଧିକାରୀ ଏହି ସୁବିଧା ପାଇବାରୁ ବଞ୍ଚିତ ହେଉଛନ୍ତି । ଏପରିସ୍ଥଳେ ପଞ୍ଚାୟତିରାଜ ଅନୁଷ୍ଠାନର ସଦସ୍ୟମାନେ ବଡ଼ ପରିବର୍ତ୍ତନ ଆଣିପାରିବେ । ନିଜ ପଞ୍ଚାୟତରେ ସରକାରଙ୍କ କୃତ୍ରିମ ଅଙ୍ଗ ବଣ୍ଟନ ବ୍ୟବସ୍ଥା ସମ୍ପର୍କରେ ସେମାନେ ବ୍ୟାପକ ସଚେତନତା ସୃଷ୍ଟି କରିପାରିବେ । ଏ ନେଇ ବିହିତ ପଦକ୍ଷେପ ନେବା ଲାଗି ସାମାଜିକ ସୁରକ୍ଷା ଓ ଭିନ୍ନକ୍

ଘଟଗାଁ, ଗୋନାସିକା ଓ ସାନଘାଗରାକୁ ନେଇ ପରିକଳ୍ପନା

ପର୍ଯ୍ୟଟନ କ୍ଷେତ୍ରର ଗୁରୁତ୍ୱ ବଢ଼ାଇବ 'ସ୍ୱର୍ଣ୍ଣ ତ୍ରିଭୁଜ' ଯୋଜନା

କେନ୍ଦୁଝର,୧୬।୧୨(ସମିସ):

କେନ୍ଦୁଝର ଜିଲ୍ଲାର ୩ଟି ପ୍ରମୁଖ ପର୍ଯ୍ୟଟନ କ୍ଷେତ୍ରକୁ ନେଇ ସ୍ୱର୍ଣ୍ଣ ତ୍ରିଭୁଜ ଯୋଜନା ପରିକଳ୍ପନା କରାଯାଇଛି। ଏ ନେଇ ଜିଲ୍ଲା ପର୍ଯ୍ୟଟନ କାଉନସିଲ୍ ବୈଠକରେ ଆଲୋଚନା କରାଯାଇ ପ୍ରସ୍ତାବ ଅନୁମୋଦିତ ହୋଇଛି। ତେବେ ଏ ନେଇ ରାଜ୍ୟ ସରକାରଙ୍କ ପ୍ରସ୍ତାବ ଦେବାର ଯୋଜନା ଥିଲେ ମଧ୍ୟ ତାହା ଏ ପର୍ଯ୍ୟନ୍ତ କାର୍ଯ୍ୟକାରୀ ହୋଇନଥିବା ଜଣାପଡ଼ିଛି।

କେନ୍ଦୁଝର ଜିଲ୍ଲାରେ ଅନେକ ଗୁଡିଏ ପର୍ଯ୍ୟଟନସ୍ଥଳ ରହିଛି। ସେଥିମଧ୍ୟରୁ ୧୬ଟି ପର୍ଯ୍ୟଟନସ୍ଥଳ ବିଭାଗୀୟ ମାନ୍ୟତା ପାଇସାରିଛି। ଆଉ ୭ଟିକୁ ମାନ୍ୟତା ଦେବାକୁ ଆବେଦନ କରାଯାଇଛି। କିଛି ମାସ ତଳେ ହୋଇଥିବା ଜିଲ୍ଲା ପର୍ଯ୍ୟଟନ କାଉନ୍ସିଲ ବୈଠକରେ ଜିଲ୍ଲାର ୩ଟି ପ୍ରମୁଖ ପର୍ଯ୍ୟଠନସ୍ଥଳ ଘଟଗାଁ, ଗୋନାସିକା ଓ ସାନଘାଗରାକୁ ନେଇ ସ୍ୱର୍ଣ୍ଣ ତ୍ରିଭୁଜ ଯୋଜନା ପରିକଳ୍ପନା କରାଯାଇଥିଲା ଏବଂ ବୈଠକରେ ମଧ୍ୟ ପ୍ରସ୍ତାବ ଅନୁମୋଦନ ହୋଇଥିଲା। କିନ୍ତୁ ପର୍ଯ୍ୟଟନ ବିଭାଗ ନିକଟରେ ଏ ନେଇ ସଠିକ ଢଙ୍ଗରେ ଏହି ପ୍ରସ୍ତାବ ଉପସ୍ଥାପନ ହୋଇନଥିବା ଭଳି ଅନୁମାନ ହୁଏ। ଏହା

ଏକ ଭଲ ଯୋଜନା ହୋଇଥିଲେ ମଧ୍ୟ କେବେ ଏହି ପରିକଳ୍ପନା କାର୍ଯ୍ୟକାରୀ ହେବ ଏବଂ ଜିଲ୍ଲାକୁ ଅଧିକ ପର୍ଯ୍ୟଟକ ଆକୃଷ୍ଟ ହୋଇ ଅସିବେ ତାକୁ ନେଇ କୌଣସି ଠୋସ ପଦକ୍ଷେପ ବର୍ତ୍ତମାନ ପର୍ଯ୍ୟନ୍ତ ନିଆଯାଇନି।

କାରଣ ସରକାର ଜିଲ୍ଲାର ବହୁ ପର୍ଯ୍ୟଟନ କ୍ଷେତ୍ର ଗୁଡିକର ସର୍ବବିଧ ବିକାଶ କାର୍ଯ୍ୟକୁ ଚାଲୁ ରଖିଛନ୍ତି। ଆହୁରି ଅର୍ଥ ମଞ୍ଜୁର କରି ସେଗୁଡିକୁ ଅଧିକା ଆକର୍ଷଣୀୟ କରୁଛନ୍ତି। ଏହି ପ୍ରସ୍ତାବ ବିଭାଗ ନିକଟରେ ଉପସ୍ଥାପନ ହୋଇଥିଲେ କାର୍ଯ୍ୟକାରୀ ହେବାରେ କୌଣସି ସମାସ୍ୟା ହେବନାହିଁ ବୋଲି ମତ ପ୍ରକାଶ ପାଇଛି।

ଜିଲ୍ଲାର ଘଟଗାଁ ମା'ତାରିଣୀ ପୀଠ, ବୈତରଣୀ ଉତ୍ପତ୍ତିସ୍ଥଳ ଗୋନାସିକା ଏବଂ ସୁରମ୍ୟ ଜଳପ୍ରପାତ ସାନଘାଗରାକୁ ନେଇ ସ୍ୱର୍ଣ୍ଣ ତ୍ରିଭୁଜ ପର୍ଯ୍ୟଟନକ୍ଷେତ୍ରର ପରିକଳ୍ପନା ହୋଇଛି। ଏହି ତିନୋଟି ସ୍ଥଳର ସର୍ବବିଧ ଉନ୍ନତିର ଯୋଜନା ରହିଛି। ଏହି ଯୋଜନା କାର୍ଯ୍ୟକାରୀ ହେଲେ ପୂର୍ବାପେକ୍ଷା ଜିଲ୍ଲାକୁ ଆହୁରି ଅଧିକ ପର୍ଯ୍ୟଟକଙ୍କ ଆଗମନ ହେବ ଏବଂ ଆର୍ଥୀକ ଅଭିବୃଦ୍ଧି ଘଟିବ। ଜିଲ୍ଲା ପ୍ରଗତିରେ ପର୍ଯ୍ୟଟନ ବିଶେଷ ସହାୟ ହେବ। ଏଥି କାରଣରୁ ପର୍ଯ୍ୟଟନ ଉପରେ ନିର୍ଭରଶୀଳ ପରିବାର କର୍ମସଂସ୍ଥାନ ପାଇଁ ସେମାନଙ୍କର ଆର୍ଥୀକ ମାନଦଣ୍ଡ ସୁଦୃଢ ହେବା ଏହି ଯୋଜନାର ମୂଳ ଲକ୍ଷ୍ୟ। ଘଟଗାଁକୁ ପ୍ରତ୍ୟେକ ବର୍ଷ ଲକ୍ଷାଧିକ ପର୍ଯ୍ୟଟକ ତଥା ଭକ୍ତ ଆସିଥାନ୍ତି। ଘଟଗାଁର ବିକାଶ ପାଇଁ ସରକାର ମଧ୍ୟ ଏବେ ଅନେକ ଅର୍ଥ ମଞ୍ଜୁର କରିବା ସହିତ ଉନ୍ନୟନ କାମ କରାଯାଉଛି। ସାନଘାଗରାର ବିକାଶ କାମ

ବଢ଼ିବଢ଼ି ଚାଲିଛି। ଏଠାକୁ ରାଜ୍ୟର ଅନ୍ୟ ପ୍ରମୁଖ ପର୍ଯ୍ୟଟନସ୍ଥଳୀ ଭଳି ପର୍ଯ୍ୟଟକଙ୍କ ସଂଖ୍ୟା କମ୍ ନୁହେଁ। ଗୋନାସିକାର ମଧ୍ୟ ଉନ୍ନୟନ କାମ ହାତକୁ ନିଆଯାଇ ସ୍ଥଳଟିର ସର୍ବବିଧ ଉନ୍ନୟନ କରାଯିବାକୁ ପଦକ୍ଷେପ ନିଆଯାଉଛି। ତେଣୁ କେନ୍ଦୁଝର ଜିଲ୍ଲାର ପର୍ଯ୍ୟଟନ କ୍ଷେତ୍ର ପାଇଁ ଘଟଗାଁ, ସାନଘାଗରା ଏବଂ ଗୋନାସିକା ପ୍ରଭୃତି ତିନୋଟି ସ୍ଥଳକୁ ନେଇ ପରିକଳ୍ପନା ହୋଇଥିବା ଜିଲ୍ଲାର ପର୍ଯ୍ୟଟନ ସ୍ୱର୍ଣ୍ଣ ତ୍ରିଭୁଜ ଯୋଜନା କାର୍ଯ୍ୟକାରୀ ହୋଇପାରିଲେ ଏହାର ସୁଫଳ ଜିଲ୍ଲାବାସୀଙ୍କୁ ମିଳିପାରନ୍ତା। ପର୍ଯ୍ୟଟନ କ୍ଷେତ୍ରରେ ଜିଲ୍ଲାରେ ଅନେକ ନିଯୁକ୍ତି ସମ୍ଭାବନା ରହିଛି। ପର୍ଯ୍ୟଟନ ଭିତ୍ତି ଭୂମି ଗୁଡିକର ବିକାଶ ନିମନ୍ତେ ଏଠାରେ ସ୍ଥାନର ଅଭାବନାହିଁ। ପ୍ରାକୃତିକ ସୌନ୍ଦର୍ଯ୍ୟସ୍ଥଳର ମଧ୍ୟ ଅଭାବ ନାହିଁ। ସ୍ୱର୍ଣ୍ଣତ୍ରିଭୁଜ ପରିକଳ୍ପନାର ସାକାର ପଦକ୍ଷେପ ନିଆଯାଇପାରିଲେ ଜିଲ୍ଲାକୁ ଅଧିକରୁ ଅଧିକ ପର୍ଯ୍ୟଟକ ଆସନ୍ତେ। ଏହି କ୍ଷେତ୍ର ଓ କ୍ଷେତ୍ର ସହିତ ନିର୍ଭରଶୀଳ ପରିବାର ସମୃଦ୍ଧ ହୋଇପାରନ୍ତେ ବୋଲି ବୁଦ୍ଧିଜୀବୀ ମହଲରେ ମତପ୍ରକାଶ ପାଇଛି।

'ଯୁବ ଓଡ଼ିଶା ନବୀନ ଓଡ଼ିଶା' କାର୍ଯ୍ୟକ୍ରମ ଉଦଯାପିତ

ତୁରୁମୁଙ୍ଗା,୧୬।୧୨(ସମିସ): କେନ୍ଦୁଝର ଜିଲ୍ଲା ତୁରୁମୁଙ୍ଗା ସ୍ଥିତ ଦଧିବାମନ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଶନିବାର ଯୁବ 'ଓଡ଼ିଶା ନବୀନ ଓଡ଼ିଶା' କାର୍ଯ୍ୟକ୍ରମ ଉଦଯାପିତ ହୋଇଯାଇଛି। ଅଧ୍ୟକ୍ଷ ଆଶ୍ୱସ୍ମମା ଗିରି ଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ଜିଲ୍ଲା ଯୋଜନା ବୋର୍ଡ ଅଧ୍ୟକ୍ଷ ତଥା ପାଟଣା ବିଧାୟକ ଜଗନ୍ନାଥ ନାଏକ ମୁଖ୍ୟଅତିଥି ଭାବରେ ଯୋଗଦେଇଥିଲେ। ମୁଖ୍ୟବକ୍ତା ଭାବରେ ଧରଣୀଧର ବିଶ୍ୱବିଦ୍ୟାଳୟର ସହକାରୀ ପ୍ରଫେସର ଡ. ସୁମନ୍ତ ନାଏକ ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ଭାବରେ ବିଦ୍ୟାଳୟର ପୂର୍ବତନ ସମ୍ପାଦକ ପ୍ରତାପ ଚନ୍ଦ୍ର ସାହୁ, ସମାଜସେବୀ ଉତ୍କଳ ସାହୁ, ସ୍ଥାନୀୟ ସରପଞ୍ଚ ସୁଲେଖା ନାଏକ, ସମିତି ସଭ୍ୟ ଆଶୁମତି ସାହୁ, ନୋଡାଲ ଅଫିସର ଭାବରେ ଯତୀନ୍ଦ୍ର କୁମାର ମିଶ୍ର ଯୋଗ ଦେଇଥିଲେ। ଡେମନଷ୍ଟେଟର ସୁଧାଂଶୁ ଶେଖର ମଞ୍ଚ ପରିଚାଳନା କରିଥିଲେ। ପୁରସ୍କାର ବିତରଣ ଉତ୍ସବରେ ମୁଖ୍ୟଅତିଥି ଶ୍ରୀ ନାଏକ ପ୍ରତିଯୋଗୀ ଛାତ୍ରଛାତ୍ରୀଙ୍କୁ ମାନପତ୍ର, ଟ୍ରଫି ପ୍ରଦାନ କରିଥିଲେ। ଅଧ୍ୟାପକ ମହେଶ ଚାଟାର୍ଜୀ ମଞ୍ଚ ପରିଚାଳନା କରିଥିବା ବେଳେ ଡେମନଷ୍ଟେଟର ସୁଧାଂଶୁ ଶେଖର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

ଆଙ୍ଗୁଳିଆ ଶିବ ମନ୍ଦିରରେ ସୌନ୍ଦର୍ଯ୍ୟକରଣ ଦାବି

ନାରଦପୁର,୧୬।୧୨(ସମିସ): ଝୁମ୍ପୁରା ବ୍ଲକ ଅନ୍ତର୍ଗତ ନାରଦପୁର ଗ୍ରାମପଞ୍ଚାୟତ ଆଙ୍ଗୁଳିଆ ଶିବ ମନ୍ଦିରରେ ସୌନ୍ଦର୍ଯ୍ୟକରଣ ପାଇଁ ଗ୍ରାମବାସୀ ଦାବି କରିଛନ୍ତି। ଉକ୍ତ ଶିବ ମନ୍ଦିରକୁ ଦୈନିକ ଆଖପାଖ ଅଞ୍ଚଳରୁ ବହୁ ଶ୍ରଦ୍ଧାଳୁ ଆସିଥାଆନ୍ତି। ଏଠାରେ ବିଭିନ୍ନ ପୂଜା ଓ ପର୍ବପର୍ବାଣୀରେ କମିଟି ପକ୍ଷରୁ ଆୟୋଜନ କରାଯାଇଥାଏ। ମନ୍ଦିରକୁ ଲାଗି ପୁଷ୍କରିଣୀ ରହିଥିବାରୁ ମନ୍ଦିରର ସୋନ୍ଦର୍ଯ୍ୟ ଖୁବ ଆକର୍ଷଣୀୟ ଲାଗିଥାଏ। ଏଭଳି ଏକ ଗୁରୁତ୍ୱପୂର୍ଣ୍ଣ ମନ୍ଦିରରେ ସୌନ୍ଦର୍ଯ୍ୟକରଣ କରାଗଲେ ଅଧିକରୁ ଅଧିକ ଲୋକଙ୍କର ସମାଗମ ହୋଇପାରନ୍ତା ବୋଲି ଗ୍ରାମବାସୀ କହିଛନ୍ତି। ତେଣୁ ଏଥିପ୍ରତି ବ୍ଲକ ପ୍ରଶାସନ ଦୃଷ୍ଟି ଦେଇ ସୌନ୍ଦର୍ଯ୍ୟକରଣ କରିବାକୁ ଆଙ୍ଗୁଳିଆବାସୀ ଦାବି କରିଛନ୍ତି।

ସରୋଜିନୀ ଦେବୀଙ୍କ ସ୍ମୃତି ଚାରଣ ସଭା

ଘସିପୁରା,୧୬।୧୨(ସମିସ): ଦାନ୍ତିଆ ଗାୟତ୍ରୀ ପରିବାରର ବରିଷ୍ଠ ସାଧକ ତଥା ସମାଜସେବୀ ଅକ୍ଷୟକୁମାର ମଲ୍ଲିକଙ୍କ ଧର୍ମ ପତ୍ନୀ ସରୋଜିନୀ ମଲ୍ଲିକଙ୍କ ଏକାଦଶାହରେ ତାଙ୍କ ଦାନ୍ତିଆସ୍ଥିତ ବାସଭବନରେ ଏକ ସ୍ମୃତିଚାରଣ ସଭା ଅନୁଷ୍ଠିତ ହୋଇଛି। ଗାୟତ୍ରୀ ପରିବାର ବ୍ଲକ ସଂଯୋଜକ ପ୍ରମୋଦ କୁମାର ବରାଲ, ବରିଷ୍ଠ ସାଧକ ପ୍ରାଗଜି ଭଗବାନଲାଲ୍ ପଢ଼ିଆରୀ, ଅମେରଶ ପାତ୍ର, ବିଷ୍ଣୁନାରାୟଣ ସାମଲ ସମେତ ଶତାଧିକ ପ୍ରଜ୍ଞାପରିଜନ ଉପସ୍ଥିତ ରହି ତାଙ୍କର ସ୍ମୃତିଚାରଣ କରିଥିଲେ। ତାଙ୍କରି ଉଦ୍ୟମ କ୍ରମେ ଦାନ୍ତିଆ ଗ୍ରାମରେ ବହୁ ଦିନ ବ୍ୟବଧାନରେ ଗାୟତ୍ରୀ ମନ୍ଦିର ପ୍ରତିଷ୍ଠା ହୋଇ ପାରିଥିଲା। ସେ ଗାୟତ୍ରୀ ପରିବାର ଜଣେ ସକ୍ରିୟ ସଦସ୍ୟା ରହିବା ସହ ଗ୍ରାମର ବିଭିନ୍ନ ଧାର୍ମିକ ଏବଂ ସାସ୍କୃତିକ ଅନୁଷ୍ଠାନରେ ସକ୍ରିୟ ଭାବେ ଜଡିତ ଥିଲେ।

ସେଣ୍ଟଜାଭିୟର୍ସ ସ୍କୁଲରେ କ୍ରୀଡ଼ାଉତ୍ସବ ଉଦ୍‌ଯାପିତ

ଛେନାପଦି,୧୬।୧୨(ସମିସ): ହାଟଡିହି ବ୍ଲକ୍ ଅନ୍ତର୍ଗତଃ ଚଣ୍ଡିବିରଞ୍ଚିପୁର ସ୍ଥିତ ସେଣ୍ଟଜାଭିୟର୍ସ ସ୍କୁଲରେ ୯ମ ବାର୍ଷିକୀ କ୍ରୀଡ଼ା ଉତ୍ସବ ଉଦ୍ୟାପିତ ହୋଇଯାଇଛି। ବିଦ୍ୟାଳୟର ଅଧ୍ୟକ୍ଷ ଉଦୟନାଥ କରଙ୍କ ଦ୍ୱାରା ଆୟୋଜିତ କାର୍ଯ୍ୟକ୍ରମରେ ବିଭିନ୍ନ ପ୍ରକାରର କ୍ରୀଡ଼ା ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। କୃତୀ ପ୍ରତିଯୋଗୀଙ୍କୁ ବିଦ୍ୟାଳୟ ପକ୍ଷରୁ ମାନପତ୍ର ଓ ଟ୍ରଫି ପ୍ରଦାନ କରାଯାଇ ଉତ୍ସାହିତ କରାଯାଇଥିଲା। ଉଦ୍‌ଯାପନୀ ଦିବସରେ ବିଦ୍ୟାଳୟର ଅଧ୍ୟକ୍ଷ ଉଦୟନାଥ କରଙ୍କ ଜନ୍ମଦିନଟିକୁ ବିଦ୍ୟାଳୟର ଛାତ୍ରଛାତ୍ରୀ ଓ ଶିକ୍ଷକ-ଶିକ୍ଷୟିତ୍ରୀ ସୁଦୀପ୍ତା ଦାଶ, ସୁଚିତ୍ରା ଦାସ, ତନୁଶ୍ରୀ ତନୟା ପହି, ବ୍ରହ୍ମାନନ୍ଦ ମଲ୍ଲିକ, ଦୟାନିଧି ଚିନିରା, ପ୍ରଶାନ୍ତ କୁମାର ଦାସ, ହିମାଂଶୁ ରଞ୍ଜନ ବାରିକ୍, ରାଜଶ୍ରୀ ସୁଆର, ରଞ୍ଜିତା ଓଝା, ଦେବେନ୍ଦ୍ରନାଥ ପାଢ଼ୀ, ଶୁଭଶ୍ରୀ ପଣ୍ଡା, ଉର୍ମି ମହାନ୍ତି, ବିଷ୍ଣୁପ୍ରିୟା ଦାସ ପ୍ରମୁଖ ଏକ ନିଆରା ଢଙ୍ଗରେ ପାଳନ କରିଥିଲେ।

ଚାରିଗଡ଼ରେ ଯୁବ ବିକାଶ କାର୍ଯ୍ୟକ୍ରମ

ତେଲକୋଇ,୧୬।୧୨(ସମିସ): ତେଲକୋଇ ବ୍ଲକ ଚାରିଗଡ଼ ଡିଗ୍ରୀ ମହା ବିଦ୍ୟାଳୟରେ ଚତୁର୍ଥ ଦିନରେ ସମନ୍ୱିତ ଯୁବ ବିକାଶ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ତେଲକୋଇ ସରପଞ୍ଚ ରଶ୍ମିତା ନାୟକ ଓ ଖୁଣ୍ଟାପଡ଼ା ସରପଞ୍ଚ ଲକ୍ଷ୍ମୀ ମୁଣ୍ଡା ଯୋଗ ଦେଇ ଉଦ୍ଘାଟନ କରିଥିଲେ। ଏଥିରେ ଛାତ୍ରୀମାନେ ର୍ଯାମ୍ପ ଶୋ, ଫୁଡ ଏକ୍ସପୋ, ଏକକ ନୃତ୍ୟ ପରିବେଷଣ କରିଥିଲେ। ଏହି କାର୍ଯ୍ୟକ୍ରମକୁ ଅଧ୍ୟାପକ ଅନିଲ କୁମାର ସାହୁ ପରିଚାଳନା କରିଥିଲେ।

ବାଙ୍ଗୋର ଓଏମ୍‌ସି ପକ୍ଷରୁ ଚାଲିଥିବା ଯୁବ କ୍ରୀଡ଼ା ଉତ୍ସବ ଉଦ୍‌ଯାପିତ

ହାଟଡିହି, ୧୬।୧୨(ସମିସ): ବାଙ୍ଗୋର ଓଏମସି ପକ୍ଷରୁ ବାଙ୍ଗୋର ଖେଳପଡ଼ିଆ ଠାରେ ଦୁଇଦିନ ଧରି ଚାଲିଥିବା ଯୁବ କ୍ରୀଡା ଉତ୍ସବ ଉଦ୍ୟାପିତ ହୋଇଯାଇଛି। ଉଦଯାପନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ସୋସୋ ଥାନା ଅଧିକାରୀ ବିଜୟ କୁମାର ବିହାରୀ ଯୋଗଦେଇ କୃତୀ ପ୍ରତିଯୋଗୀମାନଙ୍କୁ ଟ୍ରଫି ଓ ପୁରସ୍କାର ପ୍ରଦାନ କରିଥିଲେ। ମାଇନ୍ସ ମ୍ୟାନେଜର ସୁଶାନ୍ତ କୁମାର ନାୟକ, ମ୍ୟାନେଜର ମନ୍ମଥ ବେହେରା, ମ୍ୟାନେଜର ଦେବାଶିଷ ନାୟକ, ସୁରକ୍ଷା ଅଧିକାରୀ ସୋମନାଥ ହୋତା ପ୍ରମୁଖ ଯୋଗ ଦେଇଥରଲେ। ଏଥିରେ କ୍ରିକେଟ, ଦୌଡ, କବାଡି, ଫୁଟବଲ, ଖୋଖୋ ଭଳି ଅନେକ କ୍ରୀଡ଼ା ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏଥିରେ ବସନ୍ତ ପଢ଼ିଆରୀ, ମହେଶ ଚନ୍ଦ୍ର ବାରିକ, ସୁବୋଧ କୁମାର ପଣ୍ଡା, ଦୀପକ ପୃଷ୍ଟି ଅକ୍ଷୟ ମଲ୍ଲିକ, ମହେଶ୍ୱର ସାହୁ ଖେଳ ପରିଚାଳନା କରିଥିଲେ। ସିଏସ୍‌ଆର ମଧୁସ୍ମିତା ଦାସ, ମ୍ୟାନେଜର ବ୍ରଜ ମୋହନ ମହାନ୍ତ, ମ୍ୟାନେଜର ସୁକାନ୍ତ କୁମାର ବିଶ୍ୱାଳ, ଅଶୋକ କୁମାର ସ୍ୱାଇଁ, ମ୍ୟାନେଜର ପିଙ୍କି ହେମ୍ବ୍ରମ, ମ୍ୟାନେଜର ସୁମନ ଦାସ ପ୍ରମୁଖ ଉପସ୍ଥିତ ଥିବାବେଳେ ବାଙ୍ଗୋର ଓ ଧନୁର୍ଜୟପୁର ପଞ୍ଚାୟତର ୧୮ରୁ ୨୪ ବର୍ଷ ବୟସର ଯୁବକମାନେ କ୍ରୀଡ଼ା ଉତ୍ସବରେ ସାମିଲ ହୋଇଥିଲେ। ଓଏମସିରେ କାର୍ଯ୍ୟରତ ଜି-୪ଏସ ସିକ୍ୟୁରିଟ ସଂସ୍ଥାର କର୍ମଚାରୀ ମାନେ କାର୍ଯ୍ୟକ୍ରମ ପରିଚାଳନା ଓ ସହଯୋଗ କରିଥିଲେ।

ହୃଦ୍‌ଘାତରେ ଯୁବକଙ୍କ ମୃତ୍ୟୁ

ଆନନ୍ଦପୁର,୧୬।୧୨(ସମିସ): ପୌରପରିଷଦ ଅନ୍ତର୍ଗତ ୪ନଂ ୱାର୍ଡ଼ ଲକ୍ଷ୍ମୀ ବଜାର ସାହିର ଯୁବ ବ୍ୟବସାୟୀ ମାନସ ରଞ୍ଜନ ମହାନ୍ତି (ଚଗୁଲ, ୩୩)ଙ୍କ ହୃଦ୍ଘାତରେ ମୃତ୍ୟୁ ହୋଇଯାଇଛି। ମାନସ ଜଣେ ଶାନ୍ତ ସରଳ ଅମାୟିକ ଯୁବକ ଭାବେ ସମସ୍ତଙ୍କ ନିକଟରେ ପରିଚିତ ଥିଲେ। ତାଙ୍କର ଏହି ଦୁଃଖଦ ବିୟୋଗ ଖବର ଶୁଣି ବିଜେଡି ଜିଲ୍ଲା ଯୁବ ସଭାପତି ରାକେଶ କୁମାର ରାମ, ଯୁବ ସାଧାରଣ ସମ୍ପାଦକ ସତ୍ୟବ୍ରତ ରାମ, ଯୁବନେତା ରାଜା ଦଲେଇ, ମାନବାଧିକାର ସଦସ୍ୟ ରାଜାପ୍ରଭୁ ଦାସ, ସମାଜସେବୀ ମମତାରାଣୀ ଜେନା, କାମିନୀ ସାହୁ, ନିଳମାଧବ ସାହୁ, ଙ୍ଗ. ଶୁଭାଶିଷ ପାଢ଼ୀ, ଦେବାଶିଷ ରାମ, ରାଜା ସିଂ, ମାନସ ରଞ୍ଜନ ବାରି, ସୋମନାଥ ମିଶ୍ର, ଫୁଲୁଲୁ ଦାସ, ପୁପୁନ୍ ସାହୁ, ବିଜୁ ଦଲେଇ, ଅମନ ବେଜ୍, ଓମ୍ ପ୍ରକାଶ ପାତ୍ର, ଲିପୁନ୍ ହୋତା, ଲିଟୁ ରାମ, ଶୁଭଶ୍ରୀ ରାମ ପ୍ରମୁଖ ତାଙ୍କ ବାସଭବନରେ ପହଞ୍ଚି ଶେଷ ଦର୍ଶନ କରିବା ସହ ଶୋକ ସନ୍ତପ୍ତ ପରିବାରକୁ ସମବେଦନା ଜଣାଇଥିଲେ। ତାଙ୍କର ମର ଶରୀରକୁ ଏକ ଶୋଭାଯାତ୍ରାରେ ଆନନ୍ଦପୁର ସହର ପରିକ୍ରମା କରାଯାଇ ପୂଣ୍ୟତୋୟା ବୈତରଣୀ ନଦୀ ଶ୍ମଶାନ ଘାଟରେ ସତ୍କାର କରାଯାଇଥିବାର ଦେଖାଯାଇଛି।

ଜେଏସ୍‌ପି ଫାଉଣ୍ଡେସନ ଦ୍ୱାରା କୃତୀ ଛାତ୍ରଛାତ୍ରୀଙ୍କୁ ଆର୍ଥିକ ସହାୟତା

କେନ୍ଦୁଝର/ଯୋଡ଼ା/ବଡ଼ବିଲ,୧୬।୧୨(ସମିସ): ଜିନ୍ଦଲ ଷ୍ଟିଲ ଏଣ୍ଡ ପାୱାର କମ୍ପାନୀର ସାମାଜିକ ସଂଗଠନ ଜେଏସ୍ପି ଫାଉଣ୍ଡେସନ ପକ୍ଷରୁ ଧବଳେଶ୍ୱର ସରକାରୀ ଉଚ୍ଚ ବିଦ୍ୟାଳୟର ଦଶମ ଶ୍ରେଣୀ ପରୀକ୍ଷାରେ କୃତକାର୍ଯ୍ୟ ଛାତ୍ରଛାତ୍ରୀଙ୍କୁ ନଗଦ ଆର୍ଥିକ ସହାୟତା ପ୍ରଦାନ କରାଯାଇଛି। ଆଦିବାସୀ ବହୁଳ ଅଞ୍ଚଳରେ ଶିକ୍ଷାର ପ୍ରଚାର ପ୍ରସାର ନିମନ୍ତେ କମ୍ପାନୀ ଏକ ଛୋଟ ପ୍ରୟାସ ଜାରି ରଖିଛି। ଶିକ୍ଷାବର୍ଷ ୨୦୨୨-୨୩ ଦଶମ ଶ୍ରେଣୀରୁ ଶତକଡା ୬୦ ପ୍ରତିଶତରୁ ଉଦ୍ଧର୍ ନମ୍ବର ରଖି କୃତକାର୍ଯ୍ୟ ହୋଇଥିବା ୩୨ ଜଣ ଛାତ୍ରଛାତ୍ରୀଙ୍କୁ ନଗଦ ୫୦୦୦ ଟଙ୍କା ପ୍ରଦାନ କରାଯାଇଥିଲା। କାରଖାନା ପରିସରରେ ଥିବା ଜେଏସ୍ପି ମଲ୍ଟିପ୍ଲେକ୍ସରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ରୂପେ ପ୍ଲାଣ୍ଟ ମୁଖ୍ୟ ପୁରୁଷୋତ୍ତମ ଏମ୍ଟି ଯୋଗଦେଇ ଥିବା ବେଳେ ସମ୍ମାନିତ ଅତିଥି ରୂପେ କମ୍ପାନୀର ମାନବ ସମ୍ବଳ ମୁଖ୍ୟ ଆଶିଷ ରଞ୍ଜନ ମହାନ୍ତି, ଶିକ୍ଷାବିତ ନୀଳାଦ୍ରି ବିହାରୀ ମିଶ୍ର ପ୍ରମୁଖ ଯୋଗଦେଇ ଛାତ୍ରଛାତ୍ରୀ ମାନଙ୍କୁ ପାଠର ମହତ୍ୱ ସମ୍ପର୍କରେ ବୁଝାଇ କହିଥିଲେ। ଏହି କାର୍ଯ୍ୟକ୍ରମରେ ଯୋଡ଼ା ବ୍ଲକ ଅତିରିକ୍ତ ଶିକ୍ଷା ଅଧିକାରୀ ପ୍ରଶାନ୍ତ କୁମାର

ସେଠୀ ଯୋଗଦେଇ ଜେଏସ୍ପି ଫାଉଣ୍ଡେସନର ଶିକ୍ଷା ଓ ପିଲାଙ୍କ ଉନ୍ନତି ପ୍ରତି ଥିବା ଭଲପାଇବାକୁ ପ୍ରଶଂସା କରିଥିଲେ। ଜେଏସ୍ପି ଫାଉଣ୍ଡେସନ ବିଗତ ୧୨ ବର୍ଷ ଧରି ଉକ୍ତ କାର୍ଯ୍ୟକ୍ରମ ଜାରି ରଖିଥିବା ବେଳେ ପ୍ରାୟ ୪୦୦ ପିଲାଙ୍କୁ ଉଚ୍ଚଶିକ୍ଷା ନିମନ୍ତେ ପ୍ରୋତ୍ସାହନ ଦେଇ ଆସୁଛି।

ଅଧାରୁ ପାଠ ଛାଡ଼ିଥିବା ବିଦ୍ୟାର୍ଥୀଙ୍କୁ ପୁନଃ ଶିକ୍ଷାଦାନ କର୍ମଶାଳା

ଆନନ୍ଦପୁର,୧୬।୧୨(ସମିସ): ଆନନ୍ଦପୁର ରୋଟାରୀ କ୍ଲବ ପକ୍ଷରୁ ବଳଭଦ୍ର ନାରାୟଣ ଉଚ୍ଚ ବିଦ୍ୟାଳୟର ସଭାଗୃହରେ ଉପଖଣ୍ଡର ବିଭିନ୍ନ ହାଇସ୍କୁଲର ପ୍ରଧାନ ଶିକ୍ଷକଙ୍କୁ ନେଇ ଅଧାରୁ ପାଠ ଛାଡିଥିବା ଛାତ୍ରଛାତ୍ରୀଙ୍କୁ ପୁନଃ ଶିକ୍ଷାଦାନ କରିବା ଉଦ୍ଦେଶ୍ୟରେ ଏକ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଆନନ୍ଦପୁର ରୋଟାରୀ କ୍ଲବର ସଭାପତି ପ୍ରଫେସର ଗଙ୍ଗାଧର ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କର୍ମଶାଳାରେ ମୁଖ୍ୟଅତିଥି ଭାବେ କେନ୍ଦୁଝର ଏଡିଇଓ ଡ. ଜଗବନ୍ଧୁ ସାହୁ ଯୋଗ ଦେଇ କାର୍ଯ୍ୟକ୍ରମକୁ ଉଦଘାଟନ କରିଥିଲେ। ସମ୍ମାନୀତ ଅତିଥି ଭାବେ ରୋଟାରୀ କ୍ଲବର ଏସସି ଗଭର୍ଣ୍ଣର ମାଙ୍ଗିଲାଲ ବଳଦେବା, କେନ୍ଦୁଝର ରୋଟାରୀ କ୍ଲବର ସଭାପତି ବିଶ୍ୱପ୍ରକାଶ ଭଟ୍ଟାଚାର୍ଯ୍ୟ, ଆନନ୍ଦପୁର ରୋଟାରୀ କ୍ଲବର ସଦସ୍ୟ ଡ. ନରେନ୍ଦ୍ର ପ୍ରସାଦ ସାହୁ, ଆଇନଜିବୀ ଚିତ୍ତରଞ୍ଜନ ଦାଶ, ଆନନ୍ଦପୁର ମହାବିଦ୍ୟାଳୟର ପୂର୍ବତନ ଅଧ୍ୟକ୍ଷ ଡ.

ଦୌଡ଼କୁଦ ପ୍ରତିଯୋଗିତାରେ ପାଟଣା କଲେଜ ଚାମ୍ପିଅନ

ପାଟଣା, ୧୬।୧୨(ସମିସ): ମହାରାଜା ଶ୍ରୀରାମ ଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟ ଆନୁକୂଲ୍ୟରେରେ ବାଙ୍ଗିରିପଶି ଲକ୍ଷ୍ମୀକାନ୍ତ ମହାବିଦ୍ୟାଳୟରେ ଅନୁଷ୍ଠିତ ହୋଇଥିବା ଆନ୍ତ ମହାବିଦ୍ୟାଳୟ ଦୌଡକୁଦ ପ୍ରତିଯୋଗିତାରେ ପାଟଣା ଆଞ୍ଚଳିକ ମହାବିଦ୍ୟାଳୟ ଚାମ୍ପିଆନ ହୋଇଛି। ମହାବିଦ୍ୟାଳୟର ଛାତ୍ରୀ ସୁଖୀ ବାସ୍କେ ୧୦୦ ମିଟର, ୨୦୦ ମିଟର,୪୦୦ ମିଟର ଏବଂ ଲମ୍ବୁଡିଆଁ ରେ ପ୍ରଥମ ସ୍ଥାନ ଅଧିକାର କରିଥିଲେ। ସେହିପରି ପ୍ରତିମା କାର୍ଜି, ଝୁନା ସିଂ, ଧରିତ୍ରୀ ମହାନ୍ତ, ସରସ୍ୱତୀ ମହାନ୍ତ, ଆଶୁତୋଷ ଦାଶ, ସୁଶାନ୍ତ ମହାନ୍ତ, ବିକାଶ ନାଏକ, ପୁର୍ଣ୍ଣଚନ୍ଦ୍ର ମାଝୀ, ରମିଲ ଟୁଡୁ ବିଭିନ୍ନ କ୍ରୀଡା ପ୍ରତିଯୋଗିତାରେ କୃତିତ୍ୱ ଅର୍ଜନ କରି କଲେଜକୁ ଚାମ୍ପିଆନ ଆଖ୍ୟା କରାଇଥିଲେ। ଏଥିପାଇଁ ମହାବିଦ୍ୟାଳୟର ଅଧକ୍ଷ ବିରେନ୍ଦ୍ର କୁମାର ସାହୁ, ଅଧ୍ୟାପକ ଅଶ୍ୱିନୀ କୁମାର ସାହୁ, ରତ୍ନାକର ମହାକୁଡଙ୍କ ସମେତ ସମସ୍ତ ଅଧ୍ୟାପକ ଅଧ୍ୟାପିକା ଓ କର୍ମଚାରୀ ମାନେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରଛାତ୍ରୀଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। ସୂଚନା ଯୋଗ୍ୟ ଯେ ପାଟଣା ଆଞ୍ଚଳିକ ମହାବିଦ୍ୟାଳୟ ଅଷ୍ଟମ ଥର ପାଇଁ ଆନ୍ତଃ ମହାବିଦ୍ୟାଳୟ ଦୌଡ଼କୁଦ ପ୍ରତିଯୋଗିତାରେ ଚାମ୍ପିଅନ ହେବାର ଗୌରବ ଅର୍ଜନ କରିଛି। ଏଥିପାଇଁ ମହାବିଦ୍ୟାଳୟର କ୍ରୀଡ଼ା ଶିକ୍ଷକ କ୍ୟାପଟେନ ଧର୍ମେନ୍ଦ୍ର କୁମାର ସାହୁଙ୍କୁ ଶୁଭେଚ୍ଛାର ସୁଅ ଛୁଟିଛି।

ମଶାଧୂଆଁରେ ଅଣନିଶ୍ୱାସୀ ହୋଇ ସୁରକ୍ଷାକର୍ମୀ ମୃତ

ସାଙ୍ଗରେ ଶୋଇଥିବା ଡ୍ରାଇଭର ଗୁରୁତର

କେନ୍ଦୁଝର,୧୬।୧୨ (ସମିସ): ମଶାଧୂଆଁରେ ଅଣନିଶ୍ୱାସୀ ହୋଇ ସୁରକ୍ଷାକର୍ମୀଙ୍କ ମୃତ୍ୟୁ ଘଟିଥିବା ବେଳେ ଜଣେ କାର୍ ଚାଳକ ଗୁରୁତର ହୋଇଛନ୍ତି। ମୃତକ ଜଣଙ୍କ ହେଲେ ହରିଚନ୍ଦନପୁର ବ୍ଲକ କୁମାରନାଳୀ ଗ୍ରାମର ସହଦେବ ମହାନ୍ତ। ସାଙ୍ଗରେ ଶୋଇଥିବା ଡ୍ରାଇଭର ବାରିଆ ଥାନା ବର୍ଦ୍ଧନା ଗ୍ରାମର ସୁରେନ୍ଦ୍ର ମାଝୀ(୩୦)। ସୂଚନା ମୁତାବକ, ଏକ ଘରୋଇ କମ୍ପାନୀର କାର୍ଯ୍ୟାଳୟ ଗୃହରେ ସୁରକ୍ଷାକର୍ମୀ ସହଦେବ ଓ କାର୍ ଚାଳକ ଶୋଇଥିଲେ। ରାତିରେ ଶୋଇବା ସମୟରେ ମଶାଙ୍କଠାରୁ ବଞ୍ଚିବାକୁ ୨ଟି ମଶାଧୂଆଁ ଷ୍ଟିକ୍ ଲଗାଇ କବାଟ ଝରକା ବନ୍ଦ କରି ଶୋଇ ପଡ଼ିଥିଲେ। ଆଖି ଖୋଲିବା ପରେ ସେ ନିଜକୁ ଡାକ୍ତରଖାନାରେ ପାଇଥିଲେ। ତାଙ୍କୁ ଚିକିତ୍ସା କରୁଥିବା ଡାକ୍ତରଙ୍କ କହିବା କଥା ଆଜି ତାଙ୍କୁ ଚେତାଶୂନ୍ୟ ଅବସ୍ଥାରେ କେନ୍ଦୁଝର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା ଓ ଅନ୍ୟ ଜଣକ ମୃତ ଅବସ୍ଥାରେ ଭର୍ତ୍ତି ହୋଇଥିଲେ। ଗୁରୁତର ସୁରେନ୍ଦ୍ର କିଛି ବିଷାକ୍ତ ଧୂଆଁ ନିଶ୍ୱାସରେ ନେଇଥିବାରୁ ଏପରି ହୋଇଥିଲା। ଏବେ ତାଙ୍କର ସ୍ୱାସ୍ଥ୍ୟ ଅବସ୍ଥା ସ୍ଥିର ଅଛି। ମୃତକଙ୍କ ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ମୃତ୍ୟୁର କାରଣ ଜଣାଯିବ ବୋଲି ପୁଲିସ୍ କହିଛି।

ଫକୀରପୁର ସେବା ସମବାୟ ସମିତିରେ ଓଜନ କଣ୍ଟାପୂଜା

ଆନନ୍ଦପୁର,୧୬।୧୨(ସମିସ): ଆନନ୍ଦପୁର ପୌର ପରିଷଦ ଅନ୍ତର୍ଗତ ଫକୀରପୁର ସେବା ସମବାୟ ସମିତି ପକ୍ଷରୁ ଓଜନ କଣ୍ଟା ପୁଜାର୍ଚ୍ଚନା କରାଯାଇଛି। ଫକୀରପୁର ସେବା ସମବାୟ ସମିତିର ସଭାପତି ସଞ୍ଜୟ କୁମାର ମଲିକଙ୍କ ଉପସ୍ଥିତିରେ ଧାନ ଓ ଓଜନ କଣ୍ଟାର ପୂଜାର୍ଚ୍ଚନା କରାଯାଇ ମଣ୍ଡି ଉଦ୍ଘାଟନ କରାଯାଇଥିଲା। ସମିତିର ସମ୍ପାଦକ ଦୟାନିଧି ଦାସ କାର୍ଯ୍ୟକ୍ରମକୁ ସଞ୍ଚାଳନା କରିଥିବା ବେଳେ ସମିତିର ନିର୍ଦ୍ଦେଶକ ଶ୍ରୀଧର ମଲିକ, ଅଭିମନ୍ୟୁ ଦାସ, ନରେନ୍ଦ୍ର ସୁତାର, ସଞ୍ଜୟ ଓଝା, କପିଳେନ୍ଦ୍ର ମଲିକ, ଗଦାଧର ଗୁଇଁ, ଅମୂଲ୍ୟ ଜେନା, ପ୍ରଦୀପ ଦେହୁରୀ, ବେଣୁଧର ନାୟକ, ମାଣିକ ବେହେରା, ସୌଦାମିନୀ ଦାସ ପ୍ରମୁଖ ଉପସ୍ଥିତ ଥିଲେ। ସମିତିର କର୍ମଚାରୀ ସୁବାସ କୁମାର ଦାସ, ଚିନ୍ମୟ କୁମାର ସେଠୀ, ପଦ୍ମଲୋଚନ ମଳିକ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ। ୩୧୭ ଜଣ ଚାଷୀ ଧାନ ବିକ୍ରି ପାଇଁ ପଞ୍ଜୀକରଣ କରିଥିବା ବେଳେ ୬୨୦୮ କ୍ୱିଣ୍ଟାଲ ଧାନ ସମିତି ପକ୍ଷରୁ କ୍ରୟ କରାଯିବା ପାଇଁ ଧାର୍ଯ୍ୟ ଥିବାର ଜଣାଯାଇଛି। ଏଫ୍‌ଏକ୍ୟୁ ଧାନ କ୍ୱିଣ୍ଟାଲ ପିଛା ୨୧୮୩ ଟଙ୍କା ରହିଥିବା ବେଳେ ଗ୍ରେଡ୍-ଏ ଧାନ ୨୨୦୩ ଟଙ୍କା ଧାର୍ଯ୍ୟ ରହିଥିବାର ସମ୍ପାଦକ ଶ୍ରୀଯୁକ୍ତ ଦାସ ପ୍ରକାଶ କରିଛନ୍ତି।

ବୋଦା ଚୋରକୁ ବାନ୍ଧିଲା ପୁଲିସ

ଘସିପୁରା,୧୬।୧୨(ସମିସ): ରାମଚନ୍ଦ୍ରପୁର ଥାନା ନୂଆଗାଁରୁ ବୋଦା ଚୋରି କରି ବନ୍ଧା ହେଲା ଯୁବକ। ନୂଆଗାଁର ପଦ୍ମନାଭ ସାହୁଙ୍କ ଛେଳି ଫାର୍ମରୁ ଗତ ସପ୍ତାହରେ ଏକ ମୂଲ୍ୟବାନ ବୋଦା (ଛେଳି) ଚୋରି ହୋଇଥିଲା। ଯାହାର ମୂଲ୍ୟ ୫୦ ହଜାର ଟଙ୍କାରୁ ଊର୍ଦ୍ଧ୍ୱ ହେବ। ଚୋରି ସମ୍ବନ୍ଧରେ ପଦ୍ମନାଭ ରାମଚନ୍ଦ୍ରପୁର ଥାନାରେ ଲିଖିତ ଅଭିଯୋଗ କରିବା ପରେ ପୁଲିସ ୨୯୬/୨୩ ରେ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ କରିଥିଲା। ତଦନ୍ତ ସମୟରେ ଛେଳି ଫାର୍ମରେ ଲାଗିଥିବା ସିସିଟିଭି ଫୁଟେଜରୁ ସୁରାକ ପାଇ ପୁଲିସ ସେହି ଗ୍ରାମର ଅକ୍ଷୟ ସାହୁ(୨୨) ନାମକ ଜଣେ ଯୁବକଙ୍କୁ ଥାନାକୁ ଆଣି ପଚାରା ଉଚାର କରିବା ପରେ ଅଭିଯୁକ୍ତ ନିଜ ଦୋଷ ସ୍ୱୀକାର କରିଥିଲା। ବୋଦାଟିକୁ ଯାଜପୁର ଜିଲ୍ଲା ପୂର୍ବକୋଟ (କନ୍ତୋର) ହାଟରେ ମାତ୍ର ୫ ହଜାର ଟଙ୍କାକୁ ବିକ୍ରି କରିଥିବା ସେ କହିଥିଲା। ଏଥିସହ କିଛି ଦିନ ତଳେ ନୂଆଗାଁ ଛକର ଏକ ହୋଟଲରୁ ଗ୍ୟାସ ସିଲିଣ୍ଡର ଏବଂ କୋଳିପାଳ ଗ୍ରାମର ଜଣେ ବ୍ୟକ୍ତିଙ୍କ ଘର ତାଲା ଭାଙ୍ଗି ଲୁଟ୍ ଉଦ୍ୟମ କରିଥିବା ନେଇ ସେ ମାନିଥିଲା। ରାମଚନ୍ଦ୍ରପୁର ଥାନା ଅଧିକାରୀ ବିଜୟ କୁମାର ସିଂହଙ୍କ ନିର୍ଦ୍ଦେଶ କ୍ରମେ ଏଏସଆଇ ଯୋଗେନ୍ଦ୍ର ଖଣ୍ଡୁଆଳ ଅଭିଯୁକ୍ତ ଯୁବକଙ୍କୁ ଗିରଫ କରି ଆଜି କୋର୍ଟ ଚାଲାଣ କରିଥିବା ଜଣାପଡ଼ିଛି। ସେପଟେ ଅଭିଯୁକ୍ତର ଜାମିନ ନାମଞ୍ଜୁର ହେବାରୁ ଆନନ୍ଦପୁର ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଥିବା ସୂଚନା ମିଳିଛି।

ବ୍ଲକସ୍ତରୀୟ ଜନଜାତି କ୍ରୀଡ଼ା ଓ ସାଂସ୍କୃତିକ ସମାରୋହ ଉଦ୍‌ଯାପିତ

ଫୁଟବଲରେ ଟିଲଗଡ଼ିଆ, ନାଚରେ ନୂଆବାଲିପାଳ ଚାମ୍ପିଅନ

ହାଟଡିହି,୧୬।୧୨(ସମିସ): ହାଟଡିହି ବ୍ଲକ ଓରାଳିରେ ବ୍ଲକସ୍ତରୀୟ ଜନଜାତି କ୍ରୀଡ଼ା ଓ ସାଂସ୍କୃତିକ ସମାରୋହ ଉଦ୍‌ଯାପିତ ହୋଇଯାଇଛି। ଜିଲ୍ଲା ସ୍ୱତନ୍ତ୍ର ଉନ୍ନୟନ ପରିଷଦ ପକ୍ଷରୁ ଅୟୋଜିତ ଏହି କାର୍ଯ୍ୟକ୍ରମକୁ ବିଡିଓ ସୌମ୍ୟଶ୍ରୀ ପାଣିଗ୍ରାହୀ ଓ ବ୍ଲକ ଅଧକ୍ଷା ସାବିତ୍ରୀ ସେଠୀ ଉଦ୍ଘାଟନ କରିଥିଲେ। ଶନିବାର ଉଦ୍ୟାପନୀ କାର୍ଯ୍ୟକ୍ରମରେ ୨୦ଟି ଫୁଟବଲ ଟିମ୍ ଯୋଗଦେଇଥିବା ବେଳେ ସେଥିମଧ୍ୟରୁ ଟିଲଗଡ଼ିଆ ଓ ବୀଣାପାଟିଆ ମଧ୍ୟରେ ଫାଇନାଲ ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା।। ଦୁଇ ଟିମ୍ କେହି କାହାକୁ ଗୋଲ୍ ଦେଇପାରିନଥିବାରୁ ପେନାଲଟି ସଟ୍ କରାଯାଇଥିଲା। ଏଥିରେ ୪-୩ ଗୋଲ୍ରେ ଟିଲଗଡ଼ିଆ ଟିମ୍ ବିଜୟ ହୋଇ ଚାମ୍ପିଅନ ହୋଇଥିଲା। ସେହିପରି ଆଦିବାସୀଙ୍କ ନାଚ, ଗୀତ, ବାଜାରେ ୬ଟି ଟିମ୍ ଭାଗନେଇଥିବା ବେଳେ ସେଥିମଧ୍ୟରୁ ନୂଆବାଲିପାଳ (ତଅଁଳ) ଚାମ୍ପିଅନ ହୋଇଥିଲା। ପୁରସ୍କାର ବିତରଣୀ ଉତ୍ସବରେ ବିଡିଓ ସୌମ୍ୟଶ୍ରୀ ପାଣିଗ୍ରାହୀ, ବ୍ଲକ ଅଧକ୍ଷା ସାବିତ୍ରୀ ସେଠୀ, ଜିଲ୍ଲା ସ୍ୱତନ୍ତ୍ର ଉନ୍ନୟନ ପରିଷଦର ଉପାଧକ୍ଷ ନାରଣ ପୂର୍ତ୍ତି, ଯୁବ ସମାଜସେବୀ ଅଭିମନ୍ୟୁ ସେଠୀ, ଓରାଳି ସରପଞ୍ଚ ହରିଶ୍ଚନ୍ଦ୍ର ଜେନା, ସ୍ୱତନ୍ତ୍ର ଉନ୍ନୟନ ପରିଷଦର ସଦସ୍ୟ ଦୁର୍ଯ୍ୟୋଧନ ନାଏକ, ଆଇଟିଡିଏ ଯନ୍ତ୍ରୀ ବିଜୟ କୁମାର ପାଟିଲ, ତାରିଣୀସେନ ସେନାପତି, ସରପଞ୍ଚ ପ୍ରତିନିଧି ବାବୁଲା କାଣ୍ଡି, ନାଏବ ସରପଞ୍ଚ କୁନ୍ତଳା ଜେନା ପ୍ରମୁଖ ଯୋଗଦେଇଥିଲେ। ବ୍ଲକ ମଙ୍ଗଳ ଅଧିକାରୀ ଆକାଶ କୁମାର ଜେନା କାର୍ଯ୍ୟକ୍ରମକୁ ସଂଯୋଜନା କରିଥିବାବେଳେ ଫୁଟବଲ ଖେଳକୁ ବ୍ରଜ ସୋରେନ, କାଳନ୍ଦି ମୁର୍ମୁ, ସୁନୀଲ କୁମାର ଟୁଡୁ, ମାନସ ଟୁଡୁ, ମଝିଆଁ ମୁର୍ମୁ, ସୁଶାନ୍ତ କୁମାର ସାମଲ ପରିଚାଳନା କରିଥିଲେ।

କ୍ରୀଡ଼ା ପ୍ରୋତ୍ସାହନ ଓ ସାମାଜିକ ସଚେତନତା

ହାତୀ ମଣିଷ ବିବାଦ ସମାଧାନ ପାଇଁ ଆଲୋଚନା

ଚମ୍ପୁଆ,୧୬।୧୨(ସମିସ)

ଚମ୍ପୁଆ ଚନ୍ଦ୍ରଶେଖର ମହାବିଦ୍ୟାଳୟ ଚମ୍ପୁଆ ଠାରେ 'ନୂଆ ଓ' ଯୁବ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମ ଅନୁଯାୟୀ ଆଜି ଉଭୟ କ୍ରୀଡା ବିଭାଗ ଓ ସାମାଜିକ ସେବା ଓ ସଚେତନତାର କ୍ରିୟା କଳାପ ଅନୁଷ୍ଠିତ ହୋଇଯାଇଛି। କ୍ରୀଡ଼ା ବିଭାଗରେ ଆନୁଷ୍ଠାନିକ ଭାବେ ଆନ୍ତଃ ଶ୍ରେଣୀ ପ୍ରତିଯୋଗିତାରେ ଅଧକ୍ଷ ରାଜେନ୍ଦ୍ର କୁମାର କର ଉଦ୍ଘାଟନ କରିଥିଲେ। ଏହା ସହିତ 'ହାତୀ ମଣିଷ ବିବାଦ: ପ୍ରତିଷେଧକ ଓ ସତର୍କତା' ସମ୍ପର୍କିତ ସାମାଜିକ ସେବା ଆନୁକୂଲ୍ୟରେ ଏକ ସଭା ଆୟୋଜିତ ହୋଇଥିଲା। ଏହି ସଭାରେ ମୁଖ୍ୟଅତିଥି ଭାବେ ସ୍ଥାନୀୟ ନିକଲସନ୍ ବନ ପ୍ରଶିକ୍ଷଣ ବିଦ୍ୟାଳୟ ବନ ବିଭାଗ ସହସଂରକ୍ଷକ ସତ୍ୟବ୍ରତ ମହାନ୍ତି ଯୋଗଦେଇ ଅନେକ ହାତୀ ମଣିଷ ବିବାଦର ସତର୍କତା ସମ୍ପର୍କରେ ଆଲୋକପାତ କରିଥିଲେ। କିପରି ମଣିଷ ହାତୀର ବୁଦ୍ଧିମତା ସହିତ ପ୍ରକୃତି ଅବକ୍ଷୟ ହେଲା ପରଠୁଁ ବିବାଦ ବଢ଼ି ଚାଲିଛି ତାହା ଛାତ୍ରଛାତ୍ରୀଙ୍କୁ ଉଦ୍ବୋଧନ ଦେଇଥିଲେ। ଅନ୍ୟତମ ସମ୍ମାନିତ ଅତିଥି ଭାବେ ବନ ବିଭାଗ ରେଞ୍ଜର ଅକ୍ଷୟ ଛତ୍ରିଆ ଯୋଗଦେଇ ବିବାଦର ସତର୍କତା କିପରି ଅବଲମ୍ବନ କଲେ ମଣିଷ ସୁରକ୍ଷିତ ରହି ପାରିବ ତାହା ଆଲୋଚନା କରିଥିଲେ। ଏହା ସହିତ ସରକାରଙ୍କ ପ୍ରୟାସରେ ବିଭିନ୍ନ କ୍ଷତିଗ୍ରସ୍ତ ହେଉଥିବା ଜନଜୀବନ ତଥା ଫସଲ ନଷ୍ଟର ରାଶି ଅବିଳମ୍ବେ କିପରି ପ୍ରଦାନ ହୋଇଥାଏ ତାହା ସଚେତନ କରାଇଥିଲେ। ଏହି ସଭାରେ ଅଧକ୍ଷ ରାଜେନ୍ଦ୍ର କୁମାର କର ପ୍ରାରମ୍ଭିକ ସୂଚନା ଦେଇ 'ନୂଆ ଓ' କାର୍ଯ୍ୟକ୍ରମର ଦିଗ ସମ୍ପର୍କରେ ସୂଚନା ଦେଇଥିଲେ। ନୋଡାଲ ଅଧିକାରୀ ପ୍ରଶାନ୍ତ କୁମାର ନନ୍ଦ ଅତିଥି ପରିଚୟ ପ୍ରଦାନ କରିଥିଲେ। ଡ. ସୁନୀଲ କୁମାର ସାହୁ କାର୍ଯ୍ୟକ୍ରମର ପ୍ରସ୍ତୁତିରେ ବିଷୟର ବକ୍ତବ୍ୟ ଉଲ୍ଲେଖ କରିଥିଲେ। ନୋଡାଲ ଅଧିକାରୀ ସ୍ୱାଧୀନ କୁମାର ସିଂହ ସମେତ ଅଧ୍ୟାପକ ପୂର୍ଣ୍ଣଚନ୍ଦ୍ର ଗିରି, ଅଧ୍ୟାପିକା ରିତା ଚତର, ରଶ୍ମିରେଖା ବେହେରା, ଦୀପ୍ତି ନନ୍ଦ ପ୍ରମୁଖ ସହଯୋଗ କରିଥିଲେ। ଛାତ୍ରୀ ତେଜସ୍ୱିନୀ ମହାନ୍ତ, ବିନ୍ଦୁ ରେଖା ପ୍ରଧାନ, ପୂଜା ଘଣା ପୁଷ୍ପଗୁଚ୍ଛ ଦେଇ ଅତିଥି ମାନଙ୍କୁ ସ୍ୱାଗତ କରିଥିଲେ। ଶେଷରେ ନୋଡାଲ ଅଧିକାରୀ ଚମ୍ପେଶ୍ୱର ମିଶ୍ର ଧନ୍ୟ ବାଦ ଜ୍ଞାପନ କରିଥିଲେ। ସେହିପରି ଖେଳ ପରିଚାଳନା ରେ ସଚିନ କୁଲୁ, ଦେବାଶିଷ ମହାନ୍ତ, ରଣା ପ୍ରତାପ ଦାସ ପୂନମ ହର ସହଯୋଗ କରିଥିଲେ।

ସ୍ୱାମୀ ବିବେକାନନ୍ଦ ଲୋକ ସଂସଦର ଆଭାସୀ ପାଠଚକ୍ର

ଆନନ୍ଦପୁର,୧୬।୧୨(ସମିସ): ସ୍ୱାମୀ ବିବେକାନନ୍ଦ ଲୋକ ସଂସଦ ଆନୁକୂଲ୍ୟରେ ଏକ ଆଭାସୀ ପାଠଚକ୍ର ଅନୁଷ୍ଠିତ ହୋଇଯାଇଛି। ଆମେରିକାରେ ଅବସ୍ଥାପିତ ଓଡ଼ିଶାର ସୁନାମଧନ୍ୟ ବୈଜ୍ଞାନିକ ଡ. ବିଜୟ କୁମାର ଦାଶ ଭଗବତ ଗୀତାର କର୍ମ ସନ୍ୟାସ ଯୋଗ ଓ ସନାତନ ଧର୍ମର ଭୂମିକା ସମ୍ପର୍କରେ ଆଲୋଚନା କରିଥିଲେ। ଅଧ୍ୟାପକ ବିଜୟ କୁମାର ସାହୁଙ୍କ ତତ୍ତ୍ୱାବଧାନରେ ସଂଯୋଜକ ଭାବେ ପ୍ରଧାନ ଶିକ୍ଷକ ସୁରେନ୍ଦ୍ର କୁମାର ଜେନା ଏହି କାର୍ଯ୍ୟକ୍ରମକୁ ସଞ୍ଚାଳନା କରିଥିଲେ। ପ୍ରାରମ୍ଭରେ ସୁଶ୍ରୀ ହେନାରାଣୀ ବେଦମନ୍ତ୍ର ଉଚାରଣ କରିବା ପରେ ଶୁଭଶ୍ରୀ ଓଝା ବିବେକ ବାଣୀ ପଠନ କରିଥିଲେ। କାର୍ଯ୍ୟକ୍ରମରେ ରାଜ୍ୟ ଉପସଭାପତି ପ୍ରଫେସର ପ୍ରଳୟ କୁମାର ନନ୍ଦ, ସଂଗଠନ ସମ୍ପାଦକ ପ୍ରଫେସର ଚିତ୍ତରଞ୍ଜନ ନାୟକ, ପ୍ରଫେସର ରାମଚନ୍ଦ୍ର ପଲେଇ, ଜିଲ୍ଲା ସଭାପତି ଡ. ବିମ୍ବାଧର ବେହେରା, କୈଳାସ ଚନ୍ଦ୍ର ନନ୍ଦଙ୍କ ସମେତ ୧୦୦ରୁ ଊର୍ଦ୍ଧ୍ୱ ସଦସ୍ୟ ଏହି ଆଭାସୀ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଶେଷରେ ରଘୁନାଥ ପଣ୍ଡା ଧନ୍ୟବାଦ ଅର୍ପଣ କରିବା ପରେ ନାରାୟଣ ବୋଇତେଇ ଶାନ୍ତିପାଠ କରିଥିଲେ।



ଜିଲ୍ଲାରେ ହାଡ଼ ଭଙ୍ଗା ଶୀତ; ଶିମିଳିପାଳରେ ତାପମାତ୍ରା ୧ ଡିଗ୍ରୀ

କ୍ୟାମ୍ପ ଗୃହ ଓ ଘାସ ଗାଲିଚା ଉପରେ ତୁହିନର ଆସ୍ତରଣ

ସନ୍ଧ୍ୟା ହେଲେ ରାସ୍ତାଘାଟ ଶୂନ୍‌ଶାନ

ବାରିପଦା, ୧୬।୧୨(ସମିସ)

ପ୍ରବଳ ଜାଡରେ ଥରୁଛି ମୟୂରଭଞ୍ଜ ଜିଲ୍ଲା। ପ୍ରବଳ ଥଣ୍ଡା ପ୍ରବଳ ଅନୁଭୂତ ହେଉଥିବାରୁ ସାଧାରଣ ଜୀବନଯାତ୍ରା ପ୍ରଭାବିତ ହୋଇଛି। ତେବେ ଏଥିରୁ ବର୍ତ୍ତି ପାରିନାହିଁ ଶିମିଳିପାଳ ଅଭୟାରଣ୍ୟ। ବର୍ଷା ପରେ ଗତ ୪/୫ ଦିନ ଧରି ଜିଲ୍ଲାରେ ଶୀତର ପ୍ରକୋପ ବୃଦ୍ଧି ପାଉଥିବା ବେଳେ ଶିମିଳିପାଳରେ ଶୁକ୍ରବାର ରାତିରେ ସର୍ବନିମ୍ନ ତାପମାତ୍ରା ୧ ଡିଗ୍ରୀ ସେଲସିୟସ ରେକର୍ଡ ହୋଇଛି। ସନ୍ଧ୍ୟା ହେବାମାତ୍ରେ ଗାଁରୁ ସହର ସବୁଠି ରାସ୍ତାଘାଟ ଶୂନଶାନ। ଶୀତରୁ ରକ୍ଷା ପାଇବା ଲାଗି ଲୋକେ ନିଆଁ ଜାଳି ଘଣ୍ଟା ଘଣ୍ଟା ଧରି ବସି ରହୁଛନ୍ତି। ଶିମିଳିପାଳ ଅଭୟାରଣ୍ୟର ପର୍ବତମାଳାର ଅନେକ ସ୍ଥାନରେ ପ୍ରବଳ ଜାଡ କାରଣରୁ ଶନିବାର ସକାଳୁ ତୁହିନ ଆସ୍ତରଣ ଦେଖିବାକୁ ମିଳିଛି। ଶିମିଳିପାଳ ଅଭୟାରଣ୍ୟ ମଧ୍ୟରେ ଥିବା ନିଷିଦ୍ଧାଞ୍ଚଳରେ ତାପମାତ୍ରା ହ୍ରାସ ଯୋଗୁଁ ରାତିରେ ଘାସ, ଗଛ, ଲତା ମାନଙ୍କ ଉପରେ ପଡିଥିବା କାକର ବିନ୍ଦୁ ଜମାଟ ବାନ୍ଧି ତୁହିନର ଆସ୍ତରଣରେ ପରିଣତ ହୋଇଥିବା ବେଳେ ତୁଷାର ପାତର ଭ୍ରମ ସୃଷ୍ଟି କରିଛି। ପାରଦ ଖସିବା ସହିତ ଶିମିଳିପାଳ ଅଭୟାରଣ୍ୟ ମଧ୍ୟରେ ହାଡ଼ ଭଙ୍ଗା ଶୀତ ପଡୁଛି। ସକାଳୁ ସକାଳୁ ଅନେକ ସମୟ ପର୍ଯ୍ୟନ୍ତ କୁହୁଡି ରହୁଛି। ଅଭୟାରଣ୍ୟର ଉପର ବାରାହା କାମୁଡାରେ ସର୍ବନିମ୍ନ ୧ଡିଗ୍ରୀ, ଚହଲା ୩ଡିଗ୍ରୀ, ନଅଣା ୬ଡିଗ୍ରୀ, ଗୁଡୁଗୁଡିଆ ୮ଡିଗ୍ରୀ, ବରେହିପାଣି ଓ କିଆଝରିରେ ୧୦ଡିଗ୍ରୀ ଏବଂ ରାମତୀର୍ଥରେ ୧୧ଡିଗ୍ରୀ ସେଲସିୟସ ତାପମାତ୍ରା ଶନିବାର ସକାଳ ୬ ସମୟରେ ରେକର୍ଡ କରାଯାଇଛି ବୋଲି ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପ କର୍ତ୍ତୃପକ୍ଷଙ୍କ ପକ୍ଷରୁ ସୂଚନା ଦିଆଯାଇଛି। ଫଳରେ ଶିମିଳିପାଳ ଅଭୟାରଣ୍ୟ ଭିତରେ ଥିବା ବିଭିନ୍ନ ନେଚର କ୍ୟାମ୍ପ ଗୃହ ଓ ଘାସ ଗାଲିଚା ଉପରେ ତୁହିନର ଆସ୍ତରଣ ଦେଖିବାକୁ ମିଳିଛି। ଆଭ୍ୟନ୍ତରୀଣ ଶିମିଳିପାଳରେ ଥିବା ଅନ୍ୟାନ୍ୟ ସ୍ଥାନ ଯଥା ଦେବସ୍ଥଳୀ, ଜେନାବିଲ ଓ ତାରାଣୀବିଲା ଆଦିରେ ମଧ୍ୟ ପ୍ରବଳ ମାତ୍ରରେ ଶୀତ ଅନୁଭୂତ ହେଉଥିବାର ସୂଚନା ମିଳିଛି। ଅଭୟାରଣ୍ୟରେ ଥିବା ବିଭିନ୍ନ ଗାଁର ଅନେକ ସ୍ଥାନରେ ଅନୁରୂପ ଦୃଶ୍ୟ ଶନିବାର ସକାଳୁ ଦୃଶ୍ୟମାନ ହେଇଛି। ତେବେ ବିଗତ ବର୍ଷ ମାନଙ୍କରେ ଶିମିଳିପାଳ ଅଭୟାରଣ୍ୟ ମଧ୍ୟରେ ସର୍ବନିମ୍ନ ଶୂନ୍ୟ ଡିଗ୍ରୀ ତାପମାତ୍ରା ରେକର୍ଡ କରାଯାଇଥିଲା। ଚଳିତବର୍ଷ ମଧ୍ୟ ଆହୁରି ତାପମାତ୍ରା ଖସିବାର ଯଥେଷ୍ଟ ସମ୍ଭାବନା ରହିଛି। ଉତ୍ତର-ପଶ୍ଚିମା ପବନ ପ୍ରବାହିତ ଯୋଗୁଁ ଆଗକୁ ତାପମାତ୍ରା ଆହୁରି କମିବା ଯୋଗୁଁ ଅଧିକ ଶୀତର ପ୍ରକୋପ ବଢ଼ିବା ସମ୍ଭାବନା ରହିଛି। ଶିମିଳିପାଳ ଅଭୟାରଣ୍ୟରେ ତୁଷାରପାତ ପରେ ଭୂସ୍ୱର୍ଗ ପାଲଟି ଯାଇଛି। ଏହା ପର୍ଯ୍ୟଟକଙ୍କ ପାଇଁ ଖୁବ ମଜାର କାରଣ ହୋଇଥାନ୍ତା। ତେବେ କିଛି ଦିନ ଧରି ଶିମିଳିପାଳ ଅଭୟାରଣ୍ୟର ଆଭ୍ୟନ୍ତରୀଣ ପଞ୍ଚାୟତରେ ବାସିନ୍ଦାଙ୍କ ଆନ୍ଦୋଳନ ଯୋଗୁଁ ପର୍ଯ୍ୟଟକମାନେ ଶିମିଳିପାଳ ଭିତରକୁ ଯାଇ ପାରୁନାହାଁନ୍ତି। ପର୍ଯ୍ୟଟକଙ୍କ ପ୍ରବେଶ ଆରମ୍ଭ ହେଲେ ଏବଂ ଆଗକୁ ଏହିଭଳି ଶୀତ ଲହରି ଲାଗି ରହିଲେ ପର୍ଯ୍ୟଟକ ଏହାର ଭରପୂର ମଜା ନେଇ ପାରିବେ ବୋଲି ପରିବେଶବିତମାନେ ମତପ୍ରକାଶ କରିଛନ୍ତି।

ଜାନୁଆରୀ ୨ରେ ଫୁଟବଲ ଖେଳାଳି ବିନୟ ବାନାର୍ଜୀଙ୍କ ଜନ୍ମ ଶତବାର୍ଷିକୀ

ସମ୍ବର୍ଦ୍ଧିତ ହେବେ ୩୩ ପ୍ରତିଭା

ବାରିପଦା, ୧୬।୧୨(ସମିସ): ବ୍ରହ୍ମ ମନ୍ଦିର ସାହି ବିନୟ କୁଟୀର ପରିସରରେ ପ୍ରାକ୍ତନ ବୟୋଜ୍ୟେଷ୍ଠ ରାଜ୍ୟସ୍ତରୀୟ ଖ୍ୟାତନାମା ଫୁଟବଲ ଖେଳାଳି, ସୁସଂଗଠକ ଓ ସମାଜସେବୀ ଦିବଂଗତ ବିନୟ ବାନାର୍ଜୀଙ୍କ ଜନ୍ମ ଶତବାର୍ଷିକୀ ଉତ୍ସବ ପାଳନ ନିମନ୍ତେ ଦ୍ୱିତୀୟ ପର୍ଯ୍ୟାୟ ପ୍ରସ୍ତୁତି ବୈଠକ ଙ୍କ. ମାନସ ରଞ୍ଜନ ଷଡ଼ଙ୍ଗୀଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ହୋଇଯାଇଛି। ଏହି ଉତ୍ସବ ଆସନ୍ତା ଜାନୁୟାରୀ ୨ ତାରିଖରେ ବାରିପଦା ଷ୍ଟାଡିୟମ ସମ୍ମିଳନୀ କକ୍ଷରେ ପାଳନ ହେବ। ଏହି ଅବସରରେ ସ୍ମୃତି କମିଟିର ପ୍ରସ୍ତାବ ଅନୁଯାୟୀ ଅତୀତରେ ପ୍ରାକ୍ ସ୍ୱାଧୀନତା ପୂର୍ବରୁ ରାଜ୍ୟ ଓ ଜାତୀୟ ସ୍ତରରେ ଖ୍ୟାତି ଅର୍ଜନ କରିଥିବା ବାରିପଦା ସହରର ୩୩ ଜଣ ପ୍ରତିଭା ସମ୍ପନ୍ନ ଫୁଟବଲ ଖେଳାଳି, ଆୟୋଜକ ଓ ସଂଗଠକଙ୍କୁ ଦିବଂଗତ ବିନୟ ବାନାର୍ଜୀଙ୍କ ଅମ୍ଳାନ ସ୍ମୃତି ସ୍ୱରୂପ ମରଣୋତ୍ତର ସମ୍ମାନରେ ସମ୍ବର୍ଦ୍ଧିତ କରାଯିବା ସଙ୍ଗେ ସଙ୍ଗେ କିଶୋର ପ୍ରତିଭାଙ୍କୁ ନେଇ ଏମକେସି ହାଇସ୍କୁଲ ଓ ଅସନଯୋଡା ସ୍କୁଲ୍ ଟିମ୍ ମଧ୍ୟରେ ଏକ ପ୍ରଦର୍ଶନୀ ଫୁଟବଲ ଖେଳ ବାରିପଦା ଷ୍ଟାଡିୟମରେ ଆୟୋଜନ ପାଇଁ ସ୍ଥିରୀକୃତ ହୋଇଛି। ଦିବଂଗତ ପ୍ରତିଭାଧରମାନଙ୍କ ତରଫରୁ ସେମାନଙ୍କ ପରିବାର ଏହି ସମ୍ମାନ ଗ୍ରହଣ କରିବେ। ତାଙ୍କ ସମ୍ମାନାର୍ଥେ ତଥ୍ୟ ମୂଳକ ସ୍ୱତନ୍ତ୍ର ସ୍ମରଣିକା ପ୍ରକାଶନ ପାଇଁ ପ୍ରସ୍ତୁତି ଚାଲିଛି। ଏହି ସ୍ମୃତି ସମାରୋହରେ ମୟୂରଭଞ୍ଜର ମହାରାଣୀ ସାହେବା ରଶ୍ମୀରାଜ୍ୟଲକ୍ଷ୍ମୀ ଭଞ୍ଜଦେଓ ମୁଖ୍ୟଅତିଥି ଓ ରାଜ୍ୟ ସୂଚନା କମିଶନର ପୂର୍ବତନ ସଦସ୍ୟା ଓ ଗବେଷିକା, ସ୍ତମ୍ଭକାର ଶଶିପ୍ରଭା ବିନ୍ଧାଣୀ, ବାରିପଦା ପୌରପାଳିକାର ନଗରପାଳ କୃଷ୍ଣାନନ୍ଦ ମହାନ୍ତି, ବରିଷ୍ଠ ଆଇନଜୀବି ରୋଟାରିଆନ ବିଭୁ ପ୍ରସାଦ ଦାସ ସମ୍ମାନିତ ଅତିଥି ରୂପେ ଯୋଗଦାନ କରିବେ ବୋଲି ସ୍ୱୀକୃତି ପ୍ରଦାନ କରିଛନ୍ତି। ପ୍ରସ୍ତୁତି ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଆବାହକ ରଞ୍ଜନ ବାନାର୍ଜୀ, ପୁର୍ଣ୍ଣେନ୍ଦୁ ଦାସ, ପ୍ରଦୀପ ମହାନ୍ତି, ତିମିର ଘୋଷ, ଆଶିଷ ବସା, ଅମିତାଭ ମିଶ୍ର, ଚନ୍ଦନ ବାନାର୍ଜୀ ଓ ସୁନନ୍ଦନ ପ୍ରମୁଖ ଅଂଶ ଗ୍ରହଣ କରିଥିଲେ।

ସାପ୍ତାହିକ ହାଟରେ ଚଢଉ; ୨ ଜୁଆଡ଼ି ଗିରଫ

କରଞ୍ଜିଆ,୧୬।୧୨(ସମିସ): କରଞ୍ଜିଆ ସନ୍ନିକଟ ବିଭିନ୍ନ ସାପ୍ତାହିକ ହାଟରେ ବେଧଡକ ଭାବେ ଜୁଆଖେଳ ଚାଲିଥିବା ପୁଲିସ ଖବର ପାଇ ଗତକାଲି ପୁକାମୁଣ୍ଡା ସାପ୍ତାହିକ ହାଟରେ ଚଢଉ କରିଥିଲା। ଥାନାଧିକାରୀ ନୀରୋଜ ମଲ୍ଲିକଙ୍କ ନିର୍ଦ୍ଦେଶକ୍ରମେ ହାଟରେ ଚଢଉ କରି ଜୁଆ ଖେଳରେ ବ୍ୟବହୃତ ସାମଗ୍ରୀ ସହ ନଗଦ ୨ ହଜାର ୮୩୦ ଟଙ୍କା ଜବତ କରି ଦୁଇ ଅଭିଯୁକ୍ତକୁ ପୁଲିସ ଗିରଫ କରିଛି । ଏଥିସହିତ ୧୩ଟି ଗୋଟି ଗୋଟିଏ ପାଲି ଓ ତିନୋଟି ଡାଲା ଜବତ କରିଛି ପୁଲିସ।

ସୁନ୍ଦରସ୍ୱାସ୍ଥ୍ୟ ପ୍ରତିଯୋଗିତାରେ ୩ ସ୍ୱର୍ଣ୍ଣ ପଦକ ବିଜେତାଙ୍କୁ ସମ୍ବର୍ଦ୍ଧନା

ବାରିପଦା, ୧୬ ।୧୨ (ସମିସ): ଗୋଆଠାରେ ଅନୁଷ୍ଠିତ ସର୍ବଭାରତୀୟ ପ୍ରାକୃତିକ ସୁନ୍ଦର ସ୍ୱାସ୍ଥ୍ୟ ପ୍ରତିଯୋଗିତାରେ ସ୍ୱର୍ଣ୍ଣ ପଦକ ବିଜେତାଙ୍କୁ ଶନିବାର ବାରିପଦାଠାରେ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି। ବାରିପଦାର ତୁଳସୀଚୌରା ଅଞ୍ଚଳର ମହେନ୍ଦ୍ର ରଣା ୩ଟି ସ୍ୱର୍ଣ୍ଣ ପଦକ ଜିଣି ଥିବା ବେଳେ ଢ଼ିପାସାହି ଅଞ୍ଚଳର ଅର୍ପିତା ମଣ୍ଡଳ ତୃତୀୟ ସ୍ଥାନ ଅଧିକାରୀ କରି ଗୌରବ ଆଣିଛନ୍ତି। ପାଲବଣିଠାରୁ ଏକ ବିରାଟ ଶୋଭାଯାତ୍ରା ବାହାରି ବାରିପଦା ସହର ପରିକ୍ରମା କରିଥିଲା। ସୂଚନା ଅନୁଯାୟୀ, ଆଇସିଏନ ଗୋଆ ସୁପର ଶୋ ଜାତୀୟସ୍ତର ଚାମ୍ପିଅନସିପ ଡିସେମ୍ବର ୮ରୁ ୧୦ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହୋଇଥିଲା। ଉକ୍ତ ସର୍ବ-ଭାରତୀୟ ପ୍ରାକୃତିକ ସୁନ୍ଦର ପ୍ରତିଯୋଗିତାର ବିଭିନ୍ନ ବର୍ଗରେ ଭାରତର ବିଭିନ୍ନ ରାଜ୍ୟରୁ ପୁରୁଷ ଓ ମହିଳା ମିଶି ସମୁଦାୟ ୧୩୦୦ଜଣରୁ ଉଦ୍ଧର୍ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ପ୍ରତିଯୋଗିତାରେ ବାରିପଦାର ମହେନ୍ଦ୍ର ଓ ଅର୍ପିତା ଅଂଶଗ୍ରହଣ କରି ସୁନ୍ଦର ସ୍ୱାସ୍ଥ୍ୟ ପ୍ରଦର୍ଶନ କରିଥିଲେ। ମହେନ୍ଦ୍ର ପୁରୁଷ ବର୍ଗର ସୁନ୍ଦରସ୍ୱାସ୍ଥ୍ୟ ଓ ଫିଜିକ୍ସର ସମୁଦାୟ ତିନି ଗୋଟି ବର୍ଗରେ ୩ଟି ସ୍ୱର୍ଣ୍ଣ ପଦକ ଜିଣି ସର୍ବ ଭାରତୀୟସ୍ତରରେ ଚାମ୍ପିଅନ ହୋଇଛନ୍ତି। ସେହିପରି ଫିଟ କପଲ ବର୍ଗରେ ଅର୍ପିତା ସର୍ବ ଭାରତୀୟ ସ୍ତରରେ ତୃତୀୟ ସ୍ଥାନ ଏବଂ ଫିଟନେସ ମଡେଲରେ ମଧ୍ୟ ପଦକ ହାସଲ କରିଛନ୍ତି। ସେ ଜାତୀୟସ୍ତରରେ ପଦକ ଜିତି ରାଜ୍ୟ ତଥା ଜିଲ୍ଲା ପାଇଁ ଗର୍ବ ଓ ଗୌରବ ଆଣିଥିବାରୁ ଉଭୟଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

ବିଇଡି କଲେଜର ନାରୀ ଶିକ୍ଷା ସଚେତନତା କାର୍ଯ୍ୟକ୍ରମ

ବାରିପଦା, ୧୬ ।୧୨(ସମିସ): ଉତ୍କଳମଣି ଗୋପବନ୍ଧୁ ଶିକ୍ଷକ ଶିକ୍ଷା ମହାବିଦ୍ୟାଳୟର 'ନୂଆ-ଓ' ଆନୁକୂଲ୍ୟରେ ଏକ ନାରୀ ଶିକ୍ଷା ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏନଏସଏସ ଅଫିସର ଡ. ସରୋଜ ନାୟକ ଓ କ୍ଷିରୋଦ କୁମାର ଚୌଧୁରୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ କାର୍ଯ୍ୟକ୍ରମକୁ ମହାବିଦ୍ୟାଳୟର ଅଧକ୍ଷ ପ୍ରଫେସର ଡକ୍ଟର ସଞ୍ଜୟ କୁମାର ଦେ, କାଉନସିଲର ବିବେକାନନ୍ଦ ନାୟକ, ଶିବଶଙ୍କର ପାତ୍ର ଅତିଥିଭାବେ ଯୋଗଦେଇ ଆୟୋଜିତ ଶୋଭାଯାତ୍ରାକୁ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ସହକାରୀ ପ୍ରଫେସର ଡକ୍ଟର ଚିତ୍ରସେନ ସେଠୀ, ଉମେଶଚନ୍ଦ୍ର ମାଝୀ, କେ ଲକ୍ଷ୍ମୀ ସେନାପତି, ରାଜକିଶୋର ରାଉଳ, ସରୋଜ ଦାସ, ସନ୍ଦୀପ ସିଂ, ନବୀନ ନାଏକ, ଓ ଅଧାପିକା ମନାଲି ପ୍ରଧାନ ସହଯୋଗ କରିଥିଲେ।

ବରିଷ୍ଠ ନାଗରିକ ତୀର୍ଥଯାତ୍ରା ସଫଳ ନେଇ ସମୀକ୍ଷା ବୈଠକ

ଜାନୁଆରୀ ୫ରେ ଉଜ୍ଜୟିନୀ ଓ ଓଁକାରେଶ୍ୱର ଯାତ୍ରା

ବାରିପଦା, ୧୬ ।୧୨(ସମିସ): ରାଜ୍ୟ ସରକାରଙ୍କ ବରିଷ୍ଠ ନାଗରିକ ତୀର୍ଥଯାତ୍ରା ଯୋଜନାକୁ ସଫଳ ରୂପାୟନ କରିବା ପାଇଁ ଜିଲ୍ଲା ପ୍ରଶାସନ ପକ୍ଷରୁ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଛି। ଶନିବାର ବାରିପଦା ସ୍ଥିତ ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ବୈଠକ ଅନୁଷ୍ଠିତ ହୋଇଯାଇଛି। ସମୀକ୍ଷା ବୈଠକ ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ନେତ୍ରାନନ୍ଦ ମଲ୍ଲିକଙ୍କ ଅଧକ୍ଷତା ଅନୁଷ୍ଠିତ ହୋଇଥିବା ବେଳେ ଜିଲ୍ଲା ପର୍ଯ୍ୟଟନ ଅଧିକାରିଣୀ ସତ୍ୟଭାମା ବେହେରା ବୈଠକକୁ ସଂଯୋଜନା କରିଥିଲେ। ଏହି କାର୍ଯ୍ୟ ପ୍ରଣାଳୀର ସମସ୍ତ ସଦସ୍ୟ ତଥା ବିଭିନ୍ନ ବିଭାଗୀୟ ଜିଲ୍ଲା ଅଧିକାରୀମାନେ ଏହି ଯାତ୍ରାର ପ୍ରଥମ ପର୍ଯ୍ୟାୟରେ ମୟୂରଭଞ୍ଜ ଜିଲ୍ଲାରୁ ଯିବାକୁ ଥିବା ବରିଷ୍ଠ ନାଗରିକଙ୍କ ସୁବିଧା ତଥା ସମ୍ପୂର୍ଣ୍ଣ ବ୍ୟବସ୍ଥା ବିଷୟରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରିଥିଲେ। ସୂଚନା ଅନୁସାରେ, ସମଗ୍ର ଜିଲ୍ଲାରୁ ୬୨୮ଟି ଆବେଦନ ଗ୍ରହଣ ହୋଇଥିବା ବେଳେ ୩୪ଟି ଆବେଦନକୁ ଖାରଜ ହୋଇଛି। ପ୍ରଥମ ପର୍ଯ୍ୟାୟରେ ୨୪୫ଟି ବରିଷ୍ଠ ଦମ୍ପତ୍ତିଙ୍କୁ ଏହି ତୀର୍ଥ ଯାତ୍ରାରେ ମଧ୍ୟପ୍ରଦେଶର ଉଜ୍ଜୟିନୀ ଏବଂ ଓଁକାରେଶ୍ୱରକୁ ନେଇ ଯାତ୍ରା କରାଯିବାର ବ୍ୟବସ୍ଥା ହୋଇଛି। ଜିଲ୍ଲାର ଏହି ବରିଷ୍ଠ ନାଗରିକଙ୍କ ପାଇଁ ସ୍ୱଳ୍ପ ସମୟ ରହଣି ବ୍ୟବସ୍ଥା ବାରିପଦାଠାରେ କରାଯିବ। ଏଥି ସହିତ ସେମାନଙ୍କ ଖାଦ୍ୟପେୟ, ଶୌଚ ଆଦି ପାଇଁ ବ୍ୟବସ୍ଥା କରାଯିବା ସହିତ ପ୍ରତ୍ୟେକ ଦିନ ସେମାନଙ୍କ ସ୍ୱାସ୍ଥ୍ୟ ପରୀକ୍ଷା ଆଦି ମଧ୍ୟ କରାଯିବ। ଜିଲ୍ଲା ସୂଚନା ଲୋକସମ୍ପର୍କ ଅଧିକାରୀଙ୍କୁ ଏହି ଯାତ୍ରାର ପ୍ରଚାର ପ୍ରସାର ଦାୟିତ୍ୱ ଦିଆଯାଇଥିବା ବେଳେ ଅନ୍ୟ ବିଭାଗୀୟ ଅଧିକାରୀଙ୍କୁ ଏହି ପ୍ରଯୋଜନାକୁ ସୁରୁଖୁରୁରେ ସମ୍ପାଦନା କରିବା ପାଇଁ ଜିଲ୍ଲା ପ୍ରଶାସନ ନିର୍ଦ୍ଦେଶ ଦେଇଥିଲା। ଏହି ଅବସରରେ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ମଲ୍ଲିକ ଜିଲ୍ଲା ପ୍ରଶାସନର ବିଭିନ୍ନ କାର୍ଯ୍ୟାଳୟର କର୍ମଚାରୀଙ୍କୁ ବରିଷ୍ଠ ନାଗରିକଙ୍କ ସହିତ ଏହି ତୀର୍ଥଯାତ୍ରାରେ ଅନୁରକ୍ଷଣ ଅଧିକାରୀ ଭାବରେ ନିଯୁକ୍ତି କରିବା ପାଇଁ ପ୍ରସ୍ତାବ ଦେଇଥିଲେ। ଏଥି ସହିତ ଅତିରିକ୍ତ ଆରକ୍ଷୀ ଅଧିକାରୀ ଉମାକାନ୍ତ ମହାରଣା ଏହି ଯାତ୍ରାରେ ସାମିଲ ହେବାକୁ ଥିବା ସମସ୍ତ ବରିଷ୍ଠ ନାଗରିକଙ୍କର ସୁରକ୍ଷା ବ୍ୟବସ୍ଥାକୁ ଦୃଷ୍ଟିରେ ରଖି ଜିଲ୍ଲା ଆରକ୍ଷୀ ବାହିନୀକୁ ମୁତୟନ କରିବା ପାଇଁ ପ୍ରସ୍ତାବ ଦେଇଥିଲେ। ତୀର୍ଥଯାତ୍ରୀମାନେ ଆସନ୍ତା ଜାନୁୟାରୀ ୫ରୁ ୧୦ ତାରିଖ ଯାଏ ଏହି ଦୁଇଟି ସ୍ଥାନକୁ ଟ୍ରେନ ଯୋଗେ ବାଲେଶ୍ୱରରୁ ଯିବେ ଏବଂ ନିର୍ଦ୍ଧାରିତ ସ୍ଥାନରୁ ଫେରି ନିଜ ନିଜ ଅଞ୍ଚଳକୁ ଫେରି ଯିବା ପାଇଁ ରାଜ୍ୟ ସରକାରଙ୍କ ତରଫରୁ ବ୍ୟବସ୍ଥା କରଯାଇଛି। ବୈଠକରେ ଜିଲ୍ଲା ସଂସ୍କୃତି ଅଧିକାରୀ ଅନନ୍ତ ମୋହନ ସେଠୀ, ଜିଲ୍ଲା କ୍ରୀଡା ଅଧିକାରୀ ଅବନୀ ମୋହନ ମହାନ୍ତି, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଅବିନାଶ ପାଣି ପ୍ରମୁଖ ଉପସ୍ଥିତ ଥିଲେ।

୪ ଦିନିଆ ଘୁଷୁରୀ ପାଳନ ତାଲିମ ଶିବିର

ବାରିପଦା, ୧୬ ।୧୨(ସମିସ): ଓଡ଼ିଶା ଖଣିଜ ସମ୍ପଦ ବିକାଶ ନିଗମ (ଓଏମବିଡିସି) ସହାୟତାରେ ମୟୂରଭଞ୍ଜ-୧ କୃଷି ବିଜ୍ଞାନ କେନ୍ଦ୍ର ତରଫରୁ ଏକ ଉଦ୍ୟୋଗଭିତ୍ତିକ ୪ ଦିନିଆ ଘୁଷୁରୀପାଳନ ତାଲିମ ଶିବିର ଅନୁଷ୍ଠିତ ହୋଇଯାଇଛି। କେନ୍ଦ୍ରର ବରିଷ୍ଠ ବୈଜ୍ଞାନିକ ଓ ମୁଖ୍ୟ ଡଃ ସଙ୍ଗମିତ୍ରା ପଟ୍ଟନାୟକଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଶିବିରରେ ବିଭିନ୍ନ ବେସରକାରୀ ସଂସ୍ଥାର ୨୦ ଜଣ ଆଗ୍ରହୀ କର୍ମକର୍ତ୍ତା ୪ଟି ବ୍ଲକରୁ ଅଂଶଗ୍ରହଣ କରିଥିଲେ। ବିଭିନ୍ନ ବ୍ଲକରୁ ଆସିଥିବା ଆଗ୍ରହୀ କର୍ମକର୍ତ୍ତାଙ୍କୁ ଘୁଷୁରୀ ପାଳନ, ଟିକାକରଣ, ଘୁଷୁରୀଘର, ପାନୀୟ ଏବଂ ଖାଦ୍ୟ, ଘୁଷୁରୀର ରୋଗ ଏବଂ ଏହାର ନିରାକରଣ ଏବଂ ଘୁଷୁରୀ ଛୁଆ ପାଳନ ଆଦି ସମ୍ପର୍କରେ ଅବଗତ କରାଯାଇଥିଲା। ଏହାସହିତ କର୍ମକର୍ତ୍ତାମାନଙ୍କୁ ଶୁଳିଆପଦା ସ୍ଥିତ ଆଧୁନିକ ଘୁଷୁରୀପାଳନ ୟୁନିଟ୍ ପ୍ରଦର୍ଶନରେ ନିଆଯାଇଥିଲା।

ପୁଣ୍ୟଶ୍ଳୋକ ମହାରାଜା ଶ୍ରୀରାମ ଚନ୍ଦ୍ର ଭଞ୍ଜଦେଓ

ନବ ଉତ୍କଳର ନିର୍ମାତାମାନଙ୍କ ମଧ୍ୟରେ ଓ ଭାଷା ଭିତ୍ତିରେ ସ୍ୱତନ୍ତ୍ର ଓଡ଼ିଶା ଗଠନରେ ମୟୂରଭଞ୍ଜର ମହାରାଜା ଶ୍ରୀରାମ ଚନ୍ଦ୍ର ଭଞ୍ଜଦେଓ ଅନ୍ୟତମ। ୧୯୦୩ ମସିହା ଡିସେମ୍ବର ୩୦ ତାରିଖରେ କଟକର ଇଦଗା ପଡ଼ିଆରେ ଅନୁଷ୍ଠିତ ଉତ୍କଳ ସମ୍ମିଳନୀର ପ୍ରଥମ ଅଧିବେଶନରେ ସଭାପତି ପଦ ଅଳଙ୍କୃତ କରି ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନ ପାଇଁ ଯେଉଁ ସାରଗର୍ଭକ ଭାଷଣ ଦେଇଥିଲେ ସେଥିରୁ ତାଙ୍କର ଦେଶପ୍ରୀତିର ପରିଚୟ ମିଳିବା ସଙ୍ଗେ ସଙ୍ଗେ ଉପସ୍ଥିତ ଶ୍ରୋତା ମୁଗ୍ଧ, ବିଭୋର ହୋଇଯାଇଥିଲେ। ମହାରାଜା ଶ୍ରୀରାମ ଚନ୍ଦ୍ର ଉତ୍କଳଖଣ୍ଡର ନବଜାଗରଣର ଅଗ୍ରଣୀ ପୁରୋଧା ଭାବେ ମାନ୍ୟତା ପାଇଥିଲେ। ମୟୂରଭଞ୍ଜ ଷ୍ଟେଟରେ ରାଜତ୍ୱ କରୁଥିବା ପ୍ରାଚୀନ ଭଞ୍ଜରାଜ ବଂଶର ସୁଶାସକ ମହାରାଜା କୃଷ୍ଣଚନ୍ଦ୍ରଙ୍କ ଜ୍ୟେଷ୍ଠ ପୁତ୍ର ଭାବେ ୧୮୭୧ ମସିହା ଡିସେମ୍ବର ୧୭ ତାରିଖରେ ବାରିପଦାରେ ଜନ୍ମିତ ଶ୍ରୀରାମ ଚନ୍ଦ୍ର ତୁଳସୀ ଦୁଇ ପତ୍ରରୁ ବାସିଲା ପରି ବାଲ୍ୟ ଜୀବନରୁ ଅତ୍ୟନ୍ତ ନମ୍ର, ଭଦ୍ର, ବିନୟୀ, ଶାନ୍ତ ସ୍ୱଭାବର ଥିଲେ। ବାରିପଦାରୁ ପ୍ରାଥମିକ ଓ ମାଇନର ପଢ଼ା ସାରି କଟକ ରେଭେନସା କଲେଜରୁ ଗୃହ ଶିକ୍ଷକ ଭାବେ ପଣ୍ଡିତ ଗୋବିନ୍ଦ ଚନ୍ଦ୍ର ମହାପାତ୍ର ଓ କିଡେଲ ସାହେବଙ୍କ ତତ୍ତ୍ୱାବଧାନରେ ପଢ଼ା ଶୁଣା କରି ୧୯୮୮ ମସିହାରେ ଏଫ୍ଏ ପାସ କରିଥିଲେ। ବି.ଏ. ପଢୁଥିବା ବେଳେ ସାବାଳକ ହୋଇ ରାଜ୍ୟ ଭାର ଗ୍ରହଣ କରିବାରୁ ବିଏ ପରୀକ୍ଷା ଦେଇପାରି ନ ଥିଲେ। ୧୮୯୨ ମସିହାରେ ମୟୂରଭଞ୍ଜ ଷ୍ଟେଟର ଶାସକ ଭାବେ ପାରମ୍ପରିକ ରୀତିରେ ଶାସନ ଭାର ଗ୍ରହଣ କରିଥିଲେ। ୧୮୯୬ ମସିହାରେ ପଞ୍ଚକୋଟର ମହାରାଜା ନୀଳମଣି ସିଂହଙ୍କ ନାତୁଣୀ ରାଜକୁମାରୀ ଲକ୍ଷ୍ମୀକୁମାରୀଙ୍କୁ ବିବାହ କରିଥିଲେ। ଦୁର୍ଭାଗ୍

ଆମ ପର୍ଯ୍ୟଟନ

କନ୍ଧମାଳର ସ୍ୱର୍ଗପୁର 'କାଲିଗାଡୁ ହିଲ୍-ଟପ୍'

ପର୍ଯ୍ୟଟନସ୍ଥଳୀର ମାନ୍ୟତା ପରେ ଜମୁଛି ଭିଡ଼

ଫୁଲବାଣୀ, ୧୬।୧୨(ସମିସ): ଯେତେ ଦେଖିଲେ ବି ମନ ବୁଝୁନି। ସୁଉଚ୍ଚ ପାହାଡ଼ରେ ଖଣ୍ଡଖଣ୍ଡ ଭସା ବାଦଲ ସାଙ୍ଗକୁ ଚତୁଃପାର୍ଶ୍ୱର ସୁନ୍ଦର ସବୁଜ ବନାନୀ; ସ୍ୱର୍ଗପୁରଠାରୁ କୌଣସି ଗୁଣରେ କମ୍ ନୁହେଁ। ଜି.ଉଦୟଗିରି ଅଞ୍ଚଳରେ ଥିବା କାଲିଗାଡୁ ହିଲଟପ୍‌ର ଏ ଦୃଶ୍ୟ ଯିଏ ଥରେ ଦେଖିଛି, ସେଠାକୁ ବାରମ୍ବାର ଯିବାକୁ ଇଚ୍ଛା କରିଛି। ଏବେ ଏହି ସୌନ୍ଦର୍ଯ୍ୟକୁ କନ୍ଧମାଳର ଜାଡ଼ ଦ୍ୱିଗୁଣିତ କରିଦେଇଛି। ପିକନିକ୍ ଋତୁରେ ଏବେ ପ୍ରତିଦିନ ଏଠାକୁ ବହୁ ସଂଖ୍ୟାରେ ପର୍ଯ୍ୟଟକଙ୍କ ସୁଅ ଛୁଟୁଛି।

ଘୁ.ଉଦୟଗିରି ସହରଠାରୁ ମାତ୍ର ୭ କି.ମି ଦୂରରେ ଅବସ୍ଥିତ କାଲିଗାଡୁ ହିଲଟପ। ସ୍ଥାନୀୟ ସହରର ବ୍ଲକ୍ ରାସ୍ତା ଦେଇ ସିର୍କୀ ଡ୍ୟାମ ରାସ୍ତାରେ ମୁକୁଲିଙ୍ଗିଆ ଗ୍ରାମ ପଡ଼େ। ସେଠାରୁ ୫୦୦ ମିଟର ଦୂରରେ ଏହି ହିଲଟପ୍। ହିଲଟପ ତଳେ ମୁକୁଲିଙ୍ଗିଆ ଗ୍ରାମ୍ୟ କମିଟି ପକ୍ଷରୁ ପାର୍କିଂର ବ୍ୟବସ୍ଥା କରାଯାଇଥିବା ବେଳେ ପାନୀୟ ଏବଂ ଖାଦ୍ୟ ବି ମିଳି ଯାଉଛି।

ପର୍ଯ୍ୟଟନ ବିଭାଗ ହିଲଟପକୁ ଏକ ପର୍ଯ୍ୟଟନ କ୍ଷେତ୍ର ଭାବେ ଘୋଷଣା କଲା ପରେ ଚଳିତ ବର୍ଷ ତମାମ ପର୍ଯ୍ୟଟକଙ୍କ ଭିଡ଼ ଲାଗି ରହୁଛି। ହିଲଟପ୍‌ରେ ପହଞ୍ଚିବା ପରେ ସୁନ୍ଦର ଦୃଶ୍ୟ ଉପଭୋଗ ସାଙ୍ଗକୁ ଗରମ ଗରମ ଚା, ଜଳଖିଆର ମଜା ନେଇପାରିବେ ପର୍ଯ୍ୟଟକ। ମୁକୁଲିଙ୍ଗିଆ ଗ୍ରାମବାସୀଙ୍କ ଉଦ୍ୟମରେ ହିଲଟପରେ ସମସ୍ତ ମୌଳିକ ସୁବିଧାର ବ୍ୟବସ୍ଥା କରାଯାଇଛି। ପର୍ଯ୍ୟଟକଙ୍କ ଭିଡ଼ ଲାଗିବା ଯୋଗୁଁ ସ୍ଥାନୀୟ ଅଞ୍ଚଳର ଉନ୍ନତି ହେବା ସହ ଲୋକଙ୍କ ଆର୍ଥିକ ଅଭିବୃଦ୍ଧି ଘଟୁଥିବା କୁହାଯାଇଛି।

ତେବେ ସୁରକ୍ଷା ପାଚେରି, ଶୌଚାଳୟ ଓ ପାନୀୟ ଜଳଯୋଗାଣ ଭଳି ଅତ୍ୟାବଶ୍ୟକ ସୁବିଧା ଯୋଗାଇ ଦିଆଗଲେ, ଏଠାକୁ ଅଧିକରୁ ଅଧିକ ପର୍ଯ୍ୟଟକଙ୍କ ସଂଖ୍ୟା ଆହୁରି ବୃଦ୍ଧି ପାଇବ ବୋଲି ଗ୍ରାମବାସୀମାନେ କହିଛନ୍ତି।

ରାଜନୈତିକ ସ୍ୱାର୍ଥ ପାଇଁ ଧର୍ମେନ୍ଦ୍ର ଓଡ଼ିଶାକୁ ବଦନାମ କରିବାରେ ବ୍ୟସ୍ତ: ସମ୍ବିତ

ଭୁବନେଶ୍ୱର,୧୬।୧୨(ସମିସ): କେନ୍ଦ୍ର ସରକାରରେ ମନ୍ତ୍ରୀ ଥିବା ଧର୍ମେନ୍ଦ୍ର ପ୍ରଧାନ ଜଣେ ଓଡ଼ିଆ ହୋଇ ସୁଦ୍ଧା ଓଡ଼ିଶାର ବିକାଶକୁ ଗ୍ରହଣ କରିପାରୁ ନାହାନ୍ତି। ସେ କଦାପି ଓଡ଼ିଶାର ଉପଲବ୍ଧିକୁ ପ୍ରଶଂସା କରି ନାହାନ୍ତି, ବରଂ ଶ୍ରୀ ପ୍ରଧାନ ନିଜର ସଂକୀର୍ଣ୍ଣ ରାଜନୈତିକ ସ୍ୱାର୍ଥକୁ ଚରିତାର୍ଥ କରିବା ପାଇଁ ଅଭ୍ୟାସଗତ ଭାବେ ମିଥ୍ୟା ଓ ବିଭ୍ରାନ୍ତିକର ଅଭିଯୋଗମାନ ଆଣି ଓଡ଼ିଶାକୁ ବଦନାମ କରି ଚାଲିଛନ୍ତି। ବିଜେଡି ମୁଖପାତ୍ର ତଥା ରାଜ୍ୟସଭା ସାଂସଦ ଡକ୍ଟର ସମ୍ବିତ ପାତ୍ର ଆଜି ଏହା କହିଛନ୍ତି।

ଡକ୍ଟର ପାତ୍ର ଗଣମାଧ୍ୟମକୁ କହିଛନ୍ତି ଯେ ଅନ୍ୟ ରାଜ୍ୟ ପଛକୁ ହଟିଯାଇଥିବା ବେଳେ ଓଡ଼ିଶା ସଫଳତାର ସହ ଦୁଇଥର ହକି ବିଶ୍ୱକପ୍ ଆୟୋଜନ କରିଥିଲା। ବିତ୍ତୀୟ ପରିଚାଳାନା ଓ ରଣହାର ପରିଚାଳନାରେ ଦେଶରେ ପ୍ରଥମ ସ୍ଥାନ ହାସଲ କରିଥିବାରୁ ଭାରତୀୟ ରିଜର୍ଭ ବ୍ୟାଙ୍କ ଓଡ଼ିଶାକୁ ପ୍ରଶଂସା କରିଛି। ଦେବାଳୟ, ଶିକ୍ଷାନୁଷ୍ଠାନ, ସ୍ୱାସ୍ଥ୍ୟାନୁଷ୍ଠନ ପରି ବିବିଧ ରୂପାନ୍ତରଣ କାର୍ଯ୍ୟ ହେଉ ଅବା ବିପର୍ଯ୍ୟୟ ମୁକାବିଲା, ସବୁ କ୍ଷେତ୍ରରେ ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରରେ ଓଡ଼ିଶା ପ୍ରଶଂସିତ ହୋଇଛି। କିନ୍ତୁ ଶ୍ରୀ ପ୍ରଧାନ କିମ୍ବା ଓଡ଼ିଶା ବିଜେପି ନେତାମାନେ କେବେ ବି ଓଡ଼ିଶାର ଏହି ସଫଳତା ପାଇଁ ପ୍ରଶଂସା କରିନାହାନ୍ତି। କାରଣ ସେମାନଙ୍କ ପାଇଁ ରାଜନୀତି ପ୍ରଥମ, ଓଡ଼ିଶା ପଛ। ଓଡ଼ିଶାର ବିକାଶ ସେମାନଙ୍କ ପାଇଁ ପ୍ରଚଣ୍ଡ ଧକ୍କା ସଦୃଶ ହୋଇଛି। ସେମାନଙ୍କ ପାଖରେ କୌଣସି ପ୍ରସଙ୍ଗ ନାହିଁ। ଓଲଟି ଓଡ଼ିଶା ପ୍ରତି କେନ୍ଦ୍ର ସରକାରଙ୍କ ଅବହେଳାକୁ ଲୁଚାଇବା ପାଇଁ ସବୁବେଳେ ସେମାନେ ଚେଷ୍ଟା କରିଥାଆନ୍ତି। ବିଭିନ୍ନ ପ୍ରସଙ୍ଗ ହେଉ ଅବା ଅପ୍ରସଙ୍ଗ ସବୁଥିରେ ବିଭ୍ରାନ୍ତିକର, ମିଥ୍ୟା ବୟାନବାଜି କରି ଓଡ଼ିଶାକୁ ବଦନାମ କରିବା ପାଇଁ ଶ୍ରୀ ପ୍ରଧାନ ଏବଂ ରାଜ୍ୟ ବିଜେପି ନେତାମାନେ ବେଶ୍ ସିଦ୍ଧହସ୍ତ।

ଡକ୍ଟର ପାତ୍ର ଆହୁରି କହିଛନ୍ତି, ଯେତେବେଳେ ପୂରା ଓଡ଼ିଶା, ରାଜ୍ୟରେ ଚାଲିଥିବା ଭଲ କାର୍ଯ୍ୟ ପାଇଁ ଗର୍ବ କରୁଛି, ସେତେବେଳେ କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନ ବିବ୍ରତ ହୋଇ ପଡୁଛନ୍ତି। ନିଜର ସଂକୀର୍ଣ୍ଣ ରାଜନୈତିକ ସ୍ୱାର୍ଥ ପାଇଁ ଓଡ଼ିଶାକୁ ବଦନାମ କରୁଛନ୍ତି। ଏଭଳି ହୀନ ରାଜନୀତି ପାଇଁ ଅତୀତରେ ଓଡ଼ିଶାବାସୀ ସେମାନଙ୍କୁ ଉଚିତ୍ ଜବାବ ଦେଇଥିଲେ ଏବଂ ଆଗକୁ ମଧ୍ୟ ଉଚିତ ଜବାବ ଦେବେ ବୋଲି ଡକ୍ଟର ପାତ୍ର କହିଛନ୍ତି।

- ରୂପାନ୍ତରଣ ଅଭିଯାନ ଓଡ଼ିଶା ବିଜେପି ନେତାଙ୍କ ନିଦ ହଜାଇଛି
- ଓଡ଼ିଶାବାସୀ ଉଚିତ ଜବାବ୍ ଦେଇଛନ୍ତି, ଆଗକୁ ମଧ୍ୟ ଦେବେ

ମଦ ବ୍ୟବସାୟୀଙ୍କ ପିଛା ଛାଡୁନି ଆୟକର ବିଭାଗ

ଭୁବନେଶ୍ୱର,୧୬।୧୨(ସମିସ): ମଦ ବ୍ୟବସାୟ ସାହୁଙ୍କ ପିଛା ଛାଡୁନି ଆୟକର ବିଭାଗ। କଳାଧନ ଖୋଜି ନ ପାଇବା ପର୍ଯ୍ୟନ୍ତ ଚଢ଼ଉ ଜାରି ରହିଛି। ବୌଦ୍ଧ ଡିଷ୍ଟିଲାରୀ ପ୍ରାଇଭେଟ୍ ଲିଙ୍କ୍‌ରେ ଆଜି ପୁଣି ଢେଙ୍କାନାଳ ଜିଲ୍ଲା ତୁମୁସିଙ୍ଗା ଥାନା ଅନ୍ତର୍ଗତ ରାୟନୃସିଂହପୁର ପଞ୍ଚାୟତ ମାଛିଆ ଗାଁରେ ଥିବା ଶକ୍ତି ମଲ୍ଟଏୟାର ଆଣ୍ଡ ଲିମୋନେଡ୍ ପ୍ରାଇଭେଟ୍ ଲିମିଟେଡ୍ ଉପରେ ଆୟକର ବିଭାଗ ଚଢ଼ଉ କରିଛି। ଗତକାଲି ଆୟକର ବିଭାଗର ୨ଟି ଟିମ୍ ବିଳମ୍ବିତ ରାତି ପର୍ଯ୍ୟନ୍ତ ଚଢ଼ଉ କରିଥିବା ବେଳେ ଆଜି ବି ଏହି ରେଡ୍ କରାଯାଇଛି।

ଚଢ଼ଉ ବେଳେ ଆୟକର ବିଭାଗ ଅଧିକାରୀମାନେ କମ୍ପାନୀର କାଗଜପତ୍ର ତନ୍ନତନ୍ନ କରି ଯାଞ୍ଚ କରିଛନ୍ତି। ଏଥିସହ ଉକ୍ତ କମ୍ପାନୀ ଭିତରେ ଥିବା ଏକାଧିକ ସନ୍ଦିଗ୍ଧ ସ୍ଥାନକୁ ମଧ୍ୟ ଟକିନିଖି କରି ଯାଞ୍ଚ କରାଯାଇଛି। ଚାଢ଼ଉ ସମୟରେ ଉକ୍ତ କମ୍ପାନୀର ମ୍ୟାନେଜର ଏବଂ କିଛି କର୍ମଚାରୀଙ୍କୁ ଆୟକର ବିଭାଗ ପଚରାଉଚରା କରିଥିଲା। ଗଲା ବେଳକୁ ଆୟକର ବିଭାଗ ଏକାଧିକ ଦସ୍ତାବିଜ୍ ସାଥିରେ ନେଇଥିବା ଜଣାପଡ଼ିଛି।

- ବୌଦ୍ଧ ଡିଷ୍ଟିଲାରୀ ପ୍ରାଇଭେଟ୍ ଲିଙ୍କ୍‌ରେ ଢେଙ୍କାନାଳରେ ଚଢ଼ଉ
- ଶକ୍ତି ମଲ୍ଟ ଏୟାର ଆଣ୍ଡ ଲିମୋନେଡ୍ କମ୍ପାନୀରେ ଆଇଟି ଚଢ଼ଉ
- ଅନୈତିକ ଭାବେ ମଦ ରଖିବା ଅଭିଯୋଗରେ ଚଢ଼ଉ
- ବୌଦ୍ଧ ଡିଷ୍ଟିଲାରୀରୁ ସ୍ପିରିଟ୍ ଶକ୍ତି ମଲ୍ଟ ଏୟାରକୁ ଆସୁଥିଲା

ମଲ୍ଟଏୟାର ଆଣ୍ଡ ଲିମୋନେଡ୍ ପ୍ରାଇଭେଟ୍ ଲିମିଟେଡ୍ କମ୍ପାନୀ ବୌଦ୍ଧ ଡିଷ୍ଟିଲାରୀ ପ୍ରାଇଭେଟ୍ ଲିମିଟେଡରୁ ସ୍ପିରିଟ ଆଣିଥାଏ। ବୌଦ୍ଧ ଡିଷ୍ଟିଲାରୀ ପ୍ରାଇଭେଟ୍ ଲିମିଟେଡରୁ ସ୍ପିରଟ୍ ଆଣିଲା ବେଳେ ସ୍ୱଚ୍ଛତା ଅବଲମ୍ବନ କରିଛି କି ନାହିଁ, ତାହା ଯାଞ୍ଚ କରାଯାଉଛି। ଏହି କମ୍ପାନୀ ଦୀର୍ଘ ଦିନ ହେବ ପ୍ରଡକ୍ଟ ତିଆରି କ୍ଷେତ୍ରରେ ଟିକସ ଫାଙ୍କି ଆସୁଥିବା ଅଭିଯୋଗ ରହିଛି।

କିଛି ଦିନ ପୂର୍ବରୁ ଶକ୍ତି ମଲ୍ଟଏୟର ଆଣ୍ଡ ଲିମୋନେଡ୍ ପ୍ରାଇଭେଟ୍ ଲିମିଟେଡ୍ କମ୍ପାନୀରେ ଅବକାରୀ ବିଭାଗ ଚଢ଼ଉ କରାଯାଇଥିଲା। କେବଳ ଓଡ଼ିଶାରେ ନୁହେଁ, କୋଲକତା ସମେତ ରାଞ୍ଚିର ବିଭିନ୍ନ ସ୍ଥାନରେ ଏକକାଳୀନ ଚଢ଼ଉ କରାଯାଇଥିଲା। ୨୯ଡିସେମ୍ବର ୨୦୦୮ରେ କୋଲକତାରେ ପଞ୍ଜିକୃତ ହୋଇଥିବା ଏହି କମ୍ପାନୀର ଓଡ଼ିଶାର ବିଭିନ୍ନ ଶାଖାରେ ବହୁ ବିଜନେସ୍ ରହିଛି। ତେଣୁ ଜବତ ହୋଇଥିବା ସାଢ଼େ ୩ଶହ କୋଟି କେଉଁଠୁ ଆସିଲା, ସେନେଇ ଆଇଟି ବିଭାଗ ଛାନ୍‌ଭିନ୍ ଚଳାଇଛନ୍ତି। ଏହି କମ୍ପାନୀ କେତେ ଆୟକର ଫାଙ୍କିଛି, ସେନେଇ ମଧ୍ୟ ଖୋଳତାଡ଼ କରାଯାଉଛି।

କ୍ଲୋନ୍ ଚେକ୍ ମାମଲାରେ ୨ଜଣଙ୍କୁ ଜେଲ୍

ଭୁବନେଶ୍ୱର, ୧୬।୧୨(ସମିସ): କ୍ଲୋନ୍ ଚେକ୍ ଜରିଆରେ କେନ୍ଦୁଝର ଜିଲା ବଡ଼ବିଲ ମ୍ୟୁନିସିପାଲିଟି ଆକାଉଣ୍ଟରୁ ୨.୪୫ କୋଟି ଟଙ୍କା ଠକେଇ ମାମଲାରେ ବାଲେଶ୍ୱର ଜିଲା ଓପିଆଇଡି କୋର୍ଟ ଶୁକ୍ରବାର ରାୟ ଶୁଣାଇଛନ୍ତି। ଏହି ମାମଲାରେ ସଂପୃକ୍ତ ଦୁଇ ଅଭିଯୁକ୍ତଙ୍କୁ ଦୋଷୀ ସାବ୍ୟସ୍ତ କରିବା ସହ ୭ବର୍ଷ ଲେଖାଏଁ ଜେଲ୍ ଓ ୨.୫ଲକ୍ଷ ଲେଖାଏଁ ଜରିମାନାରେ ଦଣ୍ଡିତ କରିଛନ୍ତି। ଜରିମାନା ଅନାଦାୟ ହେଲେ ଅଧିକ ୨୭ମାସ ଲେଖାଏଁ ଜେଲ୍ ଦଣ୍ଡ ଭୋଗିବାକୁ ରାୟରେ ଉଲ୍ଲେଖ ରହିଛି। ସେମାନେ ହେଲେ, ସୁବାସ ଘିଙ୍ଗି ଗିରି ଓ ସୈଦ ଶାହବାଜ୍ ନକ୍‌ଭି। ଦୁଇଜଣଯାକ ଏବେ ଜେଲ୍‌ରେ ଅଛନ୍ତି।ଗତ ୨୦୨୨ ମାର୍ଚ୍ଚ ୨୪ରେ କ୍ରାଇମବ୍ରାଞ୍ଚ ଇଓଡବ୍ଲ୍ୟୁ ସୁବାସଙ୍କୁ ଓ ଏହାର ଗୋଟିଏ ଦିନ ପରେ ସୈଦ ଶାହବାଜ୍‌ଙ୍କୁ ଗିରଫ କରିଥିଲା। ବାଲେଶ୍ୱର ଓପିଆଇଡି କୋର୍ଟରେ ଇଓଡବ୍ଲ୍ୟୁ ପକ୍ଷରୁ ୨୦୨୨ ଜୁଲାଇ ୧୯ରେ ଚାର୍ଜସିଟ୍ ଦାଖଲ ହୋଇଥିଲା। ଏହାପରେ ଶୁଣାଣି ପ୍ରକ୍ରିୟା ଆରମ୍ଭ ହୋଇଥିଲା। ଇଓଡବ୍ଲ୍ୟୁ ପକ୍ଷରୁ ସ୍ୱତନ୍ତ୍ର ସରକାରୀ ଓକିଲ ପ୍ରଣବ କୁମାର ପଣ୍ଡା ମାମଲା ପରିଚାଳନା କରୁଥିଲେ। ଇଓଡବ୍ଲ୍ୟୁ ପକ୍ଷରୁ ଦିଆଯାଇଥିବା ସୂଚନା ଅନୁଯାୟୀ, ବଡ଼ବିଲ୍ ମ୍ୟୁନିସିପାଲିଟିର ଆକାଉଣ୍ଟରୁ ଅଭିଯୁକ୍ତଦ୍ୱୟ ୨ କୋଟି ୪୫ ଲକ୍ଷ ୬୦ହଜାର ୮୦୦ ଟଙ୍କା ହଡ଼ କରିଥିଲେ। ୨୦୨୨ ମାର୍ଚ୍ଚରେ ୪ ଫେକ୍ ଚେକ୍ ମାଧ୍ୟମରେ ମ୍ୟୁନିସିପାଲିଟିର ବ୍ୟାଙ୍କ୍ ଅଫ ବରୋଦା ଆକାଉଣ୍ଟରୁ ଅଭିଯୁକ୍ତଦ୍ୱୟ ଏହି ଟଙ୍କା ଉଠାଇ ନେଇଥିଲେ।

- ବଡ଼ବିଲ ମ୍ୟୁନିସିପାଲିଟିର ୨କୋଟି ୪୫ ଲକ୍ଷ ଟଙ୍କା ହଡ଼ପ କରିଥିଲେ

ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

ଯାଜପୁରରୁ କାଶ୍ମୀର...

କରି ଯୁବତୀମାନେ ବି ତାଙ୍କୁ ପ୍ରେମ କରି ବସୁଥିଲେ। ଏମିତି ମିଥ୍ୟା ପ୍ରେମ ଜାଲରେ ଫସାଇ ସେ ଦେଶର ବିଭିନ୍ନ ରାଜ୍ୟରେ ୬ରୁ ୭ଜଣଙ୍କୁ ବିବାହ କରିଛି। କଶ୍ମୀର, ଉତ୍ତରପ୍ରଦେଶ, ମହାରାଷ୍ଟ୍ର, ପଞ୍ଜାବ, କେରଳ, ଓଡ଼ିଶା ସମେତ ବିଭିନ୍ନ ରାଜ୍ୟର ଯୁବତୀଙ୍କୁ ସେ ପ୍ରେମ ବିବାହ କରିଛି। ତା' ନାମରେ ଯୁପିରେ ଲଭ୍ ଜିହାଦ ମାମଲା ମଧ୍ୟ ରହିଛି।

ସମାନ ଉପାୟରେ ସେ ଯାଜପୁର ଜିଲ୍ଲାର ଜଣେ ଯୁବତୀଙ୍କୁ ଫେସ୍‌ବୁକ୍ ମାଧ୍ୟମରେ ପ୍ରେମ ନିବେଦନ କରି ସଫଳ ହେବା ପରେ ତାଙ୍କୁ ବିବାହ କରିଥିଲା। ପରେ ସେ ଯାଜପୁର ନେଉଳପୁର ଅଞ୍ଚଳରେ ଘର ଭଡ଼ା ନେଇ ରହୁଥିଲା। ସେ ୧୫ଦିନ ଘରେ ରହୁଥିବା ବେଳେ ବାକି ଦିନ ବାହାରକୁ ପଳାଉଥିଲା। ପୁଣି ୨ରୁ ୩ମାସ ପରେ ଆସୁଥିଲା। ତା'ର ଏକ ଛୋଟ ଝିଅ ମଧ୍ୟ ରହିଛି। ୨୦୧୮ ମସିହାରୁ ବୁଖାରୀ ଯାଜପୁର ଜିଲ୍ଲା ଧର୍ମଶାଳା ଥାନା ଅଞ୍ଚଳରେ ରହୁଥିଲା।

କ୍ରାଇମବ୍ରାଞ୍ଚ ଆଇଜି ଶ୍ରୀ ପଙ୍କଜଙ୍କ କହିବା ଅନୁସାରେ, ବୁଖାରୀର କାର୍ଯ୍ୟକଳାପ ଉପରେ ସନ୍ଦେହ ହେବାରୁ ଏସ୍‌ଟିଏଫ୍ ତା' ଉପରେ ତୀକ୍ଷ୍ଣ ନଜର ରଖିଥିଲା। ଯାଞ୍ଚ ପରେ ସେ ଜଣେ ଡାକ୍ତର ନୁହେଁ ବୋଲି ସ୍ପଷ୍ଟ ହୋଇଥିଲା। ଏହା ପରେ ଏସ୍‌ଟିଏଫ ତା' ଘରେ ଚଢ଼ଉ କରି ବହୁ ନକଲି ଡାକ୍ତର ସାର୍ଟିଫିକେଟ୍, ଆଇ କାର୍ଡ, ଏଟିଏମ୍ କାର୍ଡ, ସିମ୍‌କାର୍ଡ ଓ ଅନ୍ୟାନ୍ୟ କାଗଜପତ୍ର ଜବତ କରିଥିଲା। ୭ ଜଣଙ୍କୁ ବିବାହ କରିଥିବା ସତ୍ତ୍ୱେ ସେ ଅନେକ ଯୁବତୀଙ୍କ ସହିତ ବିଭିନ୍ନ ଆପ୍‌ରେ ଚାଟ୍ କରି ପ୍ରେମ ନିବେଦନ କରୁଥିଲା। ଯାହାର ପ୍ରମାଣ ମୋବାଇଲ୍ ଓ ଆପ୍‌ରୁ ମିଳିଛି। ବର୍ତ୍ତମାନ ସୁଦ୍ଧା ସେ ୬ରୁ ୭ ଜଣଙ୍କୁ ବିବାହ କରିଥିବାର ପ୍ରମାଣ ମିଳିଛି। ସେ ଆହୁରି ଅନେକ ମହିଳାଙ୍କୁ ବିବାହ କରିଥିବା ସନ୍ଦେହ କରାଯାଉଛି। ତା' ଉପରେ ତଦନ୍ତ ଚାଲିଛି। ଏହାସହ ପଞ୍ଜାବ ଓ କଶ୍ମୀର ପୁଲିସ୍ ସହିତ ଯୋଗାଯୋଗ କରାଯାଉଛି। ପ୍ରମାଣ ମିଳିଲେ, ସବୁ ସ୍ପଷ୍ଟ ହେବ ବୋଲି ଶ୍ରୀ ପଙ୍କଜ କହିଛନ୍ତି। ବୁଖାରୀର ବାପା ମଧ୍ୟ ଜଣେ ଅପରାଧୀ। ସେ ପଞ୍ଜାବରେ ଡ୍ରଗ୍ସ ମାମଲାରେ ଗିରଫ ହୋଇଥିଲେ। ଏବେ ଜାମିନ୍‌ରେ ଅଛନ୍ତି। ବୁଖାରୀ ବିଭିନ୍ନ ବେଆଇନ କାମ ପାଇଁ ପାକିସ୍ତାନରୁ ଯୁବକ ଯୋଗାଡ଼ କରୁଥିବା ତଦନ୍ତରୁ ଜଣାପଡ଼ିଛି। ତାକୁ ୧୦ଦିନ ରିମାଣ୍ଡରେ ଆଣି ପଚରାଉଚରା କରାଯିବ।

କୃଷିକ୍ଷେତ୍ରରେ ସେଚ...

'୫-ଟି' ଉପକ୍ରମରେ ଜଳସେଚନର ବିକାଶ କାର୍ଯ୍ୟକ୍ରମକୁ ତ୍ୱରାନ୍ୱିତ କରାଯାଇଛି। ଅପର ଇନ୍ଦ୍ରାବତୀ, ଲୋୟର ଇନ୍ଦ୍ର, ଦେଓ ଏବଂ ସୁବର୍ଣ୍ଣରେଖା ପରି ବଡ଼ବଡ଼ ପ୍ରକଳ୍ପରୁ ଚାଷୀମାନେ ଜଳସେଚନ ସୁବିଧା ପାଉଛନ୍ତି। ଏହାଛଡ଼ା ଗଙ୍ଗାଧର ମେହର ପ୍ରକଳ୍ପ ଓ ଲୋୟର ସୁକତେଲ ପରି ଅନ୍ୟ ବଡ ବଡ ପ୍ରକଳ୍ପ ମଧ୍ୟ ଖୁବ୍ ଶୀଘ୍ର କାର୍ଯ୍ୟକ୍ଷମ ହେବାକୁ ଯାଉଛି ବୋଲି ସେ କହିଥିଲେ। ନଦୀଗୁଡ଼ିକରେ ସବୁଦିନ ପାଣି ମିଳିବାର ସୁବିଧା ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ୨୦ଟି ନଦୀଗର୍ଭ ଜଳାଶୟ ପ୍ରକଳ୍ପ କରାଯାଉଛି। ଏହି ସବୁ ପ୍ରକଳ୍ପ ଦ୍ୱାରା ରାଜ୍ୟର କୃଷି କ୍ଷେତ୍ର ସମୃଦ୍ଧ ହେବ ଏବଂ ଚାଷୀଭାଇଙ୍କର ରୋଜଗାର ବୃଦ୍ଧି ହେବ। ଏହି ଅବସରରେ ମୁଖ୍ୟମନ୍ତ୍ରୀ ମେଗାଲିଫ୍ଟର ସୁପରିଚାଳନା ପାଇଁ 'ଓକାକ୍' ଦ୍ୱାରା ପ୍ରସ୍ତୁତ ଇଉ-ମେଗାଲିଫ୍ଟ ଆପ୍‌ର ଲୋକାର୍ପଣ କରିଥିଲେ। ସୂଚନାଯୋଗ୍ୟ, ୨୦୧୧ ମସିହାରେ ରାଜ୍ୟରେ ପାର୍ବତୀଗିରି ବୃହତ୍ ଉଠା ଜଳସେଚନ ପ୍ରକଳ୍ପ ଆରମ୍ଭ ହୋଇଥିଲା। ଏଥିରେ ୨୦୮ଟି ପ୍ରକଳ୍ପ ସଫଳତାର ସହ ଶେଷ ହୋଇଛି ଏବଂ ଏହା ଦ୍ୱାରା ୨, ୬୪, ୩୩୦ ହେକ୍ଟର ଚାଷ ଜମିକୁ ଜଳସେଚନର ସୁବିଧା ମିଳିଛି। ସେହିପରି ଦ୍ୱିତୀୟ ପର୍ଯ୍ୟାୟରେ ୧୭୦ଟି ପ୍ରକଳ୍ପ ହାତକୁ ନିଆଯାଇଛି। ଏହାଦ୍ୱାରା ୧, ୧୩, ୫୪୦ ହେକ୍ଟର ଜମି ଜଳସେଚିତ ହୋଇପାରିବ।

କାର୍ଯ୍ୟକ୍ରମରେ ରାଜ୍ୟ ଜଳସମ୍ପଦ ମନ୍ତ୍ରୀ ଟୁକୁନି ସାହୁ ଯୋଗଦେଇ କହିଥିଲେ ଯେ ଆଜି ଜଳସମ୍ପଦ ବିଭାଗ ତଥା ଆମ ରାଜ୍ୟ ପାଇଁ ଏକ ସ୍ମରଣୀୟ ଦିନ ହୋଇ ରହିବ। ଡିପ ଅଞ୍ଚଳରେ ପାଣି ଅଭାବ ଯୋଗୁଁ ଚାଷୀମାନଙ୍କର ସମସ୍ୟାକୁ ଦୃଷ୍ଟିରେ ରଖି ଆରମ୍ଭ କରାଯାଇଥିବା ଏହି ଉଠାଜଳସେଚନ ପ୍ରକଳ୍ପ ଆଜି ମୁଖ୍ୟମନ୍ତ୍ରୀଙ୍କର ଦିଗ୍‌ଦର୍ଶନ ଓ ଆନ୍ତରିକତା ଯୋଗୁଁ ଜଳସେଚନ କ୍ଷେତ୍ରରେ ଯୁଗାନ୍ତକାରୀ ପରିବର୍ତ୍ତନ ଆଣିପାରିଛି। ଏ ପ୍ରକଳ୍ପ ଜରିଆରେ ଚାଷୀମାନଙ୍କର ଡିପ ଜମିରେ ଜଳସେଚନ ଠିକ୍ ଭାବରେ ହୋଇ ଜୀବନଧାରଣ ଓ ସାମଗ୍ରିକ ବିକାଶ କ୍ଷେତ୍ରରେ ପରିବର୍ତ୍ତନ ଆସିଛି।

କାର୍ଯ୍ୟକ୍ରମରେ ଭିଡିଓ କନ୍‌ଫରେନ୍‌ସିଂ ଜରିଆରେ ବାଙ୍କୀ ବିଧାୟକ ଦେବୀରଞ୍ଜନ ତ୍ରିପାଠୀ ଏବଂ ଘସିପୁରା ବିଧାୟକ ବଦ୍ରିନାରାୟଣ ପାତ୍ର ଯୋଗଦେଇ କହିଥିଲେ ଯେ ଏହି ପ୍ରକଳ୍ପ କାର୍ଯ୍ୟକାରିତା ଯୋଗୁ ତାଙ୍କ ଅଞ୍ଚଳର ଚାଷୀ ଭାଇଭଉଣୀମାନେ ବହୁଳ ଭାବେ ଉପକୃତ ହେବେ। ମୁଖ୍ୟମନ୍ତ୍ରୀ ମେଗା ଲିଫ୍ଟ ସ୍ଥାପନ ପାଇଁ କଥା ଦେଇଥିଲେ, କଥା ରଖି ସେ ଏହାକୁ କାମରେ କରି ଦେଖାଇଦେଲେ। ଅଞ୍ଚଳବାସୀ ସେଥିପାଇଁ ମୁଖ୍ୟମନ୍ତ୍ରୀଙ୍କୁ ବହୁତ ବହୁତ ଧନ୍ୟବାଦ ଦେଉଛନ୍ତି ବୋଲି ସେମାନେ କହିଥିଲେ।

କାର୍ଯ୍ୟକ୍ରମ ଅବସରରେ ସୁବର୍ଣ୍ଣପୁର ଜିଲ୍ଲା ଉଲୁଣ୍ଡାର ଚାଷୀ ଲକ୍ଷ୍ମଣ ବାରିକ ଏବଂ ଢେଙ୍କାନାଳର ବବିତା ପାତ୍ର ମୁଖ୍ୟମନ୍ତ୍ରୀଙ୍କ ସହ ଭିଡିଓ କନଫରେନ୍‌ସିଂରେ ଆଲୋଚନା ଜରିଆରେ କହିଥିଲେ ଯେ ମେଗା ଉଠା ଜଳସେଚନ ପ୍ରକଳ୍ପ କାର୍ଯ୍ୟକାରିତା ଯୋଗୁ ଆମ ଚାଷୀକୁଳର ବହୁତ ଉନ୍ନତି ଘଟିବ ଏବଂ ଆମ ଚାଷଜମିକୁ ପାଣି ଠିକ୍ ଭାବରେ ମିଳିବ। ଆମେ ପନିପରିବାଠାରୁ ଆରମ୍ଭ କରି ସମସ୍ତ ପ୍ରକାର ଚାଷ କାର୍ଯ୍ୟ ଠିକ୍ ଭାବରେ କରିପାରିବୁ। ଏହି ପ୍ରକଳ୍ପ କାର୍ଯ୍ୟକାରୀ କରିଥିବାରୁ ଆମ ପ୍ରିୟ ମୁଖ୍ୟମନ୍ତ୍ରୀଙ୍କୁ ଆମେ ଧନ୍ୟବାଦ ଜଣାଉଛୁ ବୋଲି ସେମାନେ କହିଥିଲେ। କାର୍ଯ୍ୟକ୍ରମରେ କୃଷି ଓ କୃଷକ ସଶକ୍ତୀକରଣ ବିଭାଗର ପ୍ରମୁଖ ଶାସନ ସଚିବ ଡ. ଅରବିନ୍ଦ ପାଢ଼ୀ, ଜଳ ସମ୍ପଦ ବିଭାଗର ବରିଷ୍ଠ ଅଧିକାରୀଗଣ, ବିଭିନ୍ନ ଜିଲ୍ଲାର ଜିଲ୍ଲାପାଳ ଓ ଚାଷୀ ଭାଇଭଉଣୀମାନେ ଉପସ୍ଥିତ ଥିଲେ। ଉନ୍ନୟନ କମିଶନର ତଥା ଜଳସମ୍ପଦ ବିଭାଗର ଅତିରିକ୍ତ ମୁଖ

ସୃଜନିକା

ସକାଳ
THE SAKALA
www.sakalaepaper.com

ଆଉ ଥରେ ଜହ୍ନରାତି

ମହାଶ୍ୱେତା ସାହୁ

ଅପରାହ୍ନରେ ଆସକ୍ତି ନଥିଲା । ବରଂ ଥିଲା ଗୋଟେ ଆର୍ଦ୍ର ଉଦାସୀନ ଅସହାୟତା । ଆହୁରି ଟିକେ ଚିପୁଡ଼ି ହୋଇପଡ଼ିଥିଲା ଲେମ୍ବୁ ଚିପୁଡ଼ି ହେବାପରି ନିଜ ଭିତରୁ ନିଜେ ।

ମୁଠାଏ ମୁରୁଜ ଆଙ୍କି ହୋଇଯାଇଥିଲା ଆଷାଢ଼ୀ ଆକାଶରେ ଆଉ ମନରେ ମଧ୍ୟ । କେଉଁଠି ଗୋଟେ ମୃଦୁ କମ୍ପନ ଥିଲା ଅଥଳ ସମୁଦ୍ର ଭଳି ମନରେ ମଧ୍ୟ । କୂଳ ଲଙ୍ଘିଯିବାର ପ୍ରୟାସରେ ମନର ଉପତ୍ୟକା କିନ୍ତୁ ଓଦାହୋଇ ପାରୁନଥିଲା ।

"ତୁମେ ମୋ ପାଇଁ ଏ ରାତିର ସେଇ ଜୋସ୍ନାସ୍ନାତ ଉପତ୍ୟକା । ଯାହା ଲଙ୍ଘିଯିବାକୁ ଖୋଜି ମୁଁ ଅସମର୍ଥ ।" - କହିଥିଲ ତୁମେ ।

"ଆସ ମୁଁ ତୁମକୁ ନେଇଯିବି ରାତିର ଅନେକ ରଙ୍ଗିନ ସ୍ୱପ୍ନ ପାଖକୁ । ଯେଉଁଠି ତମେ ଦେଖିବ ଅସୁମାରି ଅସରନ୍ତି ସ୍ୱପ୍ନ । ଯାହାର ଶେଷ ନାହିଁ ।" - କହିଥିଲି ମୁଁ ।

-ତୁମେ ହୁଏତ ଗୋଟେ ସ୍ୱପ୍ନ ପରି – ଅସୁମାରି ଆବେଗ ।

-ସତରେ ?

-ହଁ, ଅବିଶ୍ୱାସ କଲାପରି ଏଥିରେ ତ କିଛି ନାହିଁ । -ଚକିତ ହୋଇ କହୁଥିଲ । ଅନେକ ଅଛି କହି ସେ ବିବ୍ରତ ହୋଇପଡ଼ିଥିଲା ।

-ତୁମେ ଠିକ୍ ଗୋଟେ ପ୍ରଶ୍ନ ପରି । ହଁ ଅନେକ କାହିଁକି, ଗୋଟିଏ ପ୍ରଶ୍ନ ପରି ।

-ନା ମୁଁ ପ୍ରଶ୍ନ ହୋଇପାରେନା । ଏହା ମୋର ଦୃଢ଼ୋକ୍ତି । ହୁଏତ ମୁଁ ତୁମର ଅନେକ ପ୍ରଶ୍ନର ଉତ୍ତର ହୋଇପାରେ ।

-ହଁ, ତୁମେ କିନ୍ତୁ ମୋର ଗପ ବହି । ଯାହା ଭିତରେ ମୁଁ ନିଜକୁ ପ୍ରତିପୃଷ୍ଠାରେ ଖୋଜିପାରେ ଅକ୍ଳେଶରେ, ସମୟହୀନ ଶୂନ୍ୟ ପ୍ରହରରେ ।

-ଆଉ ତୁ ହୋଇପାରୁ ମୋ ଗପର ଚରିତ୍ର, ପ୍ରତି ସ୍ପର୍ଶର ଆବେଗ । ଯାହାକୁ ତତେ ଶବ୍ଦରେ ଆଙ୍କିପାରେ, ପ୍ରେମ କରିପାରେ ।

-ଧେତ୍ !! ପ୍ରେମ ତ କରାଯାଏନି । ପ୍ରେମ ହୋଇଯାଏ । ଏମିତି ଏକ ସର୍ତ୍ତହୀନ ଆବେଗ, ଯାହା ଭିତରେ ଜଣେ ଥରେ ପଡ଼ିଗଲେ ଅତଳ ଗର୍ଭକୁ ହଜିଯାଏ ।

-କିନ୍ତୁ ସେ ତ ଆବେଗ ମାତ୍ର । ଯାହାକୁ ବାନ୍ଧିବାକୁ ପଡ଼େ, ଛୁଇଁଦେଇ ଗଲା ବେଳେ, ତାକୁ ତୋଳି ଧରିବାକୁ ପଡ଼େ । ଯଦି ନ ଧରିଲ, ତାକୁ ବାନ୍ଧି ପାରିଲେ, ସେ ଖସିଯାଏ; ଯେ ଯାଏ...।

ସେଦିନ ଦୁଇଟି ଦୀର୍ଘଶ୍ୱାସ ଥରାଇ ଦେଇଥିଲା ଛାତି । ଅତୀତ ପୁଣି ଥରେ ସତରେ ଫେରେ??

ଯଦି ସେ ଅତୀତ ଫେରେ? ପ୍ରେମରେ କିଛି ନିବିଡ଼ ମିଠା ସତ୍ୟ ନେଇ...। ଏଥର ଫୋନ୍ ବାଜି ଉଠିଲା । ଲଳିତ ଥିଲା ଫୋନ୍‌ରେ । ସେ ଫେରିଆସିଲା ଅତୀତରୁ ।

ସେପଟୁ ଥିଲା ସେଇ ଅନ୍ତରଙ୍ଗ ଉଚ୍ଚାଟ । ଉଲ୍ଲାସପୂର୍ଣ୍ଣ ଗଭୀରତା ସହ ଲଳିତ କହୁଥିଲା- "ଏବେ ତୋତେ ଫୋନ୍ କରିବାକୁ ମନେ ପଡ଼ିଲା ।"

ମୁଁ ହସି ଦେଲି ଫିକ୍ କରି – "ନାଇବେ ନନ୍‌ସେନ୍‌ସ୍ ! ସକାଳୁ ମନେଥିଲା ଏ ଦିନ କ'ଣ ଭୁଲି ହୁଏ । ତୋ ସହ ପ୍ରଥମ ଭେଟର ଦିନ ଆଜି ।"

ଟିକକ ପୂର୍ବରୁ ଉତ୍ସାହ, ଯେମିତି ମଳିନ ପଡ଼ିଯାଇଥିଲା ।

- ହଁ ତୁ ବିଶ୍ୱାସ କର, ଆଉ ସେଦିନ ନାହିଁ ଏକାପରି ! ଜୀବନ କେତେ ବଦଳି ଯାଇଛି ଜାଣୁ ।

- ତା'ମାନେ ମୁଁ ତୋ ପାଇଁ କିଛି ସେମିତି ସ୍ପେସିଆଲ୍ ନୁହେଁ ନାହିଁ?? ତାହା ହେଲେ କାହିଁକି ଫୋନ୍ କଲୁ??

- ରୁହ! ମୂର୍ଖ ତୁ, ସବୁବେଳେ ମୂର୍ଖ ରହିବୁ । ଯେ ସ୍ପେସିଆଲ୍ ତାକୁ କହିବାକୁ ପଡ଼େନା । ସେ ରହିଥାଏ ହୃଦୟରେ, ସୁରକ୍ଷିତ ଭାବରେ ।

- ଜାଣୁ କେତେ ତୋତେ ଖୋଜିଛି?? କେତେ ବିକଳ ହୋଇଛି । କେତେ ନିଶାଗ୍ରସ୍ତ ହୋଇ ପଡ଼ିଥିଲି । ଏଠି ସେଠି ସହରର ସବୁ ଜାଗାରେ ଖୋଜିଛି । କାଳେ ତୁ ମିଳିଯିବୁ । କିଏ ଯଦି କହେ ଏଇଠି ତୋ ନା' ର ଝିଅଟେ ଅଛି, ମୁଁ ଧାଇଁ ଯାଉଥିଲି ପାଗଳଙ୍କ ପରି ତତେ ଭେଟିବାକୁ । ଅଥଚ ତୁ...।

-କହତ କେମିତି ତୁ ମତେ ପଛକରି ବଞ୍ଚିପାରିଲୁ ?? ଇଡିଅଟ୍ । କେତେ ଇଡିଏଟ୍ ତୁ...ଏଇ ଶୁଣ ନା, ଥରେ ଆଉ ଡାକିଦେନା ମୋତେ ମୋ 'ନନ୍‌ସେନ୍‌ସ୍' ବୋଲି । - ବିକଳ ହୋଇ କହୁଥାଏ ଲଳିତ ।

ମୁଁ ହସି ଉଠିଲି ତା' ପିଲାଳିଆମି ଓ ପାଗଳାମିକୁ ଦେଖି । ଆଜି ବି ସେମିତି ଅଛି । ଟିକେ ମଧ୍ୟ ବଦଳିନି । ପ୍ରେମିକ ତା'ର... । ମୁଁ କହି ଉଠିଲି - ତୁ ତ ସବୁକାଳେ ମୋ ନନ୍‌ସେନ୍‌ସନ୍ ଥିଲୁ, ଅଛୁ ଆଉ ରହିବୁ ମଧ୍ୟ ।

-ସତେ -??

- ହଁ ।

- ତୁ ମନେ ପକାଉ ମତେ??

- ସବୁବେଳେ, କିନ୍ତୁ ସତ କହିବି, ଭାବିଥିଲି ତୁ ବଦଳି ଯାଇଛୁ ! ମାତ୍ର ଟିକେ ମଧ୍ୟ ବଦଳିନୁ । ଲାଗୁନି ମୁଁ ଏ ସମୟକୁ ପାର କରିନି ବୋଲି । ଲାଗୁଚି କାଲି ବୋଧହୁଏ ୟୁନିଭର୍‌ସିଟି କ୍ୟାମ୍ପସ୍ ଭିତରେ ଭେଟିଥିଲେ । ପୁଣି ଆଜି ମଧ୍ୟ... । କହିଲି ମୁଁ, କଣ୍ଠରେ ଥିଲା ମୋର ଆର୍ଦ୍ରତା ।

- କିଛି ବି ବଦଳିନି ମୁଁ । ଖାଲି ଯା' ସମୟ ଓ ପରିସ୍ଥିତି ବଦଳି ଯାଇଛି ।

- ହଁ ସେଇ ସମୟ !! ଯାହା ଆଜି ନାହିଁ ଆମ ସପକ୍ଷରେ ...ତାହା ହିଁ ଏକମାତ୍ର ସତ୍ୟ ନନ୍‌ସେନ୍‌ସନ୍ ।

ଏଥର ତୁ ଉତକ୍ଷିପ୍ତ ହୋଇ ଉଠିଲୁ । କହି ଉଠିଲୁ ଚିତ୍କାର କଲାପରି ।

- ଭୁଲ ! ଏବେ ଆହୁରି ନିବିଡ଼ କରିଦେଇଛି ସମୟ । ତୋତେ ମତେ ଆହୁରି ଅନ୍ତରଙ୍ଗ କରିଦେଇଛି । ଲାଗୁଛି ଏବେ ବି ସେ ମୁହୂର୍ତ୍ତ ମୁଁ ତୋ ପାଖରେ ଥିବା ପରି । ୟୁନିଭର୍‌ସିଟିରେ ସେଇ ଚାକୁଣ୍ଡା ଗଛ ମୂଳେ । ତୁ ଆଉ ମୁଁ ଅଛେ... ବାକି ସବୁ ମିଛ !!

ମୁଁ ଅନୁଭବ କରୁଥିଲି । ଜାଣି ପାରୁଥିଲି ତୁ କାନ୍ଦୁଥିଲୁ । ତୋ ଆଖିରେ ଅସରାଏ ଲୁହ ଥିଲା । ତୁ ଓ ତୋର ସବୁ ଅନୁଭବ ସହ ମୁଁ ଖୁବ୍ ପରିଚିତ ଥିଲି ।

ମୋ କଣ୍ଠରେ ଦୃଢ଼ତା ଥିଲା । ମୁଁ କହିଉଠିଲି – "କେବେ ହୋଇପାରେନା, ଆମେ ଆମ ସ୍ଥିତିରୁ ବାହାରି କେବେ ମଧ୍ୟ ଯିବାନି । ଆଉ ପ୍ରଥମ ସ୍ମୃତିକୁ କେବେ ମଧ୍ୟ ଫେରିପାରିବାନି ପୁଣିଥରେ । ଏ କଥା ହେଉଛି ସତ ।"

ଗୋଟେ ଶକ୍ତ ନିର୍ମୋକ ଦୀର୍ଘଶ୍ୱାସ ଉତୁରିଗଲା ତୋ ଛାତିରୁ ।

-ତୁ ଭଲ ଅଛୁ ତ ?? ପଚାରିଲା ଲଳିତ ।

-ନିଶ୍ଚୟ ! ଖୁବ୍ ଖୁସିରେ ଅଛି । ଆଉ ତୁ ?? ସତକହିବୁ ...ଖୁସିରେ ଅଛୁ??

-ହଁ ଖୁସି ଅଛି । ମାତ୍ର ଶାନ୍ତିରେ ନାହିଁ । ଗୋଟେ ଭିତରୁ ଅଭାବ, ଗୋଟେ ତୃପ୍ତ ଶାନ୍ତିର ଅଭାବ ଅଛି ...

-ହା...ହା...ମିଛୁଆ । ଆଜି ବି ଇପ୍ରେସିଭ୍ ୱାଡ୍ ....ନନ୍‌ସେନ୍‌ସ୍ ଆଉ ମୁଁ କଲେଜରେ ପଢୁଥିବା ଝିଅ ନୁହେଁ । ନାଓ ଆଇ ଆମ୍ ପ୍ରଫେସର୍ !

-ଇଡିଅଟ୍! ମୁଁ ବି ...କିନ୍ତୁ ଲାଗୁନି ସେମିତି କିଛି ପରିବର୍ତ୍ତନ ହୋଇଛି ବୋଲି ।

-ତୋ ଲାଗିବାରେ ମୋ ଲାଗିବାରେ କ' ଣ ଅଛି ! ଏଇଟା ହିଁ ସତ୍ୟ ।

-ହଁ ତୁ ମୋ ଛଡ଼ା, ଆଉ କାହା ପାଖରେ ଅଛୁ । ଆଉ ମୁଁ ତୋ ଛଡ଼ା ଆଉ କାହା ପାଖରେ । ଖାଲି ଠିକଣା ଯାହା ପରିବର୍ତ୍ତନ ହୋଇଯାଇଛି । ଯାହା ଗୋଟିଏ ଠିକଣା ହୋଇଥାନ୍ତା ।

-ତା ଠୁ ବି ଅଧିକା କିଛି ପରିବର୍ତ୍ତନ ହୋଇଛି ଜୀବନରେ, ଜାଣୁତ ...??

-ହଁ ତୁ ମା, ଆଉ ମୁଁ ବାପା ହୋଇସାରିଛେ । ମାତ୍ର ତାହା କିଛି ଫରକ୍ ପଡ଼େନା । ମୋତେ ତୁ ଆଜି ବି ମୋର... ଆଉ ମୁଁ ତୋର...ଯଉଠି ତୁ ଛାଡ଼ିକି ଯାଇଥିଲୁ ମତେ । ଆଜି କିଛି କାମନା ନାହିଁ, ବାସନା ନାହିଁ । ଖାଲି ଥରେ ଦେଖିବାର ଆଗ୍ରହଟେ ଛାତି ତଳ ଦଳି ଦିଏ । ମୁଁ ନିରୁତ୍ତର । କ'ଣ କହିଥାନ୍ତି ଯେ ତୋତେ ।

ଏଥର ଲଳିତର ଆବେଗ ଭରା କଣ୍ଠରେ ପ୍ରଶ୍ନ- ଭେଟ କରିପାରିବୁ??

-କେମିତି, ମୁଁ ଯେ ଓଡ଼ିଶା କ'ଣ ଇଣ୍ଡିଆରେ ମଧ୍ୟ ନାହିଁ ...ଏବେ ନ୍ୟୁଜିଲ୍ୟାଣ୍ଡରେ ...

-ହଁ ଜାଣେ, ତୁ ସ୍ୱପ୍ନ ଦେଖିଥିଲୁ, ଉଡ଼ିବୁ ଆକାଶରେ, ରହିବୁ ପାଣି ଘେର ଭିତରେ ଆଉ ଯେଉଠି ଖରା ତୋତେ ଆକ୍ରାମାକ୍ରା କରିବ ନାହିଁ...

-ହା-ହା-ହସି ଉଠିଲି ମୁଁ ତୋ କଥାରେ ।

-କେବେ ଆସିବୁ? ? ତୋତେ ଥରେ ଦେଖିବାର ଇଚ୍ଛା ଖୁବ୍ ଇଡିଅଟ୍ ।

-ଭେଟ ହେବା ନିଶ୍ଚୟ !!

-କିନ୍ତୁ ଗୋଟେ ସର୍ତ୍ତ!

-କ'ଣ ??

-ଆସିବୁ ଏକା !! ଠିକ୍ ମୋତେ ଛାଡ଼ିଯିବା ବେଳ ପରି । ଅନ୍ତତଃ ମୁଁ ନିଜକୁ କ୍ଷମା କରି ପାରିବି । ନଇଲେ କଉଠି ନା କଉଠି ହାରିଗଲା ପରି ଲାଗିବ ନିଜ ପାଖରେ । ଯାହା ମୁଁ କଦାପି ଚାହେଁ ନାହିଁ !!

-ଓକେ !! କହି ଫୋନ୍ କାଟିଦେଲି ।

ଛାତି ତଳେ ବରଫ ପରି ଜମାଟ ବନ୍ଧା ଲୁହ ସବୁ ସ୍ରୋତ ହୋଇ ବହି ଯାଉଥିଲେ ।

ସଂଭାବନାହୀନ ଜୀବନଟେ ବିତଉଥିବା ସେ ଗୋଟେ ସୁଖଦ ଅନୁଭବଟେ ଆଜି ବିଭୋର କରିଦେଲା ମନକୁ । ଖୁବ୍ ପ୍ରିୟ ଫୁଲର ବାସ୍ନା ଥରେ ଆଘ୍ରାଣ କଲା ପରେ ଯେଉଁ ଆତ୍ମତୃପ୍ତି, ଯେଉଁ ପ୍ରଶାନ୍ତି ଥାଏ ଆଜି ତା' ଥିଲା ମୋ ପାଖରେ । ମୋ ବଳକା ଜୀବନକୁ ଜିଇଁ ନେବା ଲାଗି ଏତିକି ହିଁ ଯଥେଷ୍ଟ ଥିଲା ।

ନ୍ୟୁଜଲ୍ୟାଣ୍ଡ ନୁହେଁ, ବାଙ୍ଗାଲୁରୁର ହ୍ୱାଇଟ୍ ଫିଲ୍‌ଡରର ରାସ୍ତା ଉପରେ ସେ । ଟ୍ୟାକ୍ସିବାଲା ପଚାରୁଥିଲା- ଆଗକୁ ଯିବ କି ?? ■

ଅଧ୍ୟାପିକା, ଓଡ଼ିଆ ବିଭାଗ
ସୁଶୀଳାବତୀ ସରକାରୀ ମହିଳା ମହାବିଦ୍ୟାଳୟ
ସେକ୍ଟର-୨, ରାଉଲକେଲା -୪
ମୋ: ୮୩୨୭୭୫୭୬୧୯

ଏକ ମୌନ ଭାଷା

ଜନ୍ ଫୋସେ
ଅନୁବାଦ: କ୍ଷୀରୋଦ ପରିଡ଼ା

ବିଶ୍ୱ ସାହିତ୍ୟର ସର୍ବୋଚ୍ଚ ପୁରସ୍କାର ଭାବେ ନୋବେଲ ପୁରସ୍କାରର ମାନ୍ୟତା ରହିଛି । ଚଳିତ ବର୍ଷ ଏହି ପୁରସ୍କାର ପ୍ରଦାନ କରାଯାଇଛି ନର୍‌ୱେର ଲେଖକ ଜନ୍ ଫୋସେଙ୍କୁ ସ୍ୱୀଡେନଠାରେ, ଏକ ପାରମ୍ପରିକ ଉତ୍ସବରେ । ପୁରସ୍କାର ଗ୍ରହଣର ସ୍ୱୀକାରୋକ୍ତି ଭାବେ ସେ ଦେଇଥିବା ଅଭିଭାଷଣର ସଂକ୍ଷିପ୍ତ ଅନୁବାଦ ଏଠାରେ ଉପସ୍ଥାପନ କରୁଛୁ ।

ଯେତେବେଳେ ମୁଁ ନିମ୍ନ ମାଧ୍ୟମିକ ସ୍କୁଲର ଛାତ୍ର ଥିଲି, ସେତେବେଳେ ଅପ୍ରତ୍ୟାଶିତ ଭାବେ ଘଟଣାଟିଏ ଘଟିଥିଲା । ଶିକ୍ଷକ ମୋତେ କିଛି ପାଠ ବଡ଼ପାଟିରେ ପଢ଼ିବାକୁ କହିଲେ । ମୁଁ ଅସ୍ଥିର ହୋଇଗଲି, ମୋତେ ଏକ ଭୟ ଗ୍ରାସ କରିବାକୁ ଲାଗିଲା ଏବଂ ସେହି ଭୟରେ ମୁଁ ଶ୍ରେଣୀ କୋଠରିରୁ ଦୌଡ଼ି ବାହାରି ଗଲି । ମୁଁ ବାହାରେ ବୁଲି ଚାହିଁବାରୁ ଦେଖିଲି ଯେ, ଶିକ୍ଷକ ଓ ସହପାଠୀମାନଙ୍କର ବିସ୍ମାରିତ ଆଖିଗୁଡ଼ିକ ମୋ ଉପରେ ନିବଦ୍ଧ ରହିଛି । ମୁଁ ଏକ ଆଶ୍ଚର୍ଯ୍ୟ ବ୍ୟବହାରରେ ସେମାନଙ୍କୁ କହିଲି, ମୁଁ ପରିସ୍ରା କରିବାକୁ ଯାଉଛି । ସେମାନେ କିନ୍ତୁ ମୋ ଏଇ କଥାକୁ ବିଶ୍ୱାସ କରୁନାହାନ୍ତି ବୋଲି ସେମାନଙ୍କ ମୁହଁରୁ ମୁଁ ସ୍ପଷ୍ଟ ବୁଝି ପାରୁଥିଲି । ସେମାନେ ବୋଧେ ଭାବୁଥିଲେ ଯେ, ମୁଁ ପାଗଳ ହୋଇଯାଉଛି । ହଁ, ପ୍ରକୃତରେ ମୁଁ ମୋ ବାଟରେ ଜଣେ ଖିଆଲୀ ହୋଇଯାଉଥିଲି ।

ବଡ଼ ପାଟିରେ କହିବା ଓ ପଢ଼ିବାର ଭୟ ମୋତେ ଗୋଡ଼ାଇ ଚାଲିଥିଲା । ସମୟ କ୍ରମେ ମୁଁ ସାହସ ସଞ୍ଚୟ କରି ମୋ ଶିକ୍ଷକଙ୍କୁ କହିଥିଲି, ମୋତେ ଏଥିରୁ କ୍ଷାନ୍ତ କରିଦେବା ପାଇଁ । ମୋର ଏପରି ଅବସ୍ଥାକୁ ଲକ୍ଷ୍ୟ କରି କେତେକ ମୋତେ କିଛି ପଚାରିବାକୁ ଚାହିଁଲେ ନାହିଁ ବା ସେଥିରୁ ବିରତ ରହିଲେ । ଅନ୍ୟ ପକ୍ଷରେ ମୁଁ ଆହୁରି ଶକ୍ତି ପାଇଗଲି । ଏହି ଅଭିଜ୍ଞତାରୁ ମୁଁ ଲୋକମାନଙ୍କ ବିଷୟରେ ଖୁବ୍ ଗୁରୁତ୍ୱପୂର୍ଣ୍ଣ କଥା ଶିଖିବାର ଅବକାଶଟିଏ ପାଇଲି । ଏହା ସହିତ ଆହୁରି ଅନେକ କଥା ବି ଶିଖିଲି । ହଁ, ଏଇ କଥା ମୋତେ ଭୟଶୂନ୍ୟ ଭାବେ ଅନେକ କଥା ଶିଖାଇ ଦେଲା, ଯାହା ପାଇଁ ମୁଁ ଆଜି ଏଇଠି ଏକ ବିଶାଳ ଓ ଭବ୍ୟ ଶ୍ରୋତାମଣ୍ଡଳୀ ସମ୍ମୁଖରେ ସଂପୂର୍ଣ୍ଣ ଭୟଶୂନ୍ୟ ଭାବେ ବଡ଼ ପାଟିରେ କିଛି କହିବାକୁ ସମର୍ଥ ହୋଇଛି । ତାହେଲେ ମୁଁ କ'ଣ ଅବା ଶିଖିଲି?

ମୋର ଭୟ ଓ ଆଶଙ୍କା ମୋଠାରୁ ମୋ କଥନକୁ ଛଡ଼ାଇ ନେଇ ଯାଇଥାନ୍ତା, ଯାହାକୁ ତା'ଠାରୁ ଫେରାଇ ଆଣି କହିବାକୁ ପଡ଼ିଥା'ନ୍ତି! ଏପରି ଯଦି ଘଟିଥା'ନ୍ତା ତାହେଲେ ମୋ ସ୍ଥାନ ଆଉ କାହାରି ପଛରେ ରହିଯାଇଥା'ନ୍ତା । ପିଲାବେଳୁ ମୁଁ ମୋ ନିଜ କଥା, ନିଜ ଭାଷାରେ ଛୋଟ ଛୋଟ କବିତା ଓ ଗଳ୍ପ ଲେଖିଲି । ଏସବୁ ଲେଖି ଚାଲିଲା ବେଳେ ମୋ ଭିତରେ ଏକ ନିରାପତ୍ତାର ବଳୟ ଅନୁଭବ କଲି, ଯାହା ମୋତେ ନିର୍ଭୟ କରିଦେଲା । ମୋର ଏଇ ପରିକ୍ରମାରେ ମୁଁ ପାଇଗଲି ମୋ ଭିତରେ ଏକ ସ୍ଥାନ, ଯାହା ଥିଲା ମୋର ଏକାନ୍ତ ନିଜର ଏବଂ ସେହି ସ୍ଥାନରେ ମୁଁ ଲେଖି ଚାଲିଛି ମୋ ଆପଣାର କଥା-ଅନୁଭବ । ଆଜକୁ ପ୍ରାୟ ପଚାଶ ବର୍ଷ ହୋଇଗଲା ମୁଁ ମୋର ସେହି ଗୋପନ ସ୍ଥାନରେ ବସି ଲେଖି ଚାଲିଛି । ସାଧୁତାର ସହ କହିବି ଯେ, ଏହାଠାରୁ ଆଉ କୌଣସି ଭଲ ଜାଗାଟିଏ କେଉଁଠି ଅଛି କି ନାହିଁ, ତାହା ମୁଁ ଏ ଯାଏ ଜାଣିନାହିଁ । ମୋର ଏଇଠି ମନେ ପଡୁଛି ନରୱେର କବି ଓଲାଭ୍ ଏଚ୍ ହଗ୍‌ଙ୍କ ଏକ କବିତା, ଯେଉଁଥିରେ ପିଲାଟିଏ ଜଙ୍ଗଲରେ ଏକ ପତ୍ରକୁଡ଼ିଆ ତିଆରି କରୁଛି ଏବଂ ତା' ଭିତରକୁ ଗୁରୁଣ୍ଡି ଗୁରୁଣ୍ଡି ପଶି ଯାଉଛି, ସେଇଠି ମହମବତିଟିଏ ଜାଳି ବସି ରହୁଛି । ଶରତର ଏକ ଅନ୍ଧକାର ରାତିରେ ସେ ସେହି ପତ୍ର-କୁଡ଼ିଆରେ ନିରାପତ୍ତା ଅନୁଭବ କରୁଥିଲା । ମୁଁ ଭାବୁଛି ଯେ, ବିଗତ ପଚାଶ ବର୍ଷ ହେଲା ମୁଁ ଏପରି ଏକ ଜାଗାରେ ବସିରହି ଲେଖି ଚାଲିଛି । ଏଇ ବର୍ଷଗୁଡ଼ିକରେ ମୁଁ ଏତିକି ଶିଖିଛି ଯେ କଥିତ ଓ ଲିଖିତ ଭାଷା ଭିତରେ ରହିଛି ବିରାଟ ତଫାତ୍ ଏବଂ ସେହିପରି ବ୍ୟବଧାନ ରହିଛି କଥିତ ଭାଷା ଓ ସାହିତ୍ୟର ଭାଷାରେ ।

ସାଧାରଣତଃ କଥିତ ଭାଷା ହେଉଛି ଏକ ବ୍ୟକ୍ତିତାର୍କିତ ସଂପର୍କ ସ୍ଥାପନର ଯୋଗାଯୋଗ ଭାଷା ବା ସଞ୍ଚାର ମାଧ୍ୟମ । ଏହା ମୁଗ୍ଧକାରୀ ସଂଯୋଗ ସ୍ଥାପନ କରିଥାଏ ବା ବାର୍ତ୍ତା ମାଧ୍ୟମରେ ଅପରପକ୍ଷର ଶ୍ରୋତାକୁ ପ୍ରବର୍ତ୍ତାଇ ଥାଏ ବା ତା' ଉପରେ ଦୋଷ ଲଦି ଦେବାର କଥା କହିଥାଏ । ମାତ୍ର ସାହିତ୍ୟର ଭାଷା ସେପରି କରିନଥାଏ, ଏହା କିଛି ସଳଖ ଭାବେ ଜଣାଇ ନଥାଏ । ଏହା ସଞ୍ଚାରଣର ଭାଷାଠାରୁ ଭିନ୍ନ । ଏହି ସାହିତ୍ୟ ଭାଷାର ରହିଛି ନିଜର ସ୍ୱତନ୍ତ୍ର ସ୍ଥିତି ଓ ଅଭିପ୍ରାୟ । ଏହି ଅର୍ଥରେ କହିଲେ ସୃଜନର ଭାଷା ଓ ପ୍ରଚାର ପ୍ରସାର ଭାଷା ମଧ୍ୟରେ ବିଷମତା ଓ ବୈସାଦୃଶ୍ୟ ରହିବା ସ୍ୱାଭାବିକ । ତେଣିକି ଏହି ପ୍ରସାର-ପ୍ରସାର ଧାର୍ମିକ କି ରାଜନୀତିକ ପରିପ୍ରେକ୍ଷୀରେ ପ୍ରୟୋଗ ହୋଇଥାଉ ।

ଉଚ୍ଚ ସ୍ୱରରେ ପଢ଼ିବାର ଭୟ ମୋତେ ଗୋଟିଏ ମୌନ ଇଲାକାକୁ ନେଇ ଯାଇଛି, ଯେଉଁଠି ଜଣେ ସ୍ରଷ୍ଟା ରହିଥାଏ ବା ରହିବାକୁ ଭଲ ପାଇଥାଏ । ମୁଁ ସେଇ ଇଲାକାରେ ରହିଆସୁଛି ଅନେକ ଦିନରୁ । ସେଇଠି ମୁଁ ଲେଖି ଆସିଛି ଅନେକ ଗଦ୍ୟ ରଚନା ଓ ନାଟକ । ବହୁ ଚରିତ୍ର ସମାହାର ନାଟକରେ ଥାଏ, ଲିଖିତ ବକ୍ତବ୍ୟ, ସଂଳାପ ଓ କଥୋପକଥନ ଅଥବା କହିବା ପାଇଁ କିଛି ପ୍ରୟାସ । ଏକକ ପାତ୍ର ନାଟକରେ ଥାଏ ଏକ କଳ୍ପିତ ପୃଥ୍ୱୀ, ଯାହା କାହାକୁ ସିଧାସଳଖ ଉତ୍ତର ଦେଉ ନଥିଲେ ବି ସେ କହିଥାଏ – ନିଜକୁ ଓ ଅନ୍ୟମାନଙ୍କୁ କିନ୍ତୁ ପ୍ରତ୍ୟୁତ୍ତରରେ ନୁହେଁ । ତାହାର ଥାଏ ନିଜସ୍ୱ ସ୍ଥିତି ଓ ନିଜସ୍ୱ କିଛି ବକ୍ତବ୍ୟ । x x x

ଉପନ୍ୟାସ ଓ କବିତା ଲେଖୁଥିବା ବେଳେ କେବେ ନାଟକ ଲେଖିବାର ଅଭିପ୍ରାୟ ମୋର ନଥିଲା । ଏକଦା ଜନକଲ୍ୟାଣ କାମ ପାଇଁ ପାଣ୍ଠି ସଂଗ୍ରହ ଉଦ୍ଦେଶ୍ୟରେ ନରୱେ-ଭାଷାରେ ନାଟକ ଲେଖାଯାଉଥିଲା ଓ ପ୍ରଦର୍ଶନ କରାଯାଉଥିଲା । ମୋ ପାଇଁ ଏପରି ଆହ୍ୱାନ ଆସିଥିଲା । ପ୍ରଥମେ ପ୍ରଥମେ ଗୋଟିଏ ଦୃଶ୍ୟ ଲେଖିଲି ଆଉ ପରେ ପରେ ସଂପୂର୍ଣ୍ଣ ନାଟକ ଲେଖିବାକୁ ପଡ଼ିଲା । ମୋର ସର୍ବପ୍ରଥମ ରଚିତ ନାଟକ, ଯାହା ବହୁ ଦିନ ଯାଏ ମଞ୍ଚସ୍ଥ ହୋଇଥିଲା, ତାହା ହେଉଛି – 'କେହି ଜଣେ ଚାଲିଯାଉଛି ଫେରି ଆସିବାକୁ ।'

ଥରେ ମୁଁ ଗୋଟିଏ ନାଟକ ଲେଖିଲି, ଯାହା ମୋ ଲେଖକ ଜୀବନରେ ଏକ ବଡ଼ ବିସ୍ମୟ ଆଣିଦେଲା । ସାଧାରଣତଃ ମୁଁ ପଦ୍ୟ ଓ ଗଦ୍ୟ ଲେଖିଲା ବେଳେ ସାଧାରଣ କଥିତ ଭାଷା ବ୍ୟବହାର କରିଥାଏ, ଯାହାକୁ ଶବ୍ଦରେ ବି କହି ହେବ ନାହିଁ । ଆଉ ଏଇ ନାଟକରେ ବ୍ୟବହାର କଲି ଅବ୍ୟକ୍ତର ଭାଷା । ମୁଁ ଆଶ୍ଚର୍ଯ୍ୟ ଯେ ସେହି କାରଣରୁ ମୋତେ ଆଜି ନୋବେଲ ପୁରସ୍କାରରେ ପୁରସ୍କୃତ କରାଯାଇଛି । ସାହିତ୍ୟ ଆଲୋଚକ ଜ୍ୟାକ୍ ଦେରିଦାଙ୍କ ସେହି ବିଖ୍ୟାତ ଉକ୍ତି ସାହାରାରେ କହିବି ଯେ, ଜୀବନର ସବୁଠୁ ଗୁରୁତ୍ୱପୂର୍ଣ୍ଣ କଥାକୁ ଠିକ୍ ଭାବେ ବ୍ୟକ୍ତ କରି ହୁଏନାହିଁ । ତେଣୁ ମୁଁ ମୌନ କଥନର ଏକ ଭାଷା ବ୍ୟବହାର କରିବାର ପ୍ରୟାସ କରିଛି ।

ମୁଁ ନାଟକ ଲେଖିବା ବେଳେ ମୁଁ ମୌନ ଭାଷା, ମୌନ ଚରିତ୍ରମାନଙ୍କୁ ବ୍ୟବହାର କରିପାରିଥାନ୍ତି,ଯାହାକୁ ମୁଁ ଗଳ୍ପ, ଉପନ୍ୟାସ ଓ କବିତାରେ ବ୍ୟବହାର କରିନାହିଁ । ମୋ ନାଟକରେ ମୁଁ ମଝିରେ ମଝିରେ ସାମାନ୍ୟ ଅଟକିଯିବା ବା ବିରତି (ଯାହାକୁ ପଜ୍ ବୋଲି କୁହାଯାଏ)ର ବ୍ୟବହାର କରିଛି । ଏସବୁ ମୌନ ସଂଳାପ ମାଧ୍ୟମରେ କହିଛି । ମୋ ନାଟକରେ ଏଇ ପଜ୍‌କୁ ଦୀର୍ଘ, ସଂକ୍ଷିପ୍ତ ବା ସାମାନ୍ୟ ବୋଲି କୁହାଯାଇପାରେ । ଆଉ ବିରତି ବା ପଜ୍‌ରେ ଦ୍ୱନ୍ଦ୍ୱ ହିଁ ନଥାଏ । ଏଥିରେ ସମାହିତ ହୋଇ ରହିଥାଏ ଅନେକ କଥା ବା ସ୍ୱଳ୍ପ କଥା । କିଛି କଥା, ଯାହା ମୋଟେ କୁହାଯାଇ ପାରିବ ନାହିଁ ବା କହିବାକୁ ଚରିତ୍ର ଚାହିଁବ ନାହି ଅଥବା କହିଥିବା କଥାରେ ଆଦୌ କିଛି ହିଁ କୁହାଯାଇନାହିଁ । ତଥାପି ମୋ ଦୃଷ୍ଟିରେ ଏତିକି କହିବି ଯେ, ଏହି ବିରତି ବା ପଜ୍‌ରେ ଯେତିକି କୁହାଗଲା ତାହା ହିଁ ହେଉଛି ଚରିତ୍ର ମଡନ କଥା । x x x

ମୋ ରଚନ

ଗୁଡ ମର୍ଣ୍ଣିଂ ଓଡ଼ିଶା

ଉତ୍କଳୀୟ କଳା ସଂସ୍କୃତି ଐତିହ୍ୟ ଓ ସ୍ଥାପତ୍ୟ କଳାକୁ ବିଶ୍ୱସ୍ତରରେ ପହଞ୍ଚାଇବା ପାଇଁ ସରକାରଙ୍କ ପ୍ରୟାସ ଜାରି ରହିଛି । ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟ ଏହାକୁ ଗତି ପ୍ରଦାନ କରିବା ସହିତ ଦେଶବିଦେଶରେ ଥିବା ଓଡ଼ିଆଙ୍କୁ ଏକତ୍ରିତ କରି ଓଡ଼ିଆ ସଂସ୍କୃତିକୁ ସମୃଦ୍ଧ କରୁଛି । ଚିତ୍ରକଳା, ସଙ୍ଗୀତ, ଓଡ଼ିଶୀ ନୃତ୍ୟ ସାଙ୍ଗକୁ ପରମ୍ପରା ଓ ପାରମ୍ପରିକ କଳାକୁ ପରବର୍ତ୍ତୀ ପିଢ଼ି ନିକଟରେ ପହଞ୍ଚାଇବାରେ ପଥ ପ୍ରଦର୍ଶକ ସାଜିଛି । ଚଳିତ ଶତାବ୍ଦୀରେ କଳା ସଂସ୍କୃତିକୁ ଅଧିକ ଲୋକପ୍ରିୟ କରିବା ସହିତ ଯୁବବର୍ଗଙ୍କୁ ଆକୃଷ୍ଟ କରିବା ପାଇଁ ଏଠାରେ ଉଚ୍ଚସ୍ତରୀୟ ଗବେଷଣା କରାଯାଉଛି । ଅନୁବନ୍ଧିତ ମହାବିଦ୍ୟାଳୟଗୁଡ଼ିକରେ ଶିକ୍ଷାର ମାନବୃଦ୍ଧି କରିବା ପାଇଁ ପଦକ୍ଷେପ ନିଆଯାଉଛି । ବିଶ୍ୱର ବହୁ ସ୍ଥାନରେ ବିଶ୍ୱବିଦ୍ୟାଳୟ ଛାତ୍ରଛାତ୍ରୀ ପ୍ରତିଷ୍ଠିତ ହୋଇପାରିଛନ୍ତି । ବିଭିନ୍ନ ଦେଶରୁ ବହୁ ଛାତ୍ରଛାତ୍ରୀ ଏଠାରେ ଅଧ୍ୟୟନ କରୁଛନ୍ତି । ଓଡ଼ିଶାର ଐତିହ୍ୟକୁ ଶ୍ୱସ୍ତରରେ ପ୍ରତିଷ୍ଠିତ କରିବା ପାଇଁ ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟ ଏକ ମୁଖବନ୍ଧ ସଦୃଶ ।

ଶିକ୍ଷା ଓ ସଂସ୍କୃତିର ମୁଖଶାଳା

ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟ

ପରିପାଟୀ ଓ ପରିସୀମା

ଭୁବନେଶ୍ୱର ଉପକଣ୍ଠସ୍ଥ ମଦନପୁରଠାରେ ଉତ୍କଳ ସଂସ୍କୃତି ଶ୍ୱବିଦ୍ୟାଳୟର ସ୍ଥାୟୀ କ୍ୟାମ୍ପସ ଗଢ଼ି ଉଠିଛି । ପ୍ରାୟ ୫୦ ଏକର ପରିମିତ ଅଞ୍ଚଳରେ ଏହା ଅବସ୍ଥିତ । ଏହାର ପୁରୁଣା ବା ସିଟି କ୍ୟାମ୍ପସ୍ ୟୁନିଟ୍ ୨ ସ୍ଥିତ ସର୍ଦ୍ଦାର ପଟେଲ ହଲ୍ କମ୍ପ୍ଲେକ୍ସରେ ଥିଲା । ଏବେ ଏଠାରେ ମଧ୍ୟ ୨ ଟି ବିଷୟରେ ପାଠପଢ଼ା ଜାରିରହିଛି । ସଂସ୍କୃତି ବିଶ୍ୱବିଦ୍ୟାଳୟ ଅଧୀନରେ ୭୨ ଟି ଅନୁବନ୍ଧିତ ମହାବିଦ୍ୟାଳୟ ରହିଛି । ଉତ୍କଳ ସଙ୍ଗୀତ ମହାବିଦ୍ୟାଳୟ, ବିଭୂତିକାନୁନଗୋ ଚାରୁକଳା କାରୁକଳା ମହାବିଦ୍ୟାଳୟ ଏବଂ କେକେ କଲେଜ ପରି ପ୍ରମୁଖ ସରକାରୀ ଶିକ୍ଷାନୁଷ୍ଠାନ ଏହା ଅଧୀନରେ ରହିଛି । ଅନୁରୂପ ଭାବେ ୬୯ଟି ବେସରକାରୀ ମହାବିଦ୍ୟାଳୟ ମଧ୍ୟ ଏହା ଅଧୀନରେ ରହିଛି । ବିଶ୍ୱବିଦ୍ୟାଳୟ ସ୍ନାତକୋତ୍ତରରେ ସମୁଦାୟ ୪୩୨ଟି ସିଟ୍ ଉପଲବ୍ଧ ରହିଛି । ତନ୍ମଧ୍ୟରୁ ପ୍ରଥମ ବର୍ଷରେ ୨୦୮ଜଣ ଓ ଦ୍ୱିତୀୟ ବର୍ଷରେ ୧୫୨ଜଣ ଛାତ୍ରଛାତ୍ରୀ ଅଧ୍ୟୟନରତ ଅଛନ୍ତି । ୭୨ଟି ସିଟ୍‌ରେ ଆଡମିସନ୍ ହୋଇନାହିଁ । ଓଡ଼ିଶା ସମେତ ପଶ୍ଚିମବଙ୍ଗ, ଛତିଶଗଡ଼, ଝାଡ଼ଖଣ୍ଡ, ଆସାମ, ମଧ୍ୟପ୍ରଦେଶ ପରି ବିଭିନ୍ନ ରାଜ୍ୟରୁ ଛାତ୍ରଛାତ୍ରୀମାନେ ଶିକ୍ଷାଗ୍ରହଣ କରୁଛନ୍ତି । ଏହାସହ ବିଦେଶରୁ ମଧ୍ୟ ବହୁ ଛାତ୍ରଛାତ୍ରୀ ନିୟମିତ ଯୋଡ଼ି ହୋଇ ରହିଛନ୍ତି । ଛାତ୍ରଛାତ୍ରୀଙ୍କ ରହିବା ପାଇଁ ଦୁଇଟି ହଷ୍ଟେଲ୍ ରହିଛି । ଖାଇବା ପାଇଁ କ୍ୟାଣ୍ଟିନ୍ ସୁବିଧା ରହିଛି । ଏଥିପାଇଁ ମାସିକ ୧୮୦୦ ଟଙ୍କା ଫି ରହିଛି ।

ପାଠ୍ୟକ୍ରମ

ସମୁଦାୟ ୪ ଟି ବିଭାଗର ୧୯ଟି ପାଠ୍ୟକ୍ରମ ଛାତ୍ରଛାତ୍ରୀଙ୍କୁ ପଢ଼ାଯାଉଛି । ପ୍ରୋଗ୍ରାମିଂ ଆର୍ଟସ୍ ବିଭାଗରେ ଓଡ଼ିଶୀ ନୃତ୍ୟ, ଓଡ଼ିଶୀ ଭୋକାଲ୍, ହିନ୍ଦୁସ୍ତାନୀ ଭୋକାଲ୍, ତବଲା, ମାର୍ଦ୍ଦଳ, ବଂଶୀବାଦନ, ଭାଓଲିନ୍, ସୀତାର ଓ ଡ୍ରାମା ପରି ୯ଟି ପାଠ୍ୟକ୍ରମ ରହିଛି । ଅନୁରୂପ ଭାବେ ଭିଜୁଆଲ ଆର୍ଟସ୍ ବିଭାଗରେ ଚିତ୍ରକଳା, ମୂର୍ତ୍ତିକଳା, ପ୍ରୟୋଗାତ୍ମକ କଳା ଓ ଡିଜାଇନ, ପ୍ରିଣ୍ଟ ମେକିଂ, ଆର୍ଟ ଇତିହାସ ପରି ୫ଟି ପାଠ୍ୟକ୍ରମ ରହିଛି । ସାହିତ୍ୟ ଅଧ୍ୟୟନ ବିଭାଗରେ ସାହିତ୍ୟ ଅଧ୍ୟୟନ, ସାଂସ୍କୃତିକ ଐତିହ୍ୟ ସଂରକ୍ଷଣ, ସଙ୍ଗୀତର ଇତିହାସ ପରି ୩ଟି ପାଠ୍ୟକ୍ରମ ଥିବାବେଳେ ଭାଷା ସାହିତ୍ୟ ବିଭାଗରେ ଭାଷା ଅଧ୍ୟୟନ ଓ ଓଡ଼ିଆ ଭାଷା ସାହିତ୍ୟ ପରି ୨ଟି ପାଠ୍ୟକ୍ରମ ଉପଲବ୍ଧ ରହିଛି । ଏହାସହ ୟୁନିଟ୍ ୨ ସ୍ଥିତ ପୁରୁଣା କ୍ୟାମ୍ପସରେ ତାମିଲ ଚେୟାର ଓ ଜୈନ ଚେୟାର ନାମରେ ୨ଟି ସାର୍ଟିଫିକେଟ କୋର୍ସ କରାଯାଉଛି ।

ଆବର୍ଜନାରୁ ଆକର୍ଷଣ

ଫିଙ୍ଗା ଫୋପଡ଼ା ଆବର୍ଜନାକୁ ଜୀବନ୍ତ ରୂପ ଦେବାପାଇଁ ଏଠାକାର ଛାତ୍ରଛାତ୍ରୀ ପ୍ରୟାସରତ । ମୃଦୁ ପାନୀୟ ବୋତଲର ଠିପି, ଭଙ୍ଗା ସ୍ପିକର୍, ଭଙ୍ଗା ପ୍ଲାଷ୍ଟିକ, ପୁରୁଣା ପୋଷାକ ଆଦିକୁ ବ୍ୟବହାର କରି ବହୁ ଆକର୍ଷଣୀୟ ଉପକରଣ ଓ ଚିତ୍ର ତିଆରି କରୁଛନ୍ତି । ପରିବେଶ କ୍ଷୟରେ ଅସୁରକ୍ଷିତ ପକ୍ଷୀ, ମୃତ୍ତିକା ପ୍ରଦୂଷଣ ପାଇଁ ନଳକୂପରୁ ବିଷାକ୍ତ ପାଣି, ୫-ଜି ଇଣ୍ଟରନେଟ୍ ପ୍ରଚଳନ ଫଳରେ ପକ୍ଷୀ ମୃତ୍ୟୁ ଆଦିକୁ ଛାତ୍ରଛାତ୍ରୀମାନେ ବର୍ଣ୍ଣନା କରିଛନ୍ତି । ବିଶ୍ୱବିଦ୍ୟାଳୟର ପ୍ରତିଟି ସ୍ଥାନ ଗୋଟିଏ ଗୋଟିଏ ସାମାଜିକ ବାର୍ତ୍ତା ବହନ କରୁଛି ।

ପ୍ରସ୍ତୁତି: ବିଶ୍ୱଜିତ, ସମ୍ପୂର୍ଣ୍ଣା
ଫଟୋ: ଦୀପକ

ଗବେଷଣାକୁ ଗୁରୁତ୍ୱ

ଗବେଷଣା ଦ୍ୱାରା ଉତ୍କଳୀୟ ସଂସ୍କୃତିକୁ ଅଧିକ ମାର୍ଜିତ କରିବାକୁ ଗୁରୁତ୍ୱ ଦିଆଯାଉଛି । ୨୦୦୪ ମାର୍ଚ୍ଚ ୧୭ ତାରିଖରେ ଅନୁଷ୍ଠିତ ବିଶ୍ୱବିଦ୍ୟାଳୟ ସମାବର୍ତ୍ତନ ଉତ୍ସବରେ ପ୍ରଥମ ଡିଲିଟ୍ ପଦ୍ମଭୂଷଣ ମନୋଜ ଦାସଙ୍କୁ ପ୍ରଦାନ କରାଯାଇଥିଲା । ଏଥିପାଇଁ ପ୍ରି-ପିଏଚ୍‌ଡି ପାଠ୍ୟକ୍ରମ ଆରମ୍ଭ ହୋଇଛି । ସମୁଦାୟ ୭୧ ଜଣ ଗବେଷକ ବର୍ତ୍ତମାନ ବିଶ୍ୱବିଦ୍ୟାଳୟ ପରିସରରେ ଅଧ୍ୟୟନରତ । ଗତ ଅଗଷ୍ଟ ମାସରୁ ଆରମ୍ଭ ହୋଇଥିବା ଏହି ୬ ମାସିଆ ପାଠ୍ୟକ୍ରମ ଫେବୃଆରୀ ୧୫ ତାରିଖରେ ସରିବ । ଚୂଡ଼ାନ୍ତ ପରୀକ୍ଷା ସରିଲାପରେ ଗବେଷଣା ପାଇଁ ଉତ୍ତୀର୍ଣ୍ଣ ହୋଇଥିବା ବିଦ୍ୟାର୍ଥୀ ଗବେଷଣା କାର୍ଯ୍ୟ କରିବେ । ବିଶ୍ୱବିଦ୍ୟାଳୟରେ ଛାତ୍ରଛାତ୍ରୀ ପାଠପଢ଼ିବା ପାଇଁ ସମୁଦାୟ ୪ଟି ବ୍ଲକ୍ ରହିଛି । ଏଠାରେ ପାରମ୍ପରିକ ଭାବେ ପ୍ରାକ୍ଟିକାଲ କରୁଥିଲେ ମଧ୍ୟ ଅତ୍ୟାଧୁନିକ ଲାବୋରଟୋରୀର ଆବଶ୍ୟକତା ରହିଛି । ଗବେଷଣାତ୍ମକ ଶିକ୍ଷାକୁ ଗୁରୁତ୍ୱ ଦେଇ ଆଗାମୀ ଦିନରେ ୪ଟି ସାର୍ଟିଫିକେଟ କୋର୍ସ ବା ଚେୟାର ଖୋଲିବାକୁ ପ୍ରକ୍ରିୟା ଜାରି ରହିଛି । ମହାପୁରୁଷଙ୍କ ନାମାନୁସାରେ ସାରଳା ଦାସ ଚେୟାର, ଭୀମ ଭୋଇ ଚେୟାର, ଚେୟାର ଅନ୍ ଜଗନ୍ନାଥ କଲ୍ଚ୍ (ଜଗନ୍ନାଥ ସଂସ୍କୃତି) ଓ ଗୁରୁମା ସୁନନ୍ଦା ପଟ୍ଟନାୟକ ଚେୟାର ରଖାଯାଇଛି । ବିଶ୍ୱବିଦ୍ୟାଳୟରେ ସମୁଦାୟ ୨୯ଟି ମଞ୍ଜୁରୀ ପ୍ରାପ୍ତ ପଦବୀ ରହିଛି ।

ପ୍ରଥମ ଅନ୍ତର୍ଜାତୀୟ କଳାକାର ସମ୍ମିଳନୀ 'ଉର୍‌ତାନ୍'

ପ୍ରଥମଥର ପାଇଁ ଶ୍ୱବିଦ୍ୟାଳୟରେ ଅନୁଷ୍ଠିତ ହୋଇଛି ଅନ୍ତର୍ଜାତୀୟ ଚିତ୍ରକଳା ପ୍ରଦର୍ଶନୀ 'ଉର୍‌ତାନ୍' । ବିଶ୍ୱର ବହୁ ଶିଳ୍ପୀ ଏଥିରେ ଏକତ୍ରୀତ ହୋଇ ଚିତ୍ରକଳା ପ୍ରଦର୍ଶନ କରିଛନ୍ତି । ସଙ୍ଗୀତ, ନୃତ୍ୟ ସାଙ୍ଗକୁ ରଚନାତ୍ମକ କଳାକୌଶଳ ପ୍ରଦର୍ଶନ କରିଛନ୍ତି । ଫଳରେ ଛାତ୍ରଛାତ୍ରୀମାନେ ଶ୍ୱସ୍ତରର କଳାକୁ ଉପଲବ୍ଧି କରି ଶିଖି ପାରିଛନ୍ତି । ଏହାସହ ଓଡ଼ିଶାର ସଂସ୍କୃତି ପରମ୍ପରାକୁ ମଧ୍ୟ ବିଶ୍ୱ ନିକଟରେ ପହଞ୍ଚାଇବାର ପ୍ରୟାସ ଆରମ୍ଭ ହୋଇଛି । ବିଦେଶରୁ ପ୍ରଶିକ୍ଷକମାନେ ଯୋଗଦେଇ ଛାତ୍ରଛାତ୍ରୀଙ୍କୁ ପ୍ରଶିକ୍ଷଣ ଦେଇଛନ୍ତି ।

ପ୍ରବାସୀ ଜାଣିବେ ଓଡ଼ିଶା କଥା

ପ୍ରବାସୀ ଓଡ଼ିଆଙ୍କ ପରବର୍ତ୍ତୀ ପିଢ଼ି ଓଡ଼ିଆ ପରିବର୍ତ୍ତେ ଆଞ୍ଚଳିକ ଭାଷା ବ୍ୟବହାର କରୁଛନ୍ତି । ଫଳରେ ପିଢ଼ି ପିଢ଼ି ଓଡ଼ିଆ ଭାଷାର ବ୍ୟବହାର, ଓଡ଼ିଆ ସଂସ୍କୃତି, ପରମ୍ପରା ସମ୍ପର୍କରେ ସେମାନଙ୍କ ଜ୍ଞାନର ପରିସର କମିକମି ଚାଲିଛି । ତେଣୁ ରାଜ୍ୟ ତଥା ଦେଶ ବାହାରେ ରହୁଥିବା ଓଡ଼ିଆ ପିଲାଙ୍କୁ ସହଜରେ ଓଡ଼ିଆ ଭାଷା ଶିଖେଇବା ଓ ଶୈଶବରୁ ଓଡ଼ିଆ ଭାଷା ପ୍ରତି ଆକୃଷ୍ଟ ହେବା ଦିଗରେ ପଦକ୍ଷେପ ନିଆଯାଉଛି । ପ୍ରବାସୀଙ୍କ ମଧ୍ୟରେ ଓଡ଼ିଆ କଳା, ସଂସ୍କୃତି, ପରମ୍ପରା, ଐତିହ୍ୟକୁ ଜାଗ୍ରତ କରିବା ଓ ଅଧିକ ତଥ୍ୟ ପ୍ରଦାନ କରିବାକୁ ଏକ ୬ମାସିଆ ଅନଲାଇନ୍ ପାଠ୍ୟକ୍ରମ ଆରମ୍ଭ କରିବାକୁ ନିଷ୍ପତ୍ତି ହୋଇଛି ।

ଫରହୁରେ ଫ ଉତ୍ସବ

ଶ୍ୱବିଦ୍ୟାଳୟରେ ବାର୍ଷିକ ୫ଟି ଉତ୍ସବ ପାଳନ କରାଯାଏ । ପରିବେଶ ସହ ଛାତ୍ରଛାତ୍ରୀଙ୍କୁ ସଂଶ୍ଳିଷ୍ଟ କରିବା ପାଇଁ ଋତୁ ଭିତ୍ତିକ ନାମକରଣ କରାଯାଇଛି । ସେଗୁଡ଼ିକ ହେଉଛି ବୈଶାଖୀ ଉତ୍ସବ, ମେଘ ଉତ୍ସବ, ଶରତ ଉତ୍ସବ, ଶୀତ ଉତ୍ସବ ଓ ବସନ୍ତ ଉତ୍ସବ । ଋତୁ ଅନୁଯାୟୀ ଉତ୍ସବ ପାଳନ କରାଯାଉଥିବାରୁ ତାକୁ ଅନୁଭବ କରି ସଂସ୍କୃତିକ କାର୍ଯ୍ୟକ୍ରମଗୁଡିକରେ ସେମାନେ ନିଖୁଣ ଅଭିନୟ କରୁଛନ୍ତି । ପିଲାଙ୍କୁ ପାଠ୍ୟକ୍ରମ ପ୍ରତି ଆକୃଷ୍ଟ କରିବାକୁ ଚଳିତ ବର୍ଷଠାରୁ ଏହି ସମସ୍ତ ଉତ୍ସବ ଆରମ୍ଭ ହୋଇଛି ।

ଆକର୍ଷଣରେ ଭାସ୍କର୍ଯ୍ୟ ଉଦ୍ୟାନ

ବିଶ୍ୱବିଦ୍ୟାଳୟର ପ୍ରବେଶ ପଥରେ ରହିଛି ଭାସ୍କର୍ଯ୍ୟ ଉଦ୍ୟାନ । ତନ୍ମଧ୍ୟରେ ଥିବା ଛାତ୍ରଛାତ୍ରୀଙ୍କ ନିର୍ମିତ ନିଖୁଣ କଳାକୃତି ବେଶ୍ ଆକର୍ଷଣୀୟ ହୋଇଛି । ବିଶ୍ୱବିଦ୍ୟାଳୟକୁ ଆସୁଥିବା ଅତିଥି, ବିଦେଶୀ କଳାକାରଙ୍କୁ ଆକୃଷ୍ଟ କରିବା ସହ ସେମାନଙ୍କୁ ଚିତ୍ର ଉତ୍ତୋଳନ କରିବାକୁ ଏକରକମ ବାଧ୍ୟ କରୁଥିବା ଦେଖାଯାଉଛି । ନିହାଣ ମୁନରେ ସୁକ୍ଷ୍ମ କାରୁକାର୍ଯ୍ୟ, ଶିଳା ଗୁଡ଼ିକୁ ଜୀବନ୍ତ କରିଛନ୍ତି ବିଶ୍ୱବିଦ୍ୟାଳୟ ଛାତ୍ରଛାତ୍ରୀ । ଭାସ୍କର୍ଯ୍ୟ କଳାକୃତି ସାଙ୍ଗକୁ ସୁସଜ୍ଜିତ ଫୁଲ ଗଛ ଭାସ୍କର୍ଯ୍ୟ ଉଦ୍ୟାନର ଶୋଭାବର୍ଦ୍ଧନ କରୁଛି ।

ଓଡ଼ିଶାର ପ୍ରତିଷ୍ଠା ପାଇଁ ପ୍ରତିବଦ୍ଧତା

ବିଶ୍ୱବିଦ୍ୟାଳୟରେ ଅଧ୍ୟାପନା ଓ ଗବେଷଣାକୁ ପ୍ରାଥମିକତା ଦିଆଯାଉଛି । ଓଡ଼ିଶାର ସଂସ୍କୃତି ଓ ଭାସ୍କର୍ଯ୍ୟକୁ ବିଶ୍ୱରେ ପହଞ୍ଚାଇବାକୁ ପ୍ରୟାସ କରାଯାଉଛି । କେନ୍ଦ୍ରୀୟ ଅନୁଦାନ ଆୟୋଗ (ୟୁଜିସି) ପକ୍ଷରୁ ନାକ୍ ଗ୍ରେଡ୍ ପାଇଁ ବିଭିନ୍ନ ପଦକ୍ଷେପ ନିଆଯାଉଛି । ବିଶ୍ୱବିଦ୍ୟାଳୟ ଜମିକୁ ଶ୍ୱବିଦ୍ୟାଳୟ ନାମରେ କରିବା ପରେ ଏସବୁ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରାଯିବ । ଆଗାମୀ ୫୦ ବର୍ଷକୁ ଦୃଷ୍ଟିରେ ରଖି ଚିତ୍ରକଳା ମାନବୃଦ୍ଧି କ୍ଷେତ୍ରରେ ଗବେଷଣାକୁ ଅଗ୍ରାଧିକାର ଦିଆଯିବ । ଏଥିପାଇଁ ବିଭିନ୍ନ ବୃତ୍ତି ଯୋଜନାକୁ କାର୍ଯ୍ୟକାରୀ କରିବା ପାଇଁ ପ୍ରକ୍ରିୟା ଆରମ୍ଭ ହୋଇଛି । ବିଶ୍ୱବିଦ୍ୟାଳୟର ଉନ୍ନତି ସାଙ୍ଗକୁ ଶୈକ୍ଷିକ ବାତାବରଣ ବୃଦ୍ଧି କରିବା ପାଇଁ ସଂସ୍କୃତି ବିଭାଗ ସମସ୍ତ ପ୍ରଚେଷ୍ଟା କରୁଛି । ଆର୍ଥିକ ଅନୁଦାନ ସହ ସମର୍ଥନ ପ୍ରଦାନ କରୁଛି । ଏହା କର୍ମଚାରୀ ଓ ଛାତ୍ରଛାତ୍ରୀଙ୍କ ମନୋବଳ ବୃଦ୍ଧି କରୁଛି । ଆଗାମୀ ଦିନରେ ଓଡ଼ିଶାର କଳା ଐତିହ୍ୟ, ସଂସ୍କୃତି, ପରମ୍ପରା ଓ ଭାସ୍କର୍ଯ୍ୟକୁ ବିଶ୍ୱସ୍ତରରେ ପ୍ରତିଷ୍ଠିତ କରିବାରେ ବିଶ୍ୱବିଦ୍ୟାଳୟ ସଫଳ ହେବ ବୋଲି କୁଳପତି ପ୍ରଫେସର ପ୍ରସନ୍ନ କୁମାର ସ୍ୱାଇଁ ପ୍ରକାଶ କରିଛନ୍ତି । ସେହିଭଳି ଏଠାରେ ଛାତ୍ରଛାତ୍ରୀଙ୍କ ଦ୍ୱାରା ତିଆରି କରାଯାଉଥିବା ଚିତ୍ର ଖୁବ ଆକର୍ଷିତ ହେବା ସହିତ ବିଭିନ୍ନ ସ୍ଥାନରେ ପ୍ରଦର୍ଶିତ ହେବାକୁ ମଧ୍ୟ ପଠା ଯାଉଛି । ଏଠାରେ କେବଳ ଚିତ୍ର ନୁହଁ ପିଲାମାନଙ୍କଦ୍ୱାରା ସେଥିରେ ଏକ ବାର୍ତ୍ତା ମଧ୍ୟ ରହୁଛି ।

ଗୁଡ୍ ମର୍ଣ୍ଣିଂ ଓଡ଼ିଶା

ପର୍ଯ୍ୟଟନ ଶିଳ୍ପ ମାନ୍ୟତାକୁ ଅପେକ୍ଷା

ବେଳା ଖୋଜୁଛି ବେଳାଭୂମି

ପ୍ରତିବେଶୀ ରାଜ୍ୟ ପଶ୍ଚିମବଙ୍ଗର ବେଳାଭୂମି ପର୍ଯ୍ୟଟନ ଶିଳ୍ପ ଅଭିବୃଦ୍ଧି ଯେତେବେଳେ ଆଗେଇଛି, ଓଡ଼ିଶା ପାଇଁ ଏହା ଚ୍ୟାଲେଞ୍ଜ ସୃଷ୍ଟି କରୁଛି । ପଶ୍ଚିମବଙ୍ଗ ସରକାର ଆତିଥ୍ୟ ଉଦ୍ୟୋଗକୁ ଗୁରୁତ୍ୱ ଦେଉଥିବା ବେଳେ ଓଡ଼ିଶା ସରକାର ପୁରୀ-କୋଣାର୍କ ମେରାଇନ୍ ଡ୍ରାଇଭ୍‌ରେ ଅଧିକ ଯୋଜନା ଦେଇଛନ୍ତି । ପଶ୍ଚିମବଙ୍ଗର ଦୀଘା, ମନ୍ଦାରମଣି, ଶଙ୍କରପୁର, ତେଜପୁର ଭଳି ବେଳାଭୂମିର ଭିତ୍ତିଭୂମି ବିକାଶ ଓ ଆନୁସଙ୍ଗିକ ହୋଟେଲ୍ ଶିଳ୍ପର ବିକାଶ ହୋଇ ଚାଲିଥିବାରୁ ଆତିଥ୍ୟ ଉଦ୍ୟୋଗ ଆଗେଇ ଚାଲିଛି । ପଡ଼ୋଶୀ ବାଲେଶ୍ୱର ଜିଲ୍ଲାରେ ରହିଥିବା ବହୁ ପ୍ରାକୃତିକ ବେଳାଭୂମି ମଧ୍ୟରେ ଉଦୟପୁର, ଚାନ୍ଦପୁରା, ବିଚିତ୍ରପୁର, ଚାନ୍ଦିପୁର, ତଗରା, କଷାପଳ ଓ ଦୁବଲାଗଡ଼ି ଆଦି ବିକାଶର ପର୍ଯ୍ୟାପ୍ତ ସୁଯୋଗ ରହିଛି । ରାସ୍ତାଘାଟ, ମେରାଇନ ଡ୍ରାଇଭ୍, ହୋଟେଲ ଏବଂ ଆତିଥ୍ୟ ଉଦ୍ୟୋଗ କ୍ଷେତ୍ରରେ ଯଥେଷ୍ଟ ବିକାଶ ହେବ ବାହାର ରାଜ୍ୟର ପର୍ଯ୍ୟଟକଙ୍କୁ ସେତେଟା ଆକର୍ଷଣ କରିପାରିବ । ବିଦେଶୀ ପର୍ଯ୍ୟଟକ ପ୍ରାକୃତିକ ତଥା ଶାନ୍ତ ମନୋରମ ବେଳାଭୂମିକୁ ଅଧିକ ପସନ୍ଦ କରୁଥିବାରୁ ବାଲେଶ୍ୱର ଜିଲ୍ଲାର ପ୍ରତିଟି ପର୍ଯ୍ୟଟନସ୍ଥଳ ସେମାନଙ୍କ ପସନ୍ଦଯୋଗ୍ୟ ହୋଇପାରିବ । କିନ୍ତୁ ହେଟେଲ ଓ ଆତିଥ୍ୟ ଉଦ୍ୟୋଗ କ୍ଷେତ୍ରରେ ସରକାରଙ୍କ ଅଧିକ ଯୋଜନା ଏବଂ ଘରୋଇ କ୍ଷେତ୍ରରୁ ଅଧିକ ପୁଞ୍ଜିନିବେଶ ହୋଇପାରିଲେ ବାଲେଶ୍ୱର ଜିଲ୍ଲାର ପ୍ରାକୃତିକ ବେଳାଭୂମି ପର୍ଯ୍ୟଟନ ସଫଳତାର ଶୀର୍ଷରେ ଛୁଇଁପାରିବ । ବେଳାଭୂମି ପର୍ଯ୍ୟଟନ ସହିତ ଗ୍ରାମାଞ୍ଚଳ ପର୍ଯ୍ୟଟନ ବିକଶିତ ହେଲେ ସ୍ଥାନୀୟ ଅଞ୍ଚଳବାସୀଙ୍କ ଅର୍ଥନୈତିକ ବିକାଶର ରାସ୍ତା ଫିଟିବ ।



ରାଜ୍ୟର ୪୮୦ କିଲୋମିଟର ବେଳାଭୂମି ମଧ୍ୟରୁ ବାଲେଶ୍ୱର ଜିଲ୍ଲାରେ କେବଳ ୮୧କିମି ବେଳାଭୂମି ରହିଛି । ଯେଉଁଠି ରହିଛି ବିସ୍ତୀର୍ଣ୍ଣ ବେଳାଭୂମି ଆଉ ପର୍ଯ୍ୟଟକଙ୍କୁ ଆକର୍ଷିତ କଲା ଭଳି ବହୁ ପ୍ରାକୃତିକ ପର୍ଯ୍ୟଟନସ୍ଥଳ ଓ ଆକର୍ଷଣୀୟ ତଥା ଶାନ୍ତ ମନୋରମ ପ୍ରାକୃତିକ ପରିବେଶ । ବିଶ୍ୱପ୍ରସିଦ୍ଧ ଉଦୟପୁର-ଚାନ୍ଦସାରା ବେଳାଭୂମି ପର୍ଯ୍ୟଟନସ୍ଥଳର ବିକାଶ କାର୍ଯ୍ୟ ପ୍ରଗତିରେ ଥିବା ବେଳେ ଅନ୍ୟ ବେଳାଭୂମିଗୁଡ଼ିକର ବିକାଶର ଛାପ ଦେଖିବା ଅପେକ୍ଷାରେ ରହିଛି । ପର୍ଯ୍ୟଟନ ଶିଳ୍ପର ବିକାଶ କ୍ଷେତ୍ରରେ ବାଲେଶ୍ୱର ଜିଲ୍ଲା ପାଇଁ ପର୍ଯ୍ୟାପ୍ତ ସୁଯୋଗ ରହିଥିବା ବେଳେ ଏବେ ବି ଶିଳ୍ପର ମାନ୍ୟତାକୁ ଅପେକ୍ଷା କରିଛି ଅନେକ ପର୍ଯ୍ୟଟନସ୍ଥଳ । ଏପରିକି ଉଭୟ ବେଳାଭୂମିର ବିକାଶ ପର୍ଯ୍ୟଟନ ଓ ବଣପାହାଡ଼ ପ୍ରାକୃତିକ ପର୍ଯ୍ୟଟନ କ୍ଷେତ୍ର ରହିଛି । ଯାହାକି ବାହାର ରାଜ୍ୟର ପର୍ଯ୍ୟଟକ ସମେତ ବିଦେଶୀ ପର୍ଯ୍ୟଟକଙ୍କୁ ମଧ୍ୟ ଆକୃଷ୍ଟ କଲା ଭଳି କ୍ଷମତା ରଖିଛି । ପର୍ଯ୍ୟଟକଙ୍କ ସୁବିଧା ପାଇଁ ଉପଲବ୍ଧ ଭିତ୍ତିଭୂମି ମନ୍ଥର ଗତିରେ ଚାଲିଥିବା ବେଳେ କିଛି କିଛି ସ୍ଥାନକୁ ବିଦେଶୀ ପର୍ଯ୍ୟଟକ ଆପଣାଛାଏଁ ଆକୃଷ୍ଟ ହୋଇ ଆସୁଛନ୍ତି ।

ଚାନ୍ଦିପୁରରେ ଜୁଆରର ନିଆରା ଖେଳ

ବାଲେଶ୍ୱର ସହରଠୁ ଅନତି ଦୂରରେ ଅବସ୍ଥିତ ଚାନ୍ଦିପୁର ବେଳାଭୂମି ହେଉଛି ବିଶ୍ୱର ଅଦ୍ୱିତୀୟ ବିରଳ ବେଳାଭୂମି । ଯଦିବ ଚାନ୍ଦିପୁର ଡିଆରଡିଓର କ୍ଷେପଣାସ୍ତ୍ର ପରୀକ୍ଷଣ ଘାଟି ପାଇଁ ପ୍ରସିଦ୍ଧ, କିନ୍ତୁ ଏଠାର ଅନନ୍ୟ ବେଳାଭୂମିର ଜୁଆର ଏବଂ ଗଙ୍ଗାର ଲୁଚକାଳି ଖେଳ ବେଶ୍ ଅଦ୍ଭୁତ । ଏହି ବେଳାଭୂମିରେ ଜୁଆର ସମୟରେ ସମୁଦ୍ରର ଲହରୀ ଜୁକ ଛୁଇଁଥିବା ବେଳେ ଭଙ୍ଗା ଆସିଲେ ସମୁଦ୍ର ଗର୍ଭକୁ ୩କୁ ୫କିଲୋମିଟର ପର୍ଯ୍ୟନ୍ତ ଲହରୀ ଉଜାନ ହୋଇଯାଇଥାଏ । ଏହି ସମୟରେ ରହିଥିବା ହାଲୁକା ପାଣିରେ ଚାଲିଚାଲି ସମୁଦ୍ର ଭିତରେରେ ବୁଲିବାରେ ପର୍ଯ୍ୟଟକଙ୍କୁ ମଜା ଦେଇଥାଏ । ଚାନ୍ଦିପୁର ବେଳାଭୂମିରେ ସମୁଦ୍ର ପାଣିର ଲୁଚକାଳି ଖେଳ ପର୍ଯ୍ୟଟକଙ୍କୁ ଅଧିକ ଉତ୍ସୁକ କରୁଥାଏ ଏବଂ ଏହି ବେଳାଭୂମିକୁ ନିଆରା ପରିଚୟ ଦେଇଥାଏ । ଶାନ୍ତ ମନୋରମ ପରିବେଶର ମଜା ଉଠାଇବାକୁ ପର୍ଯ୍ୟଟକ ଆସିଥାନ୍ତି । ଯଦିଓ ଚାନ୍ଦିପୁରରେ ପର୍ଯ୍ୟଟନ ଶିଳ୍ପର ଆଖିଦୃଶିଆ ବିକାଶ ହୋଇନି, କିନ୍ତୁ ଏଠାର ଶାନ୍ତ ମନୋରମ ପରିବେଶ ପ୍ରକୃତି ପ୍ରେମୀ ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିଥାଏ । ବାଲେଶ୍ୱର ସହର ସନ୍ନିକଟ ଚାନ୍ଦିପୁର ବେଳାଭୂମି ପର୍ଯ୍ୟଟକଙ୍କ ପ୍ରଥମ ପସନ୍ଦ ହୋଇଥିବା ବେଳେ ଏଠାର ସାମଗ୍ରିକ ଭିତ୍ତିଭୂମି ବିକାଶ ଏକ ଚ୍ୟାଲେଞ୍ଜ ପାଇଛି ।

ଯମୁନାଶୂଳରେ ଝାଉଁ ଜଙ୍ଗଲର ସ୍ୱର

ବାଲେଶ୍ୱର ଜିଲ୍ଲା ସଦର ମହକୁମାଠାରୁ ୭୦କିଲୋମିଟର ଓ ବାଲିଆପାଳ ବ୍ଲକ ମୁଖ୍ୟାଳୟଠାରୁ ୨୦କିଲୋମିଟର ଓ ଲଙ୍କେଶ୍ୱରଠାରୁ ୫କିଲୋମିଟର ଦୂର ପଞ୍ଚୁପାଲିଠାରେ ରହିଛି ଅନନ୍ୟ ଯମୁନାଶୂଳ ବେଳାଭୂମି । ଯାହାକି ଏକ ପ୍ରାକୃତିକ ବେଳାଭୂମି ଭାବେ ପରିଚିତ । ସୁବିସ୍ତୀର୍ଣ୍ଣ ବାଲୁକା ଶଯ୍ୟା, ହରିତକାୟ ଝାଉଁ ଜଙ୍ଗଲର ପୁଁ ପୁଁ ଶବ୍ଦ ମଧ୍ୟରେ ନାଲି କଙ୍କଡ଼ାଙ୍କ ଲୁଚକାଳି ଖେଳ, ସମୁଦ୍ରର ନୀଳ ଜଳରାଶି ମଧ୍ୟରେ ଉଭାଳ ତରଙ୍ଗ ପର୍ଯ୍ୟଟକଙ୍କୁ ଆନମନା କରିଥାଏ । ସୂର୍ଯ୍ୟୋଦୟ ଓ ସୂର୍ଯ୍ୟାସ୍ତ ସମୟରେ ସମୁଦ୍ରର ଜଳରାଶି ଉପରେ ରକ୍ତଭିଜା ଲାଲ କିରଣର ଦୃଶ୍ୟ ପର୍ଯ୍ୟଟକଙ୍କ ମନ ମୋହି ନେଇଥାଏ । ଏଠାରେ ରହିଥିବା ପାନ୍ଥନିବାସରେ ପର୍ଯ୍ୟଟକଙ୍କୁ ସବୁ ସୁବିଧା ମିଳିଥାଏ । ଏହି ବେଳାଭୂମିରେ ମଜର ମେଳା, ବାରୁଣୀ ସ୍ନାନ ପାଇଁ ପ୍ରତିବର୍ଷ ହଜାର ହଜାର ଜନସମାଗମ ହୋଇଥାଏ ।

ବୈଚିତ୍ର୍ୟପୂର୍ଣ୍ଣ ବିଚିତ୍ରପୁର

ବାଲେଶ୍ୱର ଜିଲ୍ଲାର ସୀମାନ୍ତବର୍ତ୍ତୀ ଭୋଗରାଇ ବ୍ଲକରେ ରହିଛି ବିଚିତ୍ରପୁର ପ୍ରାକୃତିକ ପର୍ଯ୍ୟଟନସ୍ଥଳ । ସୁବର୍ଣ୍ଣରେଖା ନଦୀ ଓ ବଙ୍ଗୋପସାଗର ସଙ୍ଗମସ୍ଥଳରେ ରହିଛି ବିଚିତ୍ର ପ୍ରାକୃତିକ ସମ୍ଭାରରେ ଭରପୂର ବିଚିତ୍ରପୁର । ପର୍ଯ୍ୟଟକଙ୍କ ରହଣି ପାଇଁ ରହିଛି ପ୍ରକୃତି ନିବାସ । ବ୍ୟସ୍ତବହୁଳ ଜୀବନରୁ ଟିକିଏ ସମୟ ବାହାର କରି ପ୍ରକୃତି କୋଳରେ ସମୟ ବିତାଇବାର ପ୍ରକୃଷ୍ଟ ପର୍ଯ୍ୟଟନସ୍ଥଳ ହେଉଛି ବିଚିତ୍ରପୁର । ସୁବର୍ଣ୍ଣରେଖା ନଦୀକୂଳସ୍ଥ ଖଡ଼ିବିଲଠାରୁ ନୌକାବିହାର (ବୋଟିଂ) କରି ସମୁଦ୍ର ସଙ୍ଗମସ୍ଥଳ ପର୍ଯ୍ୟନ୍ତ ଯିବାକୁ ପର୍ଯ୍ୟଟକ ବେଶ୍ ପସନ୍ଦ କରୁଛନ୍ତି । ନଦୀର ଉଭୟ ପାଶର୍ରେ ଚିର ସବୁଜ ଜଙ୍ଗଲ ପର୍ଯ୍ୟଟକଙ୍କ ମନରେ ସବୁଜିମାର ଛାପ ଛାଡ଼ିଥାଏ । ପାଖାପାଖି ୫୬ଶହ ହେକ୍ଟର ପରିମିତ ଏହି ପ୍ରାକୃତିକ ପର୍ଯ୍ୟଟନସ୍ଥଳରେ ବହୁ ସାମୁଦ୍ରିକ ଜୀବଜନ୍ତୁ, ବିଦେଶୀ ପକ୍ଷୀ, ଅଲିଭ୍ ରିଡ୍‌ଲେ କଚ୍ଛପ, ନାଲି କଙ୍କଡ଼ା, ବିରଳ ନୀଳଗଣ୍ଡ କଙ୍କଡ଼ା ଆଦି ଦେଖିବାକୁ ମିଳିଥାନ୍ତି । ସଙ୍ଗମସ୍ଥଳରେ ବିସ୍ତୀର୍ଣ୍ଣ ବେଳାଭୂମି ଅତ୍ୟନ୍ତ ଆକର୍ଷଣୀୟ ହୋଇଥିବାରୁ ବଣଭୋଜି କରିବାକୁ ବହୁ ପର୍ଯ୍ୟଟକ ଆସିଥାନ୍ତି । ଓଡ଼ିଶା ବନବିଭାଗ ପକ୍ଷରୁ ବିଚିତ୍ରପୁର ଇକୋ ଟୁରିଜିମ୍ କ୍ୟାମ୍ପରେ ପର୍ଯ୍ୟଟକଙ୍କ ରହଣି ପାଇଁ ଇଟେଜର ବ୍ୟବସ୍ଥା ରହିଛି । ଯାହାକି ବାହାର ରାଜ୍ୟର ପର୍ଯ୍ୟଟକଙ୍କୁ ଆକୃଷ୍ଟ କରୁଛି । ଏଠାର ଇକୋସିଷ୍ଟମ୍ ଉପରେ ଗବେଷଣା ପାଇଁ ଅଧିକାଂଶ ସମୟରେ ପ୍ରକୃତି ବିଜ୍ଞାନୀ ଆସିଥାନ୍ତି ।

ସୂର୍ଯ୍ୟୋଦୟ ଓ ସୂର୍ଯ୍ୟାସ୍ତର ଅପରୂପ ଅନୁଭବ

ବିଶ୍ୱସ୍ତରୀୟ ପ୍ରାକୃତିକ ବେଳାଭୂମି ମଧ୍ୟରେ ରହିଛି ବାଲେଶ୍ୱରର ଚାନ୍ଦସାରା-ଉଦୟପୁର ବେଳାଭୂମି । ପୁରୀ-କୋଣାର୍କ ମେରାଇନ୍ ଡ୍ରାଇଭ୍ ଭଳି ଏହି ବେଳାଭୂମି ପର୍ଯ୍ୟଟକଙ୍କୁ ଆକର୍ଷିତ କରିବାର କ୍ଷମତା ରହିଛି । ମନୋରମ ବେଳାଭୂମି ଓ ବିସ୍ତୀର୍ଣ୍ଣ ଝାଉଁ ଜଙ୍ଗଲ ପ୍ରକୃତି ପ୍ରେମୀଙ୍କୁ ଆକୃଷ୍ଟ କରିବାର ଅନ୍ୟଏକ କାରଣ । ଶାନ୍ତ ମନୋରମ ପରିବେଶ ତଥା ସୂର୍ଯ୍ୟୋଦୟ ଓ ସୂର୍ଯ୍ୟାସ୍ତ ସମୟର ମନୋଜ୍ଞ ଦୃଶ୍ୟର ମଜା ନେବାକୁ ବହୁ ପର୍ଯ୍ୟଟକ ଏଠାକୁ ଆସିଥାନ୍ତି । ରାଜ୍ୟ ସରକାର ଉଦୟପୁର ଓ ଚାନ୍ଦସାରା ବେଳାଭୂମିର ମେରାଇନ୍ ଡ୍ରାଇଭ୍‌କୁ ବିକଶିତ କରିବାକୁ ସ୍ୱତନ୍ତ୍ର ଧ୍ୟାନ ଦେଉଥିବା ବେଳେ ଏହି ପର୍ଯ୍ୟଟନସ୍ଥଳକୁ ବିଶ୍ୱସ୍ତରୀୟ କରି ଗଢ଼ି ତୋଳିବାକୁ ଘୋଷଣା କରିଛନ୍ତି । ମେରାଇନ୍ ଡ୍ରାଇଭର ଭିତ୍ତିଭୂମି ବିକାଶ ନେଇ ଖୋଦ୍ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଘୋଷଣା କରିବା ପରେ ଉନ୍ନୟନ କାର୍ଯ୍ୟ ଜାରିରହିଛି । ପାଖରେ ଥିବା ପଶ୍ଚିମବଙ୍ଗର ଦୀଘା ବେଳାଭୂମି ସବୁବେଳେ ବ୍ୟସ୍ତବହୁଳ ରହୁଥିବାରୁ ବହୁ ପର୍ଯ୍ୟଟକ ଭୋଗରାଇ ବ୍ଲକର ଚାନ୍ଦସାରା-ଉଦୟପୁର ବେଳାଭୂମିରେ ସମୟ ବିତାଇବାକୁ ପସନ୍ଦ କରୁଛନ୍ତି । ତେଣୁ ଉଦୟପୁର-ଚାନ୍ଦସାରା ବେଳାଭୂମିର ସ୍ୱତନ୍ତ୍ର ପରିଚୟ ଧୀରେ ଧୀରେ ବଢ଼ିବାରେ ଲାଗୁଛି । ତିନି କିଲୋମିଟରର ବିସ୍ତୀର୍ଣ୍ଣ ମେରାଇନ୍ ଡ୍ରାଇଭ୍‌ରେ ନାଲି କଙ୍କଡ଼ାଙ୍କ ଲୁଚକାଳି ଖେଳ ଓ ଝାଉଁ ଜଙ୍ଗଲରୁ ଭାସି ଆସୁଥିବା ସାଇଁ ସାଇଁ ପବନ ଓ ସମୁଦ୍ରରୁ ଭାସି ଆସୁଥିବା ମନୁଆଲା ଲହରୀ ପ୍ରକୃତିପ୍ରେମୀଙ୍କୁ ବେଶ୍ ଆକର୍ଷିତ କରୁଛି । ଏଠାରେ ଆତିଥ୍ୟ ଉଦ୍ୟୋଗର ବିକାଶ ପାଇଁ ଅଧିକ ପୁଞ୍ଜିନିବେଶର ଆବଶ୍ୟକତା ରହିଛି ।

ପ୍ରସ୍ତୁତି: ଅସୀମ ମହାପାତ୍ର

ଡଗରାରେ ନାଲିକଙ୍କଡ଼ାର ଚାଦର



ବାଲେଶ୍ୱର ଜିଲ୍ଲାର ବାଲିଆପାଳ ବ୍ଲକ ଡଗରାଠାରେ ରହିଛି ମନମୋହକ ବିସ୍ତୀର୍ଣ୍ଣ ବେଳାଭୂମି । ଏହି ବେଳାଭୂମି ନାଲି କଙ୍କଡ଼ାର ଚାଦର ଓ ଲୁଫେଲି ବାଲୁକା ଶଯ୍ୟା ପାଇଁ ପ୍ରସିଦ୍ଧ । ଏହ ଏକଲି ଏକ ପ୍ରାକୃତିକ ବେଳାଭୂମି ଯାହାର ତଟରେ ବିସ୍ତୀର୍ଣ୍ଣ ଝାଉଁ ଜଙ୍ଗଲ ରହିଛି । ଯାହାକି ସାମୁଦ୍ରିକ ବିରଳ କଚ୍ଛପ ଅଲିଭ୍ ରିଡ୍‌ଲେଙ୍କ ଅଣ୍ଡାଦାନ ପାଇଁ ନୂଆ ଠିକଣା ମଧ୍ୟ ପାଲଟିଛି । ୨୦୨୪ ମସିହାରେ ଡଗରା ବେଳାଭୂମି ପର୍ଯ୍ୟଟନସ୍ଥଳର ମାନ୍ୟତା ମିଳିଥିଲା । କିନ୍ତୁ ଭିତ୍ତିଭୂମି ନ ଥିବାରୁ ପର୍ଯ୍ୟଟନ ଶିଳ୍ପର ବିକାଶ ହୋଇପାରୁନାହିଁ । ବେଳାଭୂମିର ପାରିପାର୍ଶ୍ୱିକ ଉନ୍ନୟନ ହେଉ ନ ଥିବାରୁ ପର୍ଯ୍ୟଟକଙ୍କ ରହଣିରେ ଅସୁବିଧା ଉପୁଜୁଛି । ଏହି ପ୍ରାକୃତିକ ବେଳାଭୂମିର ପାରିପାର୍ଶ୍ୱିକ ବିକାଶ ସହିତ ହେଟେଲ ଆଦି ଗଢ଼ି ଉଠିଲେ ପର୍ଯ୍ୟଟକଙ୍କ ଆକର୍ଷଣ ପାଲଟିପାରିବ ।

କଷାଫଳ ଓ ଦୁବଲାଗଡ଼ିରେ ସୁଆଦିଆ ଖାଦ୍ୟର ମଜା

ବାଲେଶ୍ୱର ସଦର ବ୍ଲକର ବାହାବଳପୁର ମୁହାଣକୁ ଲାଗି ରହିଛି କଷାପଳ ବେଳାଭୂମି । ବିଶେଷକରି ମତ୍ସ୍ୟ ଅବତରଣ କେନ୍ଦ୍ର ଭାବେ ଜଣାଶୁଣା ଏହି ବେଳାଭୂମିର ପ୍ରାକୃତିକ ସୌନ୍ଦର୍ଯ୍ୟ ଅତୁଳନୀୟ । କିନ୍ତୁ ପର୍ଯ୍ୟଟକଙ୍କୁ ସୁହାଇଲା ଭଳି ଭିତ୍ତିଭୂମି ନ ଥିବାରୁ ଏହି ପ୍ରାକୃତିକ ବେଳାଭୂମି ଲୋକଲୋଚନକୁ ଆସି ପାରୁନାହିଁ । ପଞ୍ଚୁପଡ଼ା ଓ ଚୁବଚୁବି ନଦୀର ସଙ୍ଗମସ୍ଥଳରେ ବିସ୍ତୀର୍ଣ୍ଣ ବେଳାଭୂମିରେ ନାଲି କଙ୍କଡ଼ାର ଅପରୂପ ସମ୍ଭାର ପର୍ଯ୍ୟଟକଙ୍କ ଆକର୍ଷଣର କେନ୍ଦ୍ର ପାଲଟିଥାଏ । ନଦୀର ଗୋଟିଏ ପଟେ ବିସ୍ତୀର୍ଣ୍ଣ ଝାଉଁ ଜଙ୍ଗଲ ସାଙ୍ଗକୁ ସମୁଦ୍ରର ବିଚିତ୍ର ରୂପ ବେଳାଭୂମି ପର୍ଯ୍ୟଟନ ଉପରେ ରୁଚି ରଖୁଥିବା ପର୍ଯ୍ୟଟକଙ୍କୁ ଆକର୍ଷିତ କରିଥାଏ । ୬୦ ନମ୍ବର ଜାତୀୟ ରାଜପଥ ହଳଦୀପଦା ଛକରୁ ବାହାବଳପୁର ମୁହାଣକୁ ଯୋଡ଼ିଥିବା ରାସ୍ତାର ବିକାଶ ତଥା ଏହି ପ୍ରାକୃତିକ ବେଳାଭୂମିର ଭିତ୍ତିଭୂମି ବିକାଶ ଆବଶ୍ୟକ । ବାହାବଳପୁର ସମୁଦ୍ରତଟ ଠାରୁ ମାତ୍ର ଦୁଇ କିଲୋମିଟର ଦୂରରେ ଦୁବଲାଗଡ଼ି ବାଗଦା ବେଳାଭୂମି ରହିଛି । ଏହି ପ୍ରାକୃତିକ ବେଳାଭୂମିର ଇକୋ ରିସୋର୍ଟ ଏବେ ପର୍ଯ୍ୟଟକଙ୍କ ପସନ୍ଦଯୋଗ୍ୟ ପ୍ରାକୃତିକ ପର୍ଯ୍ୟଟନ କ୍ଷେତ୍ର ପାଲଟିଛି । ପ୍ରାକୃତିକ ପରିବେଶ ମଧ୍ୟରେ ସମୟ ଅତିବାହିତ କରିବା ସହ ସୁଆଦିଆ ଖାଦ୍ୟ ଖାଇବାର ମଜା ଉଠାଇବାକୁ ବାହାରୁ ବହୁ ସଂଖ୍ୟାରେ ପର୍ଯ୍ୟଟକ ଆସୁଛନ୍ତି । ଦୁବଲାଗଡ଼ି ବାଗଦା ବେଳାଭୂମିର ବିକାଶ କ୍ଷେତ୍ରରେ ବେସରକାରୀ ସଂସ୍ଥାର ଯୋଗଦାନ ଅଧିକ ରହିଛି । ସେହିପରି ଅନ୍ୟ ବେଳାଭୂମି ବିକାଶ ପାଇଁ ପ୍ରୋତ୍ସାହନ ମିଳିଲେ ପର୍ଯ୍ୟଟନ କ୍ଷେତ୍ରର ସାମଗ୍ରିକ ବିକାଶ ହୋଇପାରିବ ।

ଗୁଡ୍ ମର୍ଣ୍ଣିଂ ରିପୋର୍ଟର

ମୁସ୍‌ଲିମ୍ ଧର୍ମପୀଠ ହିନ୍ଦୁ ଶ୍ରଦ୍ଧାଳୁ

ସର୍ବଧର୍ମ ସମନ୍ୱୟର ପୀଠ 'ପିଲିକୋଣ୍ଡା'

ଧର୍ମ, ବର୍ଣ୍ଣ, ଜାତି ସବୁଠୁ ଉର୍ଦ୍ଧ୍ୱରେ ଓ ଭାବନା । ସମସ୍ତଙ୍କୁ ଆଦରି ନେଇ ନିଜ କୋଳରେ ବଢ଼ାଇଥିବା ମାଟି ହେଉଛି ଭାରତ । ଏହି ମାଟିର ମହିମା ଯେମିତି ପ୍ରଖ୍ୟାତ ଦେଶର ପ୍ରସ୍ତାବନା ବି ସମୃଦ୍ଧ । ଏଇଥିପାଇଁ ତ ସର୍ବଧର୍ମ ସମନ୍ୱୟର ବାର୍ତ୍ତା ଯୋଜନ ଯୋଜନ ଦୂର ପର୍ଯ୍ୟନ୍ତ ଲମ୍ବିଛି । ଯେଉଁ ପରମ୍ପରା ଦୀର୍ଘ ବର୍ଷ ପୂର୍ବେ ପ୍ରଚଳିତ ଥିଲା । ତାହା ଆଜି ଉଜ୍ଜୀବିତ ରହିଛି ।

ଫଟୋ-ଗୋପାଳ

ଓଡ଼ିଶା-ଆନ୍ଧ୍ର ସୀମାନ୍ତ ଆନ୍ଧ୍ର ପ୍ରଦେଶର ଇଛାପୁର ମଣ୍ଡଳ ଅଧୀନରେ ରହିଛି 'ପିଲିକୋଣ୍ଡା' । ଏହା ଏକ ମୁସଲମାନ ସମ୍ପ୍ରଦାୟର ପୀଠ । ଏଠାରେ ମସଜିଦ ଓ ବାବା ଫରିଦ ଖାନଙ୍କ ପୀଠ ରହିଛି । କିନ୍ତୁ ଏଠାରେ ହିନ୍ଦୁମାନେ ପୂଜାର୍ଚ୍ଚନା କରନ୍ତି । ହିନ୍ଦୁମାନେ ନେଇଥିବା ଭୋଗରାଗ ମୁସଲମାନମାନେ ଅର୍ପଣ କରନ୍ତି । ଏହାର ସ୍ୱତନ୍ତ୍ରତା ବି ଅନେକ ରହିଛି । ମୁସଲିମ ଓ ହିନ୍ଦୁଙ୍କ ଭାବ ଭକ୍ତିର ସମନ୍ୱୟରେ ଗଢି ଉଠିଥିବା ଏହି ପୀଠରେ କେବଳ ଆନ୍ଧ୍ର ନୁହେଁ ବରଂ ଓଡ଼ିଶାର ମଧ୍ୟ ସହସ୍ରାଧିକ ଶ୍ରଦ୍ଧାଳୁ ଗମନ କରିଥାନ୍ତି । ସୂଚନା ଅନୁସାରେ ୮୦୦ବର୍ଷ ପୂର୍ବେ ମୁସଲିମ ସମ୍ପଦ୍ରାୟର ବାବା ଫରିଦ ଖାନ୍ ଏଠାରେ ପୂଜା କରୁଥିଲେ । ୪୫୦ବର୍ଷ ହେବ ଏବେ ବଂଶାନୁକ୍ରମିକ ଭାବେ ଇଛାପୁର ଅଞ୍ଚଳର ମୁସଲିମ ଭାଇମାନେ ଏଠାରେ ପୂଜାର୍ଚ୍ଚନା କରୁଛନ୍ତି ।

କ୍ଷୀରସିନ୍ଧୁ ମହାନ୍ତି

'ପିଲିକୋଣ୍ଡା' ପର୍ବତ ଶିଖର ବାବାଙ୍କ ପୀଠକୁ ଯିବାକୁ ହେଲେ ୪୦୦ଶହ ପାହଚ ଅତିକ୍ରାନ୍ତ କରି ଯିବାକୁ ପଡ଼ିଥାଏ । ତତସହିତ ଇଛାପୁର ରେଳ ଷ୍ଟେସନଠାରୁ ପିଲି ସ୍ୱାମୀଙ୍କୁ ମହୋରମରେ ଏଠାରେ ପୂଜାର୍ଚ୍ଚନା କରାଯାଉଥିବାରୁ ଏହାର ନାମ 'ପିଲିକୋଣ୍ଡା' ହୋଇଥିବା ଲୋକକଥାରୁ ଜଣାପଡ଼ିଛି । ନଚେତ ଏହା ବାବା ଫରିଦ ଖାନ କୋଣ୍ଡା ବା ପର୍ବତ ନାମରେ ପରିଚିତ । ମାର୍ଗଶିର ମାସର ୪ଟି ଗୁରୁବାର ଏଠାରେ ହିନ୍ଦୁମାନେ ପୂଜାର୍ଚ୍ଚନା କରିଥାନ୍ତି । ଚକଖଡ଼ି, ପାଣି, ମୁଆଁ ଆଦି ବିଭିନ୍ନ ଭୋଗରାଗ ଲଗାଇଥାନ୍ତି । ବାବା ଫରିଦ ଖାନଙ୍କ ପୀଠରୁ ପାଣି ନେଇ କାନରେ ପକାଇଲେ କାନରୋଗ ଦୂର ହେଉଥିବା ବିଶ୍ୱାସ ରହିଛି । ଦୁଇ ରାଜ୍ୟର ଜନତା ସମେତ ୨ ସମ୍ପଦ୍ରାୟର ଲୋକଙ୍କୁ ଏକାଠି କରିବାରେ 'ପିଲିକୋଣ୍ଡା' ପର୍ବତର ଭୂମିକା ବେଶ ଗୁରୁତ୍ୱପୂର୍ଣ୍ଣ ମନେ ହୁଏ । ଜାତିଗତ ଓ ଭାଷାଗତ ଭେଦଭାବ ନ ଥାଇ ସମସ୍ତଙ୍କୁ ସମ୍ପର୍କର ସୂତାରେ ବାନ୍ଧି ରଖିବାରେ ଏହି ପର୍ବତ ନିରବିଚ୍ଛିନ୍ନ ଭାବେ ତାର ପରକାଷ୍ଠା ଦେଖାଇଛି ।



ପାହାଡ଼ି ରାସ୍ତାରେ ଯିବାକୁ ହୁଏ । ବାଟରେ ଗଲାବେଳେ ବିଭିନ୍ନ ପସରା ମେଲାଇ ବେପାରୀମାନେ ବସିଥାନ୍ତି । ଏଥିସହିତ ରାମଦୋଳି ଓ ବିଭିନ୍ନ ଖେଳକୁଦର ଆସର ମଧ୍ୟ ଜମିଥାଏ । ପେଟ ପୋଷିବା ପାଇଁ ରାସ୍ତା କଡ଼ରେ ଅନେକ ଲୋକ ସେମାନଙ୍କ ଦ୍ୱାରା ପ୍ରଦର୍ଶିତ କଳାକୌଶଳ ବି ପ୍ରଦର୍ଶନ କରିଥାନ୍ତି । ପ୍ରବଳ ଗଳହିକୁ ଅତିକ୍ରାନ୍ତ କରି ଗଲେ ପାହାଡ଼ ଉପରେ ବାପା ଫରିଦଙ୍କ ପୀଠ ସମେତ ମସଜିଦ ଦେଖିବାକୁ ମିଳେ । କାହିଁକେଉ ଅନାଦି କାଳରୁ ଗଢି ଉଠିଥିବା ଏହି ପୀଠର ଭିତ୍ତିଭୂମି ଏତେ ସୁଦୃଢ ଯେ, ଏବେ ମଧ୍ୟ ଚମକୁଛି । ପାହାଡ଼ ଉପରେ ଏହା ଅତ୍ୟନ୍ତ ମନୋରମ ଲାଗୁଛି । ସେହିପରି ଇଛାପୁର ସହର ଓ ଆଖପାଖ ଅଞ୍ଚଳରେ ୨ହଜାର ମୁସଲିମ ଭାଇ ଭଉଣୀ ରହିଛନ୍ତି । ଏମାନେ ଏହି ପୀଠର ଯତ୍ନ ନେଉଥିବା ବେଳେ ପାହାଡ଼ ଉପରେ ନାନାଦି ସମସ୍ୟା ରହିଛି । ପିଇବା ପାଣି, ବିଦ୍ୟୁତ ସଂଯୋଗ ଆଦି ସମସ୍ୟା ଦୂର କରିବାକୁ ଏମାନେ ଗୁରୁତ୍ୱ ଦେଇଛନ୍ତି ।

ବିଶେଷ କରି ଦୁଇ ରାଜ୍ୟର ଜନତା ସମେତ ୨ ସମ୍ପଦ୍ରାୟର ଲୋକଙ୍କୁ ଏକାଠି କରିବାରେ 'ପିଲିକୋଣ୍ଡା'ପର୍ବତର ଭୂମିକା ବେଶ ଗୁରୁତ୍ୱପୂର୍ଣ୍ଣ ମନେ ହୁଏ । ଜାତିଗତ ଓ ଭାଷାଗତ ଭେଦଭାବ ନଥାଇ ସମସ୍ତଙ୍କୁ ସମ୍ପର୍କର ସୂତାରେ ବାନ୍ଧି ରଖିବାରେ ଏହି ପର୍ବତ ନିରବିଚ୍ଛିନ୍ନ ଭାବେ ତାର ପରକାଷ୍ଠା ଦେଖାଇ ପାରିଛି । ଓଡ଼ିଶା-ଆନ୍ଧ୍ର ସୀମାନ୍ତରେ ଥିବା ଏହି ପୀଠ ଦେଶ ବିଦେଶରେ ଖ୍ୟାତି ଅର୍ଜନ କରି ନଥିଲେ ହେଁ ସ୍ଥାନୀୟ ଅଞ୍ଚଳବାସୀଙ୍କ ବିଶ୍ୱାସରେ ସର୍ବଦା ରହିଆସିଛି ।



ବୟସ ମାନିଛି ହାର୍

ଅନୁଗୋଳ ସହର ନିକଟସ୍ଥ ଖଲାରୀ ଗଡପଦା ସାହିର ପ୍ରକାଶ ଗଡନାୟକ । ଜଣେ ଜାତୀୟମାଷ୍ଟର ଆଥେଲେଟ୍ ଭାବେ ବେସ ଜଣାଶୁଣା । ସେ ରାଜ୍ୟ, ଦେଶ ତଥା ଅନ୍ତର୍ଜାତୀୟସ୍ତରରେ ଅନେକ ମେଡାଲ ପାଇଛନ୍ତି । ୫୭ବର୍ଷ ବୟସରେ ମଧ୍ୟ ସେ ନିଜେ ଅଭ୍ୟାସ ଜାରି ରଖିବା ସହ ଅନେକ ଯୁବକଙ୍କୁ ତାଲିମ ଦେଉଛନ୍ତି । ପ୍ରତିବର୍ଷ ରାଜ୍ୟ ଓ ଜାତୀୟସ୍ତରରେ ହେଉଥିବା ଆଥେଲେଟିକ ପ୍ରତିଯୋଗିତାରେ ଅଂଶ ଗ୍ରହଣ କରି ମାଷ୍ଟର ଆଥଲେଟ ଭାବେ ପୁରସ୍କୃତ ହୋଇଛନ୍ତି । ମେଡାଲ ପରେ ମେଡାଲ ପାଇ ଚାଲିଛନ୍ତି । ବର୍ତ୍ତମାନ ସୁଦ୍ଧା ସେ ବିଭିନ୍ନ ସ୍ତରରେ ୧୫୦ରୁ ଅଧିକ ସ୍ୱର୍ଣ୍ଣ, ୧୧୦ରୁ ଅଧିକ ରୌପ୍ୟ ଓ ୫୦ରୁ ଅଧିକ କାଂସ୍ୟ ପଦକ ପାଇଛନ୍ତି । ଜଣେ ମାଷ୍ଟର ଅଥେଲେଟ ଭାବେ ଦେଶର ପ୍ରତିନିଧିତ୍ୱ କରି ଶ୍ରୀଲଙ୍କା, ନେପାଳ, ମାଲାଏସିଆ ଓ ବଙ୍ଗଳାଦେଶରେ ଆୟୋଜିତ ପ୍ରତିଯୋଗିତାରେ ଅଂଶଗ୍ରହଣ କରି ସଫଳତା ଅର୍ଜନ କରିଛନ୍ତି । ବୟସ ତାଙ୍କ ପାଖରେ ହାରମାନିଛି । ଏବେବି ସେ ଦୈନିକ ୩/୪ଘଣ୍ଟା ଦୌଡ଼, ସାଇକଲ ଚାଳନା ଓ ଲମ୍ବଡିଆଁ ଅଭ୍ୟାସ କରୁଛନ୍ତି । ଅନୁଗୁଳରୁ ପୁରୀ ପର୍ଯ୍ୟନ୍ତ ସାଇକଲରେ ସେ ମାତ୍ର ୭ ଘଣ୍ଟାରେ ପହଞ୍ଚି ପାରିଛନ୍ତି । ପ୍ରକାଶଙ୍କ ପରିବାର କହିଲେ ସ୍ତ୍ରୀ ଓ ଦୁଇ ପୁଅ ଝିଅ । ସ୍ତ୍ରୀ ଜଣେ ଶିକ୍ଷୟିତ୍ରୀ । ପିଲାମାନେ ସ୍କୁଲରେ ପାଠ ପଢୁଛନ୍ତି । ସ୍ତ୍ରୀ ସକାଳୁ ନିଜର ନିତ୍ୟକର୍ମ ସାରି ସ୍କୁଲକୁ ଯାଆନ୍ତି । ତେଣୁ ପ୍ରକାଶଙ୍କୁ କ୍ରୀଡ଼ା ବ୍ୟତିତ ନିଜର ଘର ଦାୟିତ୍ୱ ମଧ୍ୟ ନେବାକୁ ପଡିଥାଏ । ସ୍ତ୍ରୀଙ୍କର ଯଥେଷ୍ଟ ପ୍ରେରଣା ରହିଛି ।

ଶୁଭ୍ର ରଞ୍ଜନ ଦାସ



ପିଲାଟି ଦିନରୁ ତାଙ୍କର ଦେଶ ସେବା ଏବଂ କ୍ରୀଡ଼ା ପ୍ରତି ପ୍ରବଳ ଆଗ୍ରହ ରହିଥିଲା । ତେଣୁ ସ୍ନାତକ ପଢୁଥିବା ବେଳେ ଭାରତୀୟ ବାୟୁସେନାରେ ଯୋଗ ଦେଇଥିଲେ । ଦୀର୍ଘ ବର୍ଷ ଦେଶ ପାଇଁ ସେବା କରିବା ପରେ ୨୦୧୦ରେ ସ୍ୱେଚ୍ଛାକୃତ ଅବସର ନେଲେ । ଅବସର ଗ୍ରହଣ କରିବା ପରେ କ୍ରୀଡ଼ା ପ୍ରତି ତାଙ୍କର ଥିବା ଆଗ୍ରହକୁ ବିନିଯୋଗ କଲେ ।

ବିଦେଶୀ ପକ୍ଷୀଙ୍କ ଠିକଣା ପଦ୍ମତୋଳା

ଏ ବର୍ଷ ଶୀତ ଆସିବାକୁ ଡେରି ହୋଇଥିବାରୁ ଚଳିତ ବର୍ଷ ପକ୍ଷୀଙ୍କ ଆଗମନ ବିଳମ୍ବ ହୋଇଥିଲେ ମଧ୍ୟ ଧୀରେ ଧୀରେ ବିଭିନ୍ନ ପ୍ରଜାତିର ପକ୍ଷୀଙ୍କ ସୁଅ ଛୁଟୁଛି । ଏପରିକି ଜାନୁୟାରୀ ମାସ ପ୍ରଥମରୁ ହିଁ ସମସ୍ତ ପ୍ରକାର ବିଦେଶୀ ପକ୍ଷୀଙ୍କ ଆଗମନ ହେବା ଆଶା କରାଯାଉଛି ।

ଏଭଳି ଏକ ପ୍ରକୃତି ପରିବେଶ ସ୍ଥାନ ହେଉଛି ବୌଦ୍ଧ ଜିଲ୍ଲା ହରଭଙ୍ଗା ବ୍ଲକ କୁସଙ୍ଗ ମହାନଦୀ ବନ୍ୟପ୍ରାଣୀ ଦୁର୍ଗମ ଅଭୟାରଣ୍ୟ ଅଞ୍ଚଳ ପଦ୍ମତୋଳା । ପରିବେଶବିତଙ୍କ ମତରେ ବର୍ତ୍ତମାନ ସମୟରେ ବିଦେଶରେ ଅତ୍ୟଧିକ ଥଣ୍ଡା ଯୋଗୁଁ ବିଭିନ୍ନ ସ୍ଥାନରେ ତୁଷାରପାତ ହେବା ଯୋଗୁଁ ପକ୍ଷୀଙ୍କ ପାଇଁ ଖାଦ୍ୟ ସଙ୍କଟ ଦେଖାଦେଇଥାଏ । ଭାରତ ବର୍ଷରେ ପ୍ରତ୍ୟେକ ବର୍ଷ ନଭେମ୍ବର ଶେଷ ଏବଂ ଜାନୁୟାରୀ ପ୍ରଥମରୁ ଫେବୃୟାରୀ ପର୍ଯ୍ୟନ୍ତ ପାଗ ଅନୁକୂଳ ସହ ପକ୍ଷୀଙ୍କ ପାଇଁ ଉପଯୁକ୍ତ ସ୍ଥାନ ହୋଇଥିବାରୁ ଦେଶ ଓ ଦେଶ ବାହାର ପକ୍ଷୀଙ୍କ ଆଗମନ ହୋଇଥାଏ । ଏଠାରେ ପକ୍ଷୀଙ୍କ ପାଇଁ ପ୍ରଚୁର ଖାଦ୍ୟ ସାଙ୍ଗେ ସୁରକ୍ଷିତ ସ୍ଥାନ ହୋଇଥିବା ହେତୁ ଗଡ଼ୱାଲ, ପନିଟେଲ, ସାଭାର, ରୁଡିସେଲଡ଼କ ଭଳି ବିଭିନ୍ନ ପ୍ରଜାତିର ପକ୍ଷୀ ଆସୁଥିବା ଦାୟିତ୍ୱରେ ଥିବା ରେଞ୍ଜ ଅଧିକାରୀ ସଂସାର ବର୍ଗିଆ ସୂଚନା ଦେଇଛନ୍ତି । ଅତିଥି ଭଳି ଆସି ୨ମାସରୁ ଅଢେଇ ମାସ ରହିଲା ପରେ ମାର୍ଚ୍ଚ ପ୍ରଥମ ସପ୍ତାହ ବେଳକୁ ବିଦେଶୀ ପକ୍ଷୀ ପୁଣି ପ୍ରତ୍ୟାବର୍ତ୍ତନ କରିଥାନ୍ତି । ପ୍ରକାଶ ଥାଉକି ବର୍ତ୍ତମାନ ଏହି ଅଭ୍ୟାରଣ୍ୟର ମହାନଦୀ ଜଳରାଶିରେ ବିଦେଶୀ ପକ୍ଷୀଙ୍କ ଚରଚୁଲା ହେବା ସହ ସୁମଧୁର ରାବରେ ଅଞ୍ଚଳ ମୁଖରିତ ହେବାସହ ପର୍ଯ୍ୟଟକଙ୍କୁ ବେଶ ଆକୃଷ୍ଟ କରିଥାଏ । ପକ୍ଷୀଙ୍କ ସୁରକ୍ଷା ନେଇ ଉକ୍ତ ରେଞ୍ଜ ପକ୍ଷରୁ ନିୟମିତ ଭାବେ ଯାଞ୍ଚ କରାଯିବା ଅତ୍ୟାଧୁନିକ କ୍ୟାମେରାରେ ନଜର ରଖିବା ଏବଂ ନଦୀ ଗର୍ଭରେ ମାଛ ମାରିବା ଏସବୁ ବିଭିନ୍ନ କଟକଣା ବିଦେଶୀ ପକ୍ଷୀଙ୍କ ସୁରକ୍ଷା ପାଇଁ ରଖାଯାଇଥିବା ବନ୍ୟପ୍ରାଣୀ ବିଭାଗ ପକ୍ଷରୁ ସୂଚନା ମିଳିଛି ।

ଭାଗବତ ମେହେର

ଲାଞ୍ଚ ମାମଲାରେ ପୂର୍ବତନ କନିଷ୍ଠ କିରାଣିଙ୍କୁ ୩ ବର୍ଷ ଜେଲ୍

ଫୁଲବାଣୀ, ୧୬।୧୨(ସମିସ): ଏକ ଲାଞ୍ଚ ମାମଲାର ଶୁଣାଣି କରି ଫୁଲବାଣୀ ସ୍ୱତନ୍ତ୍ର ଭିଜିଲାନ୍ସ ଜଜ୍ ସମର ବିଳାସ ବେହେରା ଶନିବାର ଅଭିଯୁକ୍ତ ପୂର୍ବତନ କନିଷ୍ଠ କିରାଣୀ ଅମୂଲ୍ୟ କୁମାର ସାହୁଙ୍କୁ ୩ବର୍ଷ ଜେଲ ଦଣ୍ଡାଦେଶ ଦେଇଛନ୍ତି। ଏଥିସହ ତାଙ୍କୁ ୫ ହଜାର ଟଙ୍କା ଜରିମାନା ଦେବାକୁ ନିର୍ଦ୍ଦେଶ ରହିଛି। ଜରିମାନା ଅନାଦେୟ ଅଧିକ ୩ ମାସ ଜେଲ ଭୋଗିବାକୁ ରାୟରେ ଉଲ୍ଲେଖ ରହିଛି। ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ପିପି ଭିଭି ରାମଦାସ ମାମଲା ପରିଚାଳନା କରୁଥିଲେ।

ଫୁଲବାଣୀ ଗ୍ରାମ୍ୟ ନିର୍ମାଣ ବିଭାଜନ(ଆରଡି) କାର୍ଯ୍ୟାଳୟର ପୂର୍ବତନ କନିଷ୍ଠ କିରାଣି ଶ୍ରୀ ସାହୁ ୨୦୨୨ ଜୁଲାଇ ୩୧ରେ ଅବସର ନେଇସାରିଛନ୍ତି। ମିଳିଥିବା ସୂଚନାନୁସାରେ ଆର୍‌ଡି କାର୍ଯ୍ୟାଳୟର ରୋଲର ଡ୍ରାଇଭର୍ ଶଙ୍କର୍ଷଣ ଶତପଥୀ ଅବସର ପରେ ବକେୟା ଟଙ୍କା ପାଇବା ପାଇଁ ଅମୂଲ୍ୟଙ୍କ ପାଖକୁ ବାରମ୍ବାର ଦୌଡୁଥିଲେ। କିନ୍ତୁ ୫ହଜାର ଟଙ୍କା ଲାଞ୍ଚ ନ ଦେଲେ କାମ ହୋଇପାରିବ ନାହିଁ ବୋଲିଶ୍ରୀ ସାହୁ ରୋକଠୋକ୍ ଶୁଣାଇଦେଇଥିଲେ। ଶେଷରେ ଅତିଷ୍ଠ ହୋଇ ଶଙ୍କର୍ଷଣ ଭିଜିଲାନ୍ସର ହାରସ୍ଥ ହୋଇଥିଲେ।

ନାବାଳିକା ଦୁଷ୍କର୍ମକାରୀକୁ ୨୦ ବର୍ଷ ଜେଲ୍

ଫୁଲବାଣୀ,୧୬।୧୨(ସମିସ): ଫୁଲବାଣୀ ଫାଷ୍ଟ ଟ୍ରାକ୍ ପୋକ୍ସୋ କୋର୍ଟର ବିଚାରପତି ଅନିତା ସାହୁ ଶନିବାର ଏକ ନାବାଳିକା ଦୁଷ୍କର୍ମ ମାମଲାର ଶୁଣାଣି କରି ଦୋଷୀ ନାଗାର୍ଜୁନ ବିଶୋୟୀ (୨୭)କୁ ୨୦ବର୍ଷ ଜେଲ୍ ଓ ୨୫ହଜାର ଟଙ୍କା ଜରିମାନାରେ ଦଣ୍ଡିତ କରିଛନ୍ତି। ଜରିମାନା ଅନାଦେୟ ଅଧିକ ୯ ମାସ ଜେଲ ଭୋଗିବାକୁ ରାୟରେ ଉଲ୍ଲେଖ ରହିଛି। ସଦର ଥାନା ଅଞ୍ଚଳର ନାଗାର୍ଜୁନ ଗତ ୨୦୨୨ ମେ' ୧୯ରେ ସ୍କୁଲ ଯାଉଥିବା ଜଣେ ନାବାଳିକାକୁ ଦୁଷ୍କର୍ମ କରିଥିଲା। ନାବାଳିକାକୁ ସ୍କୁଲରେ ଛାଡ଼ିଦେବ କହି ସେ ତାକୁ ଫୁଲବାଣୀ ସହରକୁ ନେଇ ଯାଇଥିଲା। ଦିନସାରା ବିଭିନ୍ନ ସ୍ଥାନ ବୁଲାଇ ରାତିରେ ଦୁଷ୍କର୍ମ କରିଥିଲା। ପୀଡ଼ିତାର ମା'ଙ୍କ ଅଭିଯୋଗ ଆଧାରରେ ସଦର ଥାନା ପୁଲିସ ନାଗାର୍ଜୁନକୁ ଗିରଫ କରିଥିଲା। ସ୍ୱତନ୍ତ୍ର ପିପି ବନମାଳୀ ବେହେରା ମାମଲା ପରିଚାଳନା କରୁଥିଲେ।

SALE

Booking Open 2/3 BHK Flat Bhpl Krishna, Bharatpur, Bhpl Rudra in front of CET. College, Ghatikia, Bhpl SB Homes, Ghatikia, Ready for Possession Aastha Highway South & North, Dhauli Chhak, BBSR. Contact- Bhavishya Homes Pvt Ltd.

Ph.: 9437015112

AFFIDAVIT

I, Umakant Mohanta, S/o- Shiba Charan Mohanta, resident of Vill-Sagadagula, PO-Salijanga, Dist-Jajpur, Pin-755026, Odisha declared by this affidavit No. 747, dated- 16/12/2023, that now onwards I shall be known as **UMAKANTA MOHANTA** for all future purposes.

AFFIDAVIT

I, Subhakant Mishra, S/o- Chintamani Mishra, resident of Plot No. LP-854, Prasanti Vihar, KIIT, Patia, Kalarahanga, PS- Infocity, Bhubaneswar, Dist-Khordha, Pin-751024, Odisha declared by this affidavit No.5024 dated- 15/12/2023 that now onwards I shall be known as **SUBHAKANTA MISHRA** for all future purposes.

AFFIDAVIT

I, Niranjan Nayak, S/o-Banshidhar Nayak, resident of Plot No.709, Near Khanduali Temple, Saheed Nagar, Bhubaneswar, Dist- Khordha Pin-751007, Odisha declared by this affidavit No.43, dated-22/03/2023, that now onwards I shall be known as **NIRANJAN ACHARYA** for all future purposes.

Before the Consumer Disputes Redressal Commission, Bargarh

C.C. No. 118/2023

Pratap Kumar Chand..... complainent

vs.

Atmaram Panda & others.... O.Ps.

To (1) **Dillip Kumar Panda**
S/o Buddhadev Panda
(2) **Namita @ Ruby Panda**
W/o Dillip Kumar Panda
both of Vill/Po. Dhanger
Ps/Dist. Bargarh

NOTICE

Take notice that the complaint has been fixed on **15/01/24 at 10.30 A.M.** for appearance and version. Incase of non appearance the matter shall be take up ex-parte.

You are hereby directed to appear personally or through your authorised person unfailingly.

Sd/- **Member**
D.C.D.R.C.
Bargarh
(Seal)

Sd/- **President**
D.C.D.R.C.
Bargarh
(Seal)

DEED OF REVOCATION OF POWER OF ATTORNEY

THIS DEED OF REVOCATION OF POWER OF ATTORNEY, is executed on this 14 day of December 2023 by Mr. Harish Mohandas Chatlani, S/o Mohandas Isardas Chatlani, R/o.601, Rizvi Heights, Pitamber Lane, Behind Paradise Cinema, Mahim, Mumbai, Maharstra-400016, aged about 60 years, KNOW ALL MEN BY THESE PRESENTS THAT;

I, Harish Mohandas Chatlani, executed a by a General Power of Attorney executed at, Bhubaneswar, Dist Khurda, Odisha, and registered in the office of Sub-Registrar, at, Bhubaneswar, dated 21.09.2007 had appointed Shri Anjan Kumar Jagdev Mohapatra, S/o Abhoya Kumar Jagdev Mohapatra, as my true and lawful General Attorney in respect of handling all my immovable property and to handle all procedural and business exigencies relating to procurement of land for business purpose including allied and incidental activities etc in Bhubaneswar, Odisha ;

WHEREAS the aforesaid Shri. Anjan Kumar Jagdev Mohapatra has resorted to all kinds of illegal activities and have misused the terms and conditions of the said Power of Attorney and thus has been acting adverse to my interest and therefore it has become necessity and imperative to cancel and revoke the said Power of Attorney and all the powers given under the same to Shri Anajan Kumar Jagdev Mohapatra forthwith.

NOW THIS DEED OF REVOCATION WITNESSETH AS FOLLOWS:

I do hereby confirm that I have cancelled and revoked the said Power of Attorney granted to Shri Anjan Kumar Jagdev Mohapatra with effect from 14 December 2023 , and I have also absolutely and completely revoked all powers or authority given under thereby and thereunder given to him/her before revocation either expressly or impliedly to do all acts, deeds, intents and purposes regarding the aforesaid Power of Attorney to the aforesaid person with effect from the aforesaid date.

IN WITNESS WHEREOF I have signed this deed on the day, the month and the year first mentioned above.

WITNESSES:
1.Siddhartha Patnaik
2. Prabhu Pada Paikaray

EXECUTANT
Harish Chatlani

OFFICE OF THE DISTRICT FISHERIES OFFICER, NABARANGPUR, ODISHA

m-75

Email- dfonabarangpur2021@gmail.com
Notice No.- 1934 / Dt. 14.12.2023

Tender Call Notice for Wall Painting at GP Level

Sealed Tender is hereby invited by the District Fisheries Officer, Nabarangpur from the intending bidders/ reputed firms for Wall Painting on Fisheries programmes at 189 Gram Panchayat of Nabarangpur District. The Tender documents must be submitted through registered post/ Speed Post service latest by **29.12.2023, 5.30 PM** and the Tender will be opened on **30.12.2023 at 11.30 PM** in the Office chamber of DFO, Nabarangpur. The Tender should reach in Sealed cover with superscribbing "Tender for Wall Painting under IEC schemes of District Fisheries Officer, Nabarangpur." The details of Tender Call Notice is available in the Nabarangpur Web Portal i.e. **nabarangpur.nic.in** and it can be downloaded.

Sd/- DISTRICT FISHERIES OFFICER
NABARANGPUR

OIPR-06057/11/0001/2324

OFFICE OF THE NOTIFIED AREA COUNCIL KASHINAGAR, GAJAPATI

C-2138

e-Mail: kasinagarn.hud@nic.in

Notice No- 2107/NAC — Date: 15.12.2023

e-procurement Notice

BID REFERENCE NO: KNGR/NAC/06/2023-24

Bid documents consists of specification, the schedule of quantities and the set of terms and conditions of contract and other necessary documents can be seen in the Govt. website i.e. www.tendersorissa.gov.in.

1. Nature of work	:	Paver Road (Civil)
2. No of works	:	03 Nos.
3. Bid Value	:	Rs.70.72 Lakhs to Rs. 106 Lakhs
4. Period of completion	:	as per DTCN
5. Date and time of availability of the documents in portal	:	19-12-2023 from 10.00 A.M to 02-01-2024 up to 6.00 PM.
6. Bids received on line shall be opened on	:	05-01-2024 at 11.30 A.M.
7. Name & address of the officer inviting tender	:	Executive Officer Kashinagar NAC, Gajapati

Executive Officer
N.A.C. Kashinagar, Gajapati

OIPR-13116/11/0009/2324

GOVERNMENT OF ODISHA, "e"-PROCUREMENT NOTICE — B-1472

OFFICE OF THE SUPERINTENDINGENGINEER,
PURI (R&B) DIVISION, PURI
WORKS DEPARTMENT

Tender call Notice

E-mail: eerbpuri@yahoo.co.in

Bid Identification No. SE (R&B) Puri-58/2023-24

The Superintending Engineer, Puri (R&B) Division, Puri on behalf of Governor of Odisha inviting percentage rate bid in **Double Cover system** in ONLINE MODE form the eligible class of contractors registered with the State Governments and contractors of equivalent Grade/Class registered with Central Government / Railways:

1. Nature of Work	:	Building Works
2. No of Work	:	1 Nos
3. Tender Cost	:	Rs. 10000.00 (On-Line)
4. Class of bidders	:	'B' Class
5. Available of Bid document in the Website	:	From 10.00 AM of Dt.20.12.2023 to 05.00 PM of Dt.27.12.2023
6. Last Date of receipt of tender	:	Dt.27.12.2023 up to 5.00 PM
7. Date of opening of Bid	:	Dt.28.12.2023 at 11:30 AM

8. The Bidders have to participate in ONLINE bidding only. Further details can be seen from the Website: https://tenderodisha.gov.in . Any Addendum / Corrigendum / Cancellation of tender can also be seen in the said website.

Superintending Engineer
Puri (R&B) Division, Puri

OIPR-34064/11/0039/2324

C-2143

MUNICIPAL OFFICE: JEYPORE

Ph. No. 06854-321098, Fax No. 06854-230104, Email- jeyporem.hud@nic.in

L. No. 7479/JM **JM-TCN14/2023-24** **Date 15.12.2023**

Bid documents consisting of specification the Hill of Quantity and the Tender call notice can be seen in the Govt. website https://tendersorissa.gov.in/nicgep/app.

Bid Documents including Schedule of Quantity available for online bidding	https://tendersorissa.gov.in/nicgep/app.
No of works	02
Estimated cost	As per DTCN
Date & Time of Bidding in portal	From **18.12.2023** at 11:00 Hours to **08.01.2024** Upto16:00Hours
Last date & time for receipt of bids in portal	**08.01.2024** Upto16:00Hours
Offline Documents Received through Speed Post/ Registered Post	**08.01.2024** at 16:00 Hours to **10.01.2024** Up to 11:00 Hours (Working Days Only)
Bids received online shall be opened on	**10.01.2024** at 11:00 Hours onwards
Offline Documents shall be opened in presence of the Participate Bidders	**10.01.2024** at 11:00Hours onwards

Executive Officer
Jeypore Municipality

OIPR-13079/11/0062/2324

O-1826

By E_Mail/e-Despatch
E_MailID :serw_balasore@yahoo.in
Ph-No-06782/260318
Balia,Balasore

OFFICE OF THE CHIEF CONSTRUCTION ENGINEER RURAL WORKS CIRCLE, BALASORE

"e" Procurement Notice for Road Work

Identification No.- Online Tender- Road N.C.B. No. 65 for 2023-24
Letter No. 6156 Date 15.12.2023

1.	Name of the work	:-	**Road under MMSY-TRIP**
2.	Total No. of work	:-	**2 Nos. of Roads.**
3.	Estimated Cost	:-	From **Rs. 641.58** lakhs to **Rs. 776.22** lakhs (Approximately)
4.	Eligible Class of Contractor	:-	'A' & 'Special' class (of Odisha P.W.D.) or relevant Class of other licensing authorities (as per annexure).
5.	Period of Completion	:-	11 (Eleven) Calendar months.
6.	Other details	:-	

Procurement Officer	Bid Identification No.	Availability of tender On-line for bidding		Last Date & Time of seeking Tender Clarification.	Date & Time of Opening of Tender in O/O S.E.R.W. Circle, Balasore	
		From	To		Technical Bid	Financial Bid
1	2	3	4	5	6	7
Chief Construction Engineer, Rural Works Circle,Balasore	NCB No.-65	20.12.2023 at 11.00 A.M	03.01.2024 Up to 5.00 P.M.	02.01.2024 Up to 5.00 P.M.	04.01.2024 at 11.00 A.M.	Will be intimated later

- **Further details can be seen from the website: www.tendersodisha.gov.in**

Chief Construction Engineer,
R.W. Circle, Balasore

OIPR-25105/11/0081/2324

Tel. 06766-258301(O)
email: se_nerwkjr@rediffmail.com

O-1827

GOVT. OF ODISHA
OFFICE OF THE CHIEF CONSTRUCTION ENGINEER RURAL WORKS CIRCLE: KEONJHAR

eProcurement Notice for Road & Bridge Works under DMF

Identification No. Road & Bridge Online NCB No. 406

No. 4642 / Date 15.12.2023

1.	Name of the work	:-	**Construction of Bridge Works under DMF in the District of Keonjhar.**
2.	No. of work	:-	09 (Nine) Nos.
3.	Estimated Cost	:-	As per Annexure in NIT.
4.	Class of Contractor (Eligible)	:-	As per Annexure in NIT.
5.	Period of Completion	:-	As per Annexure in NIT.
6.	Other details	:-	

Procurement Officer	Bid Identification No.	Availability of tender Online for bidding		Last Date & Time of seeking Tender Clarification.	Date & Time of Opening of Tender in O/O C.C.E., R.W. Circle, Keonjhar	
		From	To		Technical Bid	Financial Bid
1	2	3	4	5	6	7
Chief Construction Engineer, Rural Works Circle, Keonjhar	Road & Bridge Online NCB No. 406	Dt.19.12.23 at 11.00 A.M.	Dt.28.12.23 up to 5.00 P.M.	Dt.27.12.23 up to 5.00 P.M.	Dt.29.12.23 at 11.00 A.M.	Will be intimated later

- **Further details can be seen from the website: www.tendersorissa.gov.in**

Chief Construction Engineer,
R.W. Circle, Keonjhar.

OIPR-25177/11/0047/2324

C-2137

OFFICE OF THE EXECUTIVE ENGINEER, P.H. DIVISION, ANGUL

Ph. (06764) 296431, Email-eephangul@yahoo.in

GOVERNMENT OF ODISHA

e-Procurement Notice for PH Works.

Bid Identification No.SE PH Division Angul- 20/ 2023-24 dt. 15.12.2023

1.	Name of the work	:	P.H Works.
2.	Nos of work		02 (two) nos two bid system
3.	Estimated Cost	:	**₹ 481.07 lakhs to ₹619.44 lakhs**
4.	Period of completion	:	2 (two) calendar months
5.	Date & time of availability of bid document	:	From 11.00AM of 22.12.2023 to 5.00 PM of 08.01.2024
6.	Last date / time of receipt of bids in the portal	:	5.00 PM of 08.01.2024
7.	Date & time of opening of bid	:	11.00 AM of 09.01.2024
8.	Name & address of the Officer Inviting Bid.	:	**Executive Engineer, P.H. Division, Angul**
9.	The bidders have to participate in ONLINE bidding only. Further details can be seen from the website: https://tendersodisha.gov.in. Any addendum/corrigendum/cancellation of tender can also be seen in the said website.		

(Er. Prasanta Behera)
Executive Engineer
P.H. Division, Angul.

OIPR-13056/11/0008/2324

A-1005

GOVERNMENT OF ODISHA
DEPARTMENT OF WATER RESOURCES
OFFICE OF THE ADDITIONAL CHIEF ENGINEER CANAL CIRCLE, BURLA.

e-Procurement notice no. - CCB-04)01-02)/2023-24

Bid Identification No.- CCB-04(01)/2023-24 to CCB-04 (02)/2023-24

1	Type of the work	:	**VRB work**
2	No of works	:	2(Two) nos.
3	Class of contractor	:	"B"& "A" class
4	Bid identification No	:	CCB-04(01-02)/2023-24
5	Estimated cost	:	Rs.212.94 Lakhs to Rs.213.75 Lakhs (Approx)
6	Period of completion	:	12 (Twelve) Calendar Months including rainy season .
7	Date and time of availability of bid documents in the portal	:	Dt.21.12.2023 at 10.00 AM to Dt.10.01.2024 up to 5.30 PM.
8	Last date/ time for receipt of bids in the portal	:	Dt.10.01.2024 up to 5.30 PM.
9	Date of opening of Technical Bid (Cover-I)	:	Dt. 11.01.2024 at 11.30 AM, O/o Additional Chief Engineer, Canal Circle, Burla
10	Date of opening of Financial Bid (Cover-II)	:	To be intimated later
11	Name and Address of the Officer Inviting Bid	:	Additional Chief Engineer, Canal Circle, Burla-768017 Email Id: addlceccburla@gmail.com

1. Any addendum / corrigendum/cancellation / erratum of tender can also be seen in the said website.
2. Further details can be seen from Government website http://tenderodisha.gov.in

ADDITIONAL CHIEF ENGINEER,
CANAL CIRCLE, BURLA

OIPR-32460/11/0008/2324

"e" PROCUREMENT NOTICE REFERENCE NO. E.E. (A), MAYURBHANJ DIVISION, BARIPADA- 09/2023-24

L-186

No. 2685 — Date 15.12.2023

Bid documents consisting of work, estimate cost, cost of Tender Papers, EMD/BID Security Declaration, Time of Completion, Class of Contractors and the set of term and conditions of contract and other necessary documents can be seen/downloaded from Govt. website i.e. https://tenderodisha.gov.in

1. No of work	- 1
2. Estimate Cost	- 20,31,603.00
3. Period of completion	- 6 calendar month
4. Date & time of availability of the bid documents	- Dt. 19.12.2023 at 11.00 AM to Dt. 02.01.2024 at 5.30 PM
5. Last date & time receipt of bids in the portal	- Dt. 20.12.2023 at 11.00 AM to Dt. 03.01.2024 at 5.30 PM
6. Bids received online shall be opened on	- Dt. 04.01.2024 at 11.00 AM
7. Name and address of the officer inviting Bids	:- Executive Engineer (Agril.) Mayurbhanj Division, Baripada

Further details can be seen/ downloaded from the procurement portal i.e https://tenderodisha.gov.in

Executive Engineer (Agril.)
Mayurbhanj Division, Baripada

OIPR-01474/11/0015/2324

O-1820

E-Mail - sencrwangul@yahoo.co.in
☎ 06764 - 236404

GOVERNMENT OF ODISHA
OFFICE OF THE CHIEF CONSTRUCTION ENGINEER RURAL WORKS CIRCLE,ANGUL

No. 3186 — Dt. 14.12.2023

e-Procurement Notice for Road work in Odisha

Bid Identification No. Road Online AGL- 36/2023-24

1.	Name of the work	:	Road work
2.	Total No. of work	:	01 No.
3.	Estimated cost	:	Rs.1077.56 Lakhs
4.	Class of Contractor	:	As per annexure.
5.	Period of completion.	:	As per annexure.
6.	Other details.		

Procurement Officer	Bid Identification No.	Availability of Tender on-line for bidding		Last Date & Time of seeking tender clarification	Date & Time of opening of tender	
		From	To		Technical Bid	Financial Bid
1	2	3	4	5	6	7
Chief Construction Engineer, Rural Works Circle,Angul	Road Online-AGL-36/2023-24	20.12.23 at 10.00 A.M	03.01.24 up to 5.00 P.M	02.01.24 up to 1.00 P.M	04.01.24 at 11.00 A.M	Will be intimated separately

For detailed Notice inviting Tenders,Please visit to the website www.tendersorissa.gov.in

Chief Construction Engineer,
Rural Works Circle, Angul.

OIPR-25180/11/0050/2324

A - 1005

GOVERNMENT OF ODISHA
DEPARTMENT OF WATER RESOURCES
OFFICE OF THE ADDITIONAL CHIEF ENGINEER CANAL CIRCLE ,BURLA.

e-Procurement notice no.-CCB-04(01-02)/2023-24

Bid Identification No.– CCB-04(01)/2023-24 to CCB-04(02)/2023-24

1	Type of the work	:	VRB work
2	No of works	:	2(Two) nos.
3	Class of contractor	:	"B"& "A" class
4	Bid identification No	:	CCB-04(01-02)/2023-24
5	Estimated cost	:	Rs.212.94 Lakhs to Rs.213.75 Lakhs (Approx)
6	Period of completion	:	12 (Twelve) Calendar Months including rainy season .
7	Date and time of availability of bid documents in the portal	:	Dt.21.12.2023 at 10.00 AM to Dt.10.01.2024 up to 5.30 PM.
8	Last date/ time for receipt of bids in the portal	:	Dt.10.01.2024 up to 5.30 PM.
9	Date of opening of Technical Bid (Cover-I)	:	Dt. 11.01.2024 at 11.30 AM, O/o Additional Chief Engineer, Canal Circle, Burla
10	Date of opening of Financial Bid (Cover-II)	:	To be intimated later
11	Name and Address of the Officer inviting Bid	:	Additional Chief Engineer, Canal Circle, Burla-768017 Email Id: addlceccburla@gmail.com

1. Any addendum/corrigendum/cancellation/ erratum of tender can also be seen in the said Website.
2. Further details can be seen from Government Website http://tendersodisha.gov.in

ADDITIONAL CHIEF ENGINEER,
CANAL CIRCLE, BURLA

OIPR-32460/11/0008/2324

ନିୟନ୍ତ୍ରିତ ବଜାର୍ କମିଟି, ପାରଳାଖେମୁଣ୍ଡି (ଗଜପତି)

-: କପା ବିକ୍ରୟ ନିମନ୍ତେ ବିଶେଷ ସୂଚନା :-

ଏତଦ୍ୱାରା ଗଜପତି ଜିଲ୍ଲାର୍ ଗୋଷାଣୀ, ଗୁମ୍ମା, ରାୟଗଡା ଓ କାଶୀନଗର୍ ବ୍ଲକ ଅଧିନରେ ଥିବା ସମସ୍ତ କପା ଚାଷୀ ଭାଇ ଓ ଭଉଣି ମାନଙ୍କୁ ଜଣାଇଦିଆଯାଉଅଛି ଯେ ଚଳିତ ୨୦୨୩-୨୪ ବର୍ଷ ପାଇଁ ନିୟନ୍ତ୍ରିତ ବଜାର୍ କମିଟି, ପାରଳାଖେମୁଣ୍ଡି ଦ୍ୱାରା ଅସନ୍ତା ଦା ୨୦।୧୨।୨୦୨୩ ଠାରୁ କପା ବଜାର୍ ପ୍ରାଙ୍ଗଣ, ପାରଳାଖେମୁଣ୍ଡିରେ ସରକାର୍ ଙ୍କ ଧାର୍ଯ୍ୟ ଦରରେ କପା ଭାରତୀୟ କପା ନିଗମ (CCI) ମାଧ୍ୟମରେ କ୍ରୟ ପାଇଁ ବ୍ୟବସ୍ଥା କରାଯାଉଅଛି ।

କପା ବିକ୍ରି ପାଇଁ ୨୦୨୩-୨୪ ବର୍ଷପାଇଁ ନିର୍ଦ୍ଧାରିତ କପାର୍ ଗୁଣାତ୍ମକ ମାନ (FAQ FOR SEED COTTON) ଓ ସରକାଙ୍କ ସର୍ବନିମ୍ନ ସହାୟକ ମୂଲ୍ୟ (କୁଇଣ୍ଟାଲ୍) ପ୍ରତି

କ୍ର.ନଂ	ଜିନିସ	ଦନ୍ତୁର୍ ଲମ୍ବା (ମି.ମି)	ମାଇକ୍ରନିୟର୍ ମାତ୍ରା	ଆର୍ଦ୍ରତା	ସମର୍ଥନ ମୂଲ୍ୟ
୧.	ବନ୍ନି/ ବଡ୍ଡା	୨୯.୫- ୩୨.୫	୩.୫ -୫.୩	୮%	୬,୦୨୦/-
୨.	ଏମ୍.ସି.ଏଚ	୨୫.୫- ୨୮.୫	୩.୫ -୫.୨	୮%	୭,୯୨୦/-

ସଂପାଦକ
ନିୟନ୍ତ୍ରିତ ବଜାର୍ କମିଟି
ପାରଳାଖେମୁଣ୍ଡି

ଜିଲ୍ଲାପାଳ-ତଥା-ଅଧ୍ୟକ୍ଷ
ନିୟନ୍ତ୍ରିତ ବଜାର୍ କମିଟି
ପାରଳାଖେମୁଣ୍ଡି

TPNODL

TP NORTHERN ODISHA DISTRIBUTION LIMITED

(A Tata power and Odisha Govt. Joint Venture)

Regd. Off: Corp Office, Januganj, Remuna Golei, Balasore, Odisha-756019
CIN No.: U40106OR2021SGC035951; Website: www.tpnodl.com

NOTICE INVITING TENDER (NIT) December 17th, 2023

TP Northern Odisha Distribution Limited invites tender from eligible Bidders for the following:

Sl. No.	Tender Enquiry No.	Work Description
1	TPCODL/CCG/23-24/1000000504	Rate Contract for Antivirus Solution for TPCODL, TPNODL & TPWODL.
2	TPCODL/CCG/23-24/1000000505	SITC of ANTI-ATP Solution for TPCODL, TPNODL, TPWODL & TPSODL.
3	TPNODL/OT/2023-24/2500000544	Rate Contract for Supply for CONTROL & RELAY PANEL RETROFITTING WORK.

* MSMEs registered in the State of Odisha shall pay tender fee of Rs. 1,180/- including GST.
** EMD is exempted for MSMEs registered in the State of Odisha.
For more details like bid due date, EMD, tender fee, bid opening date etc. of the Tenders, please visit "Tender" section TPNODL website https://tpnodl.com. All tenders will be available on TPNODL website. Future communication / corrigendum to tender documents, if any, shall be available on website.

Chief- Contracts & MM

CAD-3302

ODISHA HYDRO POWER CORPORATION LTD

CIN: U40101OR1995SGC003963
(GOVERNMENT OF ODISHA UNDERTAKING)

OFFICE OF THE SR. GENERAL MANAGER (EL.)

CHIPLIMA HYDRO ELECTRIC PROJECT, CHIPLIMA
At/PO – CHIPLIMA, VIA-C.A. CHIPLIMA – 768025, DIST-SAMBALPUR (ODISHA)
WEB: www.ohpcltd.com ☎ (0663) 2460661,
Email-hpschiplima@yahoo.in, Fax No. (0663) 2460505

No.-CHEP/TW-318/4704 — **Date: 14.12.2023**

'e'-Procurement Notice

TENDER CALL NOTICE NO.-CHEP-65/2023-24

Unit Head, CHEP, Chiplima invites percentage rate tenders in two parts for the civil works mentioned below, from the Eligible Class of contractors registered with the State Govt. of Odisha and contractors of equivalent grade / class registered with Central Govt. / MES / Railway for execution of civil works.

Sl. No.	Name of the Work	Estimated Cost / EMD	Cost of Tender Specification	Completion Period	Class of Contractor
1	Construction of Compound Wall around C1, C2, C3 & C4 Bungalows of CHEP, Chiplima	Rs.31,60,156.00 / EMD = Rs.31,610.00	Rs.7,080.00 (Rs.6,000.00 + GST@18%)	180 Days	'C' & 'B'
2	Replacement of Front Doors of E & F Type Quarters of CHEP, Chiplima	Rs.11,03,232.00 / EMD = Rs.11,040.00	Rs.7,080.00 (Rs.6,000.00 + GST@18%)	90 Days	'D' & 'C'

1. Availability of bids **ONLINE: from 11:00 AM of dtd.18.12.2023 up to 05:00 PM of dtd.01.01.2024.**
2. The date & time of opening of tender: **At 11:30 AM of dtd.02.01.2024 for Sl. No.1.**
   At 12:00 PM of dtd.02.01.2024 for Sl. No.2.

For further details and downloading of tender documents, Terms & Conditions, eligibility, corrigendum if any, please visit website **https://tendersodisha.gov.in.**

Sd/- Unit Head, CHEP, Chiplima

OIPR-04006/11/0047/2324

ଖୋଲିବ ଡିପ୍‌ଫେକ୍ ଭିଡିଓ ଗୁମର

ଡିପ୍‌ଫେକ୍ ଭିଡିଓ ବର୍ତ୍ତମାନ ସମାଜରେ ଏକ ଶବ୍ଦରେ ପରିଣତ ହୋଇଛି ଯାହା ଲୋକଙ୍କ ବଞ୍ଚିବା କଷ୍ଟକର କରିଦେଇଛି। ଅଦ୍ୟାବଧି ଅନେକ ଲୋକ ଡିପ୍‌ଫେକ୍ ଭିଡିଓର ଶିକାର ହୋଇଛନ୍ତି। ଏଥିରେ ବଲିଉଡ୍ ଅଭିନେତ୍ରୀ କ୍ୟାଟ୍ରିନା କୈଫ ଏବଂ ରଶ୍ମିକା ମନ୍ଦାନାଙ୍କ ପରି ବଡ ସେଲିବ୍ରିଟି ରହିଛନ୍ତି। ସୋସିଆଲ ମିଡିଆରେ ଅଧିକ ଭାଇରାଲ ହେବାରେ ଲାଗିଥିବା ଡିପ୍‌ଫେକ୍ ଭିଡିଓକୁ ଆପଣ କିପରି ଉନ୍ମୋଚନ କରିପାରିବେ ଆସନ୍ତୁ ସେ ସମ୍ପର୍କରେ ଜାଣିବା। ମାଇକ୍ରୋବ୍ଲଗିଂ ପ୍ଲାଟଫର୍ମ ଏକ୍ସ (ଟ୍ୱିଟର)ର ସରକାରୀ ଅଫିସିଆଲ ହ୍ୟାଣ୍ଡେଲ୍ ସାଇବର ଦୋସ୍ତ କିଛି ଘଣ୍ଟା ପୂର୍ବରୁ ଏକ ପୋଷ୍ଟ କରିଛି, ଯେଉଁଥିରେ ଆପଣ କିପରି ଭାବରେ ଡିପ୍‌ଫେକ୍ ଭିଡିଓ ଚିହ୍ନଟ କରିପାରିବେ ସେ ସମ୍ପର୍କରେ ସୂଚନା ଦିଆଯାଇଛି।

ସାଇବର ଦୋସ୍ତର ଅଫିସିଆଲ୍ ଆକାଉଣ୍ଟରୁ ପୋଷ୍ଟ ହୋଇଥିବା ଏହି ଭିଡିଓରେ ପ୍ରଥମେ କୁହାଯାଇଛି ଯେ ଏକ ଡିପ୍‌ଫେକ୍ ଭିଡିଓ ଚିହ୍ନଟ କରିବାବେଳେ ସ୍କିନ୍ ପ୍ରତି ଧ୍ୟାନ ଦିଅନ୍ତୁ। ସର୍ବପ୍ରଥମେ, ଗାଲ ଏବଂ କପାଳକୁ ଭଲ ଭାବରେ ଦେଖନ୍ତୁ, କୌଣସି କୁଞ୍ଚନତା କିମ୍ବା ଅତ୍ୟଧିକ ଚିକ୍କଣତା ଅଛି କି ନାହିଁ। ଏହାପରେ ଦ୍ୱିତୀୟ କଥା ହେଉଛି ଛାୟା ଏବଂ ପ୍ରତିଫଳନ। ଏଥିରେ ଭିଡିଓରେ, କିଛି ଅସ୍ୱାଭାବିକତା ଅଛି କି ନାହିଁ ତାହା ମଧ୍ୟ ଧ୍ୟାନ ଦିଅନ୍ତୁ କି କିଛି ଅନ୍ୟ ନାଚୁରାଲ ଆଲୋକ ନଜରରେ ଆସୁଛି କି। ଦୃଶ୍ୟମାନ ନୁହେଁ। ଏକ ଡିପ୍‌ଫେକ୍ ଭିଡିଓ ଚିହ୍ନଟ କରିବା ସମୟରେ ଆହୁରିମଧ୍ୟ ଏକ ଗୁରୁତ୍ୱପୂର୍ଣ୍ଣ ଜିନିଷକୁ ବିଚାରକୁ ନେବା ଉଚିତ୍ କି ତାହା ହେଉଛି ମୁଖର ଅଭିବ୍ୟକ୍ତି। ଭିଡିଓଟି ପ୍ରାକୃତିକ ବା ସମ୍ପୂର୍ଣ୍ଣ ନାଚୁରାଲ ଦେଖାଯାଉଛି କି ସବିଶେଷ ତଥ୍ୟ ଅସ୍ପଷ୍ଟ ଅଛି, ତାହା ଜାଣିବା ପାଇଁ ଭିଡିଓକୁ ଭଲଭାବେ ଦେଖନ୍ତୁ। ଯେତେବେଳେ ଆପଣ ଏକ ଡିପ୍‌ଫେକ୍ ଭିଡିଓ ଚିହ୍ନଟ କରିବାକୁ ଚେଷ୍ଟା କରୁଛନ୍ତି, ତେବେ ଚତୁର୍ଥ ଜିନିଷ ପ୍ରତି ଧ୍ୟାନ ଦେବା ହେଉଛି ଯେ ଆପଣ ଭିଡିଓରେ ଆଖି ବ୍ଲିଙ୍କ୍ ହେଉଥିବା ପ୍ରତି ଧ୍ୟାନ ଦେବା ଉଚିତ୍। ଯଦି ଭିଡିଓରେ ଆଖି ବ୍ଲିଙ୍କ୍ ଉଠୁନାହିଁ, ତେବେ ଏହା ମଧ୍ୟ ଡିପ୍‌ଫେକ୍ ଭିଡିଓର ଏକ ବଡ଼ ସୂତ୍ର ହୋଇପାରେ। ପଞ୍ଚମ ଜିନିଷଟି ହେଉଛି ଯଦି ଭିଡିଓଟି ନକଲି ତେବେ ଆପଣ ଓଠର ଅସ୍ୱାଭାବିକ ଓଠର ଗତିବିଧି। ସରଳ ଭାଷାରେ ଯଦି ଭିଡିଓଟି ନକଲି ତେବେ ଓଠ ଏବଂ ସ୍ୱରର ପରସ୍ପର ସହିତ ସମନ୍ୱୟର ଅଭାବ ଦେଖାଯିବନାହିଁ। ସାଇବର କ୍ରାଇମ ହେଲ୍ପଲାଇନ୍ ନମ୍ବରର ସହାୟତା ନିଅନ୍ତୁ। ଯଦି ଆପଣଙ୍କ ସହ ସାଇବର ଅପରାଧ ସହ ଜଡିତ କୌଣସି ଘଟଣା ଘଟୁଥାଏ ତେବେ ସମୟ ନଷ୍ଟ ନ କରି ୧୯୩୦ ହେଲ୍ପଲାଇନ ନମ୍ବରକୁ କଲ କରନ୍ତୁ ଏବଂ ଅଭିଯୋଗ କରନ୍ତୁ । ଏହାଛଡା https://cybercrime.gov.in/ କୁ ଭିଜିଟ୍ କରି ଘରେ ବସି ଅନ୍‌ଲାଇନରେ ଅଭିଯୋଗ ଦାଖଲ କରନ୍ତୁ।

ଅଭିଯୋଗ ପାଇଁ ନିର୍ଦ୍ଦିଷ୍ଟ ନମ୍ବରରେ ଡାଏଲ୍ କରନ୍ତୁ

କେନ୍ଦ୍ରର ହାଇ-ଆଲର୍ଟ ଜାରି

ହ୍ୟାକରଙ୍କ ଟାର୍ଗେଟରେ ଦୁଇଟି ବ୍ରାଉଜର୍

ଇଣ୍ଡିଆନ୍ କମ୍ପ୍ୟୁଟର ଏମରଜେନ୍ସି ରେସପନ୍ସ ଟିମ୍ (ସିଇଆର୍‌ଟି-ଇନ୍) ପୁଣି ଥରେ ଦୁଇଟି ପ୍ରମୁଖ ବ୍ରାଉଜର ପାଇଁ ଏକ ଉଚ୍ଚ ସୁରକ୍ଷା ଆଲର୍ଟ ଜାରି କରିଛି। ସିଇଆର୍‌ଟି-ଇନ୍ ଏହାର ଏକ ରିପୋର୍ଟରେ କହିଛି ଯେ ଗୁଗୁଲ୍ କ୍ରୋମ୍ ଏବଂ ମାଇକ୍ରୋସଫ୍ଟ ଏଜ୍ ବ୍ରାଉଜର ହେଉଛି ହ୍ୟାକରଙ୍କ ଟାର୍ଗେଟ୍। ଏହି ଦୁଇ ବ୍ୟବହାରକାରୀଙ୍କ ତଥ୍ୟ ଯେକୌଣସି ସମୟରେ ଲିକ୍ ହୋଇପାରେ। ଗୁଗୁଲ୍ କ୍ରୋମ୍ ଏବଂ ମାଇକ୍ରୋସଫ୍ଟ ଏଜ୍ ବ୍ରାଉଜରରେ ସିଇଆର୍‌ଟି-ଇନ୍ ଏହି ତ୍ରୁଟିଗୁଡ଼ିକୁ ସିଆଇଭିଏନ୍-୨୦୨୩-୦୩୬୧ ଏବଂ ସିଆଇଭିଏନ୍-୨୦୨୩-୦୩୬୨ ଭାବରେ ଚିହ୍ନଟ କରିଛି। ସିଇଆର୍‌ଟି-ଇନ୍ କହିଛି ଯେ ସମସ୍ତ ଉପଭୋକ୍ତା ଯେଉଁମାନେ ଗୁଗୁଲ୍ କ୍ରୋମ୍ କିମ୍ବା ମାଇକ୍ରୋସଫ୍ଟ ଏଜ୍ ବ୍ରାଉଜର ବ୍ୟବହାର କରୁଛନ୍ତି, ସେମାନେ ତୁରନ୍ତ ସେମାନଙ୍କର ବ୍ରାଉଜର୍ ଅପଡେଟ୍ କରିବା ଉଚିତ୍। ରିପୋର୍ଟ ଅନୁଯାୟୀ, ଏହି ତ୍ରୁଟି ଗୁଗୁଲ୍ କ୍ରୋମ୍ ସଂସ୍କରଣ ଭି୧୨୦.୦.୬୦୯୯.୬୨ ଏବଂ ଏହା ପୂର୍ବରୁ ଲିନକ୍ସ ଏବଂ ମ୍ୟାକ୍ ରେ ଥିବା ଏକ ତ୍ରୁଟି। ୱିଣ୍ଡୋଜ୍ ଉପଭୋକ୍ତାମାନଙ୍କୁ କ୍ରୋମ୍ ସଂସ୍କରଣ ୧୨୦.୦.୬୦୯୯.୬୨/୬୩ ଏବଂ ଏହାପୂର୍ବରୁ ଅଦ୍ୟତନ କରିବାକୁ ପରାମର୍ଶ ଦିଆଯାଇଛି। ଉପଯୋଗକର୍ତ୍ତା ଯେଉଁମାନେ ସଂସ୍କରଣ ୧୨୦.୦.୨୨୧୦.୬୧୦ଠାରୁ ପୁରୁଣା ଏଜ୍ ବ୍ରାଉଜର ସଂସ୍କରଣ ବ୍ୟବହାର କରୁଛନ୍ତି, ସେମାନେ ହ୍ୟାକରଙ୍କ ଟାର୍ଗେଟ୍ରେ ରହିଛନ୍ତି।

ସାମସଙ୍ଗ ମୋବାଇଲ୍ ବ୍ୟବହାରକାରୀଙ୍କ ପାଇଁ ସିଇଆର୍‌ଟି-ଇନ୍ ଇସ୍ୟୁ ଆଲର୍ଟ

ନିକଟରେ ସାମସଙ୍ଗ ମୋବାଇଲ୍ ବ୍ୟବହାରକାରୀଙ୍କ ପାଇଁ ସିଇଆର୍‌ଟି ଏକ ଉଚ୍ଚ ସ୍ତରୀୟ ଆଲର୍ଟ ଜାରି କରିଛି। ଆଲର୍ଟରେ କୁହାଯାଇଛି ଯେ ଯେଉଁମାନଙ୍କର ସାମ୍‌ସଙ୍ଗ ଫୋନ୍ ଅଛି ସେମାନେ ତୁରନ୍ତ ଫୋନ୍ ଅପଡେଟ୍ କରିବା ଉଚିତ୍। ସେହି ସାମ୍‌ସଙ୍ଗ ଫୋନ୍ ପାଇଁ ଆଣ୍ଡ୍ରଏଡ୍ ୧୧, ୧୨,୧୩ ଏବଂ ୧୪ ଥିବା ଏହି ଆଲର୍ଟ ଜାରି କରାଯାଇଛି।



ଦ୍ୱିଗୁଣିତ ହେବ ଅନ୍‌ଲାଇନ୍ ସଫିର ମଜା

ମେଲ୍ ଜରିଆରେ ଟ୍ରାକ୍ ହେବ ଅର୍ଡର

ଯଦିଓ ଅନଲାଇନ୍ ଅର୍ଡର ଟ୍ରାକିଂ କରିବା ଏକ ବଡ କଥା ନୁହେଁ, କାରଣ ଏହି ସୁବିଧା ସଫି ଆପରେ ଉପଲବ୍ଧ। ଅର୍ଡର ଅପଡେଟ୍ ପାଇଁ ମେସେଜ୍ ମଧ୍ୟ ଆସୁଛି, କିନ୍ତୁ ଗୁଗୁଲ୍ ବର୍ତ୍ତମାନ ଏହାକୁ ଆହୁରି ସହଜ କରିବାକୁ ଯାଉଛି। ଗ୍ରାହକଙ୍କ ଅନଲାଇନ୍ ସଫି ଅଭିଜ୍ଞତାକୁ ଅଧିକ ଉନ୍ନତ କରିବା ପାଇଁ ଗୁଗୁଲ ଜି-ମେଲ୍‌ରେ ଏକ ନୂତନ ବୈଶିଷ୍ଟ୍ୟ ଯୋଡିଛି। ଅନ୍‌ଲାଇନ୍ ସଫି ବର୍ତ୍ତମାନ ଏକ ସାଧାରଣ ଜିନିଷରେ ପରିଣତ ହୋଇଛି।

ଗ୍ରାମାଞ୍ଚଳର ଲୋକମାନେ ମଧ୍ୟ ଅନଲାଇନ୍ ସଫି କରୁଛନ୍ତି। ଏହାର ମୁଖ୍ୟ କାରଣ ହେଉଛି ଇ-କମର୍ସ କମ୍ପାନୀଗୁଡିକ ବର୍ତ୍ତମାନ ଗ୍ରାମାଞ୍ଚଳରେ ଡେଲିଭରୀ ସେବା ଯୋଗାଇବା ଆରମ୍ଭ କରିଛନ୍ତି। ଇ-କମର୍ସ ସାଇଟ୍‌କୁ ଲଗ୍ ଇନ୍ କରିବା ପାଇଁ ମୋବାଇଲ୍ ନମ୍ବର ଏବଂ ଇ-ମେଲ୍ ଆଇଡି ଆବଶ୍ୟକ। ଯଦିଓ ଅନ୍‌ଲାଇନ୍ ଅର୍ଡର ଟ୍ରାକିଂ କରିବା ଏକ ବଡ କଥା ନୁହେଁ, କାରଣ ସଫି ଆପ୍‌ରେ ହିଁ ଏ ନେଇ ସୁବିଧା ରହିଛି ଆଉ ଅର୍ଡରର ଅପ୍‌ଡେଟ୍ ମିଳିଯାଇଥାଏ। ଗୁଗୁଲ୍ ଏବେ ଏହାକୁ ଆହୁରି ସହଜ କରିବାକୁ ଯାଉଛି।

ଏହି ସୁବିଧା ଉତ୍ସବ ଋତୁରେ ଅର୍ଡର ଟ୍ରାକ୍ କରିବା ସହଜ କରିବ

ଜି-ମେଲ୍‌ର ନୂତନ ଅପ୍‌ଡେଟ୍ ଆସିବା ପରେ, ଉତ୍ସବ ଋତୁରେ ଅନ୍‌ଲାଇନ୍ ସଫି ଅର୍ଡର ଟ୍ରାକିଂ କରିବା ଅତି ସହଜ ହେବ। ଗେଟ୍ ଇଟ୍ ବାଏ ଡିସେମ୍ବର ନାମକ ଏକ ଫିଲ୍ଟର ଜି-ମେଲ୍‌କୁ ଆସୁଛି। ଏହି ଫିଲ୍ଟର ଚୟନ କରିବା ପରେ ଅର୍ଡରେ ରିଅଲ୍ ଟାଇମ୍ ଅପଡେଟ୍ କେବଳ ଜି-ମେଲ୍‌ରେ ଦୃଶ୍ୟମାନ ହେବ। ଏହି ବୈଶିଷ୍ଟ୍ୟ ଉଭୟ ୱେବ୍ ଏବଂ ମୋବାଇଲ୍ ବ୍ୟବହାରକାରୀଙ୍କ ପାଇଁ ଉପଲବ୍ଧ ରହିବ।

ଫୋନ୍ ଚୋରି ହୋଇଗଲେ...

ୟୁପିଆଇ ଆଇଡିକୁ କେମିତି କରିବେ ବ୍ଲକ୍

ପ୍ରଥମେ ସିମ୍ କାର୍ଡ ବ୍ଲକ୍ କରନ୍ତୁ

ସମ୍ପ୍ରତି ଅନ୍‌ଲାଇନ୍ ପେମେଣ୍ଟ କରିବା ଏକ ସାଧାରଣ କଥା ହୋଇଗଲାଣି। ସାଧାରଣତଃ, ଗୁଗୁଲ୍ ପେ, ଫୋନ୍ ପେ ଏବଂ ପେଟିଏମ୍ ପରି ୟୁପିଆଇ ପେମେଣ୍ଟ ଆପ୍ ପ୍ରତ୍ୟେକ ସ୍ମାର୍ଟଫୋନରେ ମିଳିଥାଏ। ଏଗୁଡ଼ିକ ବର୍ତ୍ତମାନ ସମୟରେ ସହଜ ଏବଂ ତତକ୍ଷଣାତ୍ ପେମେଣ୍ଟ ପ୍ଲାଟଫର୍ମ। ହେଲେ ଏହି ପେମେଣ୍ଟ ଆପ୍‌ଗୁଡିକ ବ୍ୟବହାର କରିବାରେ କିଛି ବିପଦ ରହିଛି। ବିଶେଷକରି ଯଦି ଆପଣଙ୍କର ସ୍ମାର୍ଟଫୋନ୍ ହଜିଯାଏ, ତେବେ ଆପଣଙ୍କୁ କ୍ଷତି ସହିବାକୁ ପଡିପାରେ। ଏଥିରେ ଆପଣ ବ୍ୟାଙ୍କିଙ୍ଗ୍ ଠକେଇର ଶିକାର ହେବାର ସମ୍ଭାବନା ମଧ୍ୟ ରହିଛି। ଏପରି ପରିସ୍ଥିତିରେ, ଯଦି ଫୋନ୍ ହଜିଯାଏ କିମ୍ବା ଚୋରି ହୋଇଗଲେ ସର୍ବପ୍ରଥମେ ୟୁପିଆଇ ଆଇଡିକୁ ବ୍ଲକ୍ କରିବା ଉଚିତ୍। ଏଭଳି ପରିସ୍ଥିତିରେ ପ୍ରଶ୍ନ ଉଠେ ଯେ ୟୁପିଆଇ ଆଇଡିକୁ କିପରି ବ୍ଲକ୍ କରାଯିବ...

ପେଟିଏମ୍ ୟୁପିଆଇ ଆଇଡି ବ୍ଲକ୍ କରିବାକୁ ହେଲେ...

- ସର୍ବପ୍ରଥମେ ପେଟିଏମ୍ ବ୍ୟାଙ୍କ ହେଲ୍‌ପଲାଇନ୍ ନମ୍ବର ୦୧୨୦୪୪୫୬୪୫୬କୁ କଲ୍ କରନ୍ତୁ
- ଏହା ପରେ ହଜିଯାଇଥିବା ଫୋନ୍ ଅପ୍‌ସନ୍ ଚୟନ କରନ୍ତୁ
- ତା'ପରେ ଏକ ଭିନ୍ନ ନମ୍ବର ଏଣ୍ଟ୍ରି କରନ୍ତୁ। ଏହାପରେ ହଜିଯାଇଥିବା ଫୋନ୍ ନମ୍ବର ଏଣ୍ଟ୍ରି କରନ୍ତୁ।
- ଏହାପରେ ସମସ୍ତ ଡିଭାଇସ୍ ଅପ୍‌ସନ୍‌ରୁ ଲଗଆଉଟ୍ ଚୟନ କରନ୍ତୁ।
- ତା'ପରେ ପେଟିଏମ୍ ୱେବସାଇଟ୍‌କୁ ଯାଆନ୍ତୁ ଏବଂ ୨୪ ଘଣ୍ଟିଆ ସହାୟତା ବିକଳ୍ପ ଚୟନ କରନ୍ତୁ।

ଏହି ଉପାୟରେ ଆପଣ ଏକ ଜାଲିଆତି ରିପୋର୍ଟ କିମ୍ବା ମେସେଜ୍ ଆମ ଅପ୍ସନ୍ ଚୟନ କରିପାରିବେ।

- ତା'ପରେ ଆପଣଙ୍କୁ ପୁଲିସ୍‌ରେ କରାଯାଇଥିବା ଏଫ୍‌ଆଇଆର୍ ସହିତ କିଛି ବିବରଣୀ ଦେବାକୁ ପଡିବ। ସମସ୍ତ ବିବରଣୀ ଯାଞ୍ଚ କରିବା ପରେ, ଆପଣଙ୍କର ପେଟିଏମ୍ ଆକାଉଣ୍ଟ ସାମୟିକ ଭାବରେ ବନ୍ଦ ହୋଇଯି।

ଗୁଗୁଲ୍ ପେ' ୟୁପିଆଇ ଆଇଡି କିପରି ବ୍ଲକ୍ କରିବେ ...

- ସର୍ବପ୍ରଥମେ ଯେ କୌଣସି ଫୋନରୁ ୧୮୦୦୪୧୯୦୧୫୬୭ ନମ୍ବରକୁ ଡାଏଲ୍ କରନ୍ତୁ।
- ଏହାପରେ, ପେଟିଏମ୍ ଆକାଉଣ୍ଟକୁ ବ୍ଲକ୍ କରିବା ବିଷୟରେ କଷ୍ଟମର କେୟାରକୁ ସୂଚନା ଦେବାକୁ ପଡିବ।
- ଆଣ୍ଡ୍ରଏଡ୍ ବ୍ୟବହାରକାରୀଙ୍କୁ ଏକ ପିସି କିମ୍ବା ଫୋନ୍‌ରେ ଗୁଗୁଲ୍ ଫାଇଣ୍ଡମାଇ ଫୋନ୍‌କୁ ଲଗ୍‌ଇନ୍ କରିବାକୁ ପଡିବ। ଏହାପରେ, ଗୁଗୁଲ୍ ପେ ର ସମସ୍ତ ତଥ୍ୟକୁ ଡିଲିଟ୍ କରିବାକୁ ପଡିବ। ଏହାପରେ ଆପଣଙ୍କର ଗୁଗୁଲ୍ ପେ ଆକାଉଣ୍ଟ ସାମୟିକ ଭାବରେ ବ୍ଲକ୍ ହୋଇଯିବ।
- ଯଦି ଆପଣ ଜଣେ ଆଇଓଏସ୍ ୟୁଜର୍, ତେବେ ଆପଣ ମୋର ଆପ୍ ଏବଂ ଅନ୍ୟାନ୍ୟ ଆପଲ୍ ପ୍ରାଧିକୃତ ଟୁଲ୍ସ ଖୋଜିବା ମାଧ୍ୟମରେ ସମସ୍ତ ତଥ୍ୟ ଡିଲିଟ୍ କରି ଗୁଗୁଲ୍ ପେ ଆକାଉଣ୍ଟକୁ ଅବରୋଧ କରିପାରିବେ।



ଫୋନ୍ ପେ' ଆଇଡିକୁ କେମିତି ବ୍ଲକ୍ କରିବେ...

- ସର୍ବପ୍ରଥମେ ୦୨୨୬୮୭୨୭୩୭୪ କିମ୍ବା ୦୮୦୬୮୭୨୭୩୭୪କୁ କଲ୍ କରନ୍ତୁ
- ଯେଉଁ ମୋବାଇଲ୍ ନମ୍ବରର ସହ ୟୁପିଆଇ ଆଇଡି ସହିତ ଲିଙ୍କ୍ ହୋଇଛି ସେଥିରୁ ଅଭିଯୋଗ ଦାଖଲ କରନ୍ତୁ।
- ଯେତେବେଳେ ଓଟିପି ଆସିବ ସେତେବେଳେ ଆପଣଙ୍କୁ ସିମ୍ କାର୍ଡ ଏବଂ ଡିଭାଇସ୍ ହରାଇବାର ବିକଳ୍ପ ବାଛିବାକୁ ପଡିବ।
- ଏହାପରେ ଆପଣ କଷ୍ଟମର କେୟାର ସହିତ ସଂଯୁକ୍ତ ହେବେ, ଯେଉଁଠାରୁ ଆପଣ କିଛି ସୂଚନା ଦେଇ ୟୁପିଆଇଆଇଡିକୁ ବ୍ଲକ୍ କରିପାରିବେ।

କାର୍ ଡ୍ୟାସବୋର୍ଡରେ ଗୋଡ଼ ରଖିବା ବିପଜ୍ଜନକ...

ବର୍ତ୍ତମାନ ସମୟରେ କାରରେ ଯାତ୍ରା କରିବା ଏତେ ସାଧାରଣ ହୋଇଗଲାଣି ଯେ ଆମ ମଧ୍ୟରୁ ଅନେକେ କାରରେ କିପରି ବସିଥାଉ ସେଥିପ୍ରତି ଧ୍ୟାନ ଦେଇ ନ ଥାଉ। ଗୋଟିଏ କାରରେ ଯାତ୍ରା କରିବା ସମୟରେ କିଛି ସତର୍କତା ଅବଲମ୍ବନ କରିବା ଅତ୍ୟନ୍ତ ଜରୁରୀ। ଯେପରିକି ଗାଡି ସଠିକ୍ ଭାବରେ କାମ କରୁଛି କି ନାହିଁ ଯାଞ୍ଚ କରିବା ଓ ତେଲ ଅଛି କି ନାହିଁ ଚେକ୍ କରିବା। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ସଠିକ୍ ସ୍ଥିତିରେ ବସିବା। କାର ଚଳାଇବା ସମୟରେ ଆରାମ ଖୋଜିବା ଖରାପ ଜିନିଷ ନୁହେଁ, କିନ୍ତୁ ଡ୍ୟାସବୋର୍ଡରେ ପାଦ ରଖିବା ଏକ ବିପଜ୍ଜନକ ଅଭ୍ୟାସ। ଆସନ୍ତୁ ଜାଣିବା କାହିଁକି...

● ଗୁରୁତର ଆଘାତ ହେବାର ଆଶଙ୍କା

ହଠାତ୍ କାର ବନ୍ଦ ହୋଇଗଲେ କିମ୍ବା ଦୁର୍ଘଟଣା ଘଟିଲେ, ବିନା ସପୋର୍ଟରେ ଗୋଡ ଆଗକୁ ଡେଲିହୋଇଯିବ। ଏଥିଯୋଗୁ ଆଣ୍ଠୁ, ଗୋଡ ଏବଂ ଗୋଡରେ ଗଭୀର ଆଘାତ ଲାଗିଥାଏ। ଧକ୍କା ସମୟରେ ଏୟାର ବ୍ୟାଗ ଖୋଲିଲେ ଗୋଡରେ ମଧ୍ୟ ଆଘାତ ଲାଗିପାରେ। ଧକ୍କା ହେବାର ପ୍ରଭାବ ଶକ୍ତିଶାଳୀ ଏବଂ ଗୋଡଗୁଡିକ ମୁଣ୍ଡ ଆଡକୁ ପଛକୁ ଠେଲି ହୋଇଯାଏ। ଏହି କାରଣରୁ ଶରୀର ପଛକୁ ବଙ୍କା ହୋଇଯାଇପାରେ। କେବଳ ଏତିକି ନୁହେଁ, ଡ୍ୟାସବୋର୍ଡର କଠିନ ପୃଷ୍ଠ ସହିତ ସିଧାସଳଖ ଧକ୍କା ହେତୁ ଖପୁରୀ ଆଘାତ ହେବାର ଆଶଙ୍କା ଅଛି।

● ଗାଡ଼ି ନିୟନ୍ତ୍ରଣ ହରାଇବାର ବିପଦ

ଡ୍ୟାସବୋର୍ଡରେ ପାଦ ରଖିବା ଦ୍ୱାରା ଗାଡି ଚଳାଇବା ସମୟରେ ବିଭ୍ରାଟ ହୋଇପାରେ ଏବଂ ରିଫ୍ଲେକ୍ସ ସମୟ ହ୍ରାସ ହୋଇପାରେ। ହଠାତ୍ ବ୍ରେକ୍ ଲଗାଇବା କିମ୍ବା ଷ୍ଟିଅରିଂ ପରିଚାଳନା କରିବାର କ୍ଷମତା ଦୁର୍ବଳ ହୋଇପାରେ। ପାଦ ଖସିଯିବାରୁ ଏହା ଗାଡି ଉପରୁ ନିୟନ୍ତ୍ରଣ ହରାଇବାର ଆଶଙ୍କା ବଢ଼ାଇଦେଇଥାଏ, ଯାହା ଦୁର୍ଘଟଣାର ସମ୍ଭାବନା ବଢ଼ାଇଥାଏ।

● ଯାନକୁ କ୍ଷତି ହେବାର ଆଶଙ୍କା

ଡ୍ୟାସବୋର୍ଡରେ କ୍ରମାଗତ ଭାବରେ ପାଦ ଦେବା ଦ୍ୱାରା ପୋଷାକ, ସ୍କ୍ରାଚ୍ କିମ୍ବା କ୍ଷତି ହୋଇପାରେ। ଏହା କାରର ମୂଲ୍ୟ ହ୍ରାସ କରିପାରେ ଏବଂ ମରାମତି ଖର୍ଚ୍ଚ ବଢ଼ାଇପାରେ।

ତେଣୁ କାରରେ ବସିଥାନ୍ତୁ ବା ଚଳାଉଥାନ୍ତୁ ଏହାର ହେଉଛି ପାଦକୁ ଚଟାଣରେ ରଖନ୍ତୁ। ସିଟ୍‌କୁ ଏକ ଆରାମଦାୟକ ଅବସ୍ଥାରେ ଆଡଜଷ୍ଟ କରନ୍ତୁ ଯାହାଦ୍ୱାରା ଆପଣ ସହଜରେ ଷ୍ଟିୟରିଂ ଏବଂ ପେଡାଲରେ ପହଞ୍ଚିଯିବେ। ଏମିତିକି ଦୀର୍ଘ ପଥ ଯାତ୍ରା ସମୟରେ ସ୍ୱଳ୍ପ ବିରତି ନେଇ ଥକ୍କାପଣକୁ କମାଇବା ଏକ ଉତ୍ତମ ବିକଳ୍ପ ହେବ। ଏଥିରେ ଆମକୁ ମନେ ରଖିବାକୁ ହେବ ଯେ, ସୁରକ୍ଷିତ ଡ୍ରାଇଭିଂ ପାଇଁ ଆରାମ ଗୁରୁତ୍ୱପୂର୍ଣ୍ଣ, କିନ୍ତୁ ବିପଦବରଣ କରି ନୁହେଁ। ତେଣୁ, ଡ୍ୟାସବୋର୍ଡରେ ପାଦ ରଖିବାର ଅଭ୍ୟାସ ତ୍ୟାଗ କରନ୍ତୁ ଏବଂ ନିଜର ଓ ଅନ୍ୟମାନଙ୍କ ସୁରକ୍ଷା ନିଶ୍ଚିତ କରନ୍ତୁ।

ପାର୍ବତୀ ଗିରି ବୃହତ ଉଠା ଜଳସେଚନ ପ୍ରକଳ୍ପ

୫୨ଟି ଗ୍ରାମର ଚାଷ ଜମିକୁ ମିଳିବ ପାଣି

ଭର୍ଚ୍ଚୁଆଲରେ ଶିଳାନ୍ୟାସ କଲେ ମୁଖ୍ୟମନ୍ତ୍ରୀ

ଆନନ୍ଦପୁର/ଘସିପୁରା,୧୬।୧୨(ସମିସ)

କେନ୍ଦୁଝର ଜିଲ୍ଲାର ଚାଷ ଓ ଚାଷୀଙ୍କ ଉନ୍ନତି କଳ୍ପେ ସମାକୋଇ ନଦୀରେ ଦୁଇଟି ମେଗା ଇରିଗେସନ ପ୍ରୋଜେକ୍ଟ ନିର୍ମାଣ ପାଇଁ ରାଜ୍ୟ ସରକାର କ୍ୟାବିନେଟ୍ରେ ଅନୁମୋଦନ କରିବା ପରେ ଆଜି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଭର୍ଚ୍ଚୁଆଲରେ ଏହି ପ୍ରକଳ୍ପର ଶିଳାନ୍ୟାସ କରିଛନ୍ତି। ଏହି ଉପଲକ୍ଷେ ଘସିପୁରା ବ୍ଲକ ପରିସରରେ ଆୟୋଜିତ ଭର୍ଚ୍ଚୁଆଲ କାର୍ଯ୍ୟକ୍ରମରେ ବିଧାୟକ ବଦ୍ରିନାରାୟଣ ପାତ୍ର ୧୮ଶହ କୋଟି ଟଙ୍କା ବ୍ୟୟରେ ନିର୍ମାଣ ହେବାକୁ ଥିବା ଏହି ବୃହତ ଉଠା ଜଳସେଚନ ପ୍ରକଳ୍ପ ଯୋଗୁ ୪୦ ହଜାର ଏକର ଚାଷଜମି ଜଳସେଚିତ ହୋଇ ୫୨ଟି ଗ୍ରାମର ଚାଷୀ ଉପକୃତ ହେବେ ଏବଂ ଏଥିପାଇଁ ଅଞ୍ଚଳବାସୀଙ୍କ ପକ୍ଷରୁ ମୁଖ୍ୟମନ୍ତ୍ରୀ ଶ୍ରୀ ପଟ୍ଟନାୟକଙ୍କୁ କୃତଜ୍ଞତା ଜଣାଇଥିଲେ। ଆନନ୍ଦପୁର ବିଧାୟକ ଭାଗିରଥୀ ସେଠୀ, ଜିଲାପାଳ ଆଶିଷ ଠାକରେ, ପ୍ରକଳ୍ପ ନିର୍ଦ୍ଦେଶକ ବିଷ୍ଣୁପଦ ଆଚାର୍ଯ୍ୟ, ଉପଜିଲ୍ଲାପାଳ ଚିତ୍ତରଞ୍ଜନ ମହାନ୍ତ, ବିଡିଓ ମାନସ ରଞ୍ଜନ ସାମଲ ଯୋଗ ଦେଇ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ଏହି କାର୍ଯ୍ୟକ୍ରମରେ ଆନନ୍ଦପୁର ଓ ଘସିପୁରା ନିର୍ବାଚନ ମଣ୍ଡଳୀର ବିଭିନ୍ନ ଗ୍ରାମରୁ ବହୁ ଜନସାଧାରଣ, ସ୍ୱୟଂ ସହାୟିକା ଗୋଷ୍ଠୀ ଓ ବିଭିନ୍ନ ବିଭାଗର ସରକାରୀ ପଦାଧିକାରୀମାନେ ଯୋଗ ଦେଇଥିଲେ। କେନ୍ଦୁଝର ଜିଲ୍ଲାର ଏହି ଅଞ୍ଚଳରେ ଥିବା ଢିପ ଜମି ଗୁଡିକରେ ଚାଷ ପାଇଁ ଜଳସେଚନର ବିଶେଷ ସୁବିଧା ନଥିବାରୁ ଚାଷକାର୍ଯ୍ୟ ବିଶେଷ ଅଗ୍ରଗତି ହୋଇପାରୁନଥିଲା। ତେବେ ଏହି ଅଞ୍ଚଳରେ ଚାଷୀମାନଙ୍କ ସ୍ୱାର୍ଥରକ୍ଷା ପାଇଁ ପାର୍ବତୀଗିରି ବୃହତ ଉଠା ଜଳସେଚନ ପ୍ରକଳ୍ପ ବେଶ୍ ସହାୟକ ହେବ ବୋଲି ବିଭାଗୀୟ ଅଧିକାରୀମାନେ ସୂଚନା ଦେଇଥିଲେ। ଆଜିର କାର୍ଯ୍ୟକ୍ରମରେ ଅନ୍ୟତମ ସମ୍ମାନୀତ ଅତିଥି ଭାବେ କେନ୍ଦୁଝର କେନ୍ଦ୍ର ସମବାୟ ବ୍ୟାଙ୍କ ନିର୍ଦ୍ଦେଶକ ଦେବପ୍ରିୟ ପାତ୍ର, ଜୀବନବିନ୍ଦୁ ଜିଲା ସଂଯୋଜକ ପ୍ରଦୀପ କୁମାର ସାହୁ, ବ୍ଲକ ଉପାଧ୍ୟକ୍ଷ ପନଚାନନ ବେହେରା ପ୍ରମୁଖ ଯୋଗ ଦେଇଥିଲେ।

ଗୋଚର ଜାଗାରେ ଠିକାଦାରଙ୍କ ଷ୍ଟକ୍‌ୟାର୍ଡ

ହାଟଡିହି, ୧୬।୧୨(ସମିସ): ହାଟଡିହି ବ୍ଲକ ବାଙ୍ଗୋର ପଞ୍ଚାୟତର ବାଙ୍ଗୋର ଶିବମନ୍ଦିର ଠାରୁ ବାଙ୍ଗୋର ହାଇସ୍କୁଲ ମଝିରେ ଥିବା ସରକାରୀ ଜମିକୁ ଗତ ଦୁଇବର୍ଷ ତଳେ ସରକାରୀ ଅନୁଦାନ ଖର୍ଚ୍ଚ କରାଯାଇ ଖେଳପଡ଼ିଆ କରାଯିବା ସହିତ ଗୋରୁଗାଈଙ୍କ ଚରାଭୂଇଁ କରାଯାଇଥିଲା। କିନ୍ତୁ କିଛି ଠିକାଦାର ବର୍ଷବର୍ଷ ଧରି ସେହି ପଡ଼ିଆରେ ବାଲି, ଚିପ୍ସ, ମେଣ୍ଟାଲ ଓ ଡଷ୍ଟ ଗଦା କରିରଖିଥିବାରୁ ସେହି ଜାଗାଟି ଏବେ ନଷ୍ଟହେବାକୁ ଯାଉଛି। ଯାହାକି ଗୋରୁଗାଈ ଚରିବାରେ ବାଧ ସୃଷ୍ଟିହେଉଛି। ଅନ୍ୟପକ୍ଷରେ ଯେଉଁ ଉଦ୍ଦେଶ୍ୟରେ ସେହି ପଡ଼ିଆକୁ ସମତୁଲ କରାଯାଇଥିଲା ତାହା ଏବେ ଦିଗହରା ହୋଇପଡ଼ିଛି। ଯେଉଁ ଠିକାଦାର ସରକାରଙ୍କ ବିନା ଅନୁମତିରେ ବର୍ଷବର୍ଷ ଧରି ଷ୍ଟକ୍‌ୟାର୍ଡ କରିଛି ସେମାନଙ୍କ ବିରୁଦ୍ଧରେ ପଦକ୍ଷେପ ନେବା ସହିତ ଜରିମାନା କରାଗଲେ ସରକାରଙ୍କ ରାଜସ୍ୱ ଆଦାୟ ହେବା ସହିତ ଠିକାଦାରଙ୍କ ମନମାନି ଉପରେ ଆଙ୍କୁଶ ଲାଗିପାରନ୍ତା ବୋଲି କୁହାଯାଉଛି।

ଡୁମୁରିଆ କଲେଜରେ ଯୁବ ବିକାଶ କାର୍ଯ୍ୟକ୍ରମ

ପାଟଣା, ୧୬।୧୨(ସମିସ): ପାଟଣା ବ୍ଲକ ଅନ୍ତର୍ଗତ ଡୁମୁରିଆରେ ଥିବା ଭୀମକୁଣ୍ଡ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ସମନ୍ୱିତ ଯୁବ ବିକାଶ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟର ଅଧ୍ୟକ୍ଷ କୃଷ୍ଣଚନ୍ଦ୍ର ପଣ୍ଡାଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ମୁଖ୍ୟଅତିଥି ଭାବେ ପାଟଣା ବିଧାୟକ ତଥା ଜିଲ୍ଲା ଯୋଜନା କମିଟି ଅଧ୍ୟକ୍ଷ ଜଗନ୍ନାଥ ନାଏକ ଯୋଗଦେଇଥିଲେ। ଏହି ଅବସରରେ ବିଭିନ୍ନ କ୍ରୀଡ଼ା ପ୍ରତିଯୋଗିତାରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରଛାତ୍ରୀଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। ମହାବିଦ୍ୟାଳୟର ଅଧ୍ୟାପକ ମିତ୍ରଭାନୁ ମହାନ୍ତ, ଯଯାତି ସାହୁ, ଶୁଭାଶିଷ ମହାନ୍ତ, ସମରେନ୍ଦ୍ର ମହାନ୍ତ, ସନ୍ଦୀପ କୁମାର ମହାନ୍ତ, କାହ୍ନୁଚରଣ ପଲେଇ, ରବୀନ୍ଦ୍ର ପଲେଇ, ସୌଦାମିନୀ ବାରିକ, ଅର୍ଜୁନ ଚରଣ ମହାନ୍ତ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସକ୍ରିୟ ସହଯୋଗ କରିଥିଲେ।

ପାଟଣାରେ ଧାନ ମଣ୍ଡି ଖୋଲିଲା

ପାଟଣା,୧୬।୧୨(ସମିସ): ପାଟଣା ବ୍ଲକ୍ ମୁଖ୍ୟାଳୟରେ ଥିବା ଧାନ ମଣ୍ଡି ଉଦ୍ଘାଟିତ ହୋଇଯାଇଛି। ଉଦଘାଟନ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ପାଟଣା ବିଧାୟକ ଜଗନ୍ନାଥ ନାଏକ ଯୋଗ ଦେଇ ଧାନ କ୍ରୟର ଶୁଭାରମ୍ଭ କରିଥିଲେ। ସମ୍ମାନିତ ଅତିଥି ଭାବେ ପାଟଣା ଲ୍ୟାମ୍ପ ନିଦ୍ଦେଶକ ମାଧବାନନ୍ଦ ପୃଷ୍ଟି, ବଡ ପାଟଣା ସରପଞ୍ଚ ବିନତୀ ବାନାରା, ସମିତିସଭ୍ୟ ମୋହନ ସୁନ୍ଦର ମହାନ୍ତ ପ୍ରମୁଖ ଉପସ୍ଥିତ ଥିଲେ। ଧାନ ମଣ୍ଡିରେ ସୋମବାର, ଶୁକ୍ରବାର ଓ ଶନିବାର ତିନିଦିନ ଧାନ କିଣାଯିବ ବୋଲି ସୂଚନା ମିଳିଛି। ଏହି କାର୍ଯ୍ୟକ୍ରମରେ ବିଭିନ୍ନ ପଞ୍ଚାୟତରଚାଷୀମାନେଯୋଗଦେଇଥିଲେ।

ବିଦ୍ୟାଳୟ ଦୌଡ଼ ପ୍ରତିଯୋଗିତାରେ ଛାତ୍ରୀ ଅସୁସ୍ଥ

ତୁରୁମୁଙ୍ଗା,୧୬।୧୨(ସମିସ): କେନ୍ଦୁଝର ଜିଲ୍ଲା ପାଟଣା ବ୍ଲକ କେନ୍ଦେଇପଶି ପଞ୍ଚାୟତ ସରକାରୀ ଉଚ୍ଚ ବିଦ୍ୟାଳୟରେ ଶନିବାର ଦୌଡ଼ ପ୍ରତିଯୋଗିତା ଚାଲିଥିବା ସମୟରେ ଜଣେ ଛାତ୍ରୀ ଗୁରୁତର ହୋଇ ପ୍ରଥମେ କେନ୍ଦେଇପଶି ଓ ପରେ ପାଟଣା ମେଡିକାଲରେ ଭର୍ତ୍ତୀ ହୋଇଛନ୍ତି। ଗୁରୁତର ଛାତ୍ରୀ ହେଲେ ଅଷ୍ଟମ ଶ୍ରେଣୀର ସନ୍ଧ୍ୟାରାଣୀ ମହାନ୍ତ। ସୂଚନା ଅନୁସାରେ ଶନିବାର ବିଦ୍ୟାଳୟର ଖେଳପଡ଼ିଆରେ ପ୍ରତିଯୋଗିତା ଚାଲିଥିବା ସମୟରେ ଦୌଡ଼ ପ୍ରତିଯୋଗିତରେ ଭାଗ ନେଇଥିବା ଛାତ୍ରୀ ଚେତା ହରାଇ ପଡ଼ିଥିଲେ। ତାଙ୍କୁ ପ୍ରଥମେ କେନ୍ଦେଇପଶି ସ୍ୱାସ୍ଥ୍ୟକେନ୍ଦ୍ରରେ ପ୍ରାଥମିକ ଚିକିତ୍ସା ପରେ ଚେତା ନଫେରିବାରୁ ୧୦୮ ଆମ୍ବୁଲାନ୍ସ ଯୋଗେ ପାଟଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଛି।

ଗୋଳାବନ୍ଧରେ ସମନ୍ୱିତ ଯୁବ ବିକାଶ କାର୍ଯ୍ୟକ୍ରମ

ତେଲକୋଇ,୧୬।୧୨(ସମିସ): ତେଲକୋଇ ବ୍ଲକ ଗୋଳାବନ୍ଧ ଶ୍ରୀ ଜଗନ୍ନାଥ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ତିନିଦିନ ଧରି ସମନ୍ୱିତ ଯୁବ ବିକାଶ "ଯୁବ ଓଡ଼ିଶା ନବୀନ ଓଡ଼ିଶା' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଉଦଘାଟନୀ ଉତ୍ସବରେଅଧ୍ୟକ୍ଷ ପୂର୍ଣ୍ଣଚନ୍ଦ୍ର ବାରିକଙ୍କ ସଭାପତିତ୍ୱରେ ମୁଖ୍ୟଅତିଥି ଭାବେ ସରପଞ୍ଚ ସୁଷମା ନାୟକ, ସମ୍ମାନିତ ଅତିଥି ଭାବେ ସମିତିସଭ୍ୟା ପ୍ରତିଭା ସାହୁ, ଅନନ୍ତ ଚରଣ ସାହୁ, ଭାବଗ୍ରାହୀ ସାହୁ, ଧନେଶ୍ୱର ସାହୁ, ରୁଦ୍ରନାରାୟଣ ମୋଦୀ ପ୍ରମୁଖ ଯୋଗ ଦେଇଥିଲେ। ଉଦଯାପନି ଉତ୍ସବରେ ଅଧ୍ୟକ୍ଷ ପୂର୍ଣ୍ଣଚନ୍ଦ୍ର ବାରିକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଭାବେ ତେଲକୋଇ ଜିଲ୍ଲାପରିଷଦ ସଦସ୍ୟା ଛେଳିବାଳା ନାୟକ ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ସରପଞ୍ଚ ସୁଷମା ନାୟକ, ସମିତିସଭ୍ୟା ପ୍ରତିଭା ସାହୁ, ପୂର୍ବତନ ଶିକ୍ଷକ ଭିକାରୀ ଚରଣ ସାହୁ, ଅନନ୍ତ ଚରଣ ସାହୁ ଓ ଭାବଗ୍ରାହୀ ସାହୁ ଉପସ୍ଥିତ ଥିଲେ। ଉଦଯାପନୀ ଉତ୍ସବରେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଥିବା ଛାତ୍ରୀଛାତ୍ରଙ୍କୁ ଏବଂ ଦଳମାନଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ଶିକ୍ଷକ ସୁଜିତ କୁମାର ରଣା, ପ୍ରଫୁଲ୍ଲ କୁମାର ମହାନ୍ତ, ହେମାନନ୍ଦ ଚୌହାନ, ଚିତ୍ତରଞ୍ଜନ ନାୟକ, ଛବିନାରାୟଣ ପ୍ରଧାନ, ସୁଜିତ କୁମାର ଖୁଣ୍ଟିଆ, ଗୌତମ ମହାନ୍ତ, ବିମଳା ବେହେରା, ଇତିସାଗର ସ୍ୱାଇଁ, ଗିତାଞ୍ଜଳୀ ନାଏକ ତଥା ଅନ୍ୟ କର୍ମଚାରୀମାନେ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

ବଦଳିଲେ ପିଇଓ, ଜେଇ ଓ ଜିଆର୍‌ଏସ୍

ହାଟଡିହି,୧୬।୧୨(ସମିସ): ହାଟଡିହି ବ୍ଲକର ପଞ୍ଚାୟତ ସ୍ତରରେ ପିଇଓ, ଜେଇ ଓ ଜିଆର୍‌ଏସଙ୍କ ବଦଳି ହୋଇଛି। ବିଭିନ୍ନ ସମୟରେ କିଛି ଜିଆର୍‌ଏସ୍ଙ୍କୁ ନେଇ ବିବାଦ ସୃଷ୍ଟି ହେଉଥିବା ବେଳେ ସେମାନଙ୍କର ପଞ୍ଚାୟତ ପରିବର୍ତ୍ତନ କରାଯିବା ସହିତ କିଛି ଜିଆର୍‌ଏସଙ୍କୁ ଅଧିକ ପଞ୍ଚାୟତର ଦାୟିତ୍ୱ ଦିଆଯାଇଛି। ସେହିପରି ପିଇଓ ମାନଙ୍କର ପଞ୍ଚାୟତସ୍ତରରେ ବଦଳି କରାଯିବା ସହ କିଛି ପିଇଓଙ୍କୁ ଅଧିକ ପଞ୍ଚାୟତର ଦାୟିତ୍ୱ ଦିଆଯାଇଛି। ଯନ୍ତ୍ରୀମାନଙ୍କର ପଞ୍ଚାୟତ ସ୍ତରରେ ବଦଳି କରାଯାଇଥିବା ବେଳେ କିଛି ଯନ୍ତ୍ରୀଙ୍କୁ ଅଧିକ ପଞ୍ଚାୟତର ଦାୟିତ୍ୱ ଦିଆଯାଇଛି। ଯାହାକୁ ନେଇ ବିଭିନ୍ନ ମହଲରେ ସ୍ୱାଗତ କରାଯିବା ସହିତ ଚର୍ଚ୍ଚା ଯୋର ଧରିଛି।

ବୃଦ୍ଧାଙ୍କ ମୁଣ୍ଡ ଫାଟିଲା

ହାଟଡିହି,୧୬।୧୨(ସମିସ): ହାଟଡିହି ବ୍ଲକର ବଞ୍ଚୋ ଗ୍ରାମର ଲକ୍ଷ୍ମୀ ରାଉତ (୭୫) ବଞ୍ଚୋ ବ୍ୟାଙ୍କକୁ ଭତ୍ତା ପାଇ ଆସୁଥିବା ବେଳେ ପଡ଼ିଯିବାରୁ ତାଙ୍କର ମୁଣ୍ଡ ଫାଟିଯାଇଛି। ବଞ୍ଚୋ ଗ୍ରାମ ଠାରୁ ବ୍ୟାଙ୍କ ୨କିମି ଊର୍ଦ୍ଧ୍ୱର୍ ହେବ। ବୃଦ୍ଧା ଜଣଙ୍କ ଚାଲି ଚାଲି ଭତ୍ତା ପାଇଁ ଆସୁଥିବା ବେଳେ ହଠାତ୍ ପଡ଼ିଯିବାରୁ ତାଙ୍କ ମୁଣ୍ଡ ଫାଟିଯାଇଥିଲା। ତାଙ୍କୁ ତୁରନ୍ତ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା।

ଦଧିବାମନଜୀଉଙ୍କୁ ଲାଗିହେଲା ଧନୁମୁଆଁ

ଆନନ୍ଦପୁର,୧୬।୧୨(ସମିସ): ଆନନ୍ଦପୁରର ଆରାଧ ଦେବତା ଶ୍ରୀଶ୍ରୀ ଦଧିବାମନଜୀଉଙ୍କ ଠାରେ ଧନୁସଂକ୍ରାନ୍ତି ଉପଲକ୍ଷେ ପାରମ୍ପାରିକ ରୀତିନୀତି ଅନୁଯାୟୀ ଧନୁମୁଆଁ ପହିଲି ଭୋଗ ଲାଗି କରାଯାଇଛି। ଶନିବାର ପ୍ରତ୍ୟୁଷରୁ ଭକ୍ତମାନେ ଶ୍ରୀ ଶ୍ରୀଦଧିବାମନଜୀଉଙ୍କ ଠାରେ ପୂଜାର୍ଚ୍ଚନା କରି ଧନୁମୁଆଁ ଭୋଗ ଲାଗି କରିଛନ୍ତି। ଏହି ଭୋଗ ଆସନ୍ତା ମକର ସଂକ୍ରାନ୍ତି ପର୍ଯ୍ୟନ୍ତ ଲାଗି ହେବ ବୋଲି ମନ୍ଦିର ପରିଚାଳନା କମିଟି ପକ୍ଷରୁ ସୂଚନା ମିଳିଛି। ପୂଜକ ସନାତନ ପାଢ଼ୀ, ଯଶୋବନ୍ତ କର, ଜଗତାନନ୍ଦ ମିଶ୍ର, ଚଚକାର ଅଜୟ କୁମାର ମହାପାତ୍ର, ପରିଚାଳକ ସୁରେନ୍ଦ୍ର ମିଶ୍ର, ସୁଆର ଶଙ୍କର୍ଷଣ ମିଶ୍ର,ବିଶ୍ୱମ୍ଭର ପାତ୍ର, ଦୁଆରୀ କୃଷ୍ଣଚନ୍ଦ୍ର ସାହୁ ପୂଜା କାର୍ଯ୍ୟରେ ସହଯୋଗ କରିଥିବାର ଦେଖାଯାଇଛି।

ଆଞ୍ଚଳିକ ମହାବିଦ୍ୟାଳୟରେ ରକ୍ତଦାନ ଶିବିର

ହାଟଡିହି, ୧୬।୧୨(ସମିସ): ହାଟଡିହି ଆଞ୍ଚଳିକ ମହାବିଦ୍ୟାଳୟର ଯୁବ ଓଡ଼ିଶା -ନବୀନ ଓଡ଼ିଶା ସାମାଜିକ କାର୍ଯ୍ୟକ୍ରମ ପକ୍ଷରୁ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। କଲେଜର ଅଧ୍ୟକ୍ଷ ଚିତ୍ତରଞ୍ଜନ ରାଉତଙ୍କ ପୌରୋହିତରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ହାଟଡିହି ବ୍ଲକ ଅଧ୍ୟକ୍ଷା ସାବିତ୍ରୀ ସେଠୀ, ସମ୍ମାନିତ ଅତିଥି ବିଡିଓ ସୌମ୍ୟଶ୍ରୀ ପାଣିଗ୍ରାହୀ, ହାଟଡିହି ସରପଞ୍ଚ ଚିନ୍ମୟ ନାୟକ ପ୍ରମୁଖ ଯୋଗ ଦେଇ ରକ୍ତଦାନ ଶିବିରକୁ ଉଦ୍ଘାଟନ କରିଥିଲେ। ଏଥିରେ ୫୦ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଥିଲା। ନୋଡାଲ ଅଫିସର ଭାବେ ବିଶ୍ୱରଞ୍ଜନ ଜେନା ଦାୟିତ୍ୱ ତୁଲାଇଥିବା ବେଳେ ଅଜୟ କୁମାର ଦାସ, ବିଜୟ କୁମାର ନାୟକ, ବୃନ୍ଦାବନ ଓଝା, ରବି ନାରାୟଣ ବିଶ୍ୱାଳ, ରବୀନ୍ଦ୍ର ନାଥ ଜେନା, ପ୍ରଣୟ କୁମାର ନାୟକ, ମିନତି ବାକ୍ସେ, ଚକ୍ରଧର ଦାସ, ଜଳଧର ଦାସ, ସ୍ୱାଗତିକା ନାୟକ, ଦେବଆହୁତି ପଟ୍ଟନାୟକ, ମେନକାରାଣୀ ଧାଉରିଆ, ଶଶିକଳା ଦାସ, ଗୌରାଙ୍କ ଚରଣ ନାୟକ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

ଦୁର୍ବୃତ୍ତ ଲୁଟି ନେଲେ ୫୦ ହଜାର ଟଙ୍କା

ହାଟଡିହି,୧୬।୧୨(ସମିସ): ସୋସୋ ଥାନା ବିଦ୍ୟାଧରପୁର–କାନପୁର ରାସ୍ତାର ଗ୍ରାମ୍ୟ ବ୍ୟାଙ୍କ ନିକଟରେ ଏକ ଜନସେବା କେନ୍ଦ୍ର କରିଥିବା ରବୀନ୍ଦ୍ର କୁମାର ଦାସ ଲୁଟ୍‌ର ଶିକାର ହୋଇଛନ୍ତି। ସନ୍ଧ୍ୟା ବେଳେ ଘରକୁ ଫେରୁଥିବା ବେଳେ କାନପୁର ରାସ୍ତାରେ ଦୁର୍ବୃତ୍ତମାନେ ତାଙ୍କ ସ୍କୁଟରକୁ ଅଟକାଇ ବ୍ୟାଗ୍‌ଭିତରେ ଥିବା ୫୦ ହଜାର ଟଙ୍କା ଓ ଅନ୍ୟାନ୍ୟ କାଗଜପତ୍ର ଲୁଟି ନେଇଛନ୍ତି। ଏନେଇ ରବୀନ୍ଦ୍ର ସୋସୋ ଥାନାରେ ଅଭିଯୋଗ କରିଛନ୍ତି। ପୁଲିସ ଖବର ପାଇ ବିଭିନ୍ନ ସ୍ଥାନରେ ଚଢ଼ଉ କରିଛି। ୩ଦିନ ତଳେ ବଣିଆପଙ୍କ ଛକରୁ ବାବୁ ପାତ୍ରଙ୍କ ଗ୍ରସୋରୀ ଦୋକାନକୁ ଭାଙ୍ଗି ଦୁର୍ବୃତ୍ତମାନେ ଲୁଟ୍ କରିଥିବା ଅଭିଯୋଗ ହୋଇଥିଲା।

କେଏସ୍‌ଇ ଗ୍ରୁପର ବାର୍ଷିକ କ୍ରୀଡ଼ା

କେନ୍ଦୁଝର, ୧୬।୧୨ (ସମିସ): କେନ୍ଦୁଝର ସଦର ବ୍ଲକ ଡିମ୍ବୋସ୍ଥିତ ଇଂ. ବସନ୍ତ କୁମାର ଦାନୀଙ୍କ ଦ୍ୱାରା ପ୍ରତିଷ୍ଠିତ କେନ୍ଦୁଝର ସ୍କୁଲ ଅଫ୍ ଇଞ୍ଜିନିୟରିଂ, ଫାର୍ମାସୀ କଲେଜ କେନ୍ଦୁଝର, କେନ୍ଦୁଝର ନର୍ସିଂ କଲେଜ ଓ କେଏସ୍‌ଇ ହାୟର ସେକେଣ୍ଡାରୀ ସ୍କୁଲର ୧୨ତମ ବାର୍ଷିକ କ୍ରୀଡା ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଇଞ୍ଜିନିୟରିଂ ସ୍କୁଲର ଅଧ୍ୟକ୍ଷ ଅରୁଣ ପ୍ରକାଶ କାନୁନଗୋ ପତାକା ଉତ୍ତୋଳନ କରି ଏହାକୁ ଉଦ୍ଘାଟନ କରିଥିଲେ। ସମସ୍ତ ଅନୁଷ୍ଠାନର ଅଧ୍ୟାପକ ଓ ଅଧ୍ୟାପିକାମାନେ ମଧ୍ୟ ଉଦ୍ଘାଟନୀ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ। କ୍ରୀଡା ପ୍ରାଙ୍ଗଣରେ ଫାର୍ମାସୀ କଲେଜ ର ଅଧ୍ୟକ୍ଷ ତରଣୀକାନ୍ତ ସ୍ୱାଇଁ ସ୍ୱାଗତ କରିଥିଲେ। ପରେ ଉଭୟଅନୁଷ୍ଠାନର ଛାତ୍ରଛାତ୍ରୀମାନେ କ୍ରୀଡା ଶପଥ ଗ୍ରହଣ କରି ବାର୍ଷିକ କ୍ରୀଡା ଆରମ୍ଭ ହୋଇଥିଲା। କ୍ରୀଡା ଗୁଡିକ ମଧ୍ୟରେ ୧୦୦ ମିଟର ଦୌଡ,୨୦୦ ମିଟର ଦୌଡ,ସର୍ଟଫୁଟ୍ ଥ୍ରୋ, ଲମ୍ବଡିଆଁ, ଉଚ୍ଚ ଡିଆଁ ଇତ୍ୟାଦି ଖେଳ ପରିଚାଳିତ ହୋଇଥିଲା।

ଏସ୍‌ବିଆଇ ପକ୍ଷରୁ ଜୀବନ୍ତ ଜୀବନ ଅଭିଯାନ

ଆନନ୍ଦପୁର, ୧୬।୧୨(ସମିସ): ଘସିପୁରା ବ୍ଲକ ଅନ୍ତର୍ଗତ ଭଣ୍ଡାରିଡିହା ହାଇସ୍କୁଲ ପରିସରରେ ଜୀବନ୍ତ ଜୀବନ ଅଭିଯାନର ଶୁଭାରମ୍ଭ ହୋଇଛି। ଭୁବନେଶ୍ୱର ଷ୍ଟେଟ୍ ବ୍ୟାଙ୍କ ଅଫ ଇଣ୍ଡିଆ ଏବଂ ଘସିପୁରା ଶାଖା ସହଯୋଗରେ ୱେ ଟୁ ଆଇଏସଆର ଫାଉଣ୍ଡେସନ ଆନୁକୂଲ୍ୟରେ ଏହି କାର୍ଯ୍ୟକ୍ରମ କରାଯାଇଥିଲା। ଆସନ୍ତା ୨୦୨୪ ନୂତନ ବର୍ଷରେ ଜୀବନ୍ତ ଜୀବନ ଆରମ୍ଭ କର ବ୍ୟାନରରେ ଆରମ୍ଭ ହେବାକୁ ଥିବା ଏହି କାର୍ଯ୍ୟକ୍ରମରେ ପରିବେଶ ଅନୁକୂଳ ଅଭିଯାନ, ପରିବେଶ ସ୍ଥିରତା, ସବୁଜ ଜୀବନଯାପନ ପାଇଁ ଆହ୍ୱାନ ଦେବା ସହିତ 'ବୃକ୍ଷ ହିଁ ଜୀବନ' ନାରାକୁ କାର୍ଯ୍ୟକାରୀ କରିବା ପାଇଁ ଆହ୍ୱାନ ଦେଇଥିଲେ। ୱେ ଟୁ ଆଇଏସଆର ଫାଉଣ୍ଡେସନ ଏସ୍ପିଆଇ ଭୁବନେଶ୍ୱର ସର୍କଲ ସକରାତ୍ମକ ପରିବର୍ତ୍ତନ ଆଣିବାରେ ଏହି ସହଭାଗିତାର ଗୁରୁତ୍ୱପୂର୍ଣ୍ଣ ଭୂମିକା ଉପରେ ବିଦ୍ୟାଳୟରେ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ଏହି ଆଲୋଚନାଚକ୍ରରେ ପ୍ରଧାନ ଶିକ୍ଷକଙ୍କ ସମେତ ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ଯୋଗ ଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଏସବିଆଇ ପକ୍ଷରୁ ମୋ ସ୍କୁଲ ମୋ ଗଛ ଅଭିଯାନରେ ୧୦ ହଜାର ଚାରାରୋପଣ କରାଯିବାକୁ ଆଇଏସଆର ଫାଉଣ୍ଡେସନ ସଂକଳ୍ପ ନେଇଥିବା ବେଳେ ଛାତ୍ରଛାତ୍ରୀଙ୍କ ଦ୍ୱାରା ଏହି କାର୍ଯ୍ୟକ୍ରମକୁ ସମାହିତ କରିବା ପାଇଁ ନିଷ୍ପତି ନେଇଥିବା ଜଣାଯାଇଛି।

ବିକଶିତ ଭାରତ ସଂକଳ୍ପ ସମାବେଶ

ଆନନ୍ଦପୁର/ବେଲବାହାଳି, ୧୬।୧୨(ସମିସ): ଆନନ୍ଦପୁର ବ୍ଲକର ବିଭିନ୍ନ ପଞ୍ଚାୟତରେ ବିକଶିତ ଭାରତ ସଂକଳ୍ପ ଯାତ୍ରା ରଥ ପରିକ୍ରମା କରୁଛି। କଣ୍ଟିପାଳଠାରେ ଏହି ରଥକୁ ଅଞ୍ଚଳବାସୀଙ୍କ ପକ୍ଷରୁ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଥିଲା। ବିକଶିତ ଭାରତ ସ

ପ୍ରାକୃତିକ ସୌନ୍ଦର୍ଯ୍ୟରେ ପରିପୂର୍ଣ୍ଣ ସୁଲେଇପାଟ ଡ୍ୟାମ୍

ପର୍ଯ୍ୟଟକଙ୍କୁ ଆକୃଷ୍ଟ କରୁଛି ଜଳକ୍ରୀଡ଼ା

ରାଇରଙ୍ଗପୁର,୧୬ ।୧୨(ରାଜେଶ କୁମାର ଶର୍ମା)

ଆଦିବାସୀ ବହୁଳ ମୟୂରଭଞ୍ଜ ଜିଲ୍ଲା ବାମନଘାଟୀ ଉପଖଣ୍ଡର ବିଶୋଇ, ବିଜାତଳା ଓ କୁସୁମୀ ବ୍ଲକର ସଂଯୋଗସ୍ଥଳରେ ରହିଛି ପ୍ରାକୃତିକ ସୌନ୍ଦର୍ଯ୍ୟରେ ପରିପୂର୍ଣ୍ଣ ସୁଲେଇପାଟ ଡ୍ୟାମ। ରାଇରଙ୍ଗପୁର ସହରରୁ ୨୦ କିମି ଦୂରରେ ରହି ଏହି ଡ୍ରାମ। ଉକାମ ଓ ଧୁସୁରା ପାହାଡ ମଧ୍ୟରେ ରହିଥିବା ସୁଲେଇପାଟ ଡ୍ୟାମରେ ଶିମିଳିପାଳରୁ ଆରମ୍ଭ ହୋଇଥିବା ଜଳସ୍ରୋତ ଖଡ଼ଖାଇ ନଦୀରେ ନାମିତ ହୋଇ ସୁଲେଇପାଟ ଡ୍ୟାମରେ ମିଶୁଥିବା ମନୋରମ ଦୃଶ୍ୟ ଦେଖିବାକୁ ମିଳିଥାଏ। ପ୍ରାକୃତିକ ସବୁଜିମା ସହ ବିଭିନ୍ନ ପ୍ରକାର ବନଜାତ ଫୁଲର ବାସ୍ନାରେ ସମଗ୍ର ଡ୍ୟାମ ଅଞ୍ଚଳ ମହକିଉଠିଛି। ଡ୍ୟାମ ଭିତରେ ବିଭିନ୍ନ ପ୍ରଜାତିର ପକ୍ଷୀଙ୍କ ଆଗମନ ହୋଇଛି; ଯାହା ଡ୍ୟାମର ସୌନ୍ଦର୍ଯ୍ୟକୁ ଦ୍ୱିଗୁଣିତ କରିଛି। ଏବେ ପିକନିକ ଋତୁ ଚାଲିଥିବାବେଳେ ବନ ବିଭାଗ ପକ୍ଷରୁ ପର୍ଯ୍ୟଟକଙ୍କ ନିମନ୍ତେ ବ୍ୟାପକ ପ୍ରସ୍ତୁତି କରାଯାଇଛି। ଚଳିତ ବର୍ଷ ସୁଲେଇପାଟ ଡ୍ୟାମରେ ଯନ୍ତ୍ର ଚାଳିତ ବୋଟ ବ୍ୟବସ୍ଥା କରାଯାଇଛି। ଗୋଟିଏ ବୋଟରେ ମୋଟ ୮ ଜଣ ବସି ପାଣିରେ ଭ୍ରମଣ କରିପାରିବେ ଏବଂ ନୌକା ଚାଳନର ଆନନ୍ଦ ଉପଭୋଗ କରିପାରିବେ। ସମ୍ପୃକ୍ତ ଅଞ୍ଚଳରେ ପ୍ରଦୂଷଣ ନିୟନ୍ତ୍ରଣ ପାଇଁ ପ୍ଲାଷ୍ଟିକ ବ୍ୟବହାର ଉପରେ ଲୋକଙ୍କୁ ସଚେତନ କରାଇବା ସହ କଟକଣା କରାଯାଇଛି। ବିଭିନ୍ନ ସ୍ଥାନରେ ପ୍ରଦୂଷଣ ମୁକ୍ତ କରିବା ସମ୍ପର୍କରେ ସଚେତନତା ବାର୍ତ୍ତା ପୋଷ୍ଟର ଲଗାଯାଇଛି। ତେବେ ଡ୍ୟାମ ଅଞ୍ଚଳରେ ଗମନାଗମନ ସହିତ ପାନୀୟ ଜଳ ସମସ୍ୟା ରହିଛି; ଯାହାକୁ ନେଇ ପ୍ରତିଦିନ ରାଜ୍ୟ ତଥା ରାଜ୍ୟ ବାହାରୁ ଆସୁଥିବା ପର୍ଯ୍ୟଟକ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଡ୍ୟାମର ଉନ୍ନତି ସହ ଏହାକୁ ପର୍ଯ୍ୟଟନସ୍ଥଳର ମାନ୍ୟତା ନିମନ୍ତେ ସାଧାରଣରେ ଦାବି ହେଉଛି।

ପ୍ରତିକ୍ରିୟା.....

ସୁଲେଇପାଟ ଆମ ଅଞ୍ଚଳର ଏକ ଆକର୍ଷଣୀୟ ପର୍ଯ୍ୟଟନସ୍ଥଳ। ହେଲେ ସରକାରୀସ୍ତରରେ ଏହାକୁ ପର୍ଯ୍ୟଟନ ସ୍ଥଳ ମାନ୍ୟତା ମିଳିନଥିବା ଦୁର୍ଭାଗ୍ୟପୂର୍ଣ୍ଣ। ସମ୍ପୃକ୍ତ ଅଂଚଳର ବିକାଶ ହେଲେ ପର୍ଯ୍ୟଟନ ଶିଳ୍ପକୁ ପ୍ରୋତ୍ସାହନ ମିଳିବ ଏବଂ ସ୍ଥାନୀୟ ଅଞ୍ଚଳର ଯୁବକମାନଙ୍କ ପାଇଁ ରୋଜଗାର ସୃଷ୍ଟି ହୋଇପାରିବ। **-ଇଶାନ ମିଶ୍ର, ରାଇରଙ୍ଗପୁର**

ପ୍ରତିବର୍ଷ ଏଠାକୁ ବିଭିନ୍ନ ଅଞ୍ଚଳରୁ ପର୍ଯ୍ୟଟକ ଆସିଥାନ୍ତି। ତେଣୁ ସୁଲେଇପାଟ ଡ୍ୟାମକୁ ସରକାର ପର୍ଯ୍ୟଟନ ସ୍ଥଳ ରୂପରେ ମାନ୍ୟତା ଦେବା ଆବଶ୍ୟକ ରହିଛି। ସେଥିରେ ଅଂଚଳର ବିକାଶ ହେବା ସହିତ ଲୋକମାନଙ୍କ ପାଇଁ ରୋଜଗାର ସୃଷ୍ଟି ହୋଇପାରିବ। ସୁଲେଇପାଟ ଡ୍ୟାମ ଅଞ୍ଚଳର ରାସ୍ତା ଉନ୍ନତିକରଣ ସହ ପାନୀୟ ଜଳର ବ୍ୟବସ୍ଥା କରିବା ଆବଶ୍ୟକ ରହିଛି। **-ହାଡ଼ିବନ୍ଧୁ ଟୁଡୁ, ବିଜାତଳା**

ଆଦିବାସୀ ବହୁଳ ଅଂଚଳରେ ସୁଲେଇପାଟ ଡ୍ୟାମ ଏକ ପର୍ଯ୍ୟଟନ ସ୍ଥଳ ରହିବା ସହ ଅଞ୍ଚଳର ଚାଷୀମାନଙ୍କ ପାଇଁ ଜଳର ଉତ୍ସ ରହିଛି। ସରକାର ଏହି ଅଞ୍ଚଳକୁ ପର୍ଯ୍ୟଟନସ୍ଥଳ ରୂପରେ ମାନ୍ୟତା ଦେବା ସହ ଏହାର ଉନ୍ନତିକରଣ କରିବା ଆବଶ୍ୟକ ରହିଛି। ଯଦ୍ୱାରା ପର୍ଯ୍ୟଟନ ଶିଳ୍ପକୁ ପ୍ରୋତ୍ସାହନ ମିଳିପାରିବ।
-ଆଖଣ୍ଡଳମଣି ମହାନ୍ତି, ବହଳଦା

ଦୁଇ ମାସ ବ୍ୟବଧାନରେ ଚାଲିଗଲେ ବାପ-ପୁଅ

ବେତନଟୀ,୧୬ ।୧୨(ସମିସ): ମାତ୍ର ଦୁଇମାସ ବ୍ୟବଧାନରେ ଆଗପଛ ହୋଇ ଆରପାରିକୁ ଚାଲିଗଲେ ବାପ-ପୁଅ। ଏହାକୁ ନେଇ ପରିବାର ନିର୍ବାକ ହୋଇଯାଇଛନ୍ତି। ଏଭଳି ଏକ ଦୁଖଦ ଘଟଣା ଦେଖିବାକୁ ମିଳିଛି ବେତନଟୀ ଥାନା ଅଧୀନ ଦାନ୍ତିଆମୁହାଁ ଗ୍ରାମରେ। ଆଇନଜୀବୀ ତଥା ଗେଡୁନନା ନାମରେ ବେଶ୍ ପରିଚିତ ପ୍ରଶାନ୍ତ ମିଶ୍ରଙ୍କ ଦୁଇମାସ ପୂର୍ବରୁ ଦେହାନ୍ତ ହୋଇଥିବାବେଳେ ଗୁରୁବାର ବିଳମ୍ବିତ ରାତିରେ ତାଙ୍କର ସାନପୁଅ ବିକାଶ(୩୫)ଙ୍କ ମଧ୍ୟ ଅକାଳ ବିୟୋଗ ହୋଇଛି। ମାତ୍ର ଦୁଇମାସ ବ୍ୟବଧାନରେ ବାପପୁଅଙ୍କ ମୃତ୍ୟୁ ହେବାକୁ ନେଇ ପରିବାରର ଧୈର୍ଯ୍ୟକୁ ଦୋହଲାଇ ଦେଇଛି। ବିକାଶଙ୍କ ବିୟୋଗରେ ସମାଜସେବୀ ହୋଁସଲା ପ୍ରସାଦ ଯାଦବଙ୍କ ସମେତ ସ୍ଥାନୀୟ ବ୍ୟକ୍ତିବିଶେଷ ଶେଷଦର୍ଶନ କରିବା ସହିତ ଶୋକବ୍ୟକ୍ତ କରିଛନ୍ତି। ସମ୍ପର୍କୀୟ ଭାଇ ମନୋଜ ମିଶ୍ର ମୁଖାଗ୍ନି ଦେଇଥିଲେ।

ଦଶମ ମୟୂରଭଞ୍ଜ ପୁସ୍ତକ ମେଳାର ଦ୍ୱିତୀୟ ଦିବସ

ବାରିପଦା,୧୬ ।୧୨(ସମିସ): ଦଶମ ମୟୂରଭଞ୍ଜ ପୁସ୍ତକମେଳା ଡିସେମ୍ବର ୧୫ ତାରିଖରେ ଆରମ୍ଭ ହୋଇଛି। ଏହି ମେଳାର ୨ୟ ଦିବସ ଛାତ୍ରଛାତ୍ରୀ ତଥା ଅଭିଭାବକଙ୍କ ଭିଡ଼ ପରିଲକ୍ଷିତ ହୋଇଥିଲା। ଅପରାହ୍ଣରେ ଛାତ୍ରଛାତ୍ରୀମାନଙ୍କ ପାଇଁ ଚିତ୍ରକଳା ଓ ବକ୍ତୃତା ପ୍ରତିଯୋଗିତା ଆୟୋଜିତ ହୋଇଥିଲା। ଶିକ୍ଷାବିତ୍ ହିମାଂଶୁ ଶେଖର ଦାସ, ଭାସ୍ୱତୀ ପଣ୍ଡା, ଡା ଦୀପଙ୍କର ମିଶ୍ର, ଅଜିତ ପାଣିଗ୍ରାହୀ, କୈବଲ୍ୟ ପ୍ରସାଦ ମହାପାତ୍ର, ବନମାଳୀ ପାତ୍ର ତଥା ଜୟନ୍ତ କୁମାର ଦ୍ୱାରା ପତ୍ରିଯୋଗିତା ପରିଚାଳନା କରିଥିଲେ। ସନ୍ଧ୍ୟାରେ ଆୟୋଜିତ ସାରସ୍ୱତ ଆସରଟି ପୁସ୍ତକମେଳାର ଉପସଭାପତି ଅଜିତ କୁମାର କବାଟଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବରେ ବର୍ଷିୟାନ ସାମ୍ବାଦିକ ଡ. ବିଜୟ ଅଗ୍ରୱାଲା ଯୋଗଦେଇ ପରବର୍ତ୍ତୀ ପିଢିଙ୍କୁ ପୁସ୍ତକ ପଠନ ପ୍ରତି ଆକୃଷ୍ଟ କରିବା ପାଇଁ ଉଦ୍ୟମ ହେବା ଆବଶ୍ୟକ ବୋଲି ମତପ୍ରକାଶ କରିଥିଲେ। ବିଶିଷ୍ଟ ଶିକ୍ଷାବିତ୍ ତଥା ପ୍ରାକ୍ତନ ଅଧ୍ୟକ୍ଷ ଡ. ତରୁଣ କୁମାର ଓଝା ମୁଖ୍ୟବକ୍ତା ଭାବରେ ଯୋଗ ଦେଇ ସାହିତ୍ୟ କ୍ଷେତ୍ରରେ ମୟୂରଭଞ୍ଜର ଅବଦାନ ସଂପର୍କରେ ଆଲୋକପାତ କରିଥିଲେ। ଡ. ଅସୀମା ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

ଭୋଳାଗଡିଆରେ ଧାନମଣ୍ଡି ଉଦ୍‌ଘାଟିତ

କୁଆମରା,୧୬ ।୧୨(ସମିସ): ଖୁଣ୍ଟା ବ୍ଲକ ସ୍ଥିତ ବାହାନଡା ଲ୍ୟାମ୍ପସ ଅଧୀନ ଭୋଳାଗଡିଆରେ ଧାନମଣ୍ଡି ଉଦଘାଟିତ ହୋଇଯାଇଛି। ପରିଚାଳନା ନିର୍ଦ୍ଦେଶିକା(ଏମଡି) ମଧୁସ୍ମିତା ଦେଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଉଦଘାଟନୀ ଉତ୍ସବରେ ଉଦଳା ଏଆରସିଏସ୍ ଶାଶ୍ୱତୀ ମହାନ୍ତି ମୁଖ୍ୟ ଅତିଥି ଭାବେ ଯୋଗଦେଇ ମଣ୍ଡିକୁ ଉଦଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଆରଏମସି ସଂପାଦକ କୀର୍ତ୍ତନ ଚନ୍ଦ୍ର ପାତ୍ର, ଏମଆଇ ଜୟନ୍ତୀ ମାଝୀ, ଏସଏଆର୍‌ଏସ୍ ବିଭୂତି ଭୂଷଣ ବେହେରା, ଲ୍ୟାମ୍ପସ ପରିଚାଳନା କମିଟିର ସଭାପତି ସମରାୟ ଟୁଡୁ, ସ୍ଥାନୀୟ ସରପଞ୍ଚ ନନ୍ଦକିଶୋର ହାଁସଦା, କୃଷି ଅଧିକାରୀ, ରାଜସ୍ୱ ନିରୀକ୍ଷକ ପ୍ରମୁଖ ଅତିଥିଭାବେ ଯୋଗଦେଇ ଥିଲେ। ଉଦଘାଟନୀ ଦିବସରେ ୫ ଜଣ ଚାଷୀଙ୍କଠାରୁ ୧୮୨ କ୍ୱିଣ୍ଟାଲ ଧାନ କିଣାଯାଇଛି। ଚଳିତ ବର୍ଷ ବାହାନଡା ଲ୍ୟାମ୍ପସର ଚାଷୀଙ୍କଠାରୁ ୭୭ ହଜାର କ୍ୱିଣ୍ଟାଲ ଧାନ କିଣାଯିବାର ଲକ୍ଷ୍ୟ ଧାର୍ଯ୍ୟ ରହିଛି ବୋଲି ଏମ୍‌ଡି କହିଛନ୍ତି।

'ଯୁବ ଓଡ଼ିଶା ନବୀନ ଓଡିଶା' କାର୍ଯ୍ୟକ୍ରମ ଉଦ୍‌ଯାପିତ



ଠାକୁରମୁଣ୍ଡା,୧୬ ।୧୨(ସମିସ): ଠାକୁରମୁଣ୍ଡା ମା' ବାସୁଲୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପରିସରରେ ଅୟୋଜିତ ହୋଇଥିବା ଯୁବ ଓଡିଶା, ନବୀନ ଓଡିଶା କାର୍ଯ୍ୟକ୍ରମ ଶନିବାର ଉଦ୍‌ଯାପିତ ହୋଇଯାଇଛି। କ୍ରୀଡା ଓ ସଂସ୍କୃତି ବିଭାଗ ଦ୍ୱାରା ସମନ୍ୱିତ ଯୁବ ଓଡିଶା ବିକାଶ କାର୍ଯ୍ୟକ୍ରମରେ କ୍ରୀଡା, ସାହିତ୍ୟ ଓ ସଂସ୍କୃତିକ ପ୍ରତିଯୋଗିତା ର ଅୟୋଜିତ ହୋଇଥିଲା। ଉଦଯାପନୀ ଦିବସରେ ବିଦ୍ୟାଳୟର ଭାରପ୍ରାପ୍ତ ଅଧ୍ୟକ୍ଷ ଡ. ଉପେନ୍ଦ୍ର ପ୍ରସାଦ ମହାନ୍ତିଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ ମହିଳା ଶିଶୁ ବିକାଶ ଓ ମିଶନ ଶକ୍ତି ମନ୍ତ୍ରୀ ବାସନ୍ତୀ ହେମ୍ବ୍ରମ, ମୁଖ୍ୟବକ୍ତା ଭାବରେ ରଘୁନାଥ ମହାବିଦ୍ୟାଳୟର ଅଧ୍ୟକ୍ଷ ଡଃ ଭାଗବତ ଲେଙ୍କା, ସମ୍ମାନିତ ଅତିଥି ଭାବେ ଠାକୁରମୁଣ୍ଡା ତହସିଲଦାର ସୁଶ୍ରୀ ସୁପ୍ରିୟା, ଜିଲ୍ଲା ପରିଷଦ ସଭ୍ୟ ପ୍ରହ୍ଲାଦ ମଢେଇ, ନୋଡାଲ ଅଫିସର ଅଧ୍ୟାପକ ଲଲାଟେନ୍ଦୁ ମହାନ୍ତ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା।

କ୍ରୀଡ଼ା ପ୍ରତିଯୋଗିତା ଉଦ୍‌ଘାଟିତ

କରଞ୍ଜିଆ,୧୬ ।୧୨(ସମିସ): କରଞ୍ଜିଆ ବ୍ଲକ ଓ ଏନଏସି ସ୍ତରୀୟ କ୍ରୀଡା ସମାରୋହ ଆଜି ଉଦଘାଟିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥିଭାବେ କରଞ୍ଜିଆ ବିଧାୟିକା ତଥା ମହିଳା ଓ ଶିଶୁ ବିକାଶ ଏବଂ ମିଶନ ଶକ୍ତିମନ୍ତ୍ରୀ ବାସନ୍ତୀ ହେମ୍ବ୍ରମ ଯୋଗଦେଇ କ୍ରୀଡା ଉତ୍ସବକୁ ଉଦଘାଟନ କରିଥିଲେ। ସମ୍ମାନିତ ଅତିଥିଭାବେ ବ୍ଲକ ଅଧ୍ୟକ୍ଷା ସୁଭଦ୍ରା ମାରାଣ୍ଡି, ଏନଏସିଅଧ୍ୟକ୍ଷା ପପିପୃଷ୍ଟି, ପିଏଆଇଟିଡସଏ ଦେବଜାନି ଭୂୟାଁ, ପାଞ୍ଚପିଢ଼ ଉପଜିଲ୍ଲାପାଳ ପ୍ରେମାଂଶୁ ଚାନ୍ଦ, କରଞ୍ଜିଆ ତହସିଲଦାର ଦିବାକର ମାଝୀ, କରଞ୍ଜିଆ ଏସଡିପିଓ ସୁବ୍ରତ କୁମାର ପ୍ରମୁଖ ଯୋଗ ଦେଇ ଯୁବପିଢ଼ିଙ୍କୁ

ଉତ୍ସାହିତ କରିଥିଲେ। ଏହି ଅବସରରେ ୩ଟି ସ୍ଥାନରେ ଖେଳ ଅନୁଷ୍ଠିତ ହୋଇଥିଲା। ସମସ୍ତ ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ନିମନ୍ତେ ହକି, ଫୁଟବଲ, ଭଲିବଲ, ଖୋ - ଖୋ, କବାଡି ଓ କ୍ରିକେଟ ଖେଳ ଆୟୋଜନ କରାଯାଇଥିଲା। ବିଡିଓ ସୁଶାନ୍ତ କୁମାର ସୂତାର ସଭାପତିତ୍ୱ କରିଥିଲେ। ସନ୍ତୋଷ କୁମାର ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ।

ଜିଲ୍ଲାସ୍ତରୀୟ କୃଷି ଯନ୍ତ୍ରପାତି ମେଳା ଉଦ୍‌ଯାପିତ

୩ କୋଟିରୁ ଊର୍ଦ୍ଧ୍ୱ ଟଙ୍କାର କୃଷି ଯନ୍ତ୍ରପାତି ବିକ୍ରି

ବାରିପଦା, ୧୬ ।୧୨(ସମିସ)

ରାଜ୍ୟ କୃଷି ଏବଂ କୃଷି ସଶକ୍ତିକରଣ ବିଭାଗ ଆନୁକୂଲ୍ୟରେ ୫ ଦିନ ଧରି ଛଉପଡିଆରେ ଚାଲିଥିବା ଜିଲ୍ଲାସ୍ତରୀୟ କୃଷି ଯନ୍ତ୍ରପାତି ମେଳା ଶନିବାର ଉଦଯାପିତ ହୋଇଯାଇଛି। ଉଦଯାପନୀ କାର୍ଯ୍ୟକ୍ରମରେ ଅତିଥି ଭାବେ ଜିଲ୍ଲା ପରିଷଦ ଅଧ୍ୟକ୍ଷା ଭାରତୀ ହାଁସଦା, ଜିଲ୍ଲା ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଅଧ୍ୟକ୍ଷ ଡା ଦେବାଶିଷ ମାରାଣ୍ଡି, ମୋରଡ଼ା ବିଧାୟକ ରାଜକିଶୋର ଦାଶ, ବାରିପଦା ବିଧାୟକ ପ୍ରକାଶ ସରେନ, ରାଜ୍ୟ କୃଷି ଶିଳ୍ପ ନିଗମ ଅଧ୍ୟକ୍ଷ ଦେବାଶିଷ ମହାନ୍ତି, କୃଷି ବିଜ୍ଞାନ କେନ୍ଦ୍ରର ମୁଖ୍ୟ ବୈଜ୍ଞାନିକ ସଙ୍ଘମିତ୍ରା ପଟ୍ଟନାୟକ, କୃଷି ବୈଜ୍ଞାନିକ ଡ. ଦୀପକ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ଦେଖାଇଥିବା

ଅଗ୍ରଣୀ ଚାଷୀ ଏବଂ ସ୍ୱୟଂ ସହାୟକ ଗୋଷ୍ଠୀକୁ ସମ୍ମାନିତ କରାଯାଇଥିଲା। ଗତ ୧୨ରୁ ଅନୁଷ୍ଠିତ ହେଉଥିବା ମେଳାରେ ଜିଲ୍ଲାର ସମସ୍ତ ବ୍ଲକର କୃଷକ ଯୋଗ ଦେଇଥିଲେ। ମେଳାରେ କୃଷି ସମ୍ବନ୍ଧୀୟ ଅତ୍ୟାଧୁନିକ ଯନ୍ତ୍ରପାତି ପାଇଁ ପ୍ରଦର୍ଶନୀ ଷ୍ଟଲର ବ୍ୟବସ୍ଥା କରାଯାଇଥିଲା। କୃଷି, ଉଦ୍ୟାନ କୃଷି, ମୃତ୍ତିକା ସଂରକ୍ଷଣ, ମତ୍ସ୍ୟ, ପ୍ରାଣୀ ସମ୍ପଦ, ଆନ୍ତର୍ଜାତିକ ଧାନ ଗବେଷଣା ଅନୁଷ୍ଠାନ, ଓଡିଶା ମିଲେଟ ମିଶନ, ଉଠା ଜଳସେଚନ, ଓରମାସ, ସ୍ୱୟଂ ସହାୟକ ଗୋଷ୍ଠୀ, ଓଡିଶା କୃଷି ଶିଳ୍ପ ନିଗମ, କୃଷି ଯନ୍ତ୍ରପାତି ବିକ୍ରୟ କରୁଥିବା ଡିଲର ପ୍ରମୁଖ ଅଂଶଗ୍ରହଣ କରିଥିଲେ। ଉଦଯାପନୀ କାର୍ଯ୍ୟକ୍ରମରେ ଅମଳ ତଥା ଅମଳ ବୃଦ୍ଧି ନିମନ୍ତେ ଉନ୍ନତ ଯାନ୍ତ୍ରିକକରଣ ବ୍ୟବସ୍ଥା ତଥା ଏଥିରେ ଚାଷୀଙ୍କ ଭୂମିକା ସଂପର୍କରେ ଅତିଥିମାନେ ଆଲୋକପାତ କରିଥିଲେ। ମେଳାରେ ୧୫୦୦ରୁ ଊର୍ଦ୍ଧ୍ୱର୍ ଚାଷୀ ତାଲିମ ପାଇବା ସହିତ ୧୦୦୦ରୁ ଅଧିକ ଚାଷୀ ସିଧାସଳଖ ରିହାତି ମୂଲ୍ୟରେ ଯନ୍ତ୍ରପାତି କିଣିଥିଲେ। ମେଳାରେ ୬୦ଟି ଷ୍ଟଲ ପ୍ରଦର୍ଶିତ ହୋଇଥିଲା। ଚାଷୀ ମାନଙ୍କୁ ଅତ୍ୟାଧୁନିକ କୃଷି ଯନ୍ତ୍ରପାତି ସମେତ ଟ୍ରାକ୍ଟର, ପାୱାର ଟ୍ରିଲର ଆଦି ରାଜ୍ୟ ସରକାରଙ୍କ ପକ୍ଷରୁ ପ୍ରଦତ୍ତ ସରକାରୀ ରିହାତି ମୂଲ୍ୟରେ ପ୍ରଦାନ କରାଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ମୁଖ୍ୟ ଜିଲ୍ଲା କୃଷି ଅଧିକାରୀ ତରୁଣ ଛୋଟରାୟ ସଭାପତିତ୍ୱ କରିଥିଲେ। ନିର୍ବାହୀ ଯନ୍ତ୍ରୀ ଶ୍ରୀନିବାସ ପୃଷ୍ଟି ଧନ୍ୟବାଦ ଅର୍ପଣ କରିଥିଲେ। କୃଷି ବିଭାଗର ଅଧିକାରୀ ଏବଂ କର୍ମଚାରୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଚଳିତ କୃଷି ଯନ୍ତ୍ରପାତି ମେଳାରେ ସମୁଦାୟ ୩ କୋଟିରୁ ଊର୍ଦ୍ଧ୍ୱର୍ ଟଙ୍କାର ଯନ୍ତ୍ରପାତି ବିକ୍ରି ହୋଇଥିବା ଜଣାପଡିଛି।

କୁକୁଡ଼ାପଡ଼ାରେ ପୁଲିସର ଚଢଉ: ୩ ଗିରଫ

କରଞ୍ଜିଆ,୧୬ ।୧୨(ସମିସ): କରଞ୍ଜିଆ ପୁଲିସ ଆଜି ତାଟୋ ସାପ୍ତାହିକ ହାଟ ଉପରେ ଚଢ଼ଉ କରି କୁକୁଡ଼ା ପଡ଼ାରେ କୁକୁଡ଼ା ଲଢେଇ ହେଉଥିବାବେଳେ ୩ ଜଣଙ୍କୁ ଗିରଫ କରିଛି। ସେମାନଙ୍କଠାରୁ ୨୦୪ଟି କାତି, ୪ଟି ଗଞ୍ଜା, ୧୮ ବଣ୍ଡଲ ସୂତା ଆଦି ଜବତ କରିଛି ପୁଲିସ। ଏ.ଏସ.ଆଇ. ପି.କେ. ବଳ ଆଜି ତାଟୋରେ ପାଟ୍ରୋଲିଂ କରୁଥିବାବେଳେ ହାଟ ନିକଟରେ କୁକୁଡ଼ା ପଡ଼ାରେ କୁକୁଡ଼ା ଲଢେଇ ହେଉଥିବା ଖବର ପାଇଥିଲେ। ପରେ ସେ ପହଞ୍ଚି ରଘୁ ଟୁଡୁ, ଲକ୍ଷ୍ମୀଧର ମହାନ୍ତ, ଗୁରୁବାର ଟୁଡୁ ଗିରଫ କରିଥିଲେ।

ଜଙ୍ଗଲରୁ ଦୁଇ ମୃତ ବଳଦ ଉଦ୍ଧାର

କେନ୍ଦୁଝୁଆଣି,୧୬ ।୧୨(ସମିସ): କରଞ୍ଜିଆ-ଠାକୁରମୁଣ୍ଡା ରାସ୍ତାର କେନ୍ଦୁଜିଆଣୀ ନିକଟ ଖଜୁରୀପଡାର ସୁନାପୋଷି ଜଙ୍ଗଲରେ କେହି ଦୁର୍ବୃତ୍ତ ଦୁଇଟି ବଳଦକୁ ମୃତ ଅବସ୍ଥାରେ ପକାଇ ପଳାଇ ଯାଇଛି। ଆଜି ଜଣେ ଠିକାଦାର ସୁନାରିପୋଷି ଜଙ୍ଗଲକୁ କୌଣସି କାମରେ ଯାଇଥିବା ବେଳେ ସେଠାରେ ଉତ୍କଟ ଦୁର୍ଗନ୍ଧ ହେଉଥିବାର ଜାଣିବାକୁ ପାଇଥିଲେ। ପରେ ସେ ଜଙ୍ଗଲରେ ଦୁଇଟି ବଳଦ ମରିପଡିଥିବା ଦେଖିଥିଲେ। ଏ ନେଇ ସେ ଗ୍ରାମବାସୀଙ୍କୁ ଅବଗତ କରିବା ସହିତ ପଚାରି ବୁଝିଥିଲେ। ଏହି ରାସ୍ତାଦେଇ ଦୈନିକ ପିକ ଅପଭ୍ୟାନରେ ଅତି ବିପଜ୍ଜନକ ଭାବେ ଅତ୍ୟଧିକ ଗୋରୁ ବୋଝେଇ କରି ନିଆଯାଉଛି। ଚାଲାଣ ବେଳେ ଗୋରୁର ମୃତ୍ୟୁ ହେଲେ ଏଠାରେ ଫିଙ୍ଗି ଦିଆଯାଉଛି ବୋଲି ଗ୍ରାମବାସୀ ପ୍ରକାଶ କରିଛନ୍ତି। ପରେ ଗ୍ରାମବାସୀଙ୍କ ସହଯୋଗରେ ସତ୍କାର କରାଯାଇଥିଲା।

ପଣ୍ଡିଚେରୀରେ ଓଡିଆ ଯୁବକଙ୍କ ମୃତ୍ୟୁ

କୁଆମରା,୧୬ ।୧୨(ସମିସ): ଖୁଣ୍ଟା ବ୍ଲକ ଧାନଘେରା ପଞ୍ଚାୟତ ହରିଶୋଳ ଗ୍ରାମ ହାତାସାହିର ଜଣେ ଯୁବକଙ୍କ ପଣ୍ଡିଚେରୀରେ ଅକାଳ ମୃତ୍ୟୁ ଘଟିଛି। ମୃତକ ହେଉଛନ୍ତି ଦୁର୍ଗା ହାଁସଦା (୨୨)। ବର୍ଷକ ତଳେ ଦୁର୍ଗା କାମ ଅନ୍ୱେଷଣରେ ପଣ୍ଡିଚେରୀ ଯାଇଥିଲେ। ସେଠାରେ ସେ ଶ୍ରମିକ ଭାବେ କାମ କରୁଥିବା ବେଳେ ଗତ ୧୧ ତାରିଖରେ ଛାତରୁ ଖସି ପଡି ଗୁରୁତର ହୋଇ ପଡିଥିଲେ। ଚିକିତ୍ସା ନିମନ୍ତେ ତାଙ୍କୁ ସ୍ଥାନୀୟ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିବା ବେଳେ ଚିକିତ୍ସାଧିନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଛି। ପରିବାର ଲୋକେ ଖବର ପାଇ ସେଠାରୁ ମୃତଦେହ ଧରି ଶୁକ୍ରବାର ରାତିରେ ଗ୍ରାମରେ ପହଞ୍ଚିବା ପରେ ଶୋକାକୁଳ ପରିବେଶ ସୃଷ୍ଟି କରିଛି। ଆଜି ମଧ୍ୟାହ୍ନରେ ତାଙ୍କର ଶେଷ କୃତ୍ୟ ସମ୍ପନ୍ନ ହୋଇଛି। ରୋଜଗାରିଆ ପୁଅକୁ ହରାଇ ବାପା ପୂର୍ଣ୍ଣଚନ୍ଦ୍ର ମର୍ମାହତ ହୋଇ ପଡିଛନ୍ତି।

ମହୁଲିମଦ ଜବତ; ଜଣେ ଗିରଫ

ଠାକୁରମୁଣ୍ଡା, ୧୬ ।୧୨(ସମିସ): ସାପ୍ତାହିକ ହାଟରେ ଚୋରାରେ ମହୁଲିମଦ ବିକ୍ରି କରୁଥିବା ଖବର ପାଇ ଠାକୁରମୁଣ୍ଡା ଥାନା ପୁଲିସ ଶୁକ୍ରବାର ଅପରାହ୍ନରେ ଚଢ଼ଉ କରି ମହୁଲି ମଦ ଜବତ କରିବା ସହ ଘଟଣାରେ ସଂପୃକ୍ତ ଥିବା ଜଣକୁ ଗିରଫ କରାଯାଇଛି। ସୂଚନା ଅନୁଯାୟୀ ଠାକୁରମୁଣ୍ଡା ଥାନା ଓଆଇସି ସାବିତ୍ରୀ ଦଳେଇଙ୍କ ନେତୃତ୍ୱରେ ଠାକୁରମୁଣ୍ଡା ପୁଲିସ ଖଣ୍ଡବନ୍ଧ ଗ୍ରାମପଞ୍ଚାୟତ ରାଇପଦା ହାଟରେ ଚଢ଼ଉ କରିଥିଲେ। ହାଟ ଭିତରେ ରାମଚନ୍ଦ୍ର ସୋରେନ ମହୁଲି ମଦ ବିକ୍ରି କରୁଥିବା ସମୟରେ ପ

୨୧ ଦିନରେ ଶିମିଳିପାଳ ରାସ୍ତାରୋକ ଆନ୍ଦୋଳନ

ପ୍ରଶାସନ ପକ୍ଷରୁ ସମାଧାନ ବୈଠକ ବିଫଳ

ଯଶିପୁର, ୧୬।୧୨ (ସମିସ):ମୟୂରଭଞ୍ଜ ଜିଲ୍ଲାପାଳଙ୍କ ନିର୍ଦ୍ଦେଶ ଅନୁଯାୟୀ ଶିମିଳିପାଳ ରାସ୍ତାରୋକ ସମାଧାନ ପାଇଁ ଆଜି ଉପଜିଲ୍ଲାପାଳଙ୍କ ଆହ୍ୱାନରେ ଯଶିପୁର ବ୍ଲକ ସଭାଗୃହରେ ଆହୂତ ସମାଧାନ ବୈଠକ ବିଫଳ ହୋଇଛି। ବୈଠକ ପରେ ଶିମିଳିପାଳର ନିର୍ବାଚିତ ଜନପ୍ରତିନିଧି ମଣ୍ଡଳୀ ଓ ଶିମିଳିପାଳ ବିକାଶ ପରିଷଦ ପକ୍ଷରୁ ରାସ୍ତାରୋକ ଆନ୍ଦୋଳନ ଦାବି ପୂରଣ ନ ହେବା ପର୍ଯ୍ୟନ୍ତ ଚାଲିବ ବୋଲି ଚେତାବନୀ ଦିଆଯାଇଛି। ଉପଜିଲ୍ଲାପାଳ ପ୍ରେମାଂଶୁ ଚାନ୍ଦଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଯଶିପୁର ତହସିଲଦାର କ୍ରେସେନସିଆ ତିର୍କୀ, ବିଡ଼ିଓ ସତ୍ୟାନନ୍ଦ ଦାଶ, ଏସଡିପିଓ ସୁବ୍ରତ କୁମାର, ଥାନାଧିକାରୀ ସଂଯୁକ୍ତା ମହାଳିକ, ଏସିଏଫ ନିକେଶ ମହାପାତ୍ର ପ୍ରମୁଖ ଯୋଗ ଦେଇଥିଲେ। ବୈଠକରେ ଶିମିଳିପାଳର ଆଦିବାସୀ ଜନଜାତି ୩ ପଞ୍ଚାୟତ ଗୁଡଗୁଡ଼ିଆ ସରପଞ୍ଚ ପଦ୍ମିନୀ ନାଏକ, ସମିତି ସଭ୍ୟା ଜ୍ୟୋତ୍ସ୍ନାମୟୀ ନାଏକ, ବରେହିପାଣି ସରପଞ୍ଚ ପାର୍ବତୀ ଆଲଡା, ସମିତି ସଭ୍ୟ ଜୁଝାର ବାନସିଂ, ଅସ୍ତକୁଅଁର ସରପଞ୍ଚ ପ୍ୟାରୀ ଟୁଟି, ସମିତି ସଭ୍ୟ ମଙ୍ଗଳ ସିଂ ବିରୁଆଙ୍କ ସମେତ ୱାର୍ଡ ସଭ୍ୟସଭ୍ୟା, ବିଶିଷ୍ଟ ବ୍ୟକ୍ତି, ସାମ୍ବାଦିକ ଉପସ୍ଥିତ ଥିଲେ। ଅକ୍ଟୋବର ୧୪ ତାରିଖରୁ ପର୍ଯ୍ୟଟନ ଆରମ୍ଭ ହେଉଥିବା ପୂର୍ବଦିନ ଶିମିଳିପାଳର ପ୍ରବେଶ ଗେଟ କାଳିକାପ୍ରସାଦଠାରେ ୩ ପଞ୍ଚାୟତର ୫ଶହରୁ ଅଧିକ ବାସିନ୍ଦା ଧାରଣାରେ ବସିଥିଲେ। କାଳିକାପ୍ରସାଦ ଠାରୁ ଶିମିଳିପାଳର ଶେଷ ସୀମାନ୍ତ ଜନବସତି ଥିବା ଗାଁ ଗଡ଼ଶିମିଳିପାଳ ପର୍ଯ୍ୟନ୍ତ ରାସ୍ତା ମରାମତି, ଡ୍ରେନ ନିର୍ମାଣ ସହିତ ୫ ଦଫା ଦାବି ବ୍ୟାଘ୍ର ପ୍ରକଳ୍ପ ଅଧିକାରୀଙ୍କ ଦୃଷ୍ଟିକୁ ଆଣି ଦାବିପତ୍ର ଦେଇଥିଲେ। ଉପନିର୍ଦ୍ଦେଶକ ସାଇ କିରନ ଡିଏନ. ଆନ୍ଦୋଳନକାରୀଙ୍କୁ ବୁଝାସୁଝା କରି ଶିମିଳିପାଳରେ ପରିବ୍ୟାପ୍ତ ୧୨୫ କିମି ରାସ୍ତା ମରାମତି ପାଇଁ ନିଷ୍ପତ୍ତି ହୋଇଥିବା ଘୋଷଣା କରିଥିଲେ। ରାସ୍ତା ମରାମତି ବେଳେ ଖାଲଖମା ରାସ୍ତାରେ ୬ ଇଞ୍ଚ ବହଳର ମୋରମ ବିଛାଯିବ ବୋଲି କହିଥିଲେ। ସରକାରୀ ଭାବେ ପ୍ରତି କିମି ପିଛା ୬୯ ହଜାର ଟଙ୍କା ମଂଜୁର କରାଯାଇଛି ବୋଲି କହିବା ପରେ ଧାରଣା ପ୍ରତ୍ୟାହାର ଘୋଷଣା କରାଯାଇଥିଲା। ଏହି ଧାରଣା ପରେ କାଳିକାପ୍ରସାଦ ଗେଟ ଠାରୁ ମାତ୍ର ୬ କିମି ରାସ୍ତା ଅଳ୍ପ ମାଟିମୋରମ ପକାଯାଇ ଆଉ କୌଣସି ଜାଗାରେ କାମ ନହେବାରୁ ଦେଢ଼ ମାସ ପରେ ଗତ ମାସ ୨୫ ତାରିଖରୁ ବରେହିପାଣି ସମେତ ୪ଟି ପ୍ରମୁଖ ସ୍ଥାନରେ ରାସ୍ତାରୋକ ଆରମ୍ଭ ହୋଇ ଡିସେମ୍ବର ୧ ତାରିଖରେ ବରେହିପାଣିର ଚହଲା ଛକରେ ବିକାଶ ପରିଷଦ ପକ୍ଷରୁ ଉପନିର୍ଦ୍ଦେଶକଙ୍କ ସମେତ ବହୁ ବିଭାଗୀୟ ଅଧିକାରୀଙ୍କ ଉପସ୍ଥିତିରେ ସମାଧାନ ସଭା ହୋଇଥିଲା। ଉପନିର୍ଦ୍ଦେଶକଙ୍କ ପ୍ରତିଶ୍ରୁତିରେ ବାସିନ୍ଦାମାନେ ତୀବ୍ର ଅସନ୍ତୋଷ ପ୍ରକାଶ କରି ଆନ୍ଦୋଳନ ଜାରି ରହିବ ବୋଲି ଘୋଷଣା କରିଥିଲେ। ବାଧ ହୋଇ ମରାମତି କାର୍ଯ୍ୟ ଆରମ୍ଭ ହେବ ବୋଲି ସାଇ କିରନ ଡିଏନ ଘୋଷଣା କରିଥିଲେ। ପରେ ୨/୩ ଦିନ କାମ କରାଯାଇ ବରେହିପାଣିର ଉସକୀ, ବିଲାପଘା, କୋହ୍ଲା, ବାରସିଆ ଆଦି ସ୍ଥାନରେ ରାସ୍ତା କାମ ନାମକୁ ମାତ୍ର କରାଯାଇ ସମ୍ପୂର୍ଣ୍ଣ ବନ୍ଦ କରି ଦିଆଯାଇଛି। ବୈଠକରେ ଜନ ପ୍ରତିନିଧି ଓ ନେତୃସ୍ଥାନୀୟ ଗୋଷ୍ଠୀଙ୍କ ମଧ୍ୟରେ ଜଗବନ୍ଧୁ ଆଲଡା, ନବ ମାଝୀ, ରଥନାଏକ, ଜେଣ୍ଡ ତିରିଆ, ସୋମା ସିନ୍ଧୁ, ସୋନିଆ ହୋ, ଶାନ୍ତିଲତା ନାଏକ, ନୀତିମା ବାନରା, ସୂର୍ଯ୍ୟମଣି ପୂର୍ତ୍ତୀ, କେରସେ ବାନରା ପ୍ରମୁଖ ଉପସ୍ଥିତ ଥିଲେ।

'ନୂଆ-ଓ' ସାଂସ୍କୃତିକ କାର୍ଯ୍ୟକ୍ରମ ଉଦ୍‌ଯାପିତ

ଉଦଳା,୧୬।୧୨(ସମିସ): ଉଦଳା ମହାବିଦ୍ୟାଳୟ ଓ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ପୃଥକଭାବେ 'ନୂଆ।ଓ' ଓ ନବୀନ ଓଡ଼ିଶା, ଯୁବ ଓଡ଼ିଶାର ସାଂସ୍କୃତିକ କାର୍ଯ୍ୟକ୍ରମ ଉଦ୍‌ଘାଟିତ ହୋଇଯାଇଛି। ପୂର୍ବ ପ୍ରସ୍ତୁତି ଅନୁସାରେ ଗତ ୧୨ ତାରିଖରେ ଉଦଳା ମହାବିଦ୍ୟାଳୟର ଅଧ୍ୟକ୍ଷ ଡ. ଯତୀନ କୁମାର ମହାକୁଡ଼ ଦୁଇଟିଯାକ କାର୍ଯ୍ୟକ୍ରମମୁ ଉଦଘାଟନ କରିଥିଲେ। ଉଦ୍‌ଘାଟନ ପରେ ନୋଡ଼ାଲ ଅଫିସର ତଥା ବରିଷ୍ଠ ପ୍ରାଧ୍ୟାପକ ଡ. ଆଲୋକ ରଞ୍ଜନ ପ୍ରଧାନ କାର୍ଯ୍ୟକ୍ରମ ଆଭିମୁଖ୍ୟ ସମ୍ପର୍କରେ ସମସ୍ତଙ୍କୁ ସୂଚନା ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଉଦଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଉକ୍ତ କାର୍ଯ୍ୟକ୍ରମର ନୋ?ାଲ ଅଫିସର ହରିଶ ପଣ୍ଡା, ବରିଷ୍ଠ ପ୍ରାଧ୍ୟାପକ ?କ୍ଟର ପ୍ରଭାକର ସାହୁ, ସୌମେନ୍ଦ୍ର ଦାଶ, ଡକ୍ଟର ସତ୍ୟଶ୍ରୀ ମହାନ୍ତି, ସୁଧା ସାବିତ୍ରୀ ପଣ୍ଡା ମଞ୍ଚାସୀନ ବକ୍ତବ୍ୟ ପ୍ରଦାନ କରିଥିଲେ। ତୃତୀୟ ଦିନରେ ଫେସନ ଶୋ, ଡ୍ରାମା, ଷ୍ଟାଣ୍ଡଅପ କମେଡି ଏବଂ ଗ୍ରୁପ ଡ୍ୟାନ୍ସ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଉଦ୍‌ଯାପନ ଦିବସରେ ଅଧ୍ୟକ୍ଷ ଶ୍ରୀ ମହାକୁଡ଼ କର୍ମଚାରୀଙ୍କ ସହଯୋଗ ଯୋଗୁ ଏହି କାର୍ଯ୍ୟକ୍ରମ ସଫଳ ହୋଇପାରିଛି ବୋଲି କହିଥିଲେ। ମଧୁସୂଦନ ମୁର୍ମୁ, ପ୍ରଦ୍ୟୁମ୍ନ କୁମାର ପାତ୍ର, ଅନିତା ଦଳେଇ, ଭୀମ ସୋରେନ, ଦିଲ୍ଲୀପ ପାଟଯୋଶୀ, ହେଲିନା ଦାସ, ଗଜେନ୍ଦ୍ର ହାଁସଦା, ବିକ୍ରମ କେଶରୀ ମହାପାତ୍ର, ମିନାକ୍ଷୀ ପରିଡ଼ା, ରେହେନା ସୁଲତାନା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

କରଞ୍ଜିଆ କଲେଜରେ ସାମାଜିକ ସଚେତନତା କାର୍ଯ୍ୟକ୍ରମ

କରଞ୍ଜିଆ,୧୬।୧୨(ସମିସ): କରଞ୍ଜିଆ ସ୍ୱୟଂଶାସିତ ମହାବିଦ୍ୟାଳୟରେ ଚାଲୁଥିବା ନୂଆ-ଓ କାର୍ଯ୍ୟକ୍ରମରେ ସାମାଜିକ ସଚେତନ ସଂକ୍ରାନ୍ତ ଡାହାଣୀ, ଅନ୍ଧବିଶ୍ୱାସ ଓ କୁସଂସ୍କାର ଉପରେ ସଚେତନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କରଞ୍ଜିଆ ବ୍ଲକର ଉପାନ୍ତ ଅଞ୍ଚଳରେ ପଥପ୍ରାନ୍ତ ନାଟକ ମାଧ୍ୟମରେ ସମାଜରୁ ଅନ୍ଧବିଶ୍ୱାସ ଓ କୁସଂସ୍କାର ଦୂର କରିବାକୁ ସଚେତନ କରିଥିଲେ। ଏହି କାର୍ଯ୍ୟକ୍ରମରେ ଏକ ରଥ ବୁଲିବା ସହିତ ଛାତ୍ରଛାତ୍ରୀଙ୍କ ଦ୍ୱାରା ପଥପ୍ରାନ୍ତ ନାଟକ ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ଅଧ୍ୟାପକ ସଞ୍ଜୟ ମୁଣ୍ଡା, ସିପୁନ କୁମାର ଦାସ, ପ୍ରଣେତା କୁଆଁର, ସ୍ୱର୍ଣ୍ଣମୟୀ ବେହେରା, ଓ ସ୍ୱେଚ୍ଛାସେବୀ ସୁନିଲ, ରୋଶନ, ସିପୁନ, ଲିପ୍ସା ଓ ସୋନାଲି ଅଭିନୟ କରିଥିଲେ।

ହିନ୍ଦୀ ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ

କରଞ୍ଜିଆ,୧୬।୧୨(ସମିସ): ହିନ୍ଦୀ ଶିକ୍ଷା ନବୀକରଣ ପାଠ୍ୟକ୍ରମ ଯୋଜନାରେ ରଶମତଳା ସରକାରୀ ଉଚ୍ଚ ବିଦ୍ୟାଳୟଠାରେ ଆୟୋଜିତ ୧୨ଦିନିଆ ପ୍ରଶିକ୍ଷଣ ଶିବିର ଗତକାଲି ଉଦ୍‌ଯାପିତ ହୋଇଯାଇଛି। ଏହି ଶିବିରକୁ ଆଞ୍ଚଳିକ ନିର୍ଦ୍ଦେଶକ ଦା. ରଞ୍ଜନ କୁମାର ଦାସ ଉଦଘାଟନ କରିଥିଲେ। ଦା. ଚନ୍ଦ୍ର ପ୍ରତାପ ସିଂ ଓ ଦା. ଦାସ ପାଞ୍ଚପୀର ଅଞ୍ଚଳର ୭୭ ହିନ୍ଦୀ ଶିକ୍ଷକଙ୍କୁ ବିଶେଷ ଭାବରେ ତାଲିମ ପ୍ରଦାନ କରିଥିଲେ। ଉଦଯାପନୀ ଦିବସରେ ଶିକ୍ଷକ ବିଦାୟୀ ସମ୍ମାନ ସମାରୋହ ଉତ୍ସବ ପାଳିତ ହୋଇଥିଲା। ପ୍ରଧାନ ଶିକ୍ଷକ ବିଜୟ କୁମାର ବେହେରାଙ୍କ ସଭାପତିତ୍ୱରେ ଆୟୋଜିତ ଏହି ସମାରୋହକୁ ବିଇଓ ନିରଞ୍ଜନ ଦଳେଇ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଉଦଘାଟନ କରିଥିଲେ। ଦ ଦା. ପ୍ରତାପ ଚନ୍ଦ୍ର ସିଂ ମୁଖ୍ୟ ବକ୍ତା, ସାମ୍ବାଦିକ ଉମାଶଙ୍କର ଦାସ ଓ ଦା. ରଞ୍ଜନ କୁମାର ଦାସ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ଶିକ୍ଷକ ଓ ଶିକ୍ଷୟିତ୍ରୀଙ୍କୁ ଉଦବୋଧନ ଦେଇଥିଲେ। ପ୍ରଧାନ ଶିକ୍ଷକ ଶ୍ରୀ ବେହେରା ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ଦେଇଥିଲେ। ବିନୋଦ ବିହାରୀ ମହାନ୍ତ ଉତ୍ସବ ସଂଚାଳନ କରିଥିଲେ। ଏହି ଅବସରରେ କୃତୀ ଶିକ୍ଷକ ଶିକ୍ଷୟିତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା। ଶେଷରେ ମହମ୍ମଦ ସାହାବୁଦ୍ଦିନ ଆନସାରୀ ଧନ୍ୟବାଦ ଅର୍ପଣ କରିଥିଲେ।

ଶିଶୁ ବିଦ୍ୟାମନ୍ଦିରରେ ବାର୍ଷିକ କ୍ରୀଡା ଉଦ୍‌ଘାଟିତ

ଶୁକୃଳି, ୧୬।୧୨(ସମିସ): ଶୁକୃଳି ବ୍ଲକ ଅନ୍ତର୍ଗତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ରେ ବାର୍ଷିକ କ୍ରୀଡା ଉଦ୍‌ଘାଟିତ ହୋଇଯାଇଛି। ଏଥିରେ ଶୁକୃଳି ସରକାରୀ ହାଇସ୍କୁଲ କ୍ରୀଡା ଶିକ୍ଷକ ନୀଳକଣ୍ଠ ନାଏକ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ପ୍ରଧାନ ଆଚାର୍ଯ୍ୟ ଅରବିନ୍ଦ ମହାକୁଡ଼ ଓ ବିଦ୍ୟାଳୟର ସମସ୍ତ ଗୁରୁଜୀ, ଗୁରୁମା, ସେବକ ଓ ସେବିକାଙ୍କ ସହଯୋଗରେ କ୍ରୀଡା ଉତ୍ସବ ଚିତ୍ତାକର୍ଷକ ହୋଇପାରିଥିଲା। ଏଥିରେ ମୋଟ ୫୧୨ ଜଣ ଖେଳାଳି ଯୋଗ ଦେଇଥିଲେ। ଉଦ୍‌ଯାପନ ଉତ୍ସବରେ ଅବସରପ୍ରାପ୍ତ କ୍ରୀଡା ଶିକ୍ଷକ ରମାକାନ୍ତ ଗିରି ଯୋଗଦେଇ ପତାକା ଅବତରଣ କରିବା ସଙ୍ଗେ ସଙ୍ଗେ କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରିଥିଲେ। ଶେଷରେ ପରିଚାଳନା ସମିତି ସଭାପତି ଧନ୍ୟବାଦ ଅର୍ପଣ କରିଥିଲେ।

ଗରିବଙ୍କୁ 'ଆବାସ' ସ୍ୱପ୍ନ; ଭଙ୍ଗା ଚାଳଘରେ ବିତୁଛି ଜୀବନ

ଠାକୁରମୁଣ୍ଡା,୧୬।୧୨(ସମିସ): ମୟୂରଭଂଜ ଜିଲ୍ଲା ଠାକୁରମୁଣ୍ଡା ବ୍ଲକରେ ଗରିବଙ୍କ ପାଇଁ ଆବାସ ଯୋଜନା ସ୍ୱପ୍ନ ପାଲଟିଛି।

ଏବେ ବି ବହୁ ଗରିବ ପରିବାର ଏହି ଯୋଜନାରୁ ବାଦ ପଡିଥିବା ଜଣାପଡିଛି। ଫଳରେ ଗରିବ ଏବଂ ଅସହାୟ ପରିବାର ସରକାରଙ୍କ ଏହି ଯୋଜନାରୁ କୌଣସି ସୁଫଳ ନ ପାଇ ଅତି ଦୟନୀୟ ଅବସ୍ଥାରେ କାଳାତିପାତ କରୁଛନ୍ତି। କେତେକ ପରିବାର ଭଗବାନ ଭରସାରେ ରହି ଝାଟିମାଟି ଘରେ ରହୁଛନ୍ତି। ଠାକୁରମୁଣ୍ଡା ବ୍ଲକ ଜରକ ଗ୍ରାମପଞ୍ଚାୟତ ଜରକ ଗ୍ରାମ ମାଣିକ ସାହିର ସାଧୁ ମହାକୁଡ଼ ଓ ତାଙ୍କ ପରିବାର ଗରିବ ହୋଇଥିଲେ ମଧ୍ୟ ସେ ଆବାସ ଯୋଜନାରୁ ବାଦ ପଡିଛନ୍ତି। ଫଳରେ ତାଙ୍କ ପରିବାର ଭଙ୍ଗା ଝାଟିମାଟି ଘରେ ଦିନ ବିତାଉଛନ୍ତି। ୭୦ ବର୍ଷୀୟ ସାଧୁ ମହାକୁଡ଼ଙ୍କ ଦୁଇ ଭାଇ ସହିତ ଚାରି ପୁଅ, ଦୁଇ ଜଣ ଝିଅ ଭଙ୍ଗା ଘରେ ରହୁଛନ୍ତି। ଆବାସ ଯୋଜନାରେ ହିତାଧିକାରୀ ଚିହ୍ନଟ ଦାୟିତ୍ୱରେ ଥିବା ପ୍ରଶାସନିକ ଅଧିକାରୀମାନେ ଅନିୟମିତତା କରୁଥିବାରୁ ଲୋକେ ଏହି ସୁଫଳରୁ ବଞ୍ଚିତ ହେଉଛନ୍ତି। ସାଧୁ ମହାକୁଡଙ୍କ ପରିବାର ପକ୍କା ଘର ଖଣ୍ଡେ ଓ ବାର୍ଦ୍ଧକ୍ୟ ଭତ୍ତା ପାଇଁ ପଞ୍ଚାୟତ ନିର୍ବାହୀ ଅଧିକାରୀ, ସ୍ଥାନୀୟ ଜନ ପ୍ରତିନିଧି, ବ୍ଲକ ପ୍ରଶାସନଠୁ ଆରମ୍ଭ କରି ଜିଲ୍ଲା ପ୍ରଶାସନ ପର୍ଯ୍ୟନ୍ତ ଯେତେ ଗୁହାରି କଲେ ମଧ୍ୟ କୌଣସି ଫଳ ମିଳୁନାହିଁ ବୋଲି କ୍ଷୋଭର ସହ କହିଛନ୍ତି। ତେଣୁ ତାଙ୍କ ପରିବାରକୁ ଏକ ପକ୍କା ଘର ଯୋଗାଇ ଦେବାକୁ ସେ ନିବେଦନ କରିଛନ୍ତି।

ହୋ' ସମାଜ ପକ୍ଷରୁ ନବବର୍ଷ ପାଳିତ

ରାଇରଙ୍ଗପୁର,୧୬।୧୨(ସମିସ): ବିଜାତଳା ବ୍ଲକ ଅନ୍ତର୍ଗତ ମଦନଶିଳା ବିର୍ସାମୁଣ୍ଡା ଛକଠାରେ ହୋ ସମାଜ ପକ୍ଷରୁ ନବବର୍ଷ ପାଳିତ ହୋଇଯାଇଛି। ଏଥିରେ ପୋଖରିଆ, ମଦନଶିଳା, ରାମଚନ୍ଦ୍ରପୁର, ଧୋବାତିହା, ବାଇଗୋଣ କୁଦର, କୁଡିଆ, ମୁଣ୍ଡାଠାକୁରା ଏବଂ ଆଖପାଖ ଗ୍ରାମର ହୋ ସମ୍ପ୍ରଦାୟର ମୁଣ୍ଡା, ମାଳକି, ଦିୟୁରୀ ଓ ସମସ୍ତ ଗ୍ରାମବାସୀ ନୂତନ ବସ୍ତ୍ର ପରିଧାନ କରି ବାଦ୍ୟ ବଜାଇ ତାଳେ ତାଳେ ନାଚଗୀତ କରି ଧୁମଧାମରେ ଆଦିବାସୀମାନଙ୍କ ନୂତନ ବର୍ଷ ପାଳନ କରାଯାଇଥିଲା। କାର୍ଯ୍ୟକ୍ରମରେ ଧୋନୀ ଗୋଇପାଇ, ବିଜୟ ପ୍ରକାଶ ପିଙ୍ଗୁଆ, ଦୁର୍ଗାଚରଣ ମୁଦ୍ରୁୟା, ସରୋଜ କୁମାର ଗୋଇପାଇ, ଜୟପାଲ ତିୟୁ, ରାଜେଶ କାଲୁଣ୍ଡିଆ, କାର୍ଯା ଶିଙ୍ଗୁଆ, କେଦାର କାଲୁଣ୍ଡିଆ, ରାମହରି ପୂର୍ତ୍ତୀ, ଖୁଦୀରାମ ମୁଦ୍ରୁୟା, ଜଗନ୍ନାଥ ପୂର୍ତ୍ତୀ, ଲାଲ ମୋହନ ହେମ୍ବ୍ରମ, କୁଆଁର ପୂର୍ତ୍ତି, ହାତୁରାମ କାଲୁଣ୍ଡିଆ, ଯଗେଶ୍ୱର ଗୋଇପାଇ, ମାନୁ ସାଅଁୟା ପ୍ରମୁଖ ଯୋଗଦେଇଥିଲେ।

'ଆମେ ୭୯' ପକ୍ଷରୁ ବାର୍ଷିକ ଉତ୍ସବ ପ୍ରସ୍ତୁତି

କରଞ୍ଜିଆ,୧୬।୧୨(ସମିସ): ସାମାଜିକ ଅନୁଷ୍ଠାନ ଆମେ ୭୯ ଅନୁଷ୍ଠାନ ପକ୍ଷରୁ ଗତକାଲି ପ୍ରଶାନ୍ତି କନଭେନସନରେ ବାର୍ଷିକୀ ଉତ୍ସବ ନିମନ୍ତେ ଏକ ପ୍ରସ୍ତୁତି ବୈଠକ ଶତ୍ରୁଘନ ପୃଷ୍ଟିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନ ପକ୍ଷରୁ ରକ୍ତଦାନ ଶିବିର, ବୃକ୍ଷରୋପଣ ସ୍ୱଚ୍ଛତା କାର୍ଯ୍ୟକ୍ରମ ଓ ଅସହାୟଙ୍କୁ ସହଯୋଗ କରିବାକୁ ବୈଠକରେ ସ୍ଥିର ହୋଇଥିଲା। ବୈଠକରେ ଅବସରପ୍ରାପ୍ତ ଅତିରିକ୍ତ ଜିଲ୍ଲା ଦୌରାଜଜ ହେମନ୍ତ କୁମାର ସେଠୀ, ବ୍ୟାଙ୍କ ମ୍ୟାନେଜର ଶରତ କୁମାର ସାହୁ, ଶୁଶିଲ କୁମାର ଆଗ୍ରୱାଲ, ସୁରେଶ କୁମାର ଆଗ୍ରୱାଲ, ଆଇନଜୀବୀ ମଦନ କୁମାର ସାହୁ, ଶିକ୍ଷକ ଡ଼ମ୍ବରୁଧର ମହାନ୍ତ, ଲୋକ୍ସମନ କୁମାର ମହାନ୍ତ, ଓକିଲ ବିକାଶ କୁମାର ସାହୁ, ଶିରୀଶ କୁମାର ମହାନ୍ତ, ବ୍ୟବସାଇ, ସଜ୍ଜନ କୁମାର ଆଗ୍ରୱାଲ, ଶିକ୍ଷକ ନିହାର କାନ୍ତି ଦାସ, ସଦାନନ୍ଦ ସାହୁ, ଗୁରୁଚରଣ ସାହୁ, ଚନ୍ଦ୍ର ମୋହନ ପାତ୍ର ଓ ରେଞ୍ଜର ଗଂଜିତ କୁମାର ଜେନା ପ୍ରମୁଖ ଉପସ୍ଥିତ ଥିଲେ। ଆସନ୍ତା ୨୯ ତାରିଖରେ ଅନୁଷ୍ଠାନର ବାର୍ଷିକ ଉତ୍ସବ ଅନୁଷ୍ଠିତ ହେବ ବୋଲି ସଭାପତି ସୂଚନା ଦେଇଛନ୍ତି।

ବିଜ୍ଞାନ ମେଳାରେ ୫୨ ପ୍ରକଳ୍ପ ପ୍ରଦର୍ଶିତ

ଶୁଳିଆପଦା,୧୬।୧୨(ସମିସ): ଶୁଳିଆପଦା ବ୍ଲକ ଦେଉଳି ଓମ ଶିଶୁ ଶିକ୍ଷା କେନ୍ଦ୍ରର ୨ୟ ବର୍ଷ ବିଜ୍ଞାନ ମେଳା ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ଧର୍ମପୁରା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟକ୍ଷ ଅର୍ଜୁନ କୁମାର ପ୍ରଧାନ ଯୋଗ ଦେଇଥିବା ବେଳେ ମୁଖ୍ୟବକ୍ତା ଭାବେ ବିଏସପିର ଜିଲ୍ଲା ସଂଯୋଜକ ଆଦିତ୍ୟ କୁମାର ପଣ୍ଡା, ସମ୍ମାନିତ ଅତିଥି ଭାବେ ବ୍ଲକ ଚେୟାରମ୍ୟାନ ପାନମଣି ମାର୍ଣ୍ଡି, ଜିଲ୍ଲା ପରିଷଦ ସଭ୍ୟ ନଗେନ କିସ୍କୁ, ସ୍ଥାନୀୟ ସରପଞ୍ଚ ସୋନାଲି ସରେନ୍ ଓ ଝାଲିଆ ମରା ସରପଞ୍ଚ ସୁଶାନ୍ତ କୁମାର ଟୁଡୁ ଯୋଗ ଦେଇ ପିଲାମାନଙ୍କୁ ବିଜ୍ଞାନ ମଣିଷ ଜୀବନକୁ ଅଧିକ ସରସ୍ ସୁନ୍ଦର କରିପାରେ ବୋଲି ଅତିଥିମାନେ ବକ୍ତବ୍ୟ ପ୍ରଦାନ କରିଥିଲେ। ବିଚାରକ ଭାବେ ଧର୍ମପୁରା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟାପକ ଅରୁଣ କୁମାର ଦତ୍ତ ଓ ଶିଷାବିତ ଆଦିତ୍ୟ ପଣ୍ଡା ଯୋଗ ଦେଇ ପ୍ରଦର୍ଶିତ ହୋଇଥିବା ୫୨ଟି ପ୍ରକଳ୍ପ ମଧ୍ୟରୁ ୧ମ, ୨ୟ, ୩ୟ ଓ ସାନ୍ତ୍ୱନା ମୂଳକ ମାନପତ୍ର ମୋଟ ୧୬ ଜଣଙ୍କୁ ମନୋନୀତ କରିଥିଲେ। ପ୍ରଧାନ ଆଚାର୍ଯ୍ୟ ଚନ୍ଦ୍ରିକା ପୁଥାଳ ଛାତ୍ରଛାତ୍ରୀଙ୍କ ଆଗ୍ରହ ଓ ବୈଜ୍ଞାନିକ ମନଭାବ ଦେଖି ପ୍ରଶଂସା କରିଥିଲେ। ବିଦ୍ୟାଳୟ ପ୍ରତିଷ୍ଠାତା ମନୋଜ କୁମାର ବେହେରା ସଭା ପରିଚାଳନା କରିଥିଲେ। ଶିକ୍ଷକ ନାରାୟଣ ପୁଷ୍ଟି ଧନ୍ୟବାଦ ଅର୍ପଣ କରିଥିଲେ।

ବିଶୋଇରେ ଲକ୍ଷ୍ମୀ ପୂଜା ପାଳିତ

ବିଶୋଇ,୧୬।୧୨ (ସମିସ): ପବିତ୍ର ମାଣବସା ଗୁରୁବାର ଉପଲକ୍ଷେ ତ୍ରିନେତ୍ର ପୂଜା କମିଟି ପକ୍ଷରୁ ବିଶୋଇ ବ୍ଲକ ଛକ ନିକଟରେ ଧୂମଧାମରେ ମା'ଲକ୍ଷ୍ମୀଙ୍କ ପୂଜା ପାଳିତ ହୋଇଯାଇଛି। ଚଳିତବର୍ଷ ଏହି ପୂଜା ତୃତୀୟ ବର୍ଷରେ ପଦାର୍ପଣ କରିଛି। ଗୁରୁବାର ରାତିରେ ଶ୍ରଦ୍ଧାଳୁମାନଙ୍କ ଦ୍ୱାରା ଘଟ ଅଣାଯିବା ପରେ ପୂଜକ ନିରାକାର ଦାସ ଯଥାବିଧି ମା'ଲକ୍ଷ୍ମୀଙ୍କ ପ୍ରତିମୂର୍ତ୍ତିରେ ପୂଜାର୍ଚ୍ଚନା କରିଥିଲେ। ପୂଜାରେ ବହୁ ମହିଳା ଭକ୍ତ ଯୋଗଦାନ କରି ଧନଦାତ୍ରୀ ମା'ଲକ୍ଷ୍ମୀଙ୍କ ନିକଟରେ ଉପାସନା କରିବା ସହିତ ଲକ୍ଷ୍ମୀ ପୁରାଣ ପାଠ କରିଥିଲେ। କମିଟିର ସଦସ୍ୟ ସୁନୀଲ କୁମାର ମହାପାତ୍ର, ଭଞ୍ଜ ମାହାଲୀ, ମଙ୍ଗଳ ସିଂ, ଅବଦୁଲ କାଲାମ, ରବୀନ୍ଦ୍ର ମହାନ୍ତ ପ୍ରମୁଖ ପୂଜାରେ ସହଯୋଗ କରିଥିଲେ। ସେହିପରି ରାଜବଂଶୀ କମିଟି ପକ୍ଷରୁ ସ୍ଥାନୀୟ ଖଡ଼ମବେଡା ପଞ୍ଚାୟତ ସ୍ଥିତ ରଜାବସା ଗ୍ରାମଠାରେ ମା'ଲକ୍ଷ୍ମୀ ମେଢ଼ ପୂଜାର୍ଚ୍ଚନା କରାଯାଇଛି। ଏଥିରେ ଶତାଧିକ ଶ୍ରଦ୍ଧାଳୁ ଉପସ୍ଥିତ ରହି ମା'ଲକ୍ଷ୍ମୀଙ୍କ ଉପାସନା କରିଥିଲେ।

ଓଷ୍ଟା ପକ

ମହିଳା ଟେଷ୍ଟ: ଇଂଲଣ୍ଡ ୩୪୭ ରନରେ ହାରିଲା

କ୍ରିକେଟ ଇତିହାସରେ ଭାରତର ସର୍ବବୃହତ୍ ବିଜୟ

ମୁମ୍ବାଇ,୧୬।୧୨(ଏଜେନ୍ସି)

ମହିଳା କ୍ରିକେଟରେ ଭାରତୀୟ ଦଳ ଭ୍ରମଣକାରୀ ଇଂଲଣ୍ଡକୁ ଏକମାତ୍ର ଟେଷ୍ଟ ମ୍ୟାଚ୍‌ରେ ୩୪୭ ରନରେ ପରାସ୍ତ କରି ଇତିହାସ ସୃଷ୍ଟି କରିଛି। ସ୍ଥାନୀୟ ଡିୱାଇ ପାଟିଲ ଏକାଡେମୀଠାରେ ଅନୁଷ୍ଠିତ ଏହି ମ୍ୟାଚ୍‌ରେ ହରମନପ୍ରୀତ କୌରଙ୍କ ନେତୃତ୍ୱାଧୀନ ଭାରତୀୟ ଦଳ ଶନିବାର ତୃତୀୟ ଦିବସରେ ଇଂଲଣ୍ଡକୁ ବଡ଼ ବ୍ୟବଧାନରେ ପରାସ୍ତ କରିଛି। ସର୍ବାଧିକ ୯ ୱିକେଟ ନେଇ ଇଂଲଣ୍ଡର ବିପର୍ଯ୍ୟୟ ସୃଷ୍ଟି କରିଥିବା ଭାରତୀୟ ଅଫ୍ ସ୍ପିନର ଦୀପ୍ତି ଶର୍ମା ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଛନ୍ତି।

ପ୍ରଥମ ପାଳିରେ ୨୯୨ ରନର ଅଗ୍ରଣୀ ହାସଲ କରିଥିବା ଭାରତ ଦ୍ୱିତୀୟ ଇନିଂସରେ ୪୨ ଓଭରରେ ୬ ୱିକେଟ ହରାଇ ୧୮୬ ରନକରି ପାଳି ଘୋଷଣା କରିଥିଲା। ଫଳରେ ଇଂଲଣ୍ଡ ସମ୍ମୁଖରେ କଷ୍ଟସାଧ୍ୟ ୪୭୯ ରନର ବିଜୟଲକ୍ଷ୍ୟ ଧାର୍ଯ୍ୟ ହୋଇଥିଲା। ଜବାବରେ ଇଂଲଣ୍ଡ ଦ୍ୱିତୀୟ ପାଳି ଆରମ୍ଭ କରି ଶନିବାର ୨୭.୩ ଓଭରରେ ୧୩୧ ରନକରି ଅଲଆଉଟ୍ ହେବା ସହ ଆତ୍ମ ସମର୍ପଣ କରିଥିଲା। ଇଂଲଣ୍ଡର କୌଣସି ବ୍ୟାଟର ୩୦ ରନ ସଂଗ୍ରହ କରିପାରି ନଥିଲେ। ଦଳ ନିୟମିତ ବ୍ୟବଧାନରେ ୱିକେଟମାନ ହରାଇଥିଲା। ଅଧିନାୟିକା ହିଦର ନାଇଟ୍ ୨୧, ଓପନର ସୋଫି ଡଙ୍କଲି ୧୫, ଟମି ବିଉମାଉଣ୍ଟ ୧୭, ଡାନି ୱାଟ୍ ୧୨, ସୋଫି ଏକ୍ଲେଷ୍ଟୋନ ୧୦, କେଟ୍ କ୍ରସ ୧୬ ରନକରି ଆଉଟ ହୋଇଥିବା ବେଳେ ଚାର୍ଲି ଡିନ୍ ୨୦ ରନ କରି ଅପରାଜିତ ରହିଥିଲେ। ଭାରତ ପାଇଁ ଦୀପ୍ତି ସର୍ବାଧିକ ୪ ୱିକେଟ ନେଇଥିଲେ। ସେହିପରି ପୂଜା ବସ୍ତ୍ରକାର ୩, ରାଜେଶ୍ୱରୀ ଗାଏକ୍ୱାଡ ୨ ଓ ରେଣୁକା ସିଂ ଗୋଟିଏ ୱିକେଟ ନେଇଥିଲେ। ଅସମାପ୍ତ ଦ୍ୱିତୀୟ ଇନିଂସ ସ୍କୋର ୧୮୬/୬ରେ ହିଁ ଭାରତ ଶନିବାର ପାଳି ଘୋଷଣା କରିଥିଲା। ପ୍ରଥମ ପାଳିରେ ୪ଜଣ ଭାରତୀୟ ବ୍ୟାଟର ଶୁଭା ସତୀଶ (୬୯), ଜେମିମା ରୋଡ୍ରିଗ୍ୱେଜ (୬୮ ରନ), ଯସ୍ତିକା ଭାଟିଆ (୬୬) ଓ ଦୀପ୍ତି ଶର୍ମା (୬୭) ଅର୍ଦ୍ଧଶତକ ହାସଲ କରିଥିଲେ। ଫଳରେ ଭାରତ ପ୍ରଥମ ଇନିଂସରେ ୪୨୮ ରନ ସଂଗ୍ରହ କରିଥିଲା।

ରନରେ ୫ ସର୍ବବୃହତ ବିଜୟ

ବର୍ଷ	ମ୍ୟାଚ୍	ବିଜୟରନରେ
୨୦୨୩	ଭାରତ- ଇଂଲଣ୍ଡ	୩୪୭
୧୯୯୮	ଶ୍ରୀଲଙ୍କା- ପାକିସ୍ତାନ	୩୦୯
୧୯୭୨	ନ୍ୟୁଜିଲାଣ୍ଡ- ଦ.ଆଫ୍ରିକା	୧୮୮
୧୯୪୯	ଅଷ୍ଟ୍ରେଲିଆ- ଇଂଲଣ୍ଡ	୧୮୬
୧୯୪୯	ଇଂଲଣ୍ଡ- ନ୍ୟୁଜିଲାଣ୍ଡ	୧୮୫

୯ ୱିକେଟ ନେଇ ଦୀପ୍ତି ଶ୍ରେଷ୍ଠ ଖେଳାଳି

ଭାରତୀୟ ସ୍ପିନର ଦୀପ୍ତି ଶର୍ମା ମ୍ୟାଚ୍‌ରେ ମୋଟ୍ ୯ ୱିକେଟ ନେଇ ଭାରତ ବିଜୟରେ ମୁଖ୍ୟ ଭୂମିକା ଗ୍ରହଣ କରି ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଛନ୍ତି। ପ୍ରଥମ ପାଳିରେ ସେ ୫.୩ ଓଭର ବୋଲିଂ କରି ୭ ରନ ଦେଇ ୧.୨୭ ଇକୋନୋମି ରେଟ୍‌ରେ ୫ ୱିକେଟ ହାସଲ କରିଥିଲେ। ସେହିପରି ଦ୍ୱିତୀୟ ପାଳିରେ ସେ ୮ ଓଭର ବୋଲିଂର କରି ୩୨ ରନ ଦେଇ ୪ ଇକୋନୋମୀ ରେଟ୍‌ରେ ମୂଲ୍ୟବାନ ୪ ୱିକେଟ ନେଇଥିଲେ। ତାଙ୍କ ବୋଲିଂକୁ ଇଂଲଣ୍ଡ ବ୍ୟାଟରମାନେ ସାମ୍ନା କରିପାରି ନଥିଲେ। ପ୍ରଥମ ପାଳିରେ ଦୀପ୍ତି ଅପରାଜିତ ୬୭ ରନ ସଂଗ୍ରହ କରିଥିଲେ।

୯ ବର୍ଷ ପରେ ଘରୋଇ ମାଟିରେ ଟେଷ୍ଟ

ଦୀର୍ଘ ୯ ବର୍ଷ ପରେ ଭାରତୀୟ ମହିଳା ଦଳ ଘରୋଇ ମାଟିରେ ଟେଷ୍ଟ ଖେଳିଛି। ପୂର୍ବରୁ ୨୦୧୪ରେ ଭାରତ ଘରୋଇ ମାଟିରେ ଦକ୍ଷିଣ ଆଫ୍ରିକା ବିପକ୍ଷରେ ଟେଷ୍ଟ ଖେଳିଥିଲା। ଏବେ ପରବର୍ତ୍ତୀ ଟେଷ୍ଟ ଖେଳିବାକୁ ଭାରତକୁ ବେଶି ସମୟ ଅପେକ୍ଷା କରିବାକୁ ପଡିବନାହିଁ। ଆଉ ୫ ଦିନପରେ ଆସନ୍ତା ୨୧ ତାରିଖରେ ମୁମ୍ବାଇର ୱାଙ୍ଖଡେ ଷ୍ଟାଡିୟମରେ ଭାରତ ଓ ଅଷ୍ଟ୍ରେଲିଆ ମଧ୍ୟରେ ଟେଷ୍ଟ ଖେଳାଯିବ।

ସଂକ୍ଷିପ୍ତ ସ୍କୋର

ଭାରତ ପ୍ରଥମ ପାଳି: ୪୨୮/୭, ୧୦୪.୩ ଓଭର।
ଇଂଲଣ୍ଡ ପ୍ରଥମ ପାଳି: ୧୩୬/୧୦, ୩୫.୩ ଓଭର।
ଭାରତ ଦ୍ୱିତୀୟ ପାଳି: ୧୮୬/୬ (ପାଳି ଘୋଷଣା), ୪୨ ଓଭର (ହରମନପ୍ରୀତ- ୪୪*, ଶେଫାଲୀ- ୩୩, ମନ୍ଧାନା- ୨୬, ଜେମିମା- ୨୭, ଦୀପ୍ତି- ୨୦, ଡିନ୍- ୪/୬୮, ଏକ୍ଲେଷ୍ଟୋନ- ୨/ ୭୬)।
ଇଂଲଣ୍ଡ ଦ୍ୱିତୀୟ ପାଳି: ୧୩୧/୧୦, ୨୭.୩ ଓଭର (ହିଦର ନାଇଟ- ୨୧, ଚାର୍ଲି ଡିନ- ୨୦*, ଦୀପ୍ତି ଶର୍ମା- ୪/୩୨, ପୂଜା ବସ୍ତ୍ରକାର- ୩/ ୨୩୦)।

ନନ୍ଦକିଶୋର ପଟ୍ଟନାୟକ ସ୍ମାରକୀ ମହିଳା ଫୁଟବଲ ଫାଇନାଲ ଆଜି

ଭୁବନେଶ୍ୱର, ୧୬।୧୨ (ସମିସ): ନନ୍ଦକିଶୋର ପଟ୍ଟନାୟକ ସ୍ମାରକୀ ମହିଳା ଫୁଟବଲ ଟୁର୍ଣ୍ଣାମେଣ୍ଟର ଫାଇନାଲ ମୁକାବିଲା ରବିବାର ଅନୁଷ୍ଠିତ ହେବ। ରାଜ୍ୟର ଅଗ୍ରଣୀ କ୍ରୀଡ଼ାନୁଷ୍ଠାନ ସିଟି କ୍ଲବ୍ ଆନୁକୂଲ୍ୟରେ ୟୁନିଟ୍-୧ସ୍ଥିତ ଭୁବନେଶ୍ୱର ଫୁଟବଲ ଏକାଡେମୀ ପଡ଼ିଆରେ ଏହା ଅପରାହ୍ଣ ୩ଟା ୩୦ ମିନିଟ୍‌ରେ ଆରମ୍ଭ ହେବ। କଟକର ବିଡାନାସୀ କ୍ଲବ୍ ବନାମ କିଟ୍-କିସ୍ ଦଳ ମଧ୍ୟରେ ଟାଇଟଲ ଲଢ଼େଇ ହେବ। ଏଥିରେ ଚାମ୍ପିଅନ ଦଳକୁ ୧୫,୦୦୦ ଓ ରନର୍ସ ଅପ୍ ଦଳକୁ ୧୦,୦୦୦ ଟଙ୍କା ସହ ଟ୍ରଫି ପ୍ରଦାନ କରାଯିବ ବୋଲି ଆୟୋଜକ ସିଟି କ୍ଲବ୍ ସମ୍ପାଦକ ପ୍ରଦୀପ ରାଉତରାୟ ଜଣାଇଛନ୍ତି।

ଓଡ଼ିଶା ପାରା ଦୌଡ଼କୁଦ ୨୪ରେ

ଭୁବନେଶ୍ୱର, ୧୬।୧୨ (ସମିସ): ପାରା ସ୍ପୋର୍ଟ୍ସ ଆସୋସିଏସନ ଅଫ୍ ଓଡ଼ିଶା ଓ ଓଡ଼ିଶା ସରକାରଙ୍କ କ୍ରୀଡ଼ା ଓ ଯୁବସେବା ବିଭାଗର ମିଳିତ ସହଯୋଗରେ ଓଡ଼ିଶା ପାରା ଦୌଡ଼କୁଦ ପ୍ରତିଯୋଗିତା ସ୍ଥାନୀୟ କଳିଙ୍ଗ ଷ୍ଟାଡିୟମ୍‌ରେ ଚଳିତମାସ ୨୪ ଓ ୨୫ ତାରିଖ ଦୁଇଦିନ ଧରି ଖେଳାଯିବ। ଏଥିରେ ରାଜ୍ୟର ସମସ୍ତ ପ୍ରକାର ଦିବ୍ୟାଙ୍ଗ ଖେଳାଳି ଯଥା ଶାରୀରିକ ଭିନ୍ନକ୍ଷମ, ଦୃଷ୍ଟିବାଧିତ ଭିନ୍ନକ୍ଷମ, ମାନସିକ ଅନଗ୍ରସର ଭିନ୍ନକ୍ଷମ ପ୍ରତିଯୋଗୀମାନେ ଅଂଶଗ୍ରହଣ କରିପାରିବେ। ଭାରତୀୟ ପାରା ଦୌଡ଼କୁଦ ସଂଘ ଦ୍ୱାରା ସ୍ଥାପନ କରାଯାଇଥିବା ମିନିମମ୍ କ୍ୱାଲିଫିକେସନ ଷ୍ଟାଣ୍ଡାର୍ଡକୁ ଅତିକ୍ରମ କରିଥିବା ପ୍ରତିଯୋଗୀମାନେ ୨୨ତମ ଜାତୀୟ ପାରାଦୌଡ଼କୁଦ ଚାମ୍ପିଅନସିପ ଲାଗି ଯୋଗ୍ୟତା ଅର୍ଜନ କରିପାରିବେ। ଏହି ପ୍ରତିଯୋଗିତା ଗୋଆରେ ଜାନୁଆରୀ ୯ରୁ ୧୩ ତାରିଖଯାଏ ଖେଳାଯିବାର କାର୍ଯ୍ୟକ୍ରମ ରହିଛି। ଏହି ପ୍ରତିଯୋଗିତାରେ ଅଂଶଗ୍ରହଣ କରିବାକୁ ଆଗ୍ରହୀ ପ୍ରତିଯୋଗୀମାନେ ପାରାଅଲିମ୍ପିଆନ ତଥା ଓଡ଼ିଶା ପାରା ସଂଘ ସଭାପତି ମାର୍କଣ୍ଡ ରେଡ୍ଡୀଙ୍କୁ ଟେଲିଫୋନ ନଂ-୯୮୬୧୧-୭୦୮୨୦ କିମ୍ବା ୯୮୬୧୦-୦୯୩୯୬ ଯୋଗେ ଡିସେମ୍ବର ୨୦ ତାରିଖ ସୁଦ୍ଧା ଯୋଗାଯୋଗ କରିବାକୁ ଅନୁରୋଧ କରାଯାଇଛି।

ସର୍ବଭାରତୀୟ ବାବା ମୁକ୍ତେଶ୍ୱର କ୍ରିକେଟ

ରାଇଜିଂକୁ ହରାଇ ଆଦର୍ଶ କ୍ଲବ ଚାମ୍ପିଅନ

ସୋର,୧୬।୧୨(ସମିସ)

ସୋର ବ୍ଲକ ମହୁମୁହାଣ ଗୋଠଣା ଖେଳ ପଡ଼ିଆରେ ଷଷ୍ଠ ବାବା ମୁକ୍ତେଶ୍ୱର ସର୍ବଭାରତୀୟ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ ହୋଇଯାଇଛି। ଫାଇନାଲ ମ୍ୟାଚରେ ରାଇଜିଂ ଷ୍ଟୁଡେଣ୍ଟ (କଟକ) କୁ ହରାଇ ଆଦର୍ଶ କ୍ଲବ ବାଲେଶ୍ୱର ଚାମ୍ପିଅନ ହୋଇଛି। ଶନିବାର ଅନୁଷ୍ଠିତ ଫାଇନାଲ ମ୍ୟାଚରେ ରାଇଜିଂ ଷ୍ଟୁଡେଣ୍ଟ ପ୍ରଥମେ ବ୍ୟାଟିଂ କରି ୨୨.୧ ଓଭର୍‌ରେ ସମସ୍ତ ୱିକେଟ୍ ହରାଇ ୧୨୬ ରନ୍ ସଂଗ୍ରହ କରିଥିଲା। ଜବାବ୍‌ରେ ଆଦର୍ଶ କ୍ଲବ ୧୩.୧ ଓଭରରେ ୩ ୱିକେଟ ହରାଇ ୧୩୦ ରନ୍ କରି ବିଜୟୀ ହୋଇଥିଲା। ଆଦର୍ଶ କ୍ଲବର ଅବିନାଶ କର ୩୦ ବଲରୁ ୬୪ ରନ ସଂଗ୍ରହ କରିବା ସହିତ ବୋଲିଂରେ ୩ଟି ୱିକେଟ ନେଇଥିବାରୁ ତାଙ୍କୁ ମ୍ୟାନ ଅଫ ଦି ମ୍ୟାଚ୍ ଘୋଷଣା କରାଯାଇଥିଲା।

ସନ୍ଧ୍ୟାରେ ସିଟି ସ୍କୁଲ ଅଧ୍ୟକ୍ଷ ସୁଶାନ୍ତ କୁମାର ସେଠୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ପୁରସ୍କାର ବିତରଣ ସଭାରେ ମୁଖ୍ୟଅତିଥି ଭାବେ ଯୁବ ସମାଜସେବୀ ଶିବାନୀ ଶଙ୍କର ରାୟ, ସମ୍ମାନିତ ଅତିଥିଭାବେ ଯାତ୍ରା ଅଭିନେତା ଦୈତାରୀ ପଣ୍ଡା, ଡ଼. ଲକ୍ଷ୍ମୀ ପ୍ରସାଦ ରାଉତ, ସରପଞ୍ଚ ଗଦାଧର ମହାପାତ୍ର, ଗଜେନ୍ଦ୍ର ପ୍ରଧାନ, ଗଜେନ୍ଦ୍ର ପ୍ରସାଦ ନାୟକ, ସଂଗ୍ରାମ ପଟ୍ଟନାୟକ, ଆଦିକନ୍ଦ ନାୟକ ଏବଂ ଅନିଲ ସାହୁ ଯୋଗଦେଇ ଚାମ୍ପିଅନ ଏବଂ ରନର୍ସଅପ ଟିମକୁ ପୁରସ୍କୃତ କରିଥିଲେ। ଫାଇନାଲ ମ୍ୟାଚକୁ ଓସିଏ ପ୍ୟାନେଲ ଅମ୍ପାୟର ପ୍ରତାପ ପାତ୍ର ଏବଂ ସାର୍ଥକ ରଞ୍ଜନ ବିଶ୍ୱାଳ ପରିଚାଳନା କରିଥିଲେ। ମୁକ୍ତେଶ୍ୱର କ୍ଲବର ସଦସ୍ୟ ସୁଶାନ୍ତ ସାହୁ, ବିଶ୍ୱରଞ୍ଜନ ପ୍ରଧାନ, ସୁରେନ୍ଦ୍ର ବେହେରା, ଅଗଣି ଜେନା, ରମାକାନ୍ତ ବେହେରା, ହରିଶ୍ଚନ୍ଦ୍ର ଜେନା ପ୍ରମୁଖ ଏହି ମ୍ୟାଚକୁ ପରିଚାଳନାରେ ସହଯୋଗ କରିଥିଲେ।

ହାଇଦ୍ରାବାଦ୍‌କୁ ହରାଇବା ଲକ୍ଷ୍ୟରେ ଓଏଫ୍‌ସି

ଭୁବନେଶ୍ୱର, ୧୬।୧୨ (ସମିସ)

ଘରୋଇ ମାଟିରେ ଓଡ଼ିଶା ଫୁଟବଲ କ୍ଲବ୍ (ଓଏଫ୍‌ସି) ରବିବାର ଏକ ଗୁରୁତ୍ୱପୂର୍ଣ୍ଣ ମୁକାବିଲା ହାଇଦ୍ରାବାଦ୍ ଏଫ୍‌ସି ସହ ଖେଳିବ। ଏହି ମ୍ୟାଚ ପୂର୍ବରୁ ଓଏଫ୍‌ସି ଜବରଦସ୍ତ ଫର୍ମରେ ରହିଛି। ଘରୋଇ ମାଟିରେ ତୃତୀୟ ବିଜୟ ସହ ୧୪ ପଏଣ୍ଟ ପାଇ ପଏଣ୍ଟ ସାରଣୀର ପଞ୍ଚମ ସ୍ଥାନରେ ରହିଛି। ଅନ୍ୟପକ୍ଷରେ ହାଇଦ୍ରାବାଦ୍ ମାତ୍ର ୪ ପଏଣ୍ଟ ପାଇ ଦ୍ୱାଦଶ ସ୍ଥାନରେ ରହିଛି। ଏହି ପ୍ରଦର୍ଶନକୁ ଦେଖିଲେ ଘରୋଇ ଦଳ ଭଲ ଫର୍ମରେ ରହିଛି ଓ ରବିବାର ମୁକାବିଲାରେ ଫେଭରାଇଟ୍ ଦଳ ଭାବେ ଉଭା ହୋଇଛି। ଓଏଫ୍‌ସି ଏହି ମ୍ୟାଚ୍ ଜିତିଲେ ନକ୍‌ଆଉଟକୁ ଉନ୍ନୀତ ହେବାର ସମ୍ଭାବନା ନିଶ୍ଚିତ ବୃଦ୍ଧି ପାଇବ।

ଘରୋଇ ମାଟି ବା କଳିଙ୍ଗ ଷ୍ଟାଡିୟମ୍‌ରେ ଏହି ମ୍ୟାଚ୍‌ଟି ଆୟୋଜିତ ହେବାକୁ ଯାଉଥିବାରୁ ଓଏଫ୍‌ସି ଆତ୍ମବିଶ୍ୱାସର ସହ ଏହି ମ୍ୟାଚ୍ ଖେଳିବ। ଚଳିତ ସିଜନରେ ଦଳ ୪ଟି ମ୍ୟାଚ୍‌ରୁ ଏଠାରେ ୩ଟିରେ ବିଜୟୀ ହୋଇଛି। ଶକ୍ତିଶାଳୀ ମୋହନବାଗାନ ମଧ୍ୟ ଏଥିରେ ସାମିଲ ରହିଛି। ଓଡ଼ିଶା ଦଳ ତାହାର ଶେଷ ମ୍ୟାଚ୍ କୋଲକାତାରେ ଖେଳିଥିଲା। ମୋହନବାଗାନ ସହ ଖେଳାଯାଇଥିବା ଏହି ମୁକାବିଲା ୨-୨ ଗୋଲରେ ଅମୀମାଂସିତ ରହିଥିଲା। ଏଣୁ ଦଳ ଭଲ ଫର୍ମରେ ରହିଛି ଓ ହାଇଦ୍ରାବାଦ୍‌କୁ ହରାଇବା ଲାଗି ସମସ୍ତ ପ୍ରକାର ଯୋଜନା ଶେଷ କରିଛି। ପ୍ରଶିକ୍ଷକ ସର୍ଗିଓ ଲୋବେରୋଙ୍କ ମତରେ ଆମେ ଏହି ପ୍ରତିଦ୍ୱନ୍ଦ୍ୱୀଙ୍କ ବିପକ୍ଷରେ ମୁକାବିଲା କରିବା ଲାଗି ପ୍ରସ୍ତୁତ ରହିଛୁ। ମ୍ୟାଚ୍ ଲାଗି ଯେତେ ପ୍ରତିବନ୍ଧକ ଥିଲେ ମଧ୍ୟ ଆମେ ଏହାକୁ ଅତିକ୍ରମ କରିବୁ ବୋଲି ସେ କହିଛନ୍ତି। ଦଳଗତ ଭାବେ ଆମ ଖେଳରେ ଯଥେଷ୍ଟ ଉନ୍ନତି ହୋଇଛି।

ଇଣ୍ଡିଆନ ସୁପର ଲିଗ୍

ଦଳର ପ୍ରଦର୍ଶନରେ ଆମେ ଖୁସି ରହିଛୁ ଓ ଆବଶ୍ୟକତା ଅନୁସାରେ ଖେଳିବୁ ବୋଲି ସେ କହିଛନ୍ତି। ଅନ୍ୟପକ୍ଷରେ ବିଜୟ ଲାଗି ହାଇଦ୍ରାବାଦ୍ ଆଶାୟୀ ରହିଛି। ଏହି ମ୍ୟାଚ୍ ସେମାନଙ୍କ ଲାଗି ଏକ ବଡ଼ ସୁଯୋଗ ଦେଇଛି। ଏଣୁ ଓଡ଼ିଶା ଏଫ୍‌ସିକୁ ହରାଇ ଦଳ ଏହି ଲକ୍ଷ୍ୟ ପୂରଣ କରିବ ବୋଲି ଆଶା ରଖିଛି।

ଆଇଏସ୍‌ଏଲ୍‌ରେ ଏଯାଏଦୁଇଦଳ ମଧ୍ୟରେ ୮ଟି ମ୍ୟାଚ୍ ଖେଳାଯାଇଛି। ଏହା ମଧ୍ୟରୁ ଓଡ଼ିଶା ଏଫ୍‌ସି ୩ଟିରେ ଓ ହାଇଦ୍ରାବାଦ୍ ଏଫ୍‌ସି ୪ଟି ମ୍ୟାଚ୍‌ରେ ବିଜୟୀ ହୋଇଛି। ଅବଶିଷ୍ଟ ଗୋଟିଏ ମ୍ୟାଚ୍ ଅମୀମାଂସିତ ରହିଛି। କଳିଙ୍ଗ ଷ୍ଟାଡିୟମ୍‌ରେ ଏହି ମୁକାବିଲା ରବିବାର ଅନୁଷ୍ଠିତ ହେବ। ରାତି ୮ଟାରୁ ଏହା ସ୍ପୋର୍ଟ୍ସ ୧୮ ଏବଂ ଜିଓ ସିନେମା ଆପ୍‌ରେ ଦର୍ଶକ ଦେଖିପାରିବେ।

● ନିରାକାରପୁର ସର୍ବଭାରତୀୟ ସଖାସଂଘ ଫୁଟବଲ

କଟକର ୟଙ୍ଗ ଉତ୍କଳକୁ ଟାଇଟଲ

ନିରାକାରପୁର,୧୬।୧୨(ସମିସ): ଖୋର୍ଦ୍ଧା ଜିଲ୍ଲା ନିରାକାରପୁର ସଖା ସଂଘ କ୍ରୀଡ଼ା ସଂସଦ ଆନୁକୂଲ୍ୟରେ କ୍ଷେତ୍ରବାସୀ କଲେଜ ଷ୍ଟାଡିୟମରେ ୩୦ତମ ନିରାକାରପୁର ସର୍ବ ଭାରତୀୟ ଫୁଟବଲ ଟୁର୍ଣ୍ଣାମେଣ୍ଟର ଫାଇନାଲରେ କଟକର ୟଙ୍ଗ ଉତ୍କଳ କ୍ଲବ ୬-୫ ଗୋଲରେ ଢ଼େଙ୍କାନାଳର ପପୁଲାର କ୍ଲବକୁ ହରାଇ ଚାମ୍ପିଅନ ହୋଇଛି। ନିର୍ଦ୍ଧାରିତ ସମୟରେ ଖେଳରେ ଉଭୟ ଦଳ ୨-୨ ବରାବର ସ୍ଥିତିରେ ରହିଥିଲେ। ଫଳରେ ଟାଇବ୍ରେକର ସହାୟତା ନିଆଯାଇଥିଲା। ଏଥିରେ ୟଙ୍ଗ ଉତ୍କଳ ବାଜି ମାରିନେଇଥିଲା। ଫାଇନାଲ ଖେଳକୁ ଶିବଶଙ୍କର ପଣ୍ଡା, ସୁଜିତ୍ କୁମାର ପାତ୍ର, ମିର୍ଜା ସିରାଜଉଦ୍ଦିନ ବେଗ୍, ହୃଦାନନ୍ଦ ମହତ ରାୟ ଓ ଅକ୍ଷୟ କୁମାର ପଟ୍ଟନାୟକ, ଓମ୍ ପ୍ରକାଶ ମିଶ୍ର ପରିଚାଳନା କରିଥିଲେ।

ଆଜିର ମ୍ୟାଚରେ ମୁଖ୍ୟଅତିଥି ଭାବେ ଅବକାରୀ ମନ୍ତ୍ରୀ ଅଶ୍ୱିନୀ କୁମାର ପାତ୍ର, ମୁଖ୍ୟବକ୍ତା ଭାବେ ରାଜ୍ୟସଭା ସାଂସଦ ମୁନ୍ନା ଖାଁ, ବିଶିଷ୍ଟ ଅତିଥି ଭାବେ ବିଧାୟକ ଜ୍ୟୋତିନ୍ଦ୍ରନାଥ ମିତ୍ର, ସମ୍ମାନୀତ ଅତିଥି ଭାବେ ପୂର୍ବତନ ସାଂସଦ ପ୍ରସନ୍ନ କୁମାର ପାଟଶାଣୀ, ସତ୍ୟବାଦୀ ବିଧାୟକ ଉମାକାନ୍ତ ସାମନ୍ତରାୟ, ଜିଲ୍ଲା ପରିଷଦ ଅଧ୍ୟକ୍ଷା ରୂପଶ୍ରୀରାଣୀ ଗୁମାନସିଂ, ରାମଚନ୍ଦ୍ର ମହାପାତ୍ର, ମୋ କଲେଜ ଉପଦେଷ୍ଟା ତନ୍ମୟ ସ୍ୱାଇଁ, ବିଜେଡି ଛାତ୍ର ନେତ୍ରୀ ସ୍ୱାଗତିକା ମହାନ୍ତି, ବିଜେଡିର ରାଜେଶ ପରିଡ଼ା, ଦୂତି ରଞ୍ଜନ ମାର୍ଥା, ବିଶ୍ୱଦୀପ ପ୍ରଧାନ, ଶୁଭମ ଦାଶ ଓ କେତନ ମଙ୍ଗରାଜ ପ୍ରମୁଖ ଅତିଥି ଭାବେ ଉପସ୍ଥିତ ଥିଲେ। ଏହି କାର୍ଯ୍ୟକ୍ରମରେ ଉପସଭାପତି ଶ୍ୟାମ ସୁନ୍ଦର ପଟ୍ଟନାୟକ, ପ୍ରଫୁଲ୍ଲ କୁମାର ଜେନା, ସମ୍ପାଦକ ଭାଗିରଥି ପ୍ରଧାନ, ସହ ସମ୍ପାଦକ ଦୀପକ କୁମାର ପ୍ରଧାନ, ଯୁଗ୍ମ ସମ୍ପାଦକ ଉମେଶ ଚନ୍ଦ୍ର ମିଶ୍ର, କୋଷାଧ୍ୟକ୍ଷ ହରିହର ସିଂହ, ବରିଷ୍ଠ କର୍ମକର୍ତା ମହେଶ୍ୱର ବେହେରା, ଲଲାଟେନ୍ଦୁ ରଥ, ଲଛମନ ନାୟକ, ମନୋଜ ପ୍ରଧାନ, ବସନ୍ତ କୁମାର ରଣବୀର, ସନ୍ତୋଷ କୁମାର ବାରିକ, ଚିତରଞ୍ଜନ ବେହେରା, କାର୍ତିକ ସାମନ୍ତରାୟଙ୍କ ସମେତ ସମସ୍ତ ସଭ୍ୟ ସହଯୋଗ କରିଥିଲେ।

ଭଗବାନପୁର-ପାତ୍ରପଡ଼ା କ୍ରିକେଟ ଟୁର୍ଣ୍ଣାମେଣ୍ଟ

ସୁଆଙ୍ଗ, ଗୁରୁଜଙ୍ଗ ବିଜୟୀ

ଭୁବନେଶ୍ୱର, ୧୬।୧୨ (ସମିସ)

ଭଗବାନପୁର ସ୍ପୋର୍ଟ୍ସ ଆଣ୍ଡ କଲଚରାଲ ଆସୋସିଏସନ ଆନୁକୂଲ୍ୟରେ ଶନିବାରଠାରୁ ଆରମ୍ଭ ହୋଇଛି ୧୬ତମ ଭଗବାନପୁର-ପାତ୍ରପଡ଼ା ଜିଲ୍ଲାସ୍ତରୀୟ କ୍ରିକେଟ ଟୁର୍ଣ୍ଣାମେଣ୍ଟ। ଜଟଣୀ ବିଧାୟକ ସୁରେଶ କୁମାର ରାଉତରାୟ ଓ ସ୍ଥାନୀୟ କର୍ପୋରେଟର ରଶ୍ମିରଞ୍ଜନ ପାଟଶାଣୀ ଅତିଥିଭାବେ ଯୋଗ ଦେଇ ଏହି ଟୁର୍ଣ୍ଣାମେଣ୍ଟକୁ ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅବସରପ୍ରାପ୍ତ ବିଚାରପତି ଆନନ୍ଦପ୍ରକାଶ ରାୟ ଓ କ୍ରୀଡ଼ାସଂଗଠକ ପ୍ରକାଶ କୁମାର ରଥ ଅତିଥିଭାବେ ଯୋଗ ଦେଇଥିଲେ। ଟୁର୍ଣ୍ଣାମେଣ୍ଟର ପ୍ରଥମ ଦିନରେ ଦୁଇଟି ମ୍ୟାଚ୍ ଖେଳାଯାଇଥିଲା। ଏହା ମଧ୍ୟରୁ ପ୍ରଥମ ମ୍ୟାଚ୍‌ରେ ସୁଆଙ୍ଗ ୬ ୱିକେଟରେ ଜାଆଁଳାକୁ ଓ ଦ୍ୱିତୀୟ ମ୍ୟାଚ୍‌ରେ ଗୁରୁଜଙ୍ଗ ୪୨ ରନ୍‌ରେ ଘାଟିକିଆକୁ ପରାସ୍ତ କରିଛି। ପ୍ରଥମ ମ୍ୟାଚ୍‌ରେ ସୁଆଙ୍ଗର ରଶ୍ମିରଞ୍ଜନ ଜେନା ଓ ଦ୍ୱିତୀୟ ମ୍ୟାଚ୍‌ରେ ଗୁରୁଜଙ୍ଗର ଅସିତ କୁମାର ପରିଡ଼ା ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଛନ୍ତି।

ପ୍ରଥମ ମ୍ୟାଚ୍‌ରେ ପ୍ରଥମେ ବ୍ୟାଟିଂ କରି ଜାଆଁଳା ୮ ୱିକେଟରେ ୧୧୯ ରନ୍ କରିଥିଲା। ଦଳ ପକ୍ଷରୁ ଅଧିନାୟକ ମଳୟ ସ୍ୱାଇଁ ସର୍ବାଧିକ ୫୧ ରନ୍ କରିଥିଲେ। ପ୍ରତିପକ୍ଷ ଦଳର ବିକାଶ ସୁବୁଦ୍ଧି ଓ ସୂର୍ଯ୍ୟକାନ୍ତ ଗୁମାନସିଂ ୨ଟି ଲେଖାଏଁ ୱିକେଟ ପାଇଥିଲେ। ଜବାବରେ ସୁଆଙ୍ଗ କ୍ରିକେଟ ଦଳ ୧୪ ଓଭରରେ ୪ ୱିକେଟ ହରାଇ ବିଜୟ ଲକ୍ଷ୍ୟରେ ପହଞ୍ଚିଥିଲା। ରଶ୍ମିରଞ୍ଜନ ଜେନା ସର୍ବାଧିକ ୪୧ ରନ୍ କରିଥିଲାବେଳେ ଜାଆଁଳାର ସନ୍ତୋଷ ସ୍ୱାଇଁଙ୍କୁ ୩ ୱିକେଟ ମିଳିଥିଲା।

ଦ୍ୱିତୀୟ ମ୍ୟାଚ୍‌ରେ ପ୍ରଥମେ ବ୍ୟାଟିଂ କରି ଗୁର

କ୍ରୀଡ଼ା ଭିତ୍ତିଭୂମିର ରୂପାନ୍ତରଣ



ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ପ୍ରୋତ୍ସାହନ ଓ ଦୂରଦୃଷ୍ଟି ଓଡ଼ିଶା କ୍ରୀଡ଼ା ବିକାଶ, ଆଥ୍‌ଲେଟମାନଙ୍କ ସଶକ୍ତିକରଣ ଓ କ୍ରୀଡ଼ାକୁ ନୂଆ ସୋପାନରେ ପହଞ୍ଚାଇବାରେ ଅଦ୍ୱିତୀୟ ଉଦାହରଣ ସୃଷ୍ଟି କରିଛି । ଏକଦା କ୍ରୀଡ଼ା କ୍ଷେତ୍ରରେ ବହୁ ପଛରେ ପଡିଥିବା ଆମ ରାଜ୍ୟ ଏବେ କିନ୍ତୁ କ୍ରୀଡ଼ା ବିକାଶ ଓ କ୍ରୀଡ଼ା ଭିତ୍ତିଭୂମି ନିର୍ମାଣରେ ସାରା ଦେଶ ତଥା ବିଶ୍ୱକୁ ନୂଆ ଦିଗ୍‌ଦର୍ଶନ ଦେଇଛି । ମୁଖ୍ୟମନ୍ତ୍ରୀଙ୍କ ନେତୃତ୍ୱରେ ଯୋଜନାବଦ୍ଧ ଭାଗୀଦାରି ଦ୍ୱାରା କ୍ରୀଡ଼ାକୁ ନେଇ ଏହି ଯାତ୍ରା ଏବେ ଉତ୍କୃଷ୍ଟତାର ନୂଆ ସୋପାନକୁ ଛୁଇଁଛି ।

ସେହିପରି ନବନିର୍ମିତ ଅନ୍ତର୍ଜାତୀୟସ୍ତରର ଟେନିସ ସେଣ୍ଟରକୁ ନେଇ ଏବେ ବେଶ୍ ଚର୍ଚ୍ଚା ଚାଲିଛି । ଏଠାରେ କେତୋଟି ଜାତୀୟସ୍ତରର ଟୁର୍ଣ୍ଣାମେଣ୍ଟ ଆୟୋଜିତ ହୋଇଛି ଓ ସିନ୍ଥେଟିକ ମ୍ୟାଚ୍ କୋର୍ଟ ରହିଛି । ୧୫୦୦ ଦର୍ଶକ ଏଠାରେ ବସିବାର ସୁବିଧା ରହିଛି । ଏକ ବିଶ୍ୱସ୍ତରୀୟ ଫିଟ୍‌ନେଟ ସେଣ୍ଟର ମଧ୍ୟ ଏଠାରେ ରହିଛି । ୧୮୦ ସିଟ୍ ବିଶିଷ୍ଟ ଏକ ଅଡିଟୋରିୟମ ରହିଛି । ଏହାକୁ ବାଦ୍ ଦେଲେ ଏଠାରେ ୮ଟି ସିନ୍ଥେଟିକ କୋର୍ଟ ମଧ୍ୟ ରହିଛି ।

ଟେନିସ୍ ସେଣ୍ଟର୍

ଓଡ଼ିଶା ୧୩୦୦ କୋଟି ଟଙ୍କାର କ୍ରୀଡ଼ା ବଜେଟ ସହିତ କ୍ରୀଡ଼ା ସଂସ୍କୃତି, କ୍ରୀଡ଼ାର ସାମଗ୍ରିକ ବିକାଶ, କ୍ରୀଡ଼ାବିତ୍‌ମାନଙ୍କ ଦୃଷ୍ଟାନ୍ତମୂଳକ ଅଗ୍ରଗତିକୁ ନୂଆ ରୂପ ଦେଇଛି । ଦେଶର ଅନ୍ୟ ରାଜ୍ୟଗୁଡିକ ତୁଳନାରେ ଓଡ଼ିଶାର କ୍ରୀଡ଼ା ବଜେଟ ଯଥେଷ୍ଟ ଆଗରେ ରହିଛି । କ୍ରୀଡ଼ାର ଉନ୍ନତି, ପ୍ରଚାର ଓ ପ୍ରସାରରେ ଉଲ୍ଲେଖନୀୟ ତଥା ମହତ୍ତ୍ୱପୂର୍ଣ୍ଣ ନିବେଶ କରି ଓଡ଼ିଶା ନିଜର କ୍ରୀଡ଼ା ପରମ୍ପରା ତଥା ଢାଞ୍ଚାକୁ ବଳିଷ୍ଠ କରିବା ସହ ଏକ ସ୍ୱତନ୍ତ୍ରସ୍ତରରେ ପହଞ୍ଚାଇବାରେ ସକ୍ଷମ ହୋଇଛି ।

ରାଉରକେଲାସ୍ଥିତ ବିର୍ସା ମୁଣ୍ଡା ହକି ଷ୍ଟାଡିୟମ ଓ ଭୁବନେଶ୍ୱର କଳିଙ୍ଗ ଷ୍ଟାଡିୟମ ସ୍ପୋର୍ଟ୍ସ କମ୍ପ୍ଲେକ୍ସ ରାଜ୍ୟ ଭିତ୍ତିଭୂମି ବିକାଶକୁ ପ୍ରମାଣିତ କରିଛି । ଏହି ଦୁଇ କ୍ରୀଡ଼ା ଭିତ୍ତିଭୂମି ସାରା ବିଶ୍ୱରେ ସ୍ୱତନ୍ତ୍ର ପରିଚୟ ହାସଲ କରିଛି । କ୍ରୀଡ଼ା ପ୍ରତିଭା ଚିହ୍ନଟ ଓ ବିକାଶରେ ଏହି ଦୁଇଟି ଭିତ୍ତିଭୂମି ନିର୍ଣ୍ଣାୟକ ଭୂମିକା ଗ୍ରହଣ କରିଛି । ଏଠାରେ କ୍ରୀଡ଼ାବିତ୍‌ମାନଙ୍କୁ ବିଶ୍ୱସ୍ତରୀୟ ସୁବିଧା ସୁଯୋଗ ପ୍ରଦାନ କରାଯାଉଛି । କେବଳ ସେତିକି ନୁହଁ ହକି, ଫୁଟବଲ, ଦୌଡ଼କୁଦ ସମେତ ବିଶ୍ୱସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତା ଏଠାରେ ସଫଳତାର ସହ ଆୟୋଜିତ ହୋଇଛି ଓ ଏହି ପ୍ରକ୍ରିୟା ଜାରି ରହିଛି । କଳିଙ୍ଗ ଷ୍ଟାଡିୟମ ସ୍ପୋର୍ଟ୍ସ କମ୍ପ୍ଲେକ୍ସରେ ବିଭିନ୍ନ କ୍ରୀଡ଼ା ପାଇଁ ଉଚ୍ଚକୋଟୀର ଢାଞ୍ଚା ତଥା ଭିତ୍ତିଭୂମି ରହିଛି । ଏହି ଭିତ୍ତିଭୂମିଗୁଡିକ ନେଇ ସଂକ୍ଷିପ୍ତ ଭାବେ ଆଲୋଚନା କରିବା ।

ଖୁବ୍‌ଶୀଘ୍ର ଉଦ୍‌ଘାଟନ ହେବ ଇଣ୍ଡୋର ଆଥଲେଟିକ୍ସ ସେଣ୍ଟର

କଳିଙ୍ଗ ଷ୍ଟାଡିୟମ ସ୍ପୋର୍ଟ୍ସ କମ୍ପ୍ଲେକ୍ସରେ ଖୁବଶୀଘ୍ର ଉଦ୍‌ଘାଟିତ ହେବାକୁ ଯାଉଛି ଇଣ୍ଡୋର ଆଥଲେଟିକ୍ସ ସେଣ୍ଟର । ଏହା ଦେଶ ତଥା ସମଗ୍ର ଦକ୍ଷିଣ ଏସିଆର ସର୍ବବୃହତ୍ ଇଣ୍ଡୋର ଆଥଲେଟିକ୍ସ ଷ୍ଟାଡିୟମ ବିବେଚିତ ହେଉଛି । ଏଠାରେ ୨୦୦ ମିଟର ଆଥଲେଟିକ୍ସ ଟ୍ରାକ୍, ୨,୦୦୦ ଦର୍ଶକ ବସିବାର ସୁବିଧା ସୁଯୋଗ ରହିଛି । ଏଠାରେ ୮୦ ମିଟର ଯୁକ୍ତ ୨୦ ମିଟର ରନିଂ ଟ୍ରାକ୍ ରହିଛି । ସେହିପରି ପୋଲ୍ ଭଲ୍ଟ, ସଟ୍‌ପୁଟ୍, ଲମ୍ବ ଓ ଉଚ୍ଚ ଡିଆଁ, ଓଜନ ପ୍ରଶିକ୍ଷଣ କେନ୍ଦ୍ର, ଖେଳାଳିଙ୍କ ପାଇଁ ଆବାସିକ ବ୍ୟବସ୍ଥା, ୬୦ଟି ଯୋଡିକିଆ ଶେୟାରିଂ କୋଠରୀ ଓ ପ୍ରତିଯୋଗିତା ଅବସରରେ ଆରାମ କରିବାକୁ ଲାଉଞ୍ଜର ସୁବିଧା ସୁଯୋଗ ରହିଛି । କ୍ରୀଡ଼ାବିତ୍‌ମାନେ ଏଠାରେ ବର୍ଷର ସବୁ ସମୟରେ କୌଣସି ବାହ୍ୟ ସମସ୍ୟା ତଥା ବାଧା ବିନା ଅଭ୍ୟାସ କରିବା ସହ କ୍ରୀଡ଼ା ସମ୍ପର୍କିତ ବିଭିନ୍ନ ସୁବିଧା ସୁଯୋଗ ପାଇପାରିବେ । ଏଠାରେ ବିଭିନ୍ନ ଜାତୀୟ ତଥା ଅନ୍ତର୍ଜାତୀୟ ପ୍ରତିଯୋଗିତା ବିନା ପ୍ରତିବନ୍ଧକରେ ଅତି ସହଜରେ ଆୟୋଜନ ହୋଇପାରିବ । ଏହାଦ୍ୱାରା କେବଳ ଓଡ଼ିଶାର ନୁହଁ ସାରା ଭାରତର କ୍ରୀଡ଼ା ବିକାଶ ତ୍ୱରାନ୍ୱିତ କରିବ । ଫୁଲ୍ ଟାଇମ କୋଚିଂ ସହ ୧୦୦ ଜଣ ଆଥଲେଟ୍‌ଙ୍କ ପାଇଁ ଏଠାରେ ରହିବା ଓ ଖାଇବା ସହ ଅବାସିକ ସୁବିଧା ସୁଯୋଗ ରହିଛି । ଇଣ୍ଡୋର ଆଥଲେଟିକ୍ସ ସେଣ୍ଟର ଉଦ୍‌ଘାଟନ ହେବା ପରେ ରାଜ୍ୟ ଓ ଦେଶର କ୍ରୀଡ଼ା ଏକ ନୂଆ ଯୁଗରେ ପାଦ ଦେବେ ବୋଲି ଆଶା କରାଯାଉଛି ।

ବ୍ୟାଡ୍‌ମିଣ୍ଟନ ହାଇପରଫର୍ମାନ୍ସ ସେଣ୍ଟର

କଳିଙ୍ଗରେ ନିର୍ମାଣଧୀନ ଥିବା ବ୍ୟାଡମିଣ୍ଟନ ହାଇପରଫର୍ମାନ୍ସ ସେଣ୍ଟର ବା ଉଚ୍ଚ ପ୍ରଦର୍ଶନ କେନ୍ଦ୍ର ଏବେ ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଛି । କିମ୍ବଦନ୍ତୀ ବ୍ୟାଡମିଣ୍ଟନ ଖେଳାଳି ତଥା ପ୍ରଶିକ୍ଷକ ପୁଲେଲା ଗୋପୀଚାନ୍ଦଙ୍କ ତତ୍ତ୍ୱାବଧାନରେ ଏହା ବିକଶିତ ହେଉଛି ଓ ଏହା ନିର୍ମାଣ ପ୍ରକ୍ରିୟା ଅନ୍ତିମ ପର୍ଯ୍ୟାୟରେ ପହଞ୍ଚିଛି । ଏଠାରେ ୮ଟି ବ୍ୟାଡ୍‌ମିଣ୍ଟନ କୋର୍ଟ ରହିଛି । ୫୦୦ ଦର୍ଶକ ଏଠାରେ ବସି ମ୍ୟାଚ୍ ଦେଖିବାର ସୁବିଧା ରହିଛି । ଏଠାରେ ଅଭ୍ୟର୍ଥନା କକ୍ଷ ସହ କାଫେଟେରିଆ ଓ ଜିମ୍ନାସିୟମ ରହିଛି ।

ଜିମ୍ନାଷ୍ଟିକ ସେଣ୍ଟର

କଳିଙ୍ଗ ଷ୍ଟାଡିୟମ ପରିସରରେ ଥିବା ଜିମ୍ନାଷ୍ଟିକ ସେଣ୍ଟର ଦେଶର ଅନ୍ୟତମ ଶ୍ରେଷ୍ଠ ସେଣ୍ଟର ରୂପେ ପରିଗଣିତ ହେଉଛି । ଏଠାରେ ୨୫୦ଜଣ ବସିବାର ସୁବିଧା ରହିଛି । ସବୁ ବୟସ ବର୍ଗର ପ୍ରତିଯୋଗୀମାନେ ଏଠାରେ ପ୍ରଶିକ୍ଷଣ ନେବାର ସୁବିଧା ରହିଛି ।

ଇଣ୍ଡୋର ଆକ୍ୱାଟିକ କମ୍ପ୍ଲେକ୍ସ

କଳିଙ୍ଗ ଷ୍ଟାଡିୟମ ସ୍ପୋର୍ଟ୍ସ କମ୍ପ୍ଲେକ୍ସ ପରିସରରେ ଆଉ ଏକ ବିଶ୍ୱସ୍ତରୀୟ କ୍ରୀଡ଼ା ଭିତ୍ତିଭୂମି ସମସ୍ତଙ୍କୁ ଆକୃଷ୍ଟ କରିଛି । ତାହା ହେଉଛି ଇଣ୍ଡୋର ଆକ୍ୱାଟିକ୍ କମ୍ପ୍ଲେକ୍ସ । ଏଠାରେ କିଛିଦିନ ତଳେ ଜାତୀୟ ସନ୍ତରଣ ପ୍ରତିଯୋଗିତା ସଫଳତାର ସହ ଆୟୋଜିତ ହୋଇଥିଲା । ଏଠାରେ ୫୦ ମିଟର ଅଲିମ୍ପିକ୍ସ ସାଇଜର ସୁଇମିଂ ପୁଲ, ୧୦୦୦ ଦର୍ଶକ ବସିବାର ସୁବିଧା, ୨୫ମିଟର ଅଲିମ୍ପିକ ସାଇଜ୍ ପୁଲ, ଫିଟ୍‌ନେସ ସେଣ୍ଟର ରହିଛି । କେବଳ ସେତିକି ନୁହଁ ସ୍ପୋର୍ଟ୍ସ ରିକଭରି ଅର୍ଥାତ ଆଘାତ ସମସ୍ୟାରୁ ମୁକୁଳିବା ପାଇଁ ସୁବିଧା ସୁଯୋଗ ସହ ୨୬ଟି ଯୋଡିକିଆ ସେୟାରିଂ କୋଠରୀ ରହିଛି । ଏହି ଇଣ୍ଡୋର ଆକ୍ୱାଟିକ୍ କମ୍ପ୍ଲେକ୍ସ ଦେଶର ସର୍ବୋତ୍କୃଷ୍ଟ ବୋଲି ବିବେଚନା କରାଯାଉଛି । ସେହିପରି ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା କିଛିଦିନ ତଳେ ଉଦ୍‌ଘାଟିତ ହୋଇଥିବା କ୍ରୀଡ଼ା ବିଜ୍ଞାନ କେନ୍ଦ୍ର ବିଷୟରେ ଆମେ ପୂର୍ବରୁ ଆଲୋଚନା କରିସାରିଛେ ।

୧୦ମିଟର ସୁଟିଂ ରେଞ୍ଜ୍

ଏହାକୁ ବାଦ୍ ଦେଲେ କଳିଙ୍ଗରେ ଏକାଧିକ କ୍ରୀଡ଼ା ଭିତ୍ତିଭୂମି ଆଥଲେଟମାନଙ୍କ ପାଇଁ ବେଶ୍ ଉପାଦେୟ ସାବ୍ୟସ୍ତ ହୋଇଛି । ଏଗୁଡିକ ମଧ୍ୟରେ ୧୦ ମିଟର ସୁଟି ରେଞ୍ଜ ଅନ୍ୟତମ । ଏଠାରେ ୧୦ ଇଲେକଟ୍ରୋନିକ ଟାର୍ଗେଟ ପ୍ଲସ୍ ଇଲେକଟ୍ରିକାଲ ଟାର୍ଗେଟ ଚେଞ୍ଜର ସମେତ ୨୦ଟି ଟାର୍ଗେଟ ରହିଛି ।

ସୁଯୋଗ ସୃଷ୍ଟି କରିଛି ବିଭିନ୍ନ ଏର୍‌ପିସି

କଳିଙ୍ଗ ଷ୍ଟାଡିୟମ ହକି କମ୍ପ୍ଲେକ୍ସରେ ଦୁଇଟି ପିଚ୍ ସହ ହକି ଷ୍ଟାଡିୟମ, ଜିମ୍ନାଷ୍ଟିକ ସେଣ୍ଟର, ୱେଟଲିଫ୍ଟିଙ୍ଗ୍ ହଲ୍, ସୁଇମିଂ ପୁଲ୍ କମ୍ପ୍ଲେକ୍ସ, ଫୁଟବଲ ତଥା ଆଥଲେଟିକ ଷ୍ଟାଡିୟମ, ଖେଲୋ ଇଣ୍ଡିଆ ଷ୍ଟେଟ୍ ସେଣ୍ଟର ଫର ଏକ୍ସିଲେନ୍ସ ଓ ସ୍ପୋର୍ଟ୍ସ କ୍ଲାଇମ୍ବିଂ ହଲ ରହିଛି । ଏହାକୁ ବାଦ୍ ଦେଲେ ଏଠାରେ ପ୍ରାୟ ସବୁ କ୍ରୀଡ଼ାର ହାଇ ପରଫର୍ମାନ୍ସ ସେଣ୍ଟର (ଏର୍‌ପିସି) ରହିଛି । ହକି, ଫୁଟବଲ, ସୁଇମିଂ, ଭାରୋତ୍ତୋଳନ, ସନ୍ତରଣ, କ୍ରୀଡ଼ା ବିଜ୍ଞାନ, ଜିମ୍ନାଷ୍ଟିକ୍ସ, ଆଥଲେଟିକ୍ସ, ସୁଟିଂ ଓ ବ୍ୟାଡମିଣ୍ଟନରେ ବିଶ୍ୱସ୍ତରୀୟ ଏର୍‌ପିସି ରହିଛି । କ୍ରୀଡ଼ାବିତ୍‌ମାନେ ଏହି ଏର୍‌ପିସିଗୁଡିକରେ ନିଜର ପ୍ରତିଭା, ଦକ୍ଷତା ଓ କୌଶଳକୁ ଅଭିଜ୍ଞ ପ୍ରଶିକ୍ଷକଙ୍କ ତତ୍ତ୍ୱାବଧାନରେ ଆହୁରି ପରିମାର୍ଜିତ କରିବାର ସୁଯୋଗ ପାଇବେ । ବିଶ୍ୱ କ୍ରୀଡ଼ା ମାନଚିତ୍ରରେ ଓଡ଼ିଶା ଏହା ଦ୍ୱାରା ନିଜର ସ୍ୱତନ୍ତ୍ର ସ୍ଥାନ ଓ ପରିଚୟ ସୃଷ୍ଟି କରିପାରିବ । ବିଭିନ୍ନ ଘରୋଇ ସଂସ୍ଥା, କ୍ରୀଡ଼ା ସଂଗଠନ ସହ ନିଆରା ସହଭାଗୀତା କାରଣରୁ ଏହି କ୍ରୀଡ଼ା ଭିତ୍ତିଭୂମିଗୁଡିକ ଉତ୍କୃଷ୍ଟତାର ନୂଆ ପର୍ଯ୍ୟାୟରେ ପହଞ୍ଚିଛି । ସହଯୋଗ, ସହଭାଗୀତା, ବିଶେଷଜ୍ଞତା, ଜ୍ଞାନ ଓ ସର୍ବୋତ୍ତମ ପ୍ରଣାଳୀର ସମନ୍ୱୟରେ କ୍ରୀଡ଼ାବିତଙ୍କ ବିକାଶରେ ଏକ ନୂଆ ଯୁଗ ସୃଷ୍ଟି ହେବାକୁ ଯାଉଛି । କିନ୍ତୁ କ୍ରୀଡ଼ାରେ ସଫଳତା ମିଳିବା ପ୍ରକ୍ରିୟା ବିଳମ୍ବ ବୋଲି ସମସ୍ତେ ଜାଣନ୍ତି । ଅର୍ଥାତ ଏଠାରେ ବିଶ୍ୱସ୍ତରୀୟ କ୍ରୀଡ଼ାବିତ ସୃଷ୍ଟି ହେବାରେ ନିଶ୍ଚିତ ଭାବେ ସମୟ ଲାଗିବ । ତେଣୁ ଆଗାମୀ କିଛିବର୍ଷ ମଧ୍ୟରେ କ୍ରୀଡ଼ା ସଫଳତାର ଯେ ଏକ ନୂଆ ଅଧ୍ୟାୟ ସୃଷ୍ଟି ହେବ ଏହା ନିଃସନ୍ଦେହରେ କୁହାଯାଇପାରେ । ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନେତୃତ୍ୱ ଓ ଦୂରଦୃଷ୍ଟି କ୍ରୀଡ଼ା ବିକାଶର ଏହି ପ୍ରକ୍ରିୟା ଓ ପରମ୍ପରାକୁ ଆହୁରି ବଳିଷ୍ଠ କରିଛି । କ୍ରୀଡ଼ା ପ୍ରତିଭାଗୁଡିକର ପୋଷଣ ସହ କ୍ରୀଡ଼ାବିତଙ୍କ ସ୍ୱପ୍ନକୁ ଆହୁରି ଆଗକୁ ବଢ଼ାଇବା ଓ ତାହାକୁ ସାକାର କରିବା ସହିତ ସଫଳତାର ନୂଆ କାହଣୀ ଲେଖିବାର ସମ୍ଭାବନା ଏବେ ଆହୁରି ଦୃଢୀଭୂତ ହୋଇଛି । ■



ମେସିଙ୍କ ଦୁଃଖ

ଫିଫା ବିଶ୍ୱକପ୍ ବିଜୟର ପାଖାପାଖି ବର୍ଷେ ପରେ ଆର୍ଜେଣ୍ଟିନା ଫୁଟବଲ ସୁପରଷ୍ଟାର ଲିଓନେଲ ମେସି ନିଜର ମନର ବ୍ୟଥା ଖୋଲି କହିଛନ୍ତି । କତାରରେ ଅନୁଷ୍ଠିତ ୨୦୨୨ ବିଶ୍ୱକପ୍ ବିଶ୍ୱକପ୍‌ରେ ଆର୍ଜେଣ୍ଟିନା ଚାମ୍ପିଅନ ହେବା ପରେ ନିଜ ଦେଶର ପ୍ରଶଂସକ ଓ ନାଗରିକଙ୍କ ଭଲ ପାଇବା ନେଇ ସେ ମୁହଁ ଖୋଲିଛନ୍ତି ଓ ମନର ବେଦନା ପ୍ରକାଶ କରିଛନ୍ତି । ବିଶ୍ୱକପ ବିଜୟ ପରେ ମୋତେ ସବୁ ଆର୍ଜେଣ୍ଟିନାବାସୀ ଭଲପାଉଛନ୍ତି । କିନ୍ତୁ ପୂର୍ବରୁ ଏକଥା ନ ଥିଲା । ପୂର୍ବରୁ ଲୋକେ ମୋ ବିଷୟରେ ଖରାପ କଥା କହୁଥିଲେ ଓ ଏହା ଯନ୍ତ୍ରଣାଦାୟକ ଥିଲା । ବିଶ୍ୱକପ୍ ବିଜୟ ଦୃଶ୍ୟପଟ୍ଟକୁ ବଦଳାଇ ଦେଇଥିଲା । କ୍ଲବସ୍ତରରେ ସଫଳତାର ଶୀର୍ଷକୁ ଛୁଇଁ ଥିଲେ ମଧ୍ୟ ୨୦୨୨ ପୂର୍ବରୁ ମେସି ନିଜ ଦେଶ ପାଇଁ କୌଣସି ମେଜର ତଥା ବଡ଼ା ଟୁର୍ଣ୍ଣାମେଣ୍ଟ ଜିତି ନଥିଲେ । ଏଥିପାଇଁ ତାଙ୍କୁ ଓ ତାଙ୍କର ପରିବାରକୁ ଯଥେଷ୍ଟ ସମାଲୋଚନାର ଶରବ୍ୟ ହେବାକୁ ପଡିଥିଲା । ସେ ମଧ୍ୟ ଏକଦା ଚାପରେ ପଡି ଅବସର ନିଷ୍ପତ୍ତି ନେଇଥିଲେ । କିନ୍ତୁ ଗତ ବିଶ୍ୱକପ୍‌ରେ ଆର୍ଜେଣ୍ଟିନାକୁ ଚାମ୍ପିଅନ କରାଇବା ପରେ ସବୁକିଛି ବଦଳିଯାଇଥିଲା । ଏବେ ୯୫ରୁ ୧୦୦ ପ୍ରତିଶତ ଆର୍ଜେଣ୍ଟିନାବାସୀ ଭଲ ପାଉଛନ୍ତି ଓ ଏହା ବହୁତ ସୁନ୍ଦରକଥା ବୋଲି ମେସି କହିଛନ୍ତି । ମେସି ଆର୍ଜେଣ୍ଟିନା ପାଇଁ ଏପର୍ଯ୍ୟନ୍ତ ୧୮୦ଟି ମ୍ୟାଚ୍ ଖେଳି ୧୦୬ଟି ଗୋଲ ସ୍କୋର କରିଛନ୍ତି । ଗତ ବିଶ୍ୱକପ୍‌ରେ ଆର୍ଜେଣ୍ଟିନା ପେନାଲ୍ଟି ସୁଟ୍ ଆଉଟ୍‌ରେ ଫ୍ରାନ୍ସକୁ ହରାଇ ତୃତୀୟଥର ପାଇଁ ଚାମ୍ପିଅନ ହେବାର ଗୌରବ ଅର୍ଜନ କରିଥିଲା । ସେ ଆଗାମୀ ୨୦୨୬ ବିଶ୍ୱକପ୍ ଖେଳିବା ନେଇ ମଧ୍ୟ ଚର୍ଚ୍ଚା ଆରମ୍ଭ ହୋଇଛି । ■

ଡିଭିଲର୍ସଙ୍କ ଓଏଡିଆ

ବିଶ୍ୱର ୬୦ ଡିଗ୍ରୀ ବ୍ୟାଟର ଭାବେ ଜଣାଶୁଣା ଥିବା ଦକ୍ଷିଣ ଆଫ୍ରିକା କିମ୍ବଦନ୍ତୀ କ୍ରିକେଟର ଏବି ଡିଭିଲର୍ସ ହଠାତ ଅବସର ନେବାର ରହସ୍ୟ ଉନ୍ମୋଚନ କରିଛନ୍ତି । ଶ୍ରେଷ୍ଠ ପ୍ରଦର୍ଶନ ଜାରି ରଖିଥିବା ବେଳେ ସେ ୨୦୧୮ ରେ ଅନ୍ତର୍ଜାତୀୟ କ୍ରିକେଟରୁ ଅବସର ଘୋଷଣା କରି ସମସ୍ତଙ୍କୁ ଚକିତ କରିଥିଲେ । ପରେ ସେ ୨୦୨୧ରେ ଆଇପିଏଲରୁ ଅବସର ନେଇଥିଲେ । ବିଶ୍ୱର ସବୁଠି ଡିଭିଲର୍ସଙ୍କ ପ୍ରଶଂସକ ରହିଛନ୍ତି । ତାଙ୍କ ବ୍ୟାଟିଂ କରିବାର କୌଶଳ ସମସ୍ତଙ୍କୁ ମୋହିତ କରିଥାଏ । ୱିଜଡେନ କ୍ରିକେଟ ସହ ସାକ୍ଷତକାର ଦେବାବେଳେ ସେ ନିଜ ଅବସର ନିଷ୍ପତ୍ତିର ରହସ୍ୟ ନେଇ ଖୁଲାସା କରିଛନ୍ତି । ଦିନେ ସାନ ପୁଅ ହଠାତ ଅଜାଣତରେ ହିଲ୍‌ରେ ତାଙ୍କ ଡାହଣ ଆଖିକୁ ଗୋଇଠା ମାରିଥିଲେ । ଫଳରେ ତାଙ୍କର ଦୃଷ୍ଟିଶକ୍ତି ଆଶାତୀତ ଭାବେ ହ୍ରାସ ପାଇଥିଲା । ଡାକ୍ତର ଅସ୍ତ୍ରୋପଚାର କରାଇଥିଲେ ମଧ୍ୟ କୌଣସି ଫଳ ମିଳି ନଥିଲା । କ୍ରିକେଟ କିପର ଖେଳୁଛ ବୋଲି ଡାକ୍ତର ପ୍ରଶ୍ନ କରିଥିଲେ । ତେବେ ବାମ ଆଖିର ତୀକ୍ଷ୍ଣ ଦୃଷ୍ଟିଶକ୍ତି କାରଣ ଯୋଗୁ କ୍ୟାରିୟରର ଅନ୍ତିମ ଦୁଇବର୍ଷ ଖେଳିଥିଲି । କିନ୍ତୁ କ୍ୟାରିୟରକୁ ଆଗକୁ ବଢାଇବା ସମ୍ଭବ ହୋଇ ନଥିଲା ବୋଲି ଡିଭଲର୍ସ କହିଛନ୍ତି । ଦୀର୍ଘ ୧୪ ବର୍ଷର ଉଜ୍ଜ୍ୱଳମୟ କ୍ୟାରିୟରରେ ସେ ୧୧୪ ଟେଷ୍ଟ, ୨୨୮ ଦିନିକିଆ ଓ ୭୮ଟି ଟି-୨୦ ମ୍ୟାଚ୍ ଖେଳି ମୋଟ ଉପରେ ୨୦, ୦୧୪ ରନ ସଂଗ୍ରହ କରିଛନ୍ତି । ■

ଆଜି ପ୍ରଥମ ଦିନିକିଆ

ବିଜୟ ଲକ୍ଷ୍ୟ ନେଇ ଖେଳିବ ଭାରତ

ଜୋହାନ୍ସବର୍ଗ,୧୬।୧୨(ଏଜେନ୍ସି): ଭାରତ ଓ ଘରୋଇ ଦକ୍ଷିଣ ଆଫ୍ରିକା ମଧ୍ୟରେ ୩ ମ୍ୟାଚ୍ ବିଶିଷ୍ଟ ଦିନିକିଆ ସିରିଜର ପ୍ରଥମ ମ୍ୟାଚ୍ ରବିବାର ଖେଳାଯିବ। ସ୍ଥାନୀୟ ୱାଣ୍ଡରର୍ସ ଷ୍ଟାଡିୟମରେ ଖେଳାଯିବାକୁଥିବା ଏହି ମ୍ୟାଚ୍ ଜିତି ଲୋକେଶ ରାହୁଲଙ୍କ ନେତୃତ୍ୱାଧୀନ ଭାରତ ଅଭିଯାନ ଆରମ୍ଭ କରିବା ଲକ୍ଷ୍ୟରେ ରହିଛି। ଟି-୨୦ ସିରିଜ ୧-୧ରେ ଅମୀମାଂସିତ ରହିବା ରହବା ପରେ ଦିନିକିଆ ସିରିଜର ଗୁରୁତ୍ୱ ବଢିଯାଇଛି। ଆଇସିସି ଦିନିକିଆ ବିଶ୍ୱକପ୍ ପରେ ଭାରତ ପ୍ରଥମଥର ପାଇଁ ଦିନିକିଆ ମ୍ୟାଚ ଖେଳିବ।

ଉଭୟ ଦଳରେ ଯୁବ ଖେଳାଳିମାନେ ସ୍ଥାନ ପାଇଛନ୍ତି। ଏହି ସିରିଜରେ ରାହୁଲ ଉଭୟ ନେତୃତ୍ୱ ଓ ବ୍ୟାଟିଂରେ ଅଗ୍ନିପରୀକ୍ଷାର ସମ୍ମୁଖୀନ ହେବେ। ଋତୁରାଜ ଗାଏକ୍ୱାଡ, ସାଇ ସୁଦର୍ଶନ, ତିଳକ ବର୍ମା, ରଜତ ପଟିଦାର, ରିଙ୍କୁ ସିଂ, ଶ୍ରେୟାସ ଆୟାରଙ୍କ ଭଳି ଯୁବ ଖେଳାଳିଙ୍କ ଉପରେ ସମସ୍ତଙ୍କ ନଜର ରହିବ। ଅର୍ଶଦୀପ ସିଂ, ମୁକେଶ କୁମାର ଓ ଆଭେସ ଖାନଙ୍କ ଉପରେ ଭାରତୀୟ ଦ୍ରୁତ ବୋଲିଂ ନିର୍ଭର କରିବ। ବହୁଦିନ ପରେ ଦୁଇ ରିଷ୍ଟ ସ୍ପିନର କୁଲଦୀପ ଯାଦବ ଓ ଯୁଜବେନ୍ଦ୍ର ଚହଲ ଏକାଠି ଖେଳୁଥିବାର ଦେଖିବାକୁ ମିଳିବ। କୁଲଦୀପ ପୁଣି ଥରେ ଭାରତ ପାଇଁ ଉପଯୋଗୀ ସାବ୍ୟସ୍ତ ହେବେ ବୋଲି ଆଶା କରାଯାଉଛି। ୱିକେଟକିପର ବ୍ୟାଟର ସଞ୍ଜୁ ସାମସନ ବହୁଦିନ ପରେ ଦିନିକିଆ ଖେଳିବେ। ଅପରପକ୍ଷରେ ଏଡେନ ମାର୍କରାମଙ୍କ ନେତୃତ୍ୱରେ ଘରୋଇ ଦଳ ପଡିଆକୁ ଓହ୍ଲାଇବ।

ତାରକା ଖେଳିବେ ନାହିଁ

ବିରାଟ କୋହଲି, ରୋହିତ ଶର୍ମା, ଯଶପ୍ରୀତ ବୁମ୍‌ରା, ମହମ୍ମଦ ସାମି, ହାର୍ଦ୍ଦିକ ପାଣ୍ଡ୍ୟାଙ୍କ ଭଳି ତାରକା ଖେଳାଳି ଏହି ସିରିଜରୁ ବାଦ୍ ପଡିଛନ୍ତି। ଫଳରେ ଯୁବ ଖେଳାଳିଙ୍କ ପାଇଁ ସୁଯୋଗ ସୃଷ୍ଟି ହୋଇଛି। ସେହିପରି ଦକ୍ଷିଣ ଆଫ୍ରିକା ଦଳରେ ମଧ୍ୟ କେତେଜଣ ଅଭିଜ୍ଞ ଖେଳାଳି ଏହି ସିରିଜ ଖେଳୁନାହାନ୍ତି।

ମ୍ୟାଚ୍ ହେବ ହାଇସ୍କୋରିଂ

ୱାଣ୍ଡରର୍ସ ପିଚ୍ ବ୍ୟାଟରମାନଙ୍କ ପାଇଁ ଅନୁକୂଳ ରହିବ। ଦକ୍ଷିଣ ଆଫ୍ରିକାରେ ବର୍ଷାର ସମ୍ଭାବନା ରହିଥାଏ। ତେଣୁ ବଲ ହାତରୁ ଖସିବାର ଆଶଙ୍କା ରହିଥିବାର ବୋଲର ସମସ୍ୟାର ସମ୍ମୁଖୀନ ହେବେ। ଫଳରେ ଏହି ମ୍ୟାଚ୍ ହାଇସ୍କୋରିଂ ହେବ ବୋଲି ଆଶା କରାଯାଉଛି। ଆଗାମୀ ଜୁନ୍‌ରେ ଟି-୨୦ ବିଶ୍ୱକପ୍ ଖେଳାଯିବ। ସେହିପରି ୨୦୨୫ରେ ଚାମ୍ପିଅନ୍ସ ଟ୍ରଫି ଖେଳାଯିବ। ତେଣୁ ଏକ ଶ୍ରେଷ୍ଠ ଦଳ ଚୟନ ପାଇଁ ଏବେଠାରୁ ପ୍ରକ୍ରିୟା ଆରମ୍ଭ ହୋଇଛି। ଫଳରେ ଖେଳାଳିମାନେ ନିଜର ପ୍ରଦର୍ଶନରେ ଶ୍ରେଷ୍ଠତା ପ୍ରମାଣିତ କରିବାକୁ ପ୍ରୟାସ କରିବେ। ଚୟନକର୍ତ୍ତାମାନେ ମଧ୍ୟ ଏହି ସିରିଜ ଉପରେ ଫୋକସ କରିଥିଲେ। ରବିବାର ଏହି ମ୍ୟାଚ୍ ବେଶ୍ ସଂଘର୍ଷପୂର୍ଣ୍ଣ ଓ ରୋମାଞ୍ଚକ ହେବ ବୋଲି ଆଶା କରାଯାଉଛି।

ଖେଳାଳି ଦଳ

ଭାରତ: ଲୋକେଶ ରାହୁଲ (ଅଧିନାୟକ), ଋତୁରାଜ ଗାଏକ୍ୱାଡ଼, ସାଇ ସୁଦର୍ଶନ, ତିଳକ ବର୍ମା, ରଜତ ପଟିଦାର, ଶ୍ରେୟସ ଆୟର, ରିଙ୍କୁ ସିଂ, ସଞ୍ଜୁ ସାମସନ, ୱାଶିଂଟନ ସୁନ୍ଦର, ଅକ୍ଷର ପଟେଲ, କୁଲଦୀପ ଯାଦବ, ଯୁଜବେନ୍ଦ୍ର ଚହଲ, ମୁକେଶ କୁମାର, ଆଭେଷ ଖାନ୍, ଅର୍ଶଦୀପ ସିଂ ଓ ଆକାଶଦୀପ।

ଦକ୍ଷିଣ ଆଫ୍ରିକା : ଆଇଡେନ୍ ମାର୍କରାମ (ଅଧିନାୟକ), ରିଜା ହେଣ୍ଡ୍ରିକ୍ସ, ଟୋନି ଡି ଜୋଜି, ରାସି ଭାନ ଡର ଡୁସେନ, ଡେଭିଡ ମିଲର, ହେନ୍‌ରିକ୍ କ୍ଲାସେନ, କାଏଲ ଭେରିନ୍, ୱିଆନ ମୁଲ୍ଡର, ଆନ୍ଦିଲ ଫେଲୁକୱାଅ, ଓଟନିଏଲ ବାର୍ଟମ୍ୟାନ୍, ନାନ୍ଦ୍ରେ ବର୍ଜର, ଲିଜାର୍ଡ ୱିଲିୟମ୍ସ, ମିହଲାଲି ପୋଙ୍ଗୱାନା, କେଶବ ମହାରାଜ, ତାବ୍ରେଜ୍ ସାମ୍‌ସି।

ଖେଳ ଆରମ୍ଭ: ଅପରାହ୍ନ ୧ଟା୩୦
ପ୍ରସାରଣ : ଷ୍ଟାର ସ୍ପୋର୍ଟ୍ସ, ହଟ୍‌ଷ୍ଟାର

ଅଷ୍ଟ୍ରେଲିଆ ନିୟନ୍ତ୍ରଣରେ ପର୍ଥ ଟେଷ୍ଟ

ପର୍ଥ,୧୬।୧୨(ଏଜେନ୍ସି)

ପର୍ଥ ଷ୍ଟାଡିୟମରେ ଚାଲିଥିବା ପାକିସ୍ତାନ ବିପକ୍ଷ ପ୍ରଥମ ଟେଷ୍ଟ ମ୍ୟାଚ୍‌ରେ ଘରୋଇ ଅଷ୍ଟ୍ରେଲିଆ ଦଳ ବୃହତ୍ ଅଗ୍ରଣୀ ହାସଲ କରି ସ୍ଥିତି ଦୃଢ କରିଛି। ଟସ୍ ଜିତି ଅଷ୍ଟ୍ରେଲିଆ ପ୍ରଥମ ପାଳିରେ ୧୧୩.୨ ଓଭରରେ ୪୮୭ ରନକରି ଅଲଆଉଟ ହୋଇଥିଲା। ଜବାବରେ ପାକିସ୍ତାନ ୧୦୧.୫ ଓଭରରେ ୨୭୧ ରନକରି ଅଲଆଉଟ ହୋଇ ୨୧୬ ରନ ପଛରେ ପଡିଥିଲା। ଏହାପରେ ଦ୍ୱିତୀୟ ଇନିଂସ ଆରମ୍ଭ କରି ଅଷ୍ଟ୍ରେଲିଆ ଶନିବାର ତୃତୀୟ ଦିବସ ଖେଳ ଶେଷ ସୁଦ୍ଧା ୨ ୱିକେଟ ହରାଇ ୮୪ ରନ ସଂଗ୍ରହ କରିଛି। ଫଳରେ ଅଷ୍ଟ୍ରେଲିଆ ମୋଟ୍ ଉପରେ ୩୦୦ ରନର ଅଗ୍ରଣୀ ହାସଲ କରି ସ୍ଥିତି ଦୃଢ କରିଛି। ଷ୍ଟମ୍ପ ଅପସାରଣ ବେଳକୁ ଉସ୍‌ମାନ ଖୱାଜା ୩୪ ଓ ଅଭିଜ୍ଞ ଷ୍ଟିଭ୍ ସ୍ମିଥ୍ ୪୩ ରନକରି ଅପରାଜିତ ରହିଛନ୍ତି।

ପ୍ରଥମ ପାଳିରେ ୧୬୪ ରନର ବିସ୍ଫୋରକ ଶତକୀୟ ପାଳି ଖେଳିଥିବା ଡେଭିଡ୍ ୱାର୍ଣ୍ଣର ଦ୍ୱିତୀୟ ପାଳିରେ ଖାତା ଖୋଲି ନ ପାରି ଖୁରାମ ଶାହଜାଦଙ୍କ ଦ୍ୱାରା ଆଉଟ ହୋଇଥିଲେ। ସେହିପରି ଯୁବ ବ୍ୟାଟର ମାର୍ନସ ଲାବୁସେନ୍ ୨ ରନ କରି ଖୁରାମଙ୍କ ଦ୍ୱିତୀୟ ଶିକାର ହୋଇଥିଲେ।

ଅସମାପ୍ତ ପ୍ରଥମ ପାଳି ସ୍କୋର ୧୩୨/୨ରୁ ଖେଳ ଆରମ୍ଭ କରି ପାକିସ୍ତାନ ଶନିବାର ଅଲଆଉଟ ହୋଇଥିଲା। ଓଭରନାଇଟ୍ ବ୍ୟାଟର ଇମାମ ଉଲ ହକି ୩୮ରୁ ଖେଳ ଆରମ୍ଭ କରି ୬୨ ଓ ନାଇଟ୍ ୱାଚ୍‌ମ୍ୟାନ ଖୁରାମ ଶାହାଜାଦ ୭ ରନରୁ ଖେଳ ଆରମ୍ଭ କରିଥିଲେ ଓ ଏହି ସ୍କୋରରେ ହିଁ ଆଉଟ ହୋଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅବଦୁଲ୍ଲା ସାଫିକ ୪୨, ଅଧିନାୟକ ସାନ ମାସୁଦ ୩୦, ବାବର ଆଜମ ୨୧, ସାଉଦ୍ ସକିଲ ୨୮, ଆମୀର ଜମାଲ ୧୦

ରନକରି ଆଉଟ ହୋଇଥିବା ବେଳେ ଆଘା ସଲମାନ ୨୮ ରନକରି ଅପରାଜିତ ରହିଥିଲେ। ବୋଲିଂରେ ଅଷ୍ଟ୍ରେଲିଆ ପାଇଁ ଅଭିଜ୍ଞ ସ୍ପିନର ନାଥନ ଲିଅନ ୩, ମିଚେଲ ଷ୍ଟାର୍କ, ପ୍ୟାଟ କମିନ୍ସ ୨ଟି ଲେଖାଏ, ଜୋଶ ହାଜଲେଉଡ, ମିଚେଲ ମାର୍ଶ ଓ ଟ୍ରାଭିସ ହେଡ ଗୋଟିଏ ଲେଖାଏ ୱିକେଟ ନେଇଥିଲେ।

ସଂକ୍ଷିପ୍ତ ସ୍କୋର

ଅଷ୍ଟ୍ରେଲିଆ ପ୍ରଥମ ପାଳି: ୪୮୭।
ପାକିସ୍ତାନ ପ୍ରଥମ ପାଳି: ୨୭୧/୧୦, (ସାଫିକ- ୪୨, ମାସୁଦ- ୩୦, ଇମାମ- ୬୨, ବାବର- ୨୧, ଲିଅନ- ୩/୬୬, ଷ୍ଟାର୍କ-୨/ ୬୮, କୁମିନ୍ସ- ୨/ ୩୫)।
ଅଷ୍ଟ୍ରେଲିଆ ଦ୍ୱିତୀୟ ପାଳି: ୮୪/୨, ୩୩ ଓଭର (ଷ୍ଟିଭ୍ ସ୍ମିଥ- ୪୩*, ଉସମାନ ଖୱାଜା- ୩୪*, ଶାହାଜାଦ- ୨/ ୨/୧୯)।

● ବିଜୟ ମର୍ଚ୍ଚାଣ୍ଟ ଟ୍ରଫି

ଓଡ଼ିଶା ବିପକ୍ଷରେ ଦେବାଂଶଙ୍କ ଶତକ

ଭୁବନେଶ୍ୱର,୧୬।୧୨(ସମିସ): ମଙ୍ଗଳଦାଇ ଷ୍ଟାଡିୟମ୍‌ରେ ଶନିବାର ଆରମ୍ଭ ହୋଇଥିବା ୧୬ ବର୍ଷରୁ କମ୍ ବିଜୟ ମର୍ଚ୍ଚାଣ୍ଟ ଟ୍ରଫିର ଓଡ଼ିଶା ବିପକ୍ଷ ମ୍ୟାଚ୍‌ରେ ମୁମ୍ବଇର ଦେବାଂଶ ତ୍ରିବେଦୀ ଶତକ ହାସଲ କରିଛନ୍ତି। ମୁମ୍ବଇ ଦଳ ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିବା ପରେ ପ୍ରଥମ ଦିନ ଖେଳ ଶେଷ ସୁଦ୍ଧା ଦଳ ପ୍ରଥମ ପାଳିରେ ୭ ୱିକେଟ ହରାଇ ୨୯୬ ରନ୍ ସଂଗ୍ରହ କରିଛି। ଦେବାଂଶ ୧୨୪ ରନ୍‌ରେ ଅପରାଜିତ ଅଛନ୍ତି। ସେହିପରି ହର୍ଷଉଦୟ ଗାଇକର ୬୬ ରନ୍‌ରେ ଆଉଟ ହୋଇଛନ୍ତି। ଓଡ଼ିଶା ପକ୍ଷରୁ ବିଶାଳ ପ୍ରସାଦ ୩ଟି ଓ ଅଭିଜିତ ପଟ୍ଟନାୟକ ୨ଟି ୱିକେଟ ପାଇଛନ୍ତି।

ସ୍ପୋର୍ଟ୍ସ ଓଡ଼ିଶା, ଆର୍‌ଡୋର୍ ଏକାଡେମୀର ବଡ଼ ବିଜୟ

ଭୁବନେଶ୍ୱର, ୧୬।୧୨ (ସମିସ): ଫୁଟବଲ୍ ଆସୋସିଏସନ ଅଫ୍ ଓଡ଼ିଶା (ଫାଓ) ପକ୍ଷରୁ କଟକରେ ଚାଲିଥିବା ଯୁଥ୍ ଲିଗ୍‌ରେ ଶନିବାର ସ୍ପୋର୍ଟ୍ସ ଓଡ଼ିଶା ଓ ଆର୍‌ଡୋର୍ ଫୁଟ୍‌ବଲ ଏକାଡେମୀ ବଡ଼ ବିଜୟ ହାସଲ କରିଛନ୍ତି। ଜବାହରଲାଲ ନେହରୁ ଷ୍ଟାଡିୟମଠାରେ ଅନୁଷ୍ଠିତ ୧୩ ବର୍ଷରୁ କମ୍ ବୟସବର୍ଗ ମ୍ୟାଚରେ ଆର୍‌ଡୋର୍ ଏକାଡେମୀ ୧୪-୦ ଗୋଲରେ ଯୁନିଟ୍-୬ ଆଥ୍‌ଲେଟିକ ଆସୋସିଏସନକୁ ପରାସ୍ତ କରିଛି। ବିଜୟୀ ଦଳର ଆୟୁଷ ଗୋପେ ହ୍ୟାଟ୍ରିକ ସହ ସର୍ବାଧିକ ୪ଟି ଗୋଲ୍ ଦେଇଥିଲେ। ଏହି ବୟସବର୍ଗରେ ନୀତା ଫୁଟ୍‌ବଲ ଏକାଡେମୀ ଓ ରାଇଜିଂ ଷ୍ଟାର୍ କ୍ଲବ ମଧ୍ୟରେ ଖେଳାଯାଇଥିବା ଅନ୍ୟଏକ ମ୍ୟାଚ୍ ଗୋଲଶୂନ୍ୟ ଭାବେ ଅମୀମାଂସିତ ରହିଥିଲା।

ଫାଓ ଯୁଥ୍ ଲିଗ୍

ସେହିଭଳି ୧୫ ବର୍ଷରୁ କମ୍ ବିଭାଗରେ ସ୍ପୋର୍ଟ୍ସ ଓଡ଼ିଶା ଓ ଘରୋଇ ବିଦ୍ୟାନାସୀ କ୍ଲବ ମଧ୍ୟରେ ଅପରାହ୍ନରେ ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା। ଏଥିରେ ସୁମିତ ଲାକ୍ରାଙ୍କ ହ୍ୟାଟ୍ରିକ ଗୋଲ୍ ସହାୟତାରେ ସ୍ପୋର୍ଟ୍ସ ଓଡ଼ିଶା ୧୧-୦ ଗୋଲରେ ବଡ଼ ବିଜୟ ଲାଭ କରିଥିଲା। ଅନ୍ୟମାନଙ୍କ ମଧ୍ୟରେ ପ୍ରେମପିୟୂଷ ବାଗ୍ ଓ ନରେଶ ଧାନ ୨ଟି ଲେଖାଏ ଗୋଲ୍ ଦେଇଥିଲେ। ୧୫ ବର୍ଷରୁ କମ୍ ବିଭାଗ ଅନ୍ୟ ଏକ ମୁକାବିଲାରେ କିଟ୍-କିସ୍ ଦଳ ୧-୦ ଗୋଲରେ ଓଡ଼ିଶା ଏଫ୍‌ସି ଦଳକୁ ହରାଇଦେଇଛି। ମହେଶ୍ୱର ମୁର୍ମୁ କିଟ୍-କିସ୍ ପାଇଁ ଏକମାତ୍ର ଗୋଲ୍‌ସ୍କୋର କରିଥିଲେ।

● ଓଡ଼ିଶା ଓମେନ୍ସ ଲିଗ୍

ରାଇଜିଂ ଷ୍ଟୁଡେଣ୍ଟ ବିଜୟୀ

ଭୁବନେଶ୍ୱର, ୧୬।୧୨ (ସମିସ): ଫୁଟ୍‌ବଲ ଆସୋସିଏସନ ଅଫ୍ ଓଡ଼ିଶା (ଫାଓ) ଆନୁକୂଲ୍ୟରେ କଟକ ଓ ଭୁବନେଶ୍ୱରରେ ଚାଲିଥିବା ଓଡ଼ିଶା ଓମେନ୍ସ ଲିଗ୍‌ରେ ଶନିବାର ୨ଟି ମ୍ୟାଚ୍ ଖେଳାଯାଇଥିଲା। ଭୁବନେଶ୍ୱର ଯୁନିଟ୍-୧ ଗ୍ରାଉଣ୍ଡରେ ଅନୁଷ୍ଠିତ ମୁକାବିଲାରେ ରାଇଜିଂ ଷ୍ଟୁଡେଣ୍ଟ କ୍ଲବ ୧-୦ ଗୋଲରେ ସ୍ପୋର୍ଟ୍ସ ଓଡ଼ିଶାକୁ ପରାସ୍ତ କରିଛି। ମ୍ୟାଚ୍ ଶେଷ ହେବାକୁ ଆଉ ୩ ମିନିଟ୍ ବାକି ରହିଥିବାବେଳେ ୮୭ତମ ମିନିଟ୍‌ରେ ଲକ୍ଷ୍ମୀପ୍ରିୟା ଲେଙ୍କା ରାଉଜିଂ ଷ୍ଟୁଡେଣ୍ଟ କ୍ଲବ ପାଇଁ ଏହି ବିଜୟସୂଚକ ଗୋଲଟି ଦେଇଥିଲେ। ସେହିଭଳି ନୀତା ଫୁଟ୍‌ବଲ ଏକାଡେମୀ ଓ ଓଜିପି ମଧ୍ୟରେ ଚୌଦ୍ୱାରର ଓଟିଏମ୍ ଗ୍ରାଉଣ୍ଡରେ ଦ୍ୱିତୀୟ ମ୍ୟାଚ୍ ଖେଳାଯାଇଥିଲା। ଏଥିରେ କିନ୍ତୁ ନିର୍ଦ୍ଧାରିତ ସମୟସୀମା ମଧ୍ୟରେ କେହି କାହାରିକୁ ଗୋଲ୍ ଦେଇପାରି ନଥିଲେ। ଫଳରେ ମ୍ୟାଚ୍ ଅମୀମାଂସିତ ରହିଥିଲା।

ବ୍ୟାଡ୍‌ମିଣ୍ଟନ ଏଚ୍‌ପିସି ବୁଲି ଦେଖିଲେ ଗୋପୀଚାନ୍ଦ

ଭୁବନେଶ୍ୱର, ୧୬।୧୨ (ସମିସ)

ପଦ୍ମଭୂଷଣ ପୁରସ୍କାର ବିଜେତା କିମ୍ବଦନ୍ତୀ ବ୍ୟାଡ୍‌ମିଣ୍ଟନ ଖେଳାଳି ପୁଲେଲା ଗୋପୀଚାନ୍ଦ ଶନିବାର କଳିଙ୍ଗ ଷ୍ଟାଡିୟମରେ ନିର୍ମାଣଧୀନ

ବ୍ୟାଡ୍‌ମିଣ୍ଟନ ହାଇପରଫର୍‌ମାନ୍ସ ସେଣ୍ଟର (ଏଚ୍‌ପିସି) ପରିଦର୍ଶନ କରିଛନ୍ତି। ଏହି ଅବସରରେ କ୍ରୀଡ଼ାକୁ ପ୍ରୋତ୍ସାହନ ଓ ବିଭିନ୍ନ କ୍ରୀଡ଼ା ଭିତ୍ତିଭୂମି ନିର୍ମାଣ ଲାଗି ଓଡ଼ିଶା ସରକାରଙ୍କ ଉଦ୍ୟମକୁ ଗୋପୀଚାନ୍ଦ ବେଶ୍ ପ୍ରଶଂସା କରିଥିଲେ। 'କଳିଙ୍ଗ ଷ୍ଟାଡିୟମସ୍ଥିତ ବ୍ୟାଡ୍‌ମିଣ୍ଟନ ହାଇପରଫର୍‌ମାନ୍ସ ସେଣ୍ଟର ବେଶ୍ ଚମତ୍କାର ଶୈଳୀରେ ନିର୍ମାଣ ହୋଇଛି, ଯାହା ଅନନ୍ୟ ଓ ଭଲ ଯୋଜନା। ଏହି ବ୍ୟାଡ୍‌ମିଣ୍ଟନ ଏଚ୍‌ପିସି ନିର୍ମାଣ ଶେଷ ହେଲେ ଦେଶର ଏହି ପାଶ୍ୱର୍ରୁ ବହୁ ପ୍ରତିଭାବାନ ଖେଳାଳି ସୃଷ୍ଟି ହେବେ ବୋଲି ମୋର ବିଶ୍ୱାସ ରହିଛି। ଏଥିରେ ଓଡ଼ିଶା ସରକାର ପ୍ରମୁଖ ଭୂମିକା ଗ୍ରହଣ କରିବେ' ବୋଲି ଗୋପୀଚାନ୍ଦ ଏହି ଅବସରରେ ପ୍ରକାଶ କରିଛନ୍ତି। ସେ ଆହୁରି ମଧ୍ୟ କହିଛନ୍ତି, 'କଳିଙ୍ଗ ସ୍ପୋର୍ଟ୍ସ କମ୍ପ୍ଲେକ୍ସ ଏକ ସୁନ୍ଦର କ୍ରୀଡ଼ାଭିତ୍ତିଭୂମିରେ ପରିଣତ ହେବାକୁ ଯାଉଛି। ଭାରତୀୟ କ୍ରୀଡ଼ା ଓ ବ୍ୟାଡ୍‌ମିଣ୍ଟନକୁ ପ୍ରୋତ୍ସାହିତ କରିବାରେ ଓଡ଼ିଶା ସରକାରଙ୍କ ଉଦ୍ୟମ ବେଶ୍ ପ୍ରଶଂସନୀୟ। ସାରା ରାଜ୍ୟରେ ୯୦ ଉଣ୍ଡୋର ଷ୍ଟାଡିୟମ ନିର୍ମାଣ ହେଉଛି। ଯାହା ଯୁବ କ୍ରୀଡ଼ାବିତ୍‌ଙ୍କୁ ଅନ୍ୟାନ୍ୟ କ୍ରୀଡ଼ା ସହ ବ୍ୟାଡ୍‌ମିଣ୍ଟନରେ କ୍ୟାରିୟର ଗଢ଼ିବାକୁ ସୁଯୋଗ ଦେବ'। ଏହି ଅବସରରେ ୫୦ ବର୍ଷୀୟ ଗୋପୀଚାନ୍ଦ କଟକରେ ଚାଲିଥିବା ଓଡ଼ିଶା ମାଷ୍ଟର୍ସ ବ୍ୟାଡ୍‌ମିଣ୍ଟନ ପ୍ରତିଯୋଗିତାର ୫ମ ଦିବସ ଖେଳ ଉପଭୋଗ କରିଛନ୍ତି। ଭାରତୀୟ ବ୍ୟାଡ୍‌ମିଣ୍ଟନ ସଂଘର ଉପସଭାପତି ତଥା ଜାତୀୟ ଦଳର ମୁଖ୍ୟ ପ୍ରଶିକ୍ଷକ ଥିବା ପଦ୍ମଭୂଷଣ ସମ୍ମାନ ବିଜେତା ଗୋପୀଚାନ୍ଦ ଏହି ଅବସରରେ ଖେଳାଳିଙ୍କୁ ଉତ୍ସାହିତ କରି ମନୋବଳ ବଢ଼ାଇଥିଲେ।

ସୋହେଲା କପ୍ ଫାଇନାଲରେ ଭୁବନେଶ୍ୱର

ସୋହେଲା,୧୬।୧୨(ସମିସ)

ଭୁବନେଶ୍ୱରର ଜଗା ୟୁନାଇଟେଡ ୨-୦ ଗୋଲରେ ଆୟୋଜକ ସୋହେଲା ଆଥେଲେଟିକ ଆସୋସିଏସନକୁ ପରାସ୍ତ କରି ସର୍ବଭାରତୀୟ ସୋହେଲା କପ୍ ଫୁଟବଲ ପ୍ରତିଯୋଗିତାର ଫାଇନାଲରେ ପ୍ରବେଶ କରିଛି। ରବିବାର ଖେଳାଯିବାକୁଥିବା ଫାଇନାଲରେ ଭୁବନେଶ୍ୱର ଦଳ ସହ ବୀରମହାରାଜପୁରର ସିସିଏଫ୍ ମଧ୍ୟରେ ଖେଳାଯିବ। ଶନିବାର ଖେଳାଯାଇଥିବା ଦ୍ୱିତୀୟ ସେମିଫାଇନାଲରେ ବିଜୟୀ ଭୁବନେଶ୍ୱର ଦଳର ଆୟନ ମିସ୍ତ୍ରୀ ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଛନ୍ତି। ଆଜି ମ୍ୟାଚରେ ବରଗଡ଼ ଜିଲା ପରିଷଦ ଅଧ୍ୟକ୍ଷା ମାନିନୀ ଭୋଇ ମୁଖ୍ୟଅତିଥି ଏବଂ ଜିଲା କ୍ରୀଡା ସଂସଦର ସଂପାଦକ ହରଦୀପ ସିଂ ଏବଂ ପୂର୍ବତନ ବ୍ଲକ ଅଧ୍ୟକ୍ଷ ତଥା ଜିଲ୍ଲା ଆଦିବାସୀ ଓ ଦଳିତ ଉନ୍ନୟନ ପରିଷଦ ଉପ ସଭାପତି ଜୀବର୍ଦ୍ଧନ ବରିହା ସମ୍ମାନିତ ଅତିଥି ଭାବେ ଯୋଗଦେଇ ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ। ଏହି ମ୍ୟାଚକୁ ଫାଓ ମାନ୍ୟତା ପ୍ରାପ୍ତ ରେଫରୀ ସୁବ୍ରତ ପୁରୋହିତ ପରିଚାଳନା କରିଥିବା ବେଳେ ତାଙ୍କୁ ଶଶିକାନ୍ତ ଦାସିଆ ଓ ଜୀତେନ୍ଦ୍ରୀୟ ଥନାପତି ସହାୟତା କରିଥିଲେ। ଚତୁର୍ଥ ରେଫରୀ ଭାବେ ଗଂଜୁ ଛତରିଆ ଏବଂ ଖେଳ କମିଶନର ଭାବେ ସୁରେଶ ଦାସ ଦାୟିତ୍ୱ ନିର୍ବାହ କରିଥିଲେ।

● କୁଚ୍‌ବିହାର ଟ୍ରଫିରେ ଲଜ୍ଜାଜନକ ପ୍ରଦର୍ଶନ

ଛତିଶଗଡ଼ର ୫୫୭ ରନ ଜବାବରେ ଓଡ଼ିଶା ୪୧/୯

ବଲାଙ୍ଗିର,୧୬।୧୨(ସମିସ): ସ୍ଥାନୀୟ ଗାନ୍ଧୀ ଷ୍ଟାଡିୟମରେ ଚାଲିଥିବା ୧୯ ବର୍ଷରୁ କମ୍ ବାଳକ କୁଚ୍ ବିହାର ଟ୍ରଫିର ଛତିଶଗଡ଼ ବିପକ୍ଷରେ ଆୟୋଜକ ଓଡ଼ିଶା ଲଜ୍ଜାଜନକ ଖେଳ ପ୍ରଦର୍ଶନ କରିଛି। ଏହି ମ୍ୟାଚ୍‌ରେ ବିକଳ୍ପ ତିୱାରୀ ୧୩୨ ଓ ଆଶିଷ କୁମାର ଦହରିଆ ୧୨୫ ରନ୍ କରିବା ଫଳରେ ପ୍ରଥମେ ବ୍ୟାଟିଂ କରିଥିବା ଛତିଶଗଡ଼ ୫୫୭ ରନ୍‌ର ବିଶାଳ ସ୍କୋର କରି ଅଲଆଉଟ ହୋଇଥିଲା। ଘରୋଇ ଦଳର ସୌଭାଗ୍ୟ ଓଝା ସର୍ବାଧିକ ୪ଟି ଓ ସମ୍ବିତ କୁମାର ବେଜା ୨ଟି ୱିକେଟ ପାଇଥିଲେ। ଜବାବରେ ଓଡ଼ିଶା ଦଳ ପ୍ରଥମ ପାଳି ଆରମ୍ଭ କରି ଜଣଙ୍କ ପରେ ଜଣେ ଖେଳାଳିଙ୍କୁ ହରାଇଥିଲା। ଦ୍ୱିତୀୟ ଦିନରେ ଓଡ଼ିଶା ୨୯.୧ ଓଭର ଖେଳିବାକୁ ସମର୍ଥ ହୋଇଥିଲାବେଳେ ୯ ୱିକେଟ ହରାଇ ମାତ୍ର ୪୧ ରନ୍ କରିବାକୁ ସମର୍ଥ ହୋଇଥିଲା। ଦଳ ପକ୍ଷରୁ ଜଣେ ମାତ୍ର ଖେଳାଳି ସମ୍ବିତ ଅପରାଜିତ ୧୨ ରନ୍ କରିବା ସହ ଦୁଇ ଅଙ୍କରେ ପହଞ୍ଚିବାକୁ ସମର୍ଥ ହୋଇଥିଲେ। ଛତିଶଗଡ଼ ପକ୍ଷରୁ ବରୁଣ ସିଂ ଭୁଇ ସର୍ବାଧିକ ୪ଟି ଓ ସୂର୍ଯ୍ୟକାନ୍ତ ତିୱାରୀ ୨ଟି ୱିକେଟ ନେଇଥିଲେ। ଏହି ପ୍ରଦର୍ଶନ ଫଳରେ ଓଡ଼ିଶାର ପରାଜୟ ନିଶ୍ଚିତ ହୋଇଯାଇଛି।

ଓଡ଼ିଶା ମାଷ୍ଟର୍ସ: ପୁରୁଷ, ମହିଳା ଯୁଗଳ ଫାଇନାଲରେ ଭାରତ

ଡିଫେଣ୍ଡିଂ ଚାମ୍ପିଅନ ଉନ୍ନତି, କିରଣ ବିଦା

ଭୁବନେଶ୍ୱର, ୧୬।୧୨ (ସମିସ)

କଟକର ଜବାହରଲାଲ ନେହରୁ ଇଣ୍ଡୋର ଷ୍ଟାଡିୟମରେ ଚାଲିଥିବା ଓଡ଼ିଶା ମାଷ୍ଟର୍ସ ବ୍ୟାଡ୍‌ମିଣ୍ଟନ ପ୍ରତିଯୋଗିତାର ସମସ୍ତ ବିଭାଗର ଫାଇନାଲ ଲାଇନଅପ୍ ସ୍ପଷ୍ଟ ହୋଇଛି। ରବିବାର ଫାଇନାଲ ସହ ଏହି ବିଶ୍ୱସ୍ତରୀୟ ବ୍ୟାଡ୍‌ମିଣ୍ଟନ ପ୍ରତିଯୋଗିତା ଉଦ୍‌ଯାପିତ ହେବ। ଘରୋଇ ଭାରତ ପକ୍ଷରୁ ପୁରୁଷ ଯୁଗଳରେ କ୍ରିଷ୍ଣା ପ୍ରସାଦ ଜର୍ଜ ଓ ସାଇ ପ୍ରତୀକ ଯୋଡ଼ି ଏବଂ ମହିଳା ଯୁଗଳରେ ଅଶ୍ୱିନୀ ପୋନ୍ନାପା ଓ ତାନିଶ କ୍ରାଷ୍ଟୋ ଯୋଡ଼ି ଫାଇନାଲରେ ପ୍ରବେଶ ସହ ପଦକ ସୁନିଶ୍ଚିତ କରିଛନ୍ତି। ସେହିଭଳି ମିଶ୍ରିତ ଯୁଗଳରେ